# ଓଡ଼ିଶା ବିଧାନସଭା

## ସପ୍ତମ ଅଧିବେଶନ

## ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୫ ସେପ୍ଟେମ୍ବର, ୨୦୨୬

----

**[ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ - ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି - ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା - ବିଦ୍ୟାଳୟ ଓ ଗଣଶିକ୍ଷା - ଉଚ୍ଚ ଶିକ୍ଷା - କ୍ରୀଡା ଓ ଯୁବକଲ୍ୟାଣ - ଶିଳ୍ପ ].**

**ମୋଟ ପ୍ରଶ୍ନର ସଂଖ୍ୟା - 440**

----

### କାଜୁ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥିତି

**445 ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାଲକାନଗିରି ବଣ୍ଡା ଜନଜାତିଙ୍କ ରୋଜଗାର ନିମନ୍ତେ 2017 ମସିହାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ସ୍ଥାପିତ ହୋଇଥିବା କାଜୁ ପ୍ରକ୍ରୀୟାଗରଣ ୟୁନିଟର ବର୍ତ୍ତମାନରେ ସ୍ଥିତି କଣ ଯଦି ଏହା ଅଚଳ ତେବେ ଏହାର କାରଣ କଣ ଏବଂ ଏଥି ନିମନ୍ତେ ବାସ୍ତବରେ ଦାୟୀ କେଉଁମାନେ, ସେମାନଙ୍କୁ କେବେ ସୁଦ୍ଧା ଚିହ୍ନଟ କରାଯାଇ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବେ ଏବଂ ଉକ୍ତ ସଂସ୍ଥାର ପୁନରୁଦ୍ଧାର ନିମନ୍ତେ ବର୍ତ୍ତମାନର ସରକାର ଉଚିତ ପଦକ୍ଷେପ ମାନ ଗ୍ରହଣ କରିବେ କି ?

----

### ପ୍ରାଥମିକ ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦବୀ

**1151 ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଏବେ କେତେ ସଂଖ୍ୟକ ଶିକ୍ଷକ ପଦ ଖାଲିରହିଛି ; ବର୍ତ୍ତମାନ କେଉଁ ଯୋଜନାରେ କେତେ ଶିକ୍ଷକ ନିଯୁକ୍ତି ଦେଇଛନ୍ତି ; ସେଥିରୁ କେତେ ଶିକ୍ଷକ କାର୍ଯ୍ୟରେ ଯୋଗ ଦେଇଛନ୍ତି ; ଖାଲିଥିବା ଶିକ୍ଷକ ପଦରେ ନିଯୁକ୍ତି ପାଇଁ ବିଗତ 2 ବର୍ଷ ମଧ୍ୟରେ କୌଣସି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି କି ; (ଖ) ମାନ୍ୟବର ହାଇକୋର୍ଟଙ୍କ ରାୟ ସତ୍ତ୍ୱେ ପୂର୍ବ ନିଯୁକ୍ତି ତାଲିକାରେ ଅପେକ୍ଷାରତ ୬ ହଜାରରୁ ଅଧିକ ପରୀକ୍ଷାର୍ଥୀଙ୍କୁ ନୂତନ ନିଯୁକ୍ତି ପ୍ରଦାନ କରାଯାଉନଥିବାର କାରଣ ଜଣାଇବେ କି?

----

## ପାଠ୍ୟ ପୁସ୍ତକରେ ତ୍ରୁଟି

1152 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ରାଜ୍ୟ ସରକାର ପ୍ରଚଳନ କରିଥିବା ନୂତନ ପୁସ୍ତକଗୁଡିକରେ କେତୋଟି ତ୍ରୁଟି ରହିଛି ; ଏହିସବୁ ତ୍ରୁଟିପୂର୍ଣ୍ଣ ପୁସ୍ତକ ପାଇଁ କେତେ ଜଣଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ; ପ୍ରାଥମିକ ବିଦ୍ୟାଳୟଗୁଡିକୁ ଏହିସବୁ ତ୍ରୁଟିପୂର୍ଣ୍ଣ ପୁସ୍ତକ କେତେ ପରିମାଣରେ ଯୋଗାଇ ଦିଆଯାଇଛି ; ଛାତ୍ରଛାତ୍ରୀମାନେ ଏବେ ବି ଏହିସବୁ ତ୍ରୁଟିପୂର୍ଣ୍ଣ ପୁସ୍ତକରେ ପାଠ ପଢୁଛନ୍ତି କି ; ତ୍ରୁଟିଗୁଡିକୁ ସଂଶୋଧନ କରି ସରକାରଙ୍କ ତରଫରୁ ଯେଉଁ ସଂଶୋଧନ ପୁସ୍ତିକା ପ୍ରସ୍ତୁତ କରାଯାଇଛି ତାହା କେତୋଟି ସ୍କୁଲକୁ କେତେ ସଂଖ୍ୟାରେ ଯୋଗାଇ ଦିଆଯାଇଛି ; (ଖ) ତ୍ରୁଟିପୂର୍ଣ୍ଣ ପୁସ୍ତକ ହଟାଇ ନୂତନ ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଇ ଦିଆଯିବ ବୋଲି ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା କେବେ ପୂରଣ ହେବ ; ଏଥିପାଇଁ ତ୍ରୁଟିଶୂନ୍ୟ ପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଛି କି?

----

## ପ୍ରତ୍ୟେକ ବ୍ଲକରେ ମିନି ଷ୍ଟାଡିୟମ

1153 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କ୍ରୀଡା ବିଭାଗ ପକ୍ଷରୁ ରାଜ୍ୟର ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏଁ ମିନି ଷ୍ଟାଡିୟମ ନିର୍ମାଣ କରାଯିବ ବୋଲି ଘୋଷଣା କରାଯାଇଥିଲା ; ବର୍ତ୍ତମାନ ସୁଦ୍ଧା ରାଜ୍ୟର କେତୋଟି ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ ଆରମ୍ଭ ହୋଇଛି ବା ନିର୍ମାଣ ପାଇଁ ଅର୍ଥ ମଂଜୁର ହୋଇଛି ; କେତୋଟି ବ୍ଲକରେ ମିନି ଷ୍ଟାଡିୟମ ପାଇଁ ଜମି ପ୍ରଦାନ କାର୍ଯ୍ୟ ଶେଷ ହୋଇଛି ; (ଖ) ବାଲେଶ୍ୱର ଜିଲ୍ଲାର 12ଟି ବ୍ଲକ ମଧ୍ୟରୁ କେଉଁ କେଉଁ ବ୍ଲକରେ ମିନି ଷ୍ଟାଡିୟମ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି?

----

## ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ

1154 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2024-25, 2025-26 ଓ ଚଳିତ ବର୍ଷ ମୋଟ ବର୍ଷୱାରୀ ରାଜ୍ୟରେ କେତୋଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଗଲା ; ସେଥିରୁ କଳାଶ୍ରେଣୀ, ବାଣିଜ୍ୟଶ୍ରେଣୀ ଓ ବିଜ୍ଞାନଶ୍ରେଣୀ ପାଠ୍ୟକ୍ରମ କେତୋଟି ଏଗୁଡିକ Infrastructure Development ବାବଦରେ ସରକାର ପ୍ରତ୍ୟେକବର୍ଷ କେତେ ଅର୍ଥ ମଂଜୁର କରିଛନ୍ତି ଏଥିରେ ଶ୍ରେଣୀଗୃହ ସମେତ କଣ କଣ ନିର୍ମାଣ ହେଉଚି ଛାତ୍ରାବାସ ନିର୍ମାଣ ଏହାର ଅଂଶ ବିଶେଷକି?

----

## ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ

1155 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅନୁଦାନପ୍ରାପ୍ତ ଡିଗ୍ରୀ ମହାବିଦ୍ୟାଳୟ ଗୁଡିକର ଅଧ୍ୟାପକମାନେ ଅବସର ନେବାପରେ ସେ ସ୍ଥାନରେ ନୂଆ ନିଯୁକ୍ତି ଦେବାକୁ ସରକାରଙ୍କର ସଠିକ୍ ନୀତି କଣ ; ଯେଉଁ ମହାବିଦ୍ୟାଳୟ GIA ପରିସରକୁ ଗଲେ କିମ୍ବା ପୂର୍ଣ୍ଣଅନୁଦାନପ୍ରାପ୍ତ ପରିସରକୁ ଯାଇନାହାନ୍ତି ସେ ମହାବିଦ୍ୟାଳୟମାନଙ୍କୁ କିପରି ଅନୁଦାନ ଦିଆଯିବ ଓ ଅଧ୍ୟାପକ ନିଯୁକ୍ତି ହେବ ସରକାର କେଉଁ ଆଧାର ପ୍ରତି ଗୁରୁତ୍ୱଦେବେ?

----

## ବନ୍ଦ ହୋଇଥିବା ଶିକ୍ଷାନୁଷ୍ଠାନକୁ ପୁନଃକାର୍ଯ୍ୟକ୍ଷମ

1156 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତୋଟି ଓ କେଉଁ ଜିଲ୍ଲା ଶିଳ୍ପ ବିହୀନ ଜିଲ୍ଲାଭାବରେ ପରିଗଣିତ ହେଉଛି ଏହାର ନାମ ସରକାର ପ୍ରକାଶ କରିବେ କି ; ସେହି ଜିଲ୍ଲା ଗୁଡିକରେ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ଯୋଜନା କଣ ; ସେଥିପାଇଁ ଯୋଜନାର ରୂପରେଖ ପ୍ରସ୍ତୁତ ହୋଇଛି କି ; ବନ୍ଦ ହୋଇଯାଇଥିବା କୌଣସି ଶିଳ୍ପ ପ୍ରତିଷ୍ଠାନକୁ ପୁନର୍ବାର ଚାଲୁ କରିବାକୁ ସରକାର କଣ ପଦକ୍ଷେପ ଗ୍ରହଣ କରିବେ?

----

## ପାଠ୍ୟପୁସ୍ତକରେ ତ୍ରୁଟି ବିଚ୍ୟୁତି

1157 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚଳିତ ବର୍ଷ ପାଠ୍ୟ ପୁସ୍ତକରେ ହୋଇଥିବା ତ୍ରୁଟି ବିଚ୍ୟୁତି ପରିପ୍ରେକ୍ଷୀରେ ବିଦ୍ୟାର୍ଥୀମାନଙ୍କ ଶିକ୍ଷାଦାନ ଉପରେ ଗୁରୁତର ପ୍ରଭାବ ପଡୁଥିବା ପରିପ୍ରେକ୍ଷୀରେ ଉପରୋକ୍ତ ତ୍ରୁଟିପୂର୍ଣ୍ଣ ପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯାଇ ନୂତନ ସଂଶୋଧିତ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି?

----

## KG ଠାରୁ PG ମାଗଣା ଶିକ୍ଷା ପ୍ରଦାନ

1158 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ସରକାର କେ.ଜି ଠାରୁ ପି.ଜି. ପର୍ଯ୍ୟନ୍ତ ବିଦ୍ୟାର୍ଥୀଙ୍କୁ ମାଗଣା ଶିକ୍ଷା ପ୍ରଦାନ କରିବାକୁ ନେଇଥିବା ପଦକ୍ଷେପ ପରିପ୍ରେକ୍ଷୀରେ ଘରୋଇ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ଅନୁଦାନ ପାଇନଥିବା ଅଧ୍ୟାପକ କର୍ମଚାରୀମାନେ ବେତନ ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ପରିପ୍ରେକ୍ଷୀରେ ଏହି ବାବଦରେ କଲେଜ ତରଫରୁ ଧାର୍ଯ୍ୟ କରାଯାଇଥିବା ନାମଲେଖା ଓ ଆନୁସଙ୍ଗିକ ଦେୟ ସରକାର ଭରଣା କରିବାକୁ ବ୍ୟବସ୍ଥା କରିବେ କି?

----

## ଟାଙ୍ଗୀଠାରେ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ପ୍ରତିଷ୍ଠା

1159 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ː**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ସାଲେପୁର ନିର୍ବାଚନ ମଣ୍ଡଳୀର ଟାଙ୍ଗୀଠାରେ ଏକ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି ; ଉତ୍ତର ହଁ ହେଲେ ଏ ଦିଗରେ କି ପଦକ୍ଷେପ ନିଆଯାଉଅଛି?

----

## କଳିଙ୍ଗ ଷ୍ଟୁଡିଓର ଉନ୍ନତିକରଣ

1160 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି)ː**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- କଳିଙ୍ଗ ଷ୍ଟୁଡିଓର ଉନ୍ନତିକରଣ ନିମନ୍ତେ ବିଗତ ଦଶ ବର୍ଷ ମଧ୍ୟରେ ସରକାରଙ୍କ ତରଫରୁ କେତେ ଅର୍ଥ ଦିଆଯାଇଛି ଏବଂ ସେଥିରେ କଣ କଣ କାର୍ଯ୍ୟ ହୋଇଛି ଓ ଏହାର ତଦାରଖ ଏବଂ ଦିଆଯାଇଥିବା ଅର୍ଥର ଅଡିଟ୍ ହୋଇଛି କି?

----

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଯୋଗଦାନ

1161 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି)ː**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର (BBSA)ରେ ଯୋଗଦାନ କରୁଥିବା ଅନେକ ଭିନ୍ନକ୍ଷମ ବ୍ୟକ୍ତି ଏହି ଶିବିରରେ ଯୋଗ୍ୟ ପ୍ରମାଣିତ ହେବା ପରେ ସେମାନଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ପାଇବାରେ ଅହେତୁକ ବିଳମ୍ବ ହେବାର ଦେଖିବାକୁ ମିଳୁଛି, ଯାହା ଫଳରେ ଭିନ୍ନକ୍ଷମ ବ୍ୟକ୍ତି ଜଣଙ୍କ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାର ଦେଖିବାକୁ ମିଳୁଛି, ଏହି ଶିବିରରେ ଚିକିତ୍ସା ମୂଲ୍ୟାଙ୍କନ ସମାପ୍ତ ହେବା ପରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ପାଇଁ ସରକାରୀ ସ୍ତରରେ ଏହାର ନିର୍ଦ୍ଧାରିତ ସମୟସୀମା କଣ ରହିଛି ; ଏହି ପରିପ୍ରେକ୍ଷୀରେ ଶିବିରରେ ଯୋଗ୍ୟ ପ୍ରମାଣିତ ହେବା ପରେ ତୁରନ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଅନ-ଦି-ସ୍ପଟ୍ ପ୍ରମାଣପତ୍ର ପ୍ରଦାନ ନିଶ୍ଚିତ କରିବାର ବ୍ୟବସ୍ଥା କରିବେ କି?

----

## ଭିନ୍ନକ୍ଷମମାନଙ୍କୁ ଉନ୍ନତି ମାନର ସାମଗ୍ରୀ ଯୋଗାଣ

1162 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା)ː**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ 2ଟି ବ୍ଲକ ଓ ସହରାଞ୍ଚଳରେ ଥିବା ଭିନ୍ନକ୍ଷମମାନଙ୍କୁ ଉନ୍ନତ ମାନର ସାମଗ୍ରୀ ଯୋଗାଣ ସାଙ୍ଗକୁ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଗୁରୁତ୍ୱ ଦିଆଯିବ କି?

----

## ନୀଳମାଧବ ପୀଠରେ ଏକ ବ୍ୟାଖ୍ୟାନ କେନ୍ଦ୍ର ସ୍ଥାପନ

1163 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ଖଣ୍ଡପଡାକୁ ପଣ୍ଡିତ ପଠାଣି ସାମନ୍ତଙ୍କ ଜନ୍ମସ୍ଥାନ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ବରପୁତ୍ର ଗାଁ ଭାବେ ଘୋଷଣା ପାଇଁ ପଦକ୍ଷେପ ନିଆଯିବ କି ; (ଖ) ନୀଳମାଧବ ପୀଠ, କଣ୍ଟିଲୋ ଠାରେ ଥିବା ଏକ ବ୍ୟାଖାନ କେନ୍ଦ୍ରର ଅତ୍ୟାଧୁନିକ ମଲ୍ଟିପ୍ଲେକ୍ସ ମାଧ୍ୟମରେ ଉକ୍ତ ପୀଠର ଗରିମା ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ କି?

----

## ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ମରାମତି କାର୍ଯ୍ୟ

1164 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ମରାମତି ଓ ପୁନଃନିର୍ମାଣ କାର୍ଯ୍ୟ ଗ୍ରାମାଞ୍ଚଳରେ ଗ୍ରାମ୍ୟଉନ୍ନୟନ ବିଭାଗ ଓ ସହରାଞ୍ଚଳରେ ପୂର୍ତ୍ତ ବିଭାଗ ଉପରେ ନ୍ୟସ୍ତ ଥିବାବେଳେ ଏହି ନିୟମ ବଦଳାଇ ଗ୍ରାମାଞ୍ଚଳରେ ଗ୍ରାମ ପଞ୍ଚାୟତ ବା ବ୍ଲକ ଓ ସହରାଞ୍ଚଳରେ ପୌରସଂସ୍ଥାକୁ ଦାୟିତ୍ୱ ହସ୍ତାନ୍ତର କରାଯିବା କାରଣରୁ ଏହି ପୁନରୁଦ୍ଧାର କାର୍ଯ୍ୟ ବିଳମ୍ବିତ ହେଉଥିବା ପରିପ୍ରେକ୍ଷୀରେ ପୁନଶ୍ଚ ଗ୍ରାମାଞ୍ଚଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ସହରାଞ୍ଚଳରେ ପୂର୍ତ୍ତ ବିଭାଗ ଦ୍ୱାରା ସମ୍ପାଦନ ପାଇଁ ବ୍ୟବସ୍ଥା କରିବେ କି?

----

## ମହାବିଦ୍ୟାଳୟରେ ନିୟମିତ ଅଧ୍ୟକ୍ଷ ନିଯୁକ୍ତି

1165 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କ ମଧ୍ୟରୁ କେଉଁ ଜିଲ୍ଲାର କେଉଁ ମହାବିଦ୍ୟାଳୟରେ ନିୟମିତ ଅଧ୍ୟକ୍ଷ ନିୟୋଜନ ହୋଇନାହାନ୍ତି ପ୍ରକାଶ କରି ଚୌଦ୍ୱାର କଲେଜ, ନୂଆବଜାର କଲେଜ ସହିତ ସମସ୍ତ ମହାବିଦ୍ୟାଳୟମାନଙ୍କରେ ନିୟମିତ ଅଧ୍ୟକ୍ଷ ନିୟୋଜନ ପାଇଁ କି ବ୍ୟବସ୍ଥା କରାଯାଉଛି?

----

## ଖାଲିଥିବା ସ୍ନାତକ ଶିକ୍ଷକ ନୀଯୁକ୍ତି

1166 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧୁଆମୂଳ ରାମପୁର ବ୍ଲକ, ଜୟପାଟଣା ଓ ଲାଞ୍ଜିଗଡ ବ୍ଲକର ପ୍ରାଥମିକ ଉଚ୍ଚ ପ୍ରାଥମିକ ଓ High School ଗୁଡିକରୁ କେତେ ଜଣ ଶିକ୍ଷକଙ୍କୁ ଅନ୍ୟ ଜିଲ୍ଲାକୁ କିମ୍ବା ଜିଲ୍ଲା ମଧ୍ୟରେ କେଉଁ କାରଣ ଯଗୁଁ, କେଉଁ ଅଧିକାରୀଙ୍କ ସୁପାରିସ ମାଧ୍ୟମରେ ବଦଳୀ କରାଯାଇଛି ଏବଂ ସେମାନଙ୍କ ସ୍ଥାନରେ କେଉଁ ଶିକ୍ଷକ ମାନଙ୍କୁ ଚଳିତ ବର୍ଷ ମଧ୍ୟରେ ନିଯୁକ୍ତି ଦିଆଯାଇଛି ?

----

## SSB ଲେକଚର ମାନଙ୍କୁ ନିର୍ଦ୍ଧାରିତ ବେତନ ପ୍ରଦାନ

1167 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼)ː**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ରାଜ୍ୟ ଚୟନ ବୋର୍ଡ(SSB)ମାଧ୍ୟମରେ ଅଣ-ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ନିଯୁକ୍ତ ଲେକ୍‌ଚରମାନଙ୍କ ପାଇଁ ନିର୍ଦ୍ଧାରିତ ଲେକ୍‌ଚର(+3) ବେତନ ସ୍କେଲ ୭ମ ବେତନ କମିଶନ ଅନୁଯାୟୀ RS.57,700 ପ୍ରବେଶିକା ବେତନ ଥିବା ସତ୍ତ୍ୱେ ସେମାନଙ୍କୁ RS.44,୨00 ହାରରେ ବେତନ ପ୍ରଦାନ କରାଯାଉଛି କି ? ଯଦି ହଁ, ଏହି ବେତନ ବିଷମତାର କାରଣ କ'ଣ ଏବଂ ସମସ୍ତ ଯୋଗ୍ୟ SSB ଲେକଚରଙ୍କୁ ନିର୍ଦ୍ଧାରିତ ବେତନ ସ୍କେଲ୍ ଓ ଅନୁଷଙ୍ଗିକ ସୁବିଧା ପ୍ରଦାନ ପାଇଁ ସରକାର କ'ଣ ପଦକ୍ଷେପ ଗ୍ରହଣ କରିବେ ?

----

## ରାଜ୍ୟରେ ଖାଲିଥିବା ଶିକ୍ଷକ ପଦବୀ

1168 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼)ː**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- (କ) ୨୦୨୪ ବର୍ଷ ବେଳକୁ କେଉଁ ବର୍ଗର କେତେ ଶିକ୍ଷକ ପଦବୀ ଖାଲି ଥିଲା ଏବଂ କେତେ ପଦବୀ ପୂରଣ ସକାଶେ ବିଜ୍ଞାପନ ପ୍ରକାଶ ପାଇଥିଲା, ଉକ୍ତ ପଦବୀ ସବୁ କେବେ ପୂରଣ କରାଗଲା , (ଖ) ୨୦୨୪ ରୁ ୨୦୨୬ ବର୍ଷ ମଧ୍ୟରେ କେଉଁ ବର୍ଷ (calendar year) କେତେ ଶିକ୍ଷକ ପଦବୀ ଖାଲି ପଡିଥିଲା ଓ ତାକୁ ପୂରଣ ସକାଶେ କେବେ କେବେ ବିଜ୍ଞାପନ ପ୍ରକାଶ ପାଇଥିଲା ଏବଂ ଉକ୍ତ ପଦବୀ କେତେ ସଂଖ୍ୟକ ପୂରଣ କରାଗଲା ଓ ବର୍ତମାନ ରାଜ୍ୟରେ ପ୍ରାଇମେରୀ ଓ ସେକେଣ୍ଡାରୀରେ କେତେ ଶିକ୍ଷକ ପଦବୀ ଖାଲି ଅଛି ?

----

## ପୁସ୍ତକ କିଣା ପାଇଁ ମିଳୁଥିବା ଅର୍ଥ

1169 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼)ː**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː- ରାଜ୍ୟ ସରକାର ପୁସ୍ତକ କିଣା ପାଇଁ ୨୦୦ଛାତ୍ରଛାତ୍ରୀରୁ କମ୍ ଥିବା ଉଚ୍ଚ ବିଦ୍ୟାଳୟକୁ ୨୦,୦୦୦ଟଙ୍କା ଏବଂ ୨୦୦ ଛାତ୍ରଛାତ୍ରୀ ଅଧିକା ଥିବା ଉଚ୍ଚ ବିଦ୍ୟାଳୟକୁ ୨୫୦୦୦ଟଙ୍କା ଦେଉଥିବା ଅର୍ଥ ଉଚ୍ଛେଦ କରାଯାଇଥିବା କଥା ସତ୍ୟ କି, ଯଦି ସତ୍ୟ , ଛାତ୍ରଛାତ୍ରୀଙ୍କ କଲ୍ୟାଣ ଦୃଷ୍ଟିରୁ ସେଗୁଡିକ ପୁନଃ ପ୍ରଚଳନ ପାଇଁ ବିଚାର କରିବେ କି ?

----

## Printing errors detected in class I-VIII Text books

1170 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The number and nature of factual, geographical, historical and printing errors detected in Class I-VIII SCERT textbooks issued during the current academic session, class and subject-wise; (b) the prescribed process for subject-expert review, fact-checking, proofreading and final approval before printing; & whether errors relating to the photograph of Odisha Legislative Assembly, location of Niyamgiri Hills and identification of Konark Sun Temple have been noticed and, if so, action taken and responsibility fixed; expenditure incurred on correction, recall or reprinting of such textbooks; and steps taken to prevent recurrence and ensure accuracy of Odisha's history, geography, language and heritage in future textbooks?

----

**Vacant of teaching posts**

1171 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) the number of sanctioned, filled and vacant teaching posts (Professor/Reader/Lecturer / Assistant Professor) in all universities in Odisha including Rajendra University and in the other Government and aided colleges of Balangir district, department-wise; (b) the period for which these posts have remained vacant; and the steps being taken, including guest-faculty engagement and regular recruitment, to fill the vacancies; and the timeline for filling the regular posts?

----

**MOUs signed and jobs & production achieved**

1172 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) the number of investment conclaves, roadshows and outreach programmes conducted since June 2024, the expenditure incurred, and the number of MoUs signed, with the proposed investment and projected employment; (b) of these, the number of projects that have reached groundbreaking, and separately the number that have achieved commercial production, with the actual investment realised and actual jobs created at each stage; the number of projects meeting the commercial-production date committed in the MOU, and the number slipped, with committed date against actual / revised date; and the reasons for the gap between MOUs signed and jobs and production achieved, and the

steps to ground the pending projects?

----

## ମହାବିଦ୍ୟାଳୟରେ ଖାଲିଥିବା ପଦବୀ ପୂରଣ

1173 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଥିବା ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଓ ବ୍ଲକ ଗ୍ରାଣ୍ଟ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ ମଞ୍ଜୁରୀପ୍ରାପ୍ତ ଅଧ୍ୟକ୍ଷ, ବିଭିନ୍ନ ବିଭାଗରେ ବିଭିନ୍ନ ବର୍ଗର ଅଧ୍ୟାପକ ଓ ବିଭିନ୍ନ ବର୍ଗର କର୍ମଚାରୀ ପଦବୀରୁ କେତେ ପଦବୀ ଖାଲି ଅଛି ଓ ତାହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଶିକ୍ଷାନୁଷ୍ଠାନ ଲିଜ ଜାଗାକୁ ଅଣ ଶିକ୍ଷାନୁଷ୍ଠାନ କ୍ଷେତ୍ର ବିନିଯୋଗ

1174 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରସୁଲଗଡ଼, ଚନ୍ଦକା, ମହେଶ୍ୱର, ସାରୁଆ ଶିକ୍ଷାଞ୍ଚଳ ସହିତ ରାଜ୍ୟର ବିଭିନ୍ନ ଶିକ୍ଷାଞ୍ଚଳରେ ଶିକ୍ଷ ପ୍ରତିଷ୍ଠା ପାଇଁ ଜମି ଓ ସେଡ ନେଇଥିବା କେଉଁ ବ୍ୟକ୍ତି ବିଶେଷ ଏହି ଜାଗାକୁ ଅଣ ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ବିନିଯୋଗ କରିଛନ୍ତି, ସେମାନଙ୍କ ଲିଜ ବାତିଲ କରି ଏହାକୁ ପ୍ରତ୍ୟାହାର ପାଇଁ ବ୍ୟବସ୍ଥା କରିବେ କି ?

----

## ଅବସର ପ୍ରାପ୍ତ ବ୍ଲକ ଗ୍ରାଣ୍ଟ ଶିକ୍ଷକମାନଙ୍କୁ ପେନସନ୍ ପ୍ରଦାନ

1175 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ବ୍ଲକ ଗ୍ରାଣ୍ଟ ଅନୁଦାନ ପ୍ରାପ୍ତ ଓ ସ୍ନାତକୋତ୍ତର ଶିକ୍ଷକ, ଶିକ୍ଷକ ଓ କର୍ମଚାରୀମାନେ ଅବସର ନେବା ପରେ କୌଣସି ପେନସନ୍ ପାଉ ନଥିବାରୁ ସେମାନେ ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିବା ସମ୍ପର୍କରେ ସରକାର ସଚେତନ ଅଛନ୍ତି କି, ଉତ୍ତର ହଁ ହେଲେ ସେମାନଙ୍କୁ ପେନସନ୍ ପ୍ରଦାନ ପାଇଁ ବ୍ୟବସ୍ଥା କରିବେ କି ?

----

## ଖାଲିଥିବା ଗ୍ରନ୍ଥାଗାର ପଦବୀ ପୂରଣ

1176 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ବିଶ୍ୱବିଦ୍ୟାଳୟ ପାଠାଗାର ଓ ମହାବିଦ୍ୟାଳୟ ପାଠାଗାର ମାନଙ୍କରେ କେତେ ସଂଖ୍ୟକ ତାଲିମପ୍ରାପ୍ତ ଗ୍ରନ୍ଥାଗାରିକ ଓ ଅନ୍ୟ କର୍ମଚାରୀ ନିୟୋଜନ ବ୍ୟବସ୍ଥା ଥିବାବେଳେ ରାଜ୍ୟର କେଉଁ ବିଶ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଗ୍ରନ୍ଥାଗାରିକ ପଦବୀ ଖାଲିଅଛି, ପ୍ରକାଶ କରି ଏହା ପୂରଣ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଇସ୍ପାତ ଓ ଶିଳ୍ପ ପାଇଁ MOU

1177 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଗତ ୫ ବର୍ଷ ସରକାର ଇସ୍ପାତ ଓ ଶିଳ୍ପ ପାଇଁ କେଉଁ ଶିଳ୍ପପତିଙ୍କ ସହ M.O.U. କରିଛନ୍ତି, ଉକ୍ତ କାରଖାନା କେଉଁ ଅଞ୍ଚଳରେ ପ୍ରତିଷ୍ଠିତ ହେବ, (ଖ) ଆମ ରାଜ୍ୟରେ ୨୪-୨୫ ବର୍ଷଠାରୁ ୨୦୨୬ ଅଗଷ୍ଟମାସ ଶେଷ ସୁଦ୍ଧା କେଉଁ ଇସ୍ପାତ କାରଖାନାରେ କେତେ ପରିମାଣର ଉତ୍ପାଦନ ହୋଇଛି, ସରକାର କେତେ ରୟାଲିଟି ପାଇଛନ୍ତି, ରାଜ୍ୟର ମୋଟ ଇସ୍ପାତ କାରଖାନା ସଂଖ୍ୟା ଏବଂ ତାର ଅବସ୍ଥିତ କଣ ଜଣାଇବେ କି ?

----

## Vocational Trainer ମାନଙ୍କର performance monitoring କରିବା

1178 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Vocational Trainer ମାନଙ୍କର performance monitoring ଓ Evaluation କିପରି କରାଯାଉଛି ଏବଂ ଛାତ୍ରୀମାନଙ୍କ ଶିକ୍ଷାର ଗୁଣାବର୍ତ୍ତା practical, training, industry visit, Internship ଓ on-the-Job Training ଆଦି ଆଧାରରେ Trainer ମାନଙ୍କର କାର୍ଯ୍ୟଦକ୍ଷତା ମୂଲ୍ୟାୟନ କରାଯାଉଅଛି କି ?

----

## Vocational Trainer ମାନଙ୍କୁ ସିଧାସଳଖ ନିଯୁକ୍ତି

1179 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସମଗ୍ର ଶିକ୍ଷା ଅଧିନରେ Vocational Trainer ମାନଙ୍କୁ ସରକାର ସିଧାସଳଖ ନିୟୋଜିତ କରୁଛନ୍ତି ନା Vocational Trainer Provider (VTP) ମାଧ୍ୟମରେ ନିୟୋଜିତ କରାଯାଉଛି, ବର୍ତ୍ତମାନ କେତୋଟି VTP ମାଧ୍ୟମରେ ଏହି Trainers ମାନେ ନିୟୋଜିତ ଅଛନ୍ତି ଏବଂ ପ୍ରତ୍ୟେକ VTP ଅଧିନରେ କେତେ ଜଣ Trainer's କାର୍ଯ୍ୟରତ ଅଛନ୍ତି, ନିୟୋଜିତ Vocational Trainer ମାନଙ୍କ ପାଇଁ Induction Training, Dowain-Specific Training, Pedagogical Training ଏବଂ Refresher Training ଦିଆଯାଉଛି କି, ଯଦି ହଁ ଗତ ୩ ବର୍ଷରେ କେତେ ଜଣ Trainer ଏହି ପ୍ରଶିକ୍ଷଣ ପାଇଛନ୍ତି ?

----

## ତେଲକୋଇ ଠାରେ ମହିଳା ମହାବିଦ୍ୟାଳୟ ସ୍ଥାପନ

1180 **ଡା. ଫକୀର ମୋହନ ନାଏକ (ତେଲକୋଇ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ତେଲକୋଇ ବ୍ଲକ ଅଞ୍ଚଳ ଜିଲ୍ଲା ସଦରମହକୁମା ଠାରୁ ୧୦୦ କି.ମି. ଦୂରରେ ପ୍ରତିବର୍ଷ ପାଖାପାଖି ୪୦୦ ଛାତ୍ରୀ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିଲେ ମଧ୍ୟ ଏ ଅଞ୍ଚଳରେ ଏକ ସରକାରୀ ମହିଳା ମହାବିଦ୍ୟାଳୟ ନାହିଁ, ସାଧାରଣ ବେସରକାରୀ ଭାବେ ଏ ଅଞ୍ଚଳରେ ମହିଳା ମହାବିଦ୍ୟାଳୟ ଖୋଲିବା ଅସମ୍ଭବ ଅଟେ, ଏକ ସରକାରୀ ମହିଳା ମହାବିଦ୍ୟାଳୟ ତେଲକୋଇ ଠାରେ ସ୍ଥାପନ କରିବାର ପଦକ୍ଷେପ ନେବେକି ?

----

## ଡେପୁଟେସନ ଜରିଆରେ ଅନ୍ୟତ୍ର ବିଦ୍ୟାଳୟକୁ ଯିବା

1181 **ଡା. ଫକୀର ମୋହନ ନାଏକ (ତେଲକୋଇ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଂଶପାଳ ବ୍ଲକ ଅଧୀନରେ ବସ ବାସ କରୁଥିବା ସମସ୍ତ ଅଧିବାସୀ ଛାତ୍ର/ଛାତ୍ରୀଙ୍କର ଶିକ୍ଷା ନିମନ୍ତେ ସରକାର କରିଥିବା ବ୍ୟବସ୍ଥାରେ ନିଯୁକ୍ତି ହୋଇଥିବା ଶିକ୍ଷକ ତାଙ୍କ ବିଭାଗର ଉପରିସ୍ଥ ଅଧିକାରିଙ୍କୁ କୌଣସି ମାଧ୍ୟମରେ ପ୍ରଲୋଭନ ଦେଇ ଡେପୁଟେସନ ଜରିଆରେ ଜିଲ୍ଲାର ଅନ୍ୟ ସ୍ଥାନକୁ କିମ୍ବା ଜିଲ୍ଲା ବାହାରକୁ ଚାଲି ଯାଉଛନ୍ତି, ଏହା ଦ୍ୱାରା ଏ ପାହାଡିଆ ଦୁର୍ଗମ ଅଞ୍ଚଳ ଠାରେ କସବାସ କରୁଥିବା ଜନଜାତି ଆଦିବାସୀ ଅନୁସୂଚିତ ଜାତି ଜନସାଧାରଣ ଲୋକଙ୍କ ସନ୍ତାନ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ?

----

## ଆବେଦନ କରିଥିବା ବ୍ୟକ୍ତିଙ୍କ ଭତ୍ତା ପ୍ରଦାନ

1182 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ ଅଦ୍ୟାବଧି ମୋଟ ଭତ୍ତା ପାଇଁ ଆବେଦନ କରି ଅନୁମୋଦନ ଅପେକ୍ଷାରେ ଥିବା ହିତାଧିକାରୀ ସଂଖ୍ୟା କେତେ ରାଜ୍ୟ ସରକାରଙ୍କ ପୂର୍ବ ଘୋଷଣା ଅନୁଯାୟୀ କେବେ ସୁଦ୍ଧା ସମସ୍ତ ଆବେଦନ ଅନୁମୋଦନ ହେବ (ଖ) ଏହି ମର୍ମରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ Reject ଏବଂ OK ଆବେଦନ ତାଲିକା ପଂଚାୟତ/ ସହରୀ ୱାର୍ଡ ୱାରି ପ୍ରଦାନ କରିବା ସହ ନୂତନ Form ଆସିବା ପୂର୍ବରୁ ଆବେଦନ କରିଥିବା ଭତ୍ତାଗୁଡିକୁ ଅଯଥାରେ Reject କରିବାର କାରଣ କଣ ? ଏହି ଭଳି ପୁରୁଣା Form ପାଇଁ କେତେ Reject ହୋଇଛି ତାହାର ଏକ ସବିଶେଷ ବିବରଣୀ ପ୍ରଦାନ କରିବେ କି ଉକ୍ତ Form ଜନିତ Reject ଗୁଡିକୁ accept କରିବା ପାଇଁ ସରକାର ବିଚାର କରିବେ କି ?

----

## ଖାଲିଥିବା ଶିକ୍ଷକ ପଦବୀ ପୂରଣ

1183 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି: - (କ) ଓଡ଼ିଶାରେ elementary ଓ secondaryରେ କେତେ ଶିକ୍ଷକ ରହିବା ଆବଶ୍ୟକ ଥିବା ବେଳେ ଅଛନ୍ତି କେତେ ଏବଂ vacancy କେତେ ଉକ୍ତ vacancy ଗୁଡିକୁ ପୁରଣ କରିବା ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ କେବେସୁଦ୍ଧା ନୂତନ ଶିକ୍ଷକ ନିଯୁକ୍ତି ହେବାପାଇଁ ତାରିଖ ଟାର୍ଗେଟ ରଖୁଛନ୍ତି ଓ କେତେ ଶିକ୍ଷକ ନିଯୁକ୍ତି ଦେବେ ?

----

## ବାଲେଶ୍ୱର ଜିଲ୍ଲାରେ ଶିଳ୍ପ ସ୍ଥାପନ ପାଇଁ ଅନୁମୋଦନ

1184 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ସରକାର କଣ ବିଶେଷ ପଦକ୍ଷେପମାନ ଗ୍ରହଣ କରୁଛନ୍ତି ଏବଂ ଉକ୍ତ ଶିଳ୍ପାୟନ ଯୋଗୁଁ କେତେ ସଂଖ୍ୟକ ସ୍ଥାନୀୟ ଓଡ଼ିଆ ଯୁବକ ନିଯୁକ୍ତି ପାଇବେ ବା ପାଇଛନ୍ତି, ଏଦିଗରେ ସରକାରଙ୍କ ଲକ୍ଷ୍ୟ କଣ (ଖ) ବାଲେଶ୍ୱର ଜିଲ୍ଲାରେ ବିଗତ ୨ଆର୍ଥିକ ବର୍ଷ ମଧ୍ୟରେ କେଉଁ କେଉଁ ଶିଳ୍ପ ସଂସ୍ଥା ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ସରାକରଙ୍କ ଅନୁମୋଦନ ପାଇଛନ୍ତି ତାହାର ନାମ, ଉତ୍ପାଦନ ବିବରଣୀ, ନିଯୁକ୍ତି ଏବଂ ଅର୍ଥ ସହ ବର୍ତ୍ତମାନ ଉକ୍ତ ସଂସ୍ଥା ଗୁଡ଼ିକର ସ୍ଥିତାବସ୍ଥା କଣ ଏବଂ କେଉଁ ସଂସ୍ଥା କେବେ ସୁଦ୍ଧା କାର୍ଯ୍ୟକ୍ଷମ ବା ତାହାର production ଆରମ୍ଭ କରିବ କହିବେ କି ?

----

## ସନ୍ତରଣ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବା

1185 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା)ଃ**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଗତସିଂହପୁର ଜିଲ୍ଲାର ବାଲିକୁଦା ଏରସମା ବ୍ଲକ ଏକ ସମୁଦ୍ର ତଟବର୍ତ୍ତୀ ନଦୀ ନାଳଘେରା ଅଂଚଳ ହୋଇଥିବାରୁ ଗୋଟିଏ ସନ୍ତରଣ ପ୍ରଶିକ୍ଷଣ କେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତାବ ଅଛି କି, ଯଦି ଉତ୍ତର ହଁ ହୁଏ ତେବେ ଏହା କେଉଁ ଯାଗାରେ କେବେସୁଦ୍ଧା ନିର୍ମାଣ କରାଯିବ?

----

## ୩୬ ଗୋଟି ସଂପ୍ରଦାୟକୁ OBC ତାଲିକାଭୁକ୍ତ କରାଯିବା ପାଇଁ ପଦକ୍ଷେପ

1186 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା)ଃ**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ତା. 29.10.2025 ରିଖରେ ଜାତୀୟ ପଛୁଆ ବର୍ଗ ଆୟୋଗର ଅଧ୍ୟକ୍ଷ ଓଡିଶା ଗସ୍ତ ଅବସରରେ 41ଗୋଟି ପଛୁଆ ସଂପ୍ରଦାୟକୁ OBC ତାଲିକା ଅନ୍ତର୍ଭୁକ୍ତ କରାଯିବା ପାଇଁ ଜନଶୁଣାଣୀ କରିଥିଲେ ଏହା ସତ୍ୟ କି, (ଖ) ଯଦି ସତ୍ୟ, ଜନଶୁଣାଣି ପରେ 5ଗୋଟି ସଂପ୍ରଦାୟକୁ OBC ଭାବେ ଘୋଷଣା କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଚୁଡାନ୍ତ ବିଜ୍ଞପ୍ତି ଜାରି ନହେବାର କାରଣ କଣ, ଅବଶିଷ୍ଟ ୩୬ ଗୋଟି ସଂପ୍ରଦାୟକୁ OBC ତାଲିକାଭୁକ୍ତ କରାଯିବା ପାଇଁ ରାଜ୍ୟ ସରକାର କଣ ପଦକ୍ଷେପ ନେଇଛନ୍ତି ଏବଂ କେବେସୁଦ୍ଧା ଚୁଡାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ?

----

## Teacher availability plan in Satyabadi

1187 **Shri Om Prakash Mishra (Satyabadi):**

Will the Minister for **School and Mass Education** be pleased to state that:- (a) the sanctioned strength, working strength and vacancy position of Headmasters, trained graduate teachers, primary/junior teachers, physical education teachers, special educators and laboratory assistants in Government and Government-aided schools of Satyabadi Assembly Constituency, school-wise (b) the number of schools in the constituency

functioning with single teachers, without regular Headmasters or with teachers deployed against subjects other than their academic specialisation (whether the Government proposes to fill these vacancies through regular recruitment or rational deployment before the 2027-28 academic year whether the Government will place before the House a school-wise, time-bound teacher-availability plan for Satyabadi constituency?

----

### Fill up sanctioned teaching post

1188 **Shri Om Prakash Mishra (Satyabadi):**

Will the Minister for **Higher Education** be pleased to state that:- (a) whether it is a fact that, as of March 2025, out of 2,027 sanctioned teaching posts across 17 public universities in Odisha only 674 were filled, leaving 1,353 vacancies (245 Professors, 1,155 Associate Professors, 666 Assistant Professors), besides over 2,081 vacant non-teaching posts (b) if so, the number of such vacancies district-wise and university-wise as on 31 August 2026 and the average student-teacher ratio in each university whether the Government acknowledges that this 'silent collapse' has forced universities to run on guest/retired faculty, lowered research output and harmed national rankings (if so, the time-bound action plan to fill all sanctioned posts by regular recruitment under the Odisha University (Amendment) Act, 2024, including the number of advertisements issued in 2025-26, posts filled till date and the target date for zero vacancy and the steps taken to ensure that the new faculty-autonomy recruitment committees are actually functioning in each university and not merely on paper?

----

### Industrial Project

1189 **Shri Om Prakash Mishra (Satyabadi):**

Will the Minister for **Industries** be pleased to state that:- the total number and value of industrial projects cleared for Puri district by the State Level Single Window Clearance Authority during 2025-26, including the recent garment manufacturing units of SAPL Industries, SPL Industries, Richa Global Exports and hospitality projects approved this year, the break-up of investment and employment generation specifically accruing to Satyabadi constituency/block and the concrete steps being taken to ensure Satyabadi's youth and local entrepreneurs get priority in employment and ancillary business opportunities

from these projects?

----

**Errors found in the SCERT Textbooks**

1190 **Smt. Sofia Firdous (Barabati-Cuttack):**

Will the Minister for **School and Mass Education** be pleased to state that:- (a) the total number of errors identified in the SCERT textbooks, class-wise and subject-wise, along with the complete list of errors identified in each textbook; (b) the number of such errors rectified so far and the present status of correction and replacement of the affected textbooks; and the specific measures introduced in the textbook preparation, translation, review, fact-checking and Verification process to prevent recurrence of such errors in future?

----

**Upgradation of the Government Upper Primary School at CDA Sector-7**

1191 **Smt. Sofia Firdous (Barabati-Cuttack):**

Will the Minister for **School and Mass Education** be pleased to state that:- (a) the present status of the proposal submitted for upgradation of the Government Upper Primary School at CDA Sector-7, Cuttack to a High School; (b) the action taken by the Department on the said proposal, including consideration of the proposal submitted to the Government; and the present status of administrative approval, infrastructure requirements and financial provision, and the timeline fixed for implementing the upgradation?

----

**ପେନସନ ସୁବିଧା ପ୍ରଦାନ**

1192 **Shri Ashok Kumar Das (Basudevpur):**

Will the Minister for **School and Mass Education** be pleased to state that:- (କ) ବିଗତ ୨୫-୩୦ ବର୍ଷ ଧରି ଶିକ୍ଷାଦାନ କରୁଥିବା ପ୍ରାୟ ୧୯୪ଟି ହାଇସ୍କୁଲ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନକୁ ସମ୍ପୂର୍ଣ୍ଣ ଗ୍ରାଣ୍ଟ-ଇନ୍-ଏଡ୍ (Grant-in-Aid) ବା ସରକାରୀ ଅନୁଦାନ ପ୍ରଦାନ କରିବା ପାଇଁ ସରକାରଙ୍କର ଦୃଷ୍ଟିଗୋଚର ହୋଇଛି କି ଯଦି ଉତ୍ତର ହିଁ ହୁଏ କେବେ ସୁଦ୍ଧା ସରକାରୀ ଅନୁଦାନ ପ୍ରଦାନ କରାଯିବ (ଖ) ନୂତନ ଭାବେ ଅନୁଦାନପ୍ରାପ୍ତ ସ୍କୁଲ୍ ଓ କଲେଜର ଶିକ୍ଷକ ଓ କର୍ମଚାରୀମାନଙ୍କ ପାଇଁ ପେନସନ ଏବଂ ଅବସରକାଳୀନ ସୁବିଧା ସରକାର କେବେ ସୁଦ୍ଧା ଲାଗୁ କରିବେ ତାହା ଜଣାଇବେ କି?

----

## ଶିକ୍ଷକ ପଦବୀ ପୂରଣ

1194 **Shri Ashok Kumar Das (Basudevpur):**

Will the Minister for **School and Mass Education** be pleased to state that:- (କ) ରାଜ୍ୟରେ କେତେଗୋଟି ଶିକ୍ଷକ ପଦବୀ ଖାଲିପଡ଼ିଛି ତାହା ଜଣାଇବେ କି ଖାଲି ପଡିଥିବା ଶିକ୍ଷକ ପଦବୀ କେବେ ସୁଦ୍ଧା ପୁରଣ କରିବାକୁ ସରକାର ତତ୍ପର ଅଛନ୍ତି ତାହା ଜଣାଇ କି (ଖ) ବିଶେଷ କରି ବାସୁଦେବପୁର ବ୍ଲକରେ କେତେଗୋଟି ଶିକ୍ଷକ ପଦବୀ ଖାଲିପଡ଼ିଛି ଏବଂ ଖାଲିପଡ଼ିଥିବା ଶିକ୍ଷକ ପଦବୀ କେବେ ସୁଦ୍ଧା ପୁରଣ ହେବ ଏବଂ କେଉଁ ବିଦ୍ୟାଳୟରେ କେଉଁ ଶିକ୍ଷକ ଅଛନ୍ତି ସ୍କୁଲ ସହିତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କର ନାମ ପ୍ରଦାନ କରିବେ କି?

----

## ପାଠ୍ୟପୁସ୍ତକରେ ବିଭ୍ରାଟ ପରିଲକ୍ଷିତ

1195 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏ ବର୍ଷ ସ୍କୁଲ ପାଠ୍ୟପୁସ୍ତକରେ ଯେଉଁ ବିଭ୍ରାଟ ପରିଲକ୍ଷିତ ହେଲା ତାହାର କାରଣ କଣ ଓ ସେ ସଂପର୍କରେ ସରକାର କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି?

----

## ରାଜ୍ୟରେ ଆଲୁମିନିୟମ ଉଦ୍ୟୋଗରେ ପୁଂଜିନିବେଶ

1196 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଆଲୁମିନିୟମ ଉଦ୍ୟୋଗରେ ପୁଂଜିନିବେଶ କରି କେଉଁ କେଉଁ ଘରୋଇ ଶିଳ୍ପ ଗୃହ ଓ ସରକାରୀ କଂପାନୀ ନୂଆ ଆଲୁମିନାରୀ ପାଇନାରୀ ଓ ଆଲୁମିନିୟମ କଂପାନୀ ଏବଂ ତତସହିତ ତାପଜ ବିଦ୍ୟୁତ ପ୍ରକଳ୍ପ ସ୍ଥାପନ କରିବାରେ ଆଗ୍ରହ ଦେଖାଇଛନ୍ତି ଏବଂ ସେ ଦିଗରେ କି ଅଗ୍ରଗତି ହୋଇଛି ଏବେ ଏହି ଉଦ୍ୟୋଗରେ କେଉଁ କେଉଁ ସରକାରୀ ଓ ଘରୋଇ ସଂସ୍ଥା କାମ କରୁଛନ୍ତି ଓ ଶିଳ୍ପ ବସାଇଲେଣି ତଥା ନିର୍ମାଣ କରୁଛନ୍ତି ଅଥବା ସଂପ୍ରସାରଣ ୟୁନିଟ୍ ବସାଇବାକୁ ଉଦ୍ୟମ କରୁଛନ୍ତି, ଉକ୍ତ ସଂସ୍ଥାଗୁଡିକ ତଥା ଆଶାୟୀ ଉଦ୍ୟୋଗମାନଙ୍କ ମଧ୍ୟରୁ କେଉଁମାନଙ୍କ ପାଖରେ କେଉଁ ବକ୍ସାଇଟ ଖଣିଅଛି ବା ସେମାନେ ନିଲାମ ପ୍ରକ୍ରିୟାରେ କେଉଁଖଣି ନେଇଛନ୍ତି?

----

## କିଶୋରନଗର ଡିଗ୍ରୀ କଲେଜଠାରେ BBA ଏବଂ BCA ପାଠ୍ୟକ୍ରମ

1197 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ସଦର ନିର୍ବାଚନ ମଣ୍ଡଳୀର ଯୁବପିଢ଼ିଙ୍କ ନିଯୁକ୍ତି ସୁଯୋଗ ଓ ସ୍ୱାବଲମ୍ବନଶୀଳତା ବୃଦ୍ଧି କରିବା ପାଇଁ କିଶୋରନଗର ଡିଗ୍ରୀ କଲେଜଠାରେ ବାଣିଜ୍ୟ ବିଭାଗ (Commerce Department) ସହିତ BBA ଏବଂ BCA ପରି Self-Financing ପାଠ୍ୟକ୍ରମ ଆରମ୍ଭ କରିବାକୁ ସରକାର କୌଣସି ପ୍ରସ୍ତାବ ବିଚାର କରୁଛନ୍ତି କି? ସେହିପରି ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷାର ସୁବିଧା ଯୋଗାଇଦେବା ଏବଂ ଉଚ୍ଚଶିକ୍ଷା ପାଇଁ ଅନ୍ୟତ୍ର ସ୍ଥାନାନ୍ତର ରୋକିବା ଲକ୍ଷ୍ୟରେ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ, ନେମାଳଠାରେ ବିଜ୍ଞାନ ବିଭାଗ (Science Department) ପାଠ୍ୟକ୍ରମ ପ୍ରଚଳନ କରିବା ପାଇଁ ସରକାର କୌଣସି ପଦକ୍ଷେପ ଗ୍ରହଣ କରିବେ କି? କଟକ ସଦର ଅଞ୍ଚଳରେ ଗୁଣାତ୍ମକ ଉଚ୍ଚଶିକ୍ଷା, ଦକ୍ଷତା ଭିତ୍ତିକ ଶିକ୍ଷା ଏବଂ ସ୍ଥାନୀୟ ସ୍ତରରେ କର୍ମସଂସ୍ଥାନର ସୁଯୋଗ ସୃଷ୍ଟି କରିବା ପାଇଁ ଏହି ଦୁଇଟି ଶିକ୍ଷାନୁଷ୍ଠାନର ସଂପ୍ରସାରଣ କାର୍ଯ୍ୟକୁ ସରକାର ପ୍ରାଥମିକତା ଭିତ୍ତିରେ କେବେ ସୁଦ୍ଧା କାର୍ଯ୍ୟକାରୀ କରିବେ ଜଣାଇବେ ? ଜଣାଇବେ?

----

## ଡ଼ିଜିଟାଲ ଓ STEM ଶିକ୍ଷା ପାଇଁ ପଦକ୍ଷେପ

1198 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗ୍ରାମୀଣ ଛାତ୍ରଛାତ୍ରୀଙ୍କୁ ଅଗ୍ରାଧିକାର ଦେଇ ସ୍ମାର୍ଟ ଶ୍ରେଣୀଗୃହ, କମ୍ପ୍ୟୁଟର ସୁବିଧା, ବିଜ୍ଞାନ ପରୀକ୍ଷାଗାର, ରୋବୋଟିକ୍ସ, AI ଶିକ୍ଷା ଏବଂ ଡିଜିଟାଲ୍ ଶିକ୍ଷା ସମ୍ବଳ ଅନ୍ତର୍ଭୁକ୍ତ କରି କଟକ ସଦରର ବିଦ୍ୟାଳୟଗୁଡ଼ିକୁ "ଡିଜିଟାଲ୍ ଓ STEM ଶିକ୍ଷା ପଦକ୍ଷେପ" ଅଧୀନରେ ସାମିଲ କରାଯାଇପାରିବ କି; କେତୋଟି ମାଧ୍ୟମିକ ଏବଂ ଉଚ୍ଚ ବିଦ୍ୟାଳୟରେ ଏହି ସବୁ ସୁବିଧା ଅଛି ଏବଂ ଆଉ କେତେ ବିଦ୍ୟାଳୟକୁ ଏଥିରେ ସାମିଲ କରିବାର ଯୋଜନା ରଖିଛନ୍ତି ?

----

## ଯୋଡ଼ା ବ୍ଲକରେ ଖଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା

1199 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଅଧିକ ପ୍ରାଧାନ୍ୟ ନେଉଥିବା ଦୃଷ୍ଟିରୁ ଚମ୍ପୁଆ ନିର୍ବାଚନ ମଣ୍ଡଳୀସ୍ଥ ଯୋଡ଼ା ବ୍ଲକ ଏକ ଖଣି ବହୁଳ ଅଞ୍ଚଳ ହୋଇଥିବାରୁ ଖଣିଜ ସମ୍ପଦ ଯଥେଷ୍ଟ ପରିମାଣରେ ମିଳିଥିବା ସ୍ଥାନରେ ଖଣିକୁ ଭିତ୍ତିକରି ଏଠାରେ ବୃହତ୍ତ କିମ୍ବା ମଧ୍ୟମ ଶ୍ରେଣୀର ଏକ Plant ( କାରଖାନା) ପ୍ରତିଷ୍ଠା କରିବା ନିମନ୍ତେ ଦୃଢ଼ ଦାବୀ ହେଉଥିବାରୁ ସରକାର ଏହାର ବିଚାର କେବେ ସୁଦ୍ଧା ଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ ?

----

## ଯୋଡ଼ା ବ୍ଲକରେ ସରକାରୀ College ପ୍ରତିଷ୍ଠା

1200 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାସ୍ଥ ଚମ୍ପୁଆ ନିର୍ବାଚନ ମଣ୍ଡଳିର ଯୋଡ଼ା ବ୍ଲକରେ କୌଣସି ସରକାରୀ କଲେଜ ପ୍ରତିଷ୍ଠା କରାଯାଇନଥିବାରୁ ଆଦିବାସୀ ଅଧ୍ୟୁଷିତ ଖଣିବହୁଳ ଅଞ୍ଚଳର ଗରିବ ଛାତ୍ର / ଛାତ୍ରୀ ଉଚ୍ଚ ଶିକ୍ଷା ଲାଭ କରିବାରୁ ବଞ୍ଚିତ ହେବା ସଙ୍ଗେ ସଙ୍ଗେ ବହୁ କମ ବୟସରେ ଖଣି ଦିନ ମଜୁରୀ ଖଟିବାକୁ ବାଧ୍ୟ ହେଉଥିବା କଥା ସରକାର ଜାଣନ୍ତି କି , ଯଦି ଜାଣିଥାନ୍ତି ତେବେ ଜନସାଧାରଣଙ୍କ ଦାବୀ ଅନୁସାରେ ଏଠାରେ ଏକ ସରକାରୀ କଲେଜ ଖୋଲିବା ପାଇଁ କେବେ ସୁଦ୍ଧା ପଦକ୍ଷେପ ନିଆଯିବ?

----

## ଛାତ୍ର/ ଛାତ୍ରୀ ଅଧ୍ୟୟନ ନିମନ୍ତେ ଶ୍ରେଣୀଗୃହ ଅଭାବ

1201 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲାର କେଉଁ କେଉଁ ଉଚ୍ଚ ବିଦ୍ୟାଳୟରେ କେତେ ସଂଖ୍ୟକ ଛାତ୍ର / ଛାତ୍ରୀଙ୍କ ଅଧ୍ୟୟନ ନିମନ୍ତେ ଯଥେଷ୍ଟ ସଂଖ୍ୟକ ଶ୍ରେଣୀ ଗୃହ କିମ୍ବା ଶିକ୍ଷକ ଓ ଶିକ୍ଷୟତ୍ରୀ ଅବସ୍ଥାପିତ ଅଛନ୍ତି କି ନାହିଁ କିମ୍ବା କେତେ ସଂଖ୍ୟକ ଶିକ୍ଷକ ପଦବୀ ବର୍ତ୍ତମାନ ଖାଲି ପଡ଼ିଛି ?

----

## ଜଙ୍ଗଲ ଜମି ଖର୍ଚ୍ଚ ପ୍ରଦାନ

1202 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ସିଆରମାଲ ଗ୍ରାମର MCL ଦ୍ୱାରା ବିସ୍ଥାପିତ ୨୯ ଆଦିବାସୀ ପରିବାର ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଦାବିରେ ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ହେବ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ନ୍ୟାୟ ପାଇଁ ଅନଶନରେ ବସିଥିବା ଏବଂ ଦୀର୍ଘ ୪ ବର୍ଷ ପୂର୍ବରୁ ଉକ୍ତ ବିସ୍ଥାପିତ ମାନଙ୍କ ଦାବିଗୁଡିକୁ ବ୍ଲକସ୍ତରୀୟ କମିଟି ଦ୍ୱାରା ଅନୁମୋଦନ ହୋଇଥିବା ସରକାର ଜାଣନ୍ତି କି ; ଯଦି ହଁ ତେବେ ସେମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରି ସେମାନଙ୍କର ଜମି ପଟ୍ଟା ଓ କ୍ଷତିପୂରଣ କେବେସୁଦ୍ଧା ଦେବେ ତାହା ସ୍ପଷ୍ଟ କରିବେ କି ; (ଖ) ବିସ୍ଥାପିତ ମାନଙ୍କ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କ୍ଷେତ୍ରରେ ବ୍ଲକସ୍ତରୀୟ କମିଟି ଦ୍ୱାରା ଅନୁମୋଦନ ହେବାପରେ କେତେ ଦିନ ମଧ୍ୟରେ ପଟ୍ଟା ମିଳିବା କଥା, ଏ ନେଇ ସରକାରଙ୍କ କିଛି ନିର୍ଦ୍ଦିଷ୍ଟ ନିୟମ ରହିଛି କି ; ଯଦି ହଁ ତେବେ ଏହି ବିଳମ୍ବିତାର କାରଣ କଣ ଓ ଏଥିପାଇଁ କିଏ ଉତ୍ତରଦାୟୀ ତାହା ଜଣାଇବେ କି ?

----

## ବେସରକାରୀ ବିଦ୍ୟାଳୟର ଫି ବୃଦ୍ଧିକୁ ନିୟନ୍ତ୍ରଣ କରିବା

1203 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ଥିବା ବେସରକାରୀ ବିଦ୍ୟାଳୟଗୁଡ଼ିକ ପ୍ରତିବର୍ଷ ଅପ୍ରତ୍ୟାଶିତ ଭାବେ ଅତ୍ୟଧିକ ବିଦ୍ୟାଳୟ ଫି ବୃଦ୍ଧି କରି ଅଭିଭାବକମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ସୃଷ୍ଟି କରୁଥିବା କଥା ସରକାରଙ୍କ ନଜରକୁ ଆସିଛି କି; ଏଭଳି ଅନିୟନ୍ତ୍ରିତ ଫି ବୃଦ୍ଧିକୁ ରୋକିବା ପାଇଁ ସରକାରୀ ସ୍ତରରେ ଅନୁମୋଦନ ଆବଶ୍ୟକ କି ନା ତାହା ଜଣାଇବା ସହ ସରକାର ଏଥିପାଇଁ କଣ ପଦକ୍ଷେପ ଗ୍ରହଣ କରିଛନ୍ତି ; (ଖ) ବେସରକାରୀ ବିଦ୍ୟାଳୟଗୁଡ଼ିକର ଫି ନିର୍ଦ୍ଧାରଣ ଓ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ସ୍ୱତନ୍ତ୍ର ନୀତି, ନିୟମ କିମ୍ବା ଫି ରେଗୁଲେଟରି କମିଟି (Regulatory Committee) ଗଠନ କରିବାକୁ ସରକାରଙ୍କ ବିଚାର ରହିଛି କି?

----

## ଆଦାନୀ ଗ୍ରୁପ ଦ୍ୱାରା Alluminium Project ପାଇଁ ବୁଝାମଣା ପତ୍ର

1204 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ଼):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଅଦାନୀ ଗ୍ରୁପ ଏକ MNC ସହ ମିଶି ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀଠାରେ ଏକ ALLUMINIUM PROJECT ପାଇଁ ଓଡ଼ିଶା ସରକାରଙ୍କ ସହିତ ଏକ ବୁଝାମଣା ପତ୍ର (MoU) ସ୍ୱାକ୍ଷର କରିଛନ୍ତି କି ; ଯଦି ହଁ ତେବେ ଉକ୍ତ ପ୍ରସ୍ତାବିତ ପ୍ରକଳ୍ପରେ ନିବେଶ ହେଉଥିବ ଅର୍ଥର ପରିମାଣ କେତେ ଏବଂ ଏଥିପାଇଁ କେତେ ଜମିର ଆବଶ୍ୟକତା ରହିଛି ଉକ୍ତ ଜମିଗୁଡିକ କେଉଁ ବର୍ଗର ଓ କେଉଁ କେଉଁ ସ୍ଥାନରେ ଚିହ୍ନଟ କରାଯାଇଛି ; (ଖ) ଉକ୍ତ ଜମି ଅଧିଗ୍ରହଣ ହେଲେ କେତେ ପରିବାର ପ୍ରଭାବିତ ହେବେ, ଏଥିଯୋଗୁଁ ସ୍ଥାନୀୟ କୃଷି, ଜଙ୍ଗଲ, ଜଳସମ୍ପଦ ଓ ବନ୍ୟଜନ୍ତୁଙ୍କ ଉପରେ କି ପ୍ରଭାବ ପଡିବ ତାଉପରେ ସରକାରଙ୍କ ତରଫରୁ କୌଣସି ସର୍ଭେ କାର୍ଯ୍ୟ କରାଯାଇଛି କି ?

----

## ଆଦିବାସୀ ସମ୍ପ୍ରଦାୟ ଲୋକମାନଙ୍କୁ ସରକାର ସୁବିଧା ପ୍ରଦାନ

1205 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚିକିଟି ନିର୍ବାଚନ ମଣ୍ଡଳୀ ପାତ୍ରପୁର ବ୍ଲକର ତୁମ୍ବା, ବୁରାତାଲ ଓ ଆଙ୍କୁଲି ଭଳି ଅନ୍ୟାନ୍ୟ ପଞ୍ଚାୟତରେ ବହୁ ପରିମାଣର ଆଦିବାସୀ ( ST) ସମ୍ପ୍ରଦାୟର ଲୋକ ବସବାସ କରନ୍ତି କିନ୍ତୁ ଏହି ସବୁ ପଞ୍ଚାୟତର ଆଦିବାସୀ ଲୋକମାନେ ସରକାରଙ୍କ ପ୍ରଦତ୍ତ ବିଭିନ୍ନ ସୁବିଧା ସୁଯୋଗ ପାଇପାରୁ ନାହାନ୍ତି ତେଣୁ ଏହାକୁ ନଜରରେ ରଖି ସେମାନଙ୍କୁ ବିଭିନ୍ନ ସରକାରୀ ପ୍ରଦତ୍ତ ବ୍ୟବସ୍ଥାରେ ସାମିଲ କରିବେ କି ?

----

## Block - Grant ବିଦ୍ୟାଳୟରେ ଖାଲି ପଦବୀ ପୁରଣ

1206 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିକିଟି ନିର୍ବାଚନ ମଣ୍ଡଳୀରେ ତଥା ଓଡ଼ିଶାର ବିଭିନ୍ନ ଜାଗାରେ ଥିବା Block - Grant ବିଦ୍ୟାଳୟ ମାନଙ୍କରେ ଅବସର ପରେ ଖାଲି ପଡୁଥିବା ଶିକ୍ଷକ ଓ ଶିକ୍ଷୟତ୍ରୀ ପଦବୀ ଗୁଡ଼ିକ ପୂରଣ ହେଉନଥିବା ଦୃଷ୍ଟିଗୋଚର ହେଉଛି ଯାହାଦ୍ୱାରା ପିଲାମାନଙ୍କ ଶିକ୍ଷା କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛି ତେଣୁ ସେସବୁ ପଦବୀ ପୂରଣ ପାଇଁ ବ୍ୟବସ୍ଥା କରିବେ କି ?

----

## Lying Vacant Posts Filled Up

1207 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) How many Post of different faculty, Vice Chancellor and other post lying vacant have been filled up and has the appointment been made as per the ORV in post and Services ( SC & ST) Act 1975 in last 2 years ; (b) If so, howmany Vice Chancellor of ST & SC category working in the State in various University and will the Govt furnish the name of Vice Chancellor indicating category ?

----

## ସୀମାନ୍ତ ଅଞ୍ଚଳରେ ଥିବା ବିଦ୍ୟାଳୟରେ ଓଡ଼ିଆ ପାଠ୍ୟ ପୁସ୍ତକ ଯୋଗାଇବା

1208 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସୀମାନ୍ତ ଅଞ୍ଚଳରେ ବସବାସ କରୁଥିବା ଓଡ଼ିଆ ଛାତ୍ରଛାତ୍ରୀ ମାନଙ୍କ ସଂଖ୍ୟା କେତେ ଓ ସେମାନଙ୍କୁ ଏ ପର୍ଯ୍ୟନ୍ତ ଓଡ଼ିଆ ବହି ଯୋଗାଇ ଦିଆଯାଇ ନଥିବାର କାରଣ କଣ; କେବେ ସୁଦ୍ଧା ରାଜ୍ୟ ସୀମାନ୍ତ ପଡ଼ୋଶୀ ରାଜ୍ୟର ଓଡ଼ିଆ ପିଲାଙ୍କୁ ଓଡ଼ିଆ ବହି ଯୋଗାଇ ଦିଆଯିବ ?

----

## ଶିଳ୍ପ ସଂସ୍ଥା ସ୍ଥାପନ ପାଇଁ ହୋଇଥିବା ଚୁକ୍ତି ସ୍ୱାକ୍ଷର

1209 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଶିଳ୍ପପତି /ଶିଳ୍ପ ସଂସ୍ଥାମାନଙ୍କ ଆକୃଷ୍ଟ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବିଦେଶରେ କିମ୍ବା କେଉଁ ଦେଶରେ କେବେ କଣ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ତା ପାଇଁ କେତେ ଅର୍ଥ ଜୁନ 2024 ଠାରୁ ଆଜି ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଛି କେଉଁ ଦେଶର କାର୍ଯ୍ୟକ୍ରମ କେତେ ପୁଞ୍ଜିନିବେଶର ଆଗ୍ରହ ଓ କେତେ ଶିଳ୍ପ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ଏହି କାର୍ଯ୍ୟକ୍ରମର ସଫଳତା ଓ ସ୍ଥିତି କଣ ?

----

## ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ଏବଂ ରାଜ୍ୟ ବାହାର ସରକାରୀ କାର୍ଯ୍ୟକ୍ରମ

1210 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜୁନ 2024 ରୁ ଆଜିପର୍ଯ୍ୟନ୍ତ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ପୁଞ୍ଜିନିବେଶ ପାଇଁ ସରକାରଙ୍କ ତରଫରୁ ରାଜ୍ୟରେ, ରାଜ୍ୟ ବାହାରେ ଓ ବିଦେଶରେ କେବେ କେବେ ସରକାରୀ କାର୍ଯ୍ୟକ୍ରମ, ରୋଡ଼ ଶୋ, ଇନଭେଷ୍ଟର ମିଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି; କାର୍ଯ୍ୟକ୍ରମ ବାବଦକୁ କେଉଁ ଉଦ୍ଦେଶ୍ୟରେ କେତେ ଟଙ୍କା ଖର୍ଚ୍ଚ ହୋଇଛି; ରାଜ୍ୟକୁ କେଉଁ ଶିଳ୍ପ ସଂସ୍ଥାରୁ କେତେ ପୁଞ୍ଜିନିବେଶ ପ୍ରତିଶୃତି ମିଳିଛି ଓ କେତେ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି; ଏମାନଙ୍କ ଭିତରୁ କେତେ ଶିଳ୍ପ ସଂସ୍ଥା ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ କଣ ପଦକ୍ଷେପ ନେଇଛନ୍ତି, ତାର ସବିଶେଷ ସ୍ଥିତିର ତଥ୍ୟ ବିବରଣୀ ସହ ଏହାଦ୍ୱାରା କେତେ ନିଯୁକ୍ତି ସାମାଜିକ ଅର୍ଥନୈତିକ ବିକାଶ ହେବାର ସରକାର ଆକଳନ କରିଛନ୍ତି ?

----

## କେଜିରୁ ପିଜି ମାଗଣା ଶିକ୍ଷାଦାନ

1211 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ କେଜିରୁ ପିଜି ମାଗଣା ଶିକ୍ଷା ଘୋଷଣା ପରେ ମଧ୍ୟ ଯୁକ୍ତ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ନାମ ଲେଖାର ପ୍ରଥମ ସିଲେକ୍ସନ ନାମଲେଖାରେ କେତେ ଛାତ୍ରଛାତ୍ରୀ ଆଡ଼ମିଶନ କରିଥିଲେ ଓ କେତେ ଫିସ ଜମା କରିଥିଲେ; ଉକ୍ତ ଜମା ଫିସ ଅର୍ଥ ଉକ୍ତ ଛାତ୍ରଛାତ୍ରୀମାନଙ୍କୁ ଫେରାଇ ଦିଆଯାଇଛି କି; ଯଦି ନାଁ, କାରଣ କଣ ଓ କେବେ ସୁଦ୍ଧା ଛାତ୍ର ଛାତ୍ରୀମାନେ ଫେରିପାଇବେ ?

----

## ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ମୁଦ୍ରଣରେ ଅର୍ଥ ବ୍ୟୟ

1212 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଚଳିତ ଶିକ୍ଷାବର୍ଷରେ ପ୍ରକାଶିତ ଓ ମୁଦ୍ରିତ ପାଠ୍ୟ ପୁସ୍ତକରେ ପ୍ରଥମରୁ ଅଷ୍ଟମ ସ୍କୁଲ ବହିରେ ବ୍ୟାପକ ତୃଟି ହୋଇଥିବା ସମ୍ପର୍କରେ ସରକାର ଜାଣନ୍ତି କି; ଯଦି ହଁ, ତା ହେଲେ ଏହି ପାଠ୍ୟପୁସ୍ତକର ପ୍ରସ୍ତୁତିରେ ପାଣ୍ଡୁଲିପି ବା ପାଠ୍ୟ ବିଷୟ ପ୍ରସ୍ତୁତି, ସଂଶୋଧନ, ଅନୁମୋଦନରେ କେଉଁମାନଙ୍କ ଭୂମିକା ଥିଲା, ସେହି ଶିକ୍ଷକ, ଅଧ୍ୟାପକ ଓ ପ୍ରଶାସନିକ ଅଧିକାରୀମାନଙ୍କ ନାମ ଓ ଦାୟିତ୍ୱ ସମ୍ପର୍କରେ ତଥ୍ୟ ସମ୍ବଳିତ ବିବରଣୀ ପ୍ରଦାନ କରିବେ କି ;(ଖ) ପାଠ୍ୟ ବିଷୟ କେବେ ଓ କାହାଦ୍ୱାରା ଚୂଡ଼ାନ୍ତ ଅନୁମୋଦିତ ହେଲା ପରେ କେଉଁ ମୁଦ୍ରକ ଦ୍ୱାରା ମୁଦ୍ରିତ ହୋଇଛି; ପ୍ରସ୍ତୁତିରୁ ମୁଦ୍ରଣ ପର୍ଯ୍ୟନ୍ତ କେଉଁ କେଉଁ ବାବଦକୁ କେତେ ଅର୍ଥ ବ୍ୟୟ ହୋଇଛି ?

----

## ବୃହତ ଶିଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତି ସ୍ୱାକ୍ଷର

1213 **ଶ୍ରୀମତୀ ପ୍ରମିଳା ମଲିକ (ବିଞ୍ଝାରପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (ଖ) ଜୁନ, 2024 ରୁ ଆଜିପର୍ଯ୍ୟନ୍ତ ରାଜ୍ୟରେ କେତେ ବୃହତ୍ତ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ବିଭିନ୍ନ ଶିଳ୍ପ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି ଓ ଏହି ଶିଳ୍ପ ପ୍ରତିଷ୍ଠାର ସ୍ଥିତି କଣ; (ଖ) କେତେ ଶିଳ୍ପ ସଂସ୍ଥା ବୃହତ୍ତ ଶିଳ୍ପ ପ୍ରତିଷ୍ଠା କରିବାର ଚୁକ୍ତି ସ୍ୱାକ୍ଷର କରିଥିଲେ ମଧ୍ୟ କେଉଁ କେଉଁ କାରଣ ଯୋଗୁଁ ସାମୟିକ / ସମ୍ପୂର୍ଣ୍ଣ ଭାବେ ଓହରି ଯାଇଛନ୍ତି ?

----

## Construction of New School Building

1214 **ଶ୍ରୀମତୀ ପ୍ରମିଳା ମଲିକ (ବିଞ୍ଝାରପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Howmany New School Building have been constructed in the State in last 2 years; Will the Govt provide information on creation of instructive activities in Education sector districts wise and year wise ?

----

## Action taken by the Govt for the ennorful Testbooks

1215 **ଶ୍ରୀମତୀ ପ୍ରମିଳା ମଲିକ (ବିଞ୍ଝାରପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) What actions have been taken by the Govt. for the errorful Testbooks that ruined the Education system in the State of Class - I to 8 students ; (b) Who are the compriators behing the Textbooks preparation and distribution as Govt of Odisha has openly claims that the activities occured due to conspiracy ?

----

## Tata Steel Ltd. ଦ୍ୱାରା ପୁଞ୍ଜି ନିବେଶ

1216 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ Tata Steel Ltd. କମ୍ପାନୀର ଜମି ଅଧିଗ୍ରହଣ ସମୟରେ ପୁଞ୍ଜି ନିବେଶକୁ ନେଇ କିଭଳି ଚୁକ୍ତିନାମା ହୋଇଛି ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ କେତେ କୋଟି ଟଙ୍କାର ପୁଞ୍ଜି ନିବେଶିତ କରାଯାଇଛି; କେବେ ସୁଦ୍ଧା ଉକ୍ତ କମ୍ପାନୀ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମରେ ଆସିବ; ଉକ୍ତ କମ୍ପାନୀ ସ୍ଥାପିତ ହେବାପରେ ସ୍ଥାନୀୟ କେତୋଟି ଏବଂ କେଉଁ କେଉଁ କ୍ଷୁଦ୍ର ସଂସ୍ଥାମାନଙ୍କୁ ଅଗ୍ରାଧିକାର ଦିଆଯାଉଛି ଏହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି; ଉକ୍ତ କମ୍ପାନୀ କାର୍ଯ୍ୟ ଆରମ୍ଭ କରିବାଠାରୁ ଆଜି ପର୍ଯ୍ୟନ୍ତ ବାର୍ଷିକ CSR Fund କେତେ ଏବଂ କେଉଁ କେଉଁ କାର୍ଯ୍ୟରେ ବିନିଯୋଗ କରାଯାଇଛି, ଏହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## Acme Clean Energy Pvt. Ltd. ର ଜମି ଅଧିଗ୍ରହଣ

1217 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ Acme Clean Private Limited କମ୍ପାନୀର ଜମି ଅଧିଗ୍ରହଣ ସମୟରେ ପୁଞ୍ଜି ନିବେଶକୁ ନେଇ କିଭଳି ଚୁକ୍ତିନାମା ହୋଇଛି ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ କେତେ କୋଟି ଟଙ୍କାର ପୁଞ୍ଜି ନିବେଶିତ କରାଯାଇଛି; କେବେସୁଦ୍ଧା ଉକ୍ତ କମ୍ପାନୀ ଭାବେ କାର୍ଯ୍ୟକ୍ଷମରେ ଆସିବ, ଉକ୍ତ କମ୍ପାନୀ ସ୍ଥାପିତ ହେବାରେ ସ୍ଥାନୀୟ କେତୋଟି ଏବଂ କେଉଁ କେଉଁ ଯୁବ ସଂସ୍ଥାମାନଙ୍କୁ ଅଗ୍ରାଧିକାର ଦିଆଯାଇଛି, ଏହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି; ଉକ୍ତ କମ୍ପାନୀ କାର୍ଯ୍ୟ ଆରମ୍ଭ କରିବାଠାରୁ ଆଜି ପର୍ଯ୍ୟନ୍ତ ବାର୍ଷିକ CSR Fund କେତେ ଏବଂ କେଉଁ କେଉଁ ବିନିଯୋଗ କରାଯାଇଛି ଏହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## TATA SEZ Gopalpur Projectରେ କେଉଁ କମ୍ପାନୀ ଜମି ହସ୍ତାନ୍ତର

1218 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଛତ୍ରପୁର ନିର୍ବାଚନ ମଣ୍ଡଳୀ ଛତ୍ରପୁରରେ ଅବସ୍ଥିତ TATA SEZ, Gopalpur Projectରେ କେଉଁ କେଉଁ କମ୍ପାନୀମାନଙ୍କୁ ଜମି ହସ୍ତାନ୍ତର କରାଯାଇଛି; ଜମି ହସ୍ତାନ୍ତର କରାଯାଇଥିବା କମ୍ପାନୀଗୁଡ଼ିକ ସହ ରାଜ୍ୟ ସରକାର ଏବଂ ଗଞ୍ଜମ ଜିଲ୍ଲା ପ୍ରଶାସନର ସ୍ଥାନୀ ନିଯୁକ୍ତି ପାଇଁ କିଭଳି ଚୁକ୍ତିନାମା କରାଯାଇଛି; ପ୍ରତ୍ୟେକ କମ୍ପାନୀର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କିରବା ତତସହିତ ଜମି ହସ୍ତାନ୍ତର କରାଯାଇଥିବା କମ୍ପାନୀଗୁଡ଼ିକ ବର୍ତ୍ତମାନ ସୁଦ୍ଧା କେଉଁ କମ୍ପାନୀ କେତେ ମୋଟ ନିଯୁକ୍ତି ଦେଇଛନ୍ତି ସେଥିମଧ୍ୟରୁ ସ୍ଥାନୀୟ ନିଯୁକ୍ତିର ବିବରଣୀ ପ୍ରଦାନ କରିବେ କି ?

----

## ଆଦିବାସୀ ମାନଙ୍କୁ ସଶକ୍ତ କରିବା ପାଇଁ ପଦକ୍ଷେପ

1219 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆଦିବାସୀ ମାନଙ୍କ ଭିଟାମାଟି, ଜିବନଜିବିକା ସୁରକ୍ଷିତ ପାଇଁ, ସେମାନଙ୍କ ଅଧିକାରକୁ ଛଡ଼ାଇ ନ ନେବା ପାଇଁ, ଆଦିବାସୀ ମାନଙ୍କୁ ସଶକ୍ତ କରିବା ପାଇଁ ଆଦିବାସୀ ପିଲାମାନଙ୍କୁ ଉନ୍ନତ ଶିକ୍ଷା ପ୍ରଦାନ ପାଇଁ ଏକଲବ୍ୟ ମୋଡ଼େଲ ସ୍କୁଲଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ ପାଇଁ ଓ ଆଦିବାସୀମାନଙ୍କ ସଂସ୍କୃତି, ପରମ୍ପରା ମୌଳିକତା ବଞ୍ଚାଇ ରଖିବା ପାଇଁ ସରକାର କି କି କାର୍ଯ୍ୟକମ କରୁଛନ୍ତି ଜଣାଇବେ କି; ଆଦିବାସୀ ପିଲାମାନଙ୍କୁ ମିଳୁଥିବା ଷ୍ଟାଇପେଣ୍ଡ (ବାକିଥିବା) ତୁରନ୍ତ ପ୍ରଦାନ କରିବେ କି ?

----

## ବନ୍ଦ ହୋଇଥିବା ପ୍ରାଥମିକ ବିଦ୍ୟାଳୟ

1220 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତୋଟି ପ୍ରାଥମିକ ସ୍କୁଲ ବନ୍ଦ ହୋଇଛି, କେତୋଟି ସ୍କୁଲ ୧ ଜଣ ଶିକ୍ଷକଙ୍କ ଦ୍ୱାରା ଚାଲୁଛି, କେତୋଟି High Schoolର ପ୍ରଧାନଶିକ୍ଷକ ନାହାନ୍ତି, କେତୋଟି ସ୍କୁଲରେ ଏକାଧିକ ଶ୍ରେଣୀ ପିଲାମାନଙ୍କ ଗୋଟିଏ କୋଠରୀରେ ପଢୁଛନ୍ତି, ସମୁଦାୟ କେତେ ଶିକ୍ଷକ ପଦବୀ ଖାଲିଅଛି, କେତେ ସଂଖ୍ୟାରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପୁନଃ ଅତିଥି ଶିକ୍ଷକ ବାବେ ମାସିକ କେତେ ବେତନରେ ନିଯୁକ୍ତି ଦିଆଯାଇଛି ଉତ୍ତର ଦେବା ସହ କେବେ ସୁଦ୍ଧା ତ୍ରୁଟି ଶୂନ୍ୟ ପାଠ୍ୟପୁସ୍ତକ ପିଲାମାନଙ୍କୁ ଦିଆଯିବ ଓ ଭଲ ପୋଷାକ (ଉନ୍ନତମାନର) ଛାତ୍ରଛାତ୍ରୀମାନଙ୍କୁ ଦିଆଯିବ ?

----

## ହିତାଧିକାରୀଙ୍କୁ ବକେୟା ଥିବା ଭତ୍ତା ପ୍ରଦାନ

1221 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ସମୁଦାୟ କେତେ ଜଣ ଇନ୍ଦିରାଗାନ୍ଧୀ ଜାତିୟ ଭତ୍ତା ଯୋଜନାରେ ହିତାଧିକାରୀ ଅଛନ୍ତି, ସେମାନଙ୍କର ଏକ ଜିଲ୍ଲାୱାରୀ ତାଲିକା ଦେବେ କି; (ଖ) ଏହି ହିତାଧିକାରୀମାନେ ଦୀର୍ଘ ୫ ମାସଧରି ସେମାନଙ୍କର ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ସରକାର ଜାଣନ୍ତି କି; ଯଦି ହଁ, ତେବେ କେବେସୁଧା ଏହି ବଞ୍ଚିତ ହିତାଧିକାରୀମାନଙ୍କୁ ବକେୟା ସହ ଭତ୍ତା ପ୍ରଦାନ କରାଯିବ ?

----

## ପରିଚାଳନା କମିଟି ଗଠନ ନିମନ୍ତେ ପଦକ୍ଷେପ

1222 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର ମହାବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟମାନଙ୍କର ପରିଚାଳନା ସମିତି ଗଠନ ନିମନ୍ତେ ସରକାର କି କି ପଦକ୍ଷେପ ନେଇଛନ୍ତି; (ଖ) ଏହି ପରିଚାଳନା କମିଟି ଗଠନ ନିମନ୍ତେ ସରକାର ଶିକ୍ଷା ଅଧିନିୟମର ସଂଶୋଧନ ପାଇଁ ଚିନ୍ତା କରୁଛନ୍ତି କି?

----

## ନୂତନ ଅଧ୍ୟାପକ ଓ ପ୍ରଫେସର ନିଯୁକ୍ତି

1223 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶାରେ କେତୋଟି ସରକାରୀ ମହାବିଦ୍ୟାଳୟ ରହିଛି; ସେଠାରେ ଶିକ୍ଷାଦାନ ନିମନ୍ତେ କେତେ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ/ରିଡର ଓ ପ୍ରଫେସର ରହିବା କଥା; ବର୍ତ୍ତମାନ କେତେ ଅଛନ୍ତି ତାହାର ତଥ୍ୟ କଲେଜୱାରୀ ପ୍ରଦାନ କରିବେ କି; (କ) ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କ ହାର କେତେ ରହିବା କଥା ; ବର୍ତ୍ତମାନ ଏହି ହାର କେତେ ଅଛି; (ଖ) ନୂତନ ଅଧ୍ୟାପକ ବା ପ୍ରଫେସର ନିଯୁକ୍ତି ନହେବା ପର୍ଯ୍ୟନ୍ତ ଗୁଣାତ୍ମକ ଶିକ୍ଷାଦାନ ପ୍ରଦାନ ନିମନ୍ତେ ସରକାର କି ବିକଳ୍ପ ବ୍ୟବସ୍ଥା ଗ୍ରହଣ କରୁଛନ୍ତି ?

----

## ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ

1224 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶାର ସରକାରୀ ବିଦ୍ୟାଳୟ ଗୁଡିକରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ କେତେଜଣ ଛାତ୍ରଛାତ୍ରୀ ପଢୁଛନ୍ତି ଓ କେତେଜଣ ଶିକ୍ଷକ/ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି; (କ) ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ହାର କେତେ ରହିବା କଥା, ବର୍ତ୍ତମାନ ଏହି ହାର କେତେ ଅଛି; (ଖ) ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବାରୁ ନୂତନ ଶିକ୍ଷକ ନିଯୁକ୍ତି ପର୍ଯ୍ୟନ୍ତ ଶିକ୍ଷାଦାନ ପାଇଁ ସରକାର କ'ଣ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିଛନ୍ତି?

----

## ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ସମ୍ପତ୍ତି ସୁରକ୍ଷା ଅଧିକାର ଆଇନ ପ୍ରଣୟନ

1225 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସରାକର ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ସମ୍ପତ୍ତି ଅଧିକାର ସୁରକ୍ଷା ନିମନ୍ତେ କୌଣସି ମାନକ ପରିଚାଳନା ପଦ୍ଧତି ପ୍ରଣୟନ କରିଛନ୍ତି କି; ଯଦି ହଁ, ତେବେ ସେହି SOP ର ବିବରଣୀ ତଥା ଗ୍ରାମପଞ୍ଚାୟତ, ବ୍ଲକ, ତହସିଲ, ଜିଲ୍ଲା ଏବଂ ରାଜ୍ୟସ୍ତରର ଅଧିକାରୀମାନଙ୍କ ଦାୟୀତ୍ୱ କଣ; ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଅଧିକାର ଅଧନିୟମ ୨୦୧୬ ସେମାନଙ୍କ ସମ୍ପତ୍ତି ବିବାଦକୁ ବିଶେଷ ଭାବେ ନିୟନ୍ତ୍ରଣ କରୁନଥିବାରୁ ତଥା ରାଜ୍ୟ କମିଶନରଙ୍କର ଦେୱାନୀ ମାମଲା ବିଚାର କରିବାକୁ ଅଧିକାର ନାହିଁ ସେପରି ସ୍ଥଳେ ବେଆଇନ ଭାବେ ବେଦଖଲ ଓ ଶୋଷଣ କ୍ଷେତ୍ରରେ ସେମାନଙ୍କର ସମ୍ପତ୍ତି ଅଧିକାରକୁ ସୁରକ୍ଷା ଦେବାକୁ କି ବ୍ୟବସ୍ଥା ରହିଛି; ଗ୍ରାମାଞ୍ଚଳର ଦିବ୍ୟାଙ୍ଗ ବ୍ୟକ୍ତି ଓ ପରିବାରଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା, ସୁବିଧା ଓ ଆଇନଗତ ଅଧିକାର ସମ୍ପର୍କରେ କିପରି ସଚେତନ କରାଯାଉଛି ?

----

## ଗ୍ରାମାଞ୍ଚଳର ବିଦ୍ୟାଳୟ ଗୁଡ଼ିକରେ ଭିତ୍ତିଭୂମି ଯୋଗାଇବା

1226 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ନିର୍ମିତ ହେବାକୁ ଥିବା ୫୩୭୦ଟି ଭର୍ଚ୍ଚୁଆଲ ଶ୍ରେଣୀ ଗୃହ କରିବାକୁ ଯେଉଁ ନିଷ୍ପତ୍ତି ନେଇଥିଲେ ସେ ସବୁର ବର୍ତ୍ତମାନ ସ୍ଥିତି କଣ; କେଉଁ ଜିଲ୍ଲାରେ କେତୋଟି ହେବାପାଇଁ ନିର୍ଦ୍ଧାରିତ ହୋଇଛି; ଯଦି ହୋଇନାହିଁ କେଉଁ କାରଣ ପାଇଁ; ଗ୍ରାମାଞ୍ଚଳର ବିଦ୍ୟାଳୟ ଗୁଡ଼ିକରେ ଭିତ୍ତିଭୂମି ଯୋଗାଇବା ସହ ଇଣ୍ଟରନେଟ୍ ସୁବିଧା ପହଞ୍ଚାଇବାର କାର୍ଯ୍ୟ ଶେଷ ହୋଇଛି କି; ଭର୍ଚ୍ଚୁଆଲ ଶ୍ରେଣୀ ଗୃହ ପାଇଁ କେତେ ଅର୍ଥରାଶି ବରାଦ ହୋଇଥିଲା ଏବଂ କେତେ ହୋଇଛି ?

----

## ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ବଣ୍ଟନ

1227 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ସରକାରୀ ବିଦ୍ୟାଳୟ ଗୁଡ଼ିକୁ ବଣ୍ଟନ କରାଯାଇଥିବା ପାଠ୍ୟ ପୁସ୍ତକରେ ଯେଉଁ ୧,୯୭୮ଟି ବନାନ, ବ୍ୟାକରଣ ତଥ୍ୟ ଓ ଚିତ୍ର ସମ୍ପର୍କିତ ତ୍ରୁଟି ହୋଇଥିଲା ସେଗୁଡ଼ିକୁ ସୁଧାରି ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ସମସ୍ତ ବିଦ୍ୟାଳୟକୁ ବଣ୍ଟନ ସରିଛି କି; ଏହାଦ୍ୱାରା କେତେ ଦିନ ପାଠ ପଢ଼ାରେ ବ୍ୟାଘାତ ହୋଇଛି; ଏହା କିପରି ଭରଣା କରାଯିବ; ପାଠ୍ୟପୁସ୍ତକ ଗୁଡ଼ିକର ପୁନଃମୁଦ୍ରଣ ଓ ଆନୁଷଙ୍ଗିକ ବ୍ୟୟ ବାବଦରେ କେତେ ଖର୍ଚ୍ଚ ସରକାର ଅତିରିକ୍ତ ବହନ କରିଛନ୍ତି ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି; ଓଡ଼ିଶା ପାଠ୍ୟ ପୁସ୍ତକରେ ଅନ୍ୟ ରାଜ୍ୟର ଗୀତ ଓ ବିଷୟବସ୍ତୁ ସ୍ଥାନ ପାଇଥିବାବେଳେ ଅନ୍ୟ କେଉଁ ରାଜ୍ୟର ପାଠ୍ୟପୁସ୍ତକରେ ଓଡ଼ିଶାର ବିଭିନ୍ନ ବିଷୟ ସ୍ଥାନିତ ହୋଇଛି ?

----

## ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଉନ୍ନତି

1228 **Shri Madhab Dhada (Soro):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- (କ) ଅଣତରକା ପ୍ରଶ୍ନ ସଂଖ୍ୟା 1969 ତା.05.12.2025 ରିଖର ଉତ୍ତର ପରିପ୍ରେକ୍ଷୀରେ ସୋରୋ ନିର୍ବାଚନ ମଣ୍ଡଳୀର ବାହାନଗା ବ୍ଲକର କରଞ୍ଜବିନ୍ଧା ସେବାଶ୍ରମରେ ଛାତ୍ରୀବାସ ନିର୍ମାଣ ନିମନ୍ତେ ଜିଲ୍ଲା ମଙ୍ଗଳ ଅଧିକାରୀ, ବାଲେଶ୍ୱରଙ୍କୁ ପ୍ରକଳ୍ପ ସମ୍ଭାବ୍ୟତା ରିପୋର୍ଟ ୨ ମାସ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପ ସମ୍ଭାବ୍ୟତା ରିପୋର୍ଟର status କଣ, କେବେ ସୁଦ୍ଧା DPR ଅନୁମୋଦନ ଲାଭ କରିବ ଏବଂ କେବେ ସୁଦ୍ଧା ଟେଣ୍ଡର ପ୍ରକ୍ରିୟା ହୋଇ କାର୍ଯ୍ୟ ଆରମ୍ଭ ହେବ ଏକ timeline ଭିତ୍ତିକ ତଥ୍ୟ ପ୍ରଦାନ କରିବେ କି; (ଖ) ଅଣତାରକା ପ୍ରଶ୍ନ ସଂଖ୍ୟା 643 ତା'. 20.02.2026 ରିଖର ଉତ୍ତର ପରିପ୍ରେକ୍ଷୀରେ ସୋରୋ ନିର୍ବାଚନ ମଣ୍ଡଳୀରେ ବସବାସ କରୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟ ମାନଙ୍କ ଉନ୍ନତିକଳ୍ପେ ଅନନ୍ତପୁର ଗ୍ରାମପଞ୍ଚାୟତର ବେଲପୁର, ବାହାନଗା ପଂଚାୟତ ସମିତିର ସାହସପୁରା, ଉପର ଆଡିଆ, ସୋରୋ ପୌରପାଳିକାର ୱାର୍ଡ ନମ୍ବର 5 ଓ 6 ରେ ବହୁମୁଖୀ ଗୋଷ୍ଠୀ ତଥା ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା ପାଇଁ ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ, ସୋରୋ ପତ୍ର ସଂଖ୍ୟା 3744 ତା 11.11.2025 ରିଖରେ ତହସିଲଦାର ସୋରୋଙ୍କୁ ଉପଯୁକ୍ତ ସରକାରୀ ଜାଗା ନିର୍ଦ୍ଧାରଣ ପାଇଁ ଗତ 6 ମାସ ମଧ୍ୟରେ କେତେ ଥର ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ, ସୋରୋ ଓ ତହସିଲଦାର ସୋରୋଙ୍କ ମଧ୍ୟରେ ପ୍ରସ୍ତାବିତ ଜାଗା ପରିଦର୍ଶନ କରିଅଛନ୍ତି ଏବଂ କେଉଁ ତାରିଖରେ ମିଳିତ ବୈଠକ କରିଅଛନ୍ତି ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି?

----

## ଭତ୍ତା ପ୍ରଦାନ ସମ୍ପର୍କରେ

1229 **Shri Madhab Dhada (Soro):**

Will the Minister for **Social Security & Empowerment of Persons with**

**Disabilities** be pleased to state that:- (କ ) ଅଣତାରକା ପ୍ରଶ୍ନ ସଂଖ୍ୟା 644 ତା.20.02.2026 ରିଖର ଉତ୍ତରର ପରିପ୍ରେକ୍ଷୀରେ 20.02.2026 ତାରିଖ ସୁଦ୍ଧା ମଧୁବାବୁ ପେନସନ, ଯୋଜନା ଓ ଇନ୍ଦିରାଗାନ୍ଧୀ ଜାତୀୟ ପେନସନ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ଆବେଦନ କରି ସୋରୋ ବ୍ଲକରେ 2758 ଜଣ, ବାହାନଗା ବ୍ଲକରେ 1821 ଜଣ ଓ ସୋରୋ ପୌରପାଳିକାରେ ୬୪୨ ଜଣ ଆବେଦନ କରି ଅପେକ୍ଷାରତ ଆବେଦନକାରୀ ଯୋଗ୍ୟ ବିବେଚିତ ହେଲା ପରେ ତାଙ୍କୁ ସୃଷ୍ଟି ହେଉଥିବା ଖାଲି ସ୍ଥାନରେ ଅନ୍ତର୍ଭୁକ୍ତ କରାଯାଇ ଆବଶ୍ୟକ ଭତ୍ତା ପ୍ରଦାନ ସକ୍ରାନ୍ତରେ ୭ ମାସ ବିତିଯାଇଥିଲେ ମଧ୍ୟ କେତେ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି ଏବଂ ଏହିମଧ୍ୟରୁ କେତେ ଜଣ ଅଯୋଗ୍ୟ ହିତାଧିକାରୀ କେଉଁ ଆଧାରରେ ବିବେଚିତ ହୋଇଛନ୍ତି ଜଣେଇବେକି ଓ କେବେ ସୁଦ୍ଧା ସମସ୍ତ ଅପେକ୍ଷାରତ ସମସ୍ତ ହିତାଧିକାରୀଙ୍କୁ କେଉଁ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଭତ୍ତା ପ୍ରଦାନ କରାଯିବ ତାହାର ତଥ୍ୟ ପ୍ରଦାନ କରିବେ କି; (ଖ ) ଅଣତରକା ପ୍ରଶ୍ନ ସଂଖ୍ୟା 618 ତା. 19.09.2025 ରିଖର ଉତ୍ତର ପରିପ୍ରେକ୍ଷୀରେ ସୋରୋ ନିର୍ବାଚନ ମଣ୍ଡଳୀରେ UDID ରେଜିଷ୍ଟ୍ରେସନ ପାଇଁ 1636 ଆବେଦନକାରୀ ଦରଖାସ୍ତ କରିଥିଲେ, 1001 ଜଣଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିବା ବେଳେ ଅବଶିଷ୍ଟ ବିଳମ୍ବର କାରଣ କଣ କେଉଁ ଅଧିକାରୀଙ୍କ ଦାୟିତ୍ୱ ହୀନତା ପାଇଁ ଦିବ୍ୟାଙ୍ଗ ଲୋକ ସେମାନଙ୍କର ଅଧିକାରରୁ ବଂଚିତ ହୋଇଛନ୍ତି ତାହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## P.G ଶିକ୍ଷା ପାଇଁ ପଦକ୍ଷେପ

1230 **Shri Madhab Dhada (Soro):**

Will the Minister for **Higher Education** be pleased to state that:- (କ) ତାରକା ପ୍ରଶ୍ନ ସଂଖ୍ୟା 45 ତା.20.02.2026 ରିଖର ଉତ୍ତରର ପରିପ୍ରେକ୍ଷୀରେ ସୋରୋ ନିର୍ବାଚନ ମଣ୍ଡଳୀର ଉପେନ୍ଦ୍ରନାଥ ମହାବିଦ୍ୟାଳୟର PG ବିଷୟ ଖୋଲିବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ଠାରୁ HPC portal ମାଧ୍ୟମରେ ଓଡିଶା ଶିକ୍ଷା ଅଧିନିୟମ 1969 ଧାରା -5 ଅନୁଯାଇ ଦରଖାସ୍ତ ହସ୍ତଗତ ହେଲେ ସେହି ଅଂଚଳର ଶିକ୍ଷାର ଆବଶ୍ୟକତା ଓ ଆବଶ୍ୟକ ଭିତ୍ତିଭୂମିକୁ ନିରକ୍ଷଣ କରି ସରକାର ନିୟମ ଅନୁଯାଇ ପଦକ୍ଷେପ ଗ୍ରହଣ କରାଯିବା ସଂକ୍ରାନ୍ତରେ କଲେଜ କର୍ତ୍ତୃପକ୍ଷ HPC portal ରେ ଦରଖାସ୍ତ ପରେ ବି ଅନୁମୋଦନର ବିଳମ୍ବର କାରଣ କଣ କେବେ ସୁଦ୍ଧା ଉପେନ୍ଦ୍ରନାଥ ମହାବିଦ୍ୟାଳୟର PG ବିଷୟ ଖୋଲିବ ନିର୍ଦ୍ଦିଷ୍ଟ ତାରିଖ ବିଷୟରେ ତଥ୍ୟ ପ୍ରଦାନ କରିବେ କି?

----

## Development of steel mineral & mining based Industries

1231 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether any new proposals have been approved or are under consideration for establishment, expansion or development of Steel, Mineral and Mining-based industries in Bhadrak district; if so, the brief details thereof, including the proposed location, investment and employment potential? (b) What measures have been undertaken by the Government to ensure that local youth and skilled workers

of Bhadrak district are suitably trained, skill-certified and effectively linked with employment opportunities in the Steel, Mining and allied sectors?

----

## କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା

1232 **Shri Sitansu Sekhar Mohapatra (Bhadrak):**

Will the Minister for **Industries** be pleased to state that:- (କ) ରାଜ୍ୟରେ କୃଷି ଭିତ୍ତିକ ଶିଳ୍ପ (Agro-based Industries) ପ୍ରତିଷ୍ଠା ଓ ପ୍ରୋତ୍ସାହନ ପାଇଁ ସରକାର କେଉଁ କେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି, (ଖ) ରାଜ୍ୟରେ କୃଷି ଉତ୍ପାଦର ମୂଲ୍ୟ ବୃଦ୍ଧି, ପ୍ରସ୍ତୁତିକରଣ ଓ ବଜାରୀକରଣ ସୁଦୃଢ଼ କରିବା ପାଇଁ କେଉଁ କେଉଁ ନୀତି ଓ ପ୍ରୋତ୍ସାହନମୂଳକ ବ୍ୟବସ୍ଥା ରହିଛି, କୃଷି ଭିତ୍ତିକ ଶିଳ୍ପ ସ୍ଥାପନ ମାଧ୍ୟମରେ ଗ୍ରାମୀଣ ଅଞ୍ଚଳରେ ରୋଜଗାର ସୃଷ୍ଟି ଓ କୃଷକମାନଙ୍କ ଆୟ ବୃଦ୍ଧି ପାଇଁ ସରକାରଙ୍କ ଆଗାମୀ କାର୍ଯ୍ୟ ଯୋଜନା କଣ ରହିଛି, ଏହି ଉଦ୍ଦେଶ୍ୟରେ ରାଜ୍ୟର କେଉଁ କେଉଁ ଜିଲ୍ଲାରେ ନୂତନ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି କି, ଯଦି ହଁ, ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ନିଯୁକ୍ତି ସୁଯୋଗ ପ୍ରଦାନ

1233 **Shri Sitansu Sekhar Mohapatra (Bhadrak):**

Will the Minister for **Skill Development & Technical Education** be pleased to state that:- (କ) ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ Civil, Electrical, Mechanical, Electronics & Telecommunication (ETC), Computer Science ଓ ଅନ୍ୟାନ୍ୟ Engineering disciplines ରେ କେତେଜଣ ଡିଗ୍ରୀ ଇଞ୍ଜିନିୟର ଉତ୍ତୀର୍ଣ୍ଣ ହୋଇଛନ୍ତି, ତାହାର ବର୍ଷଭିତ୍ତିକ ଓ discipline-wise ତଥ୍ୟ ପ୍ରଦାନ କରିବେ କି, (ଖ) ବିଭିନ୍ନ Engineering disciplines ର ଯୋଗ୍ୟ ଯୁବକ-ଯୁବତୀମାନଙ୍କୁ ସେମାନଙ୍କ ଯୋଗ୍ୟତା ଓ ବିଶେଷଜ୍ଞତା ଆଧାରରେ ଯଥେଷ୍ଟ ଓ ସମାନ ନିଯୁକ୍ତି ସୁଯୋଗ ପ୍ରଦାନ କରିବାରେ ଥିବା ଆବଶ୍ୟକତା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି ?

----

## ଶିଳ୍ପ ସ୍ଥାପନ

1234 **Shri Akhila Chandra Naik (Patna):**

Will the Minister for **Industries** be pleased to state that:- 01.01.2024 ରୁ ଏଯାବତ ରାଜ୍ୟରେ କେତୋଟି ଶିଳ୍ପ ସ୍ଥାପନ ନିମନ୍ତେ ଏମଓୟୁ କରାଯାଇଛି, ଏହି ଏମଓୟୁ କେବେ କାହା ସହିତ ଓ କେଉଁଠାରେ କେଉଁ ଶିଳ୍ପ ସ୍ଥାପନ ନିମନ୍ତେ କରାଯାଇଛି ତାହା ଜଣାଇବେ କି, ଏହି ଶିଳ୍ପ ପ୍ରତିଷ୍ଠାର ସ୍ଥିତି ସମ୍ପର୍କରେ ଜଣାଇବା ସହ ଉକ୍ତ ଶିଳ୍ପ ପ୍ରତିଷ୍ଠା ହେଲେ କେତେ ପିଲା ନିଯୁକ୍ତି ପାଇବେ ତାହା ଜଣାଇବେ କି, କେନ୍ଦୁଝର ଜିଲ୍ଲା ପାଟଣାରେ ହେବାକୁ ଥିବା ମେଗା ଷ୍ଟିଲ୍ ପ୍ଲାଣ୍ଟର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଜଣାଇବେ କି ?

----

## କୌଶଳ ବିକାଶ ତାଲିମ କେନ୍ଦ୍ର ସ୍ଥାପନ

1235 **Shri Akhila Chandra Naik (Patna):**

Will the Minister for **Skill Development & Technical Education** be pleased to state that:- କେନ୍ଦୁଝର ଜିଲ୍ଲାର ପାଟଣା ନିର୍ବାଚନମଣ୍ଡଳୀରେ ଏକ ବୃହତ ଲୌହ ଇସ୍ପାତ ପ୍ରକଳ୍ପ ସ୍ଥାପନ ହେବାକୁ ଯାଉଛି, ଏହି ଲୌହ ଇସ୍ପାତ ପ୍ରକଳ୍ପରେ କେନ୍ଦୁଝର ଜିଲ୍ଲାର ଯୁବକ ଯୁବତୀମାନେ ନିଯୁକ୍ତି ପାଇବେ, ନିଯୁକ୍ତି ଆଶାୟୀ ଯୁବକ ଓ ଯୁବତୀ ମାନଙ୍କୁ ବୃହତ ଲୌହ ଇସ୍ପାତ ଶିଳ୍ପ ସମ୍ବନ୍ଧିୟ ତାଲିମ ଦେବା ପାଇଁ ପାଟଣା ବ୍ଲକରେ ଏକ କୌଶଳ ବିକାଶ ତାଲିମ କେନ୍ଦ୍ର ସ୍ଥାପନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ କି ?

----

## ନିଧି ଅନୁଦାନର ବିନିଯୋଗ

1236 **Shri Mangu Khilla (Chitrakonda):**

Will the Minister for **Higher Education** be pleased to state that:- 3 ବର୍ଷରେ ଅଞ୍ଚଳର ଡିଗ୍ରୀ କଲେଜ ପାଇଁ କେତେ ନିଧି ଅନୁଦାନ ଦିଆଯାଇଛି, ସେହି ନିଧିର ବ୍ୟବହାର କେତେ ପର୍ଯ୍ୟନ୍ତ ହୋଇଛି ଓ କେତେ ଅବ୍ୟବହୃତ ରହିଛି, ଚିତ୍ରକୋଣ୍ଡା ସରକାରୀ ଡିଗ୍ରୀ କଲେଜ ପାଇଁ ନିଜସ୍ୱ ଭବନ ନିର୍ମାଣରେ ବିଳମ୍ବ ହେବାର କାରଣ କ'ଣ, ଏହା ପାଇଁ କାର୍ଯ୍ୟାନୁଷ୍ଠାନ କେବେ ଆରମ୍ଭ ହୋଇଛି, କେବେ ଆଦେଶ ଜାରି ହୋଇଛି ଓ ସେଗୁଡ଼ିକର ତଥ୍ୟ ପ୍ରଦାନ କରିବେ କି, ବାଲିମେଳା ସାଇନ୍ସ କଲେଜ୍ ପାଇଁ କେଉଁ କେଉଁ ଆବଶ୍ୟକ ଢାଞ୍ଚାଗତ ସୁବିଧା (ଲାବରେଟରୀ, ପୁସ୍ତକାଳୟ, ଶୌଚାଳୟ, ଛାତ୍ରାବାସ, କ୍ରୀଡ଼ା ସୁବିଧା, ଡିଜିଟାଲ୍ କ୍ଲାସ୍‌ରୁମ୍) ଅଭାବରେ ରହିଛି, ସେଗୁଡ଼ିକ ପୂରଣ ପାଇଁ ବିଭାଗ କେଉଁ ପଦକ୍ଷେପ ନେଇଛି ଓ କେବେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଛି ?

----

## ପାଇଲଟ୍ ପ୍ରକଳ୍ପ ଆରମ୍ଭ

1237 **Shri Mangu Khilla (Chitrakonda):**

Will the Minister for **School and Mass Education** be pleased to state that:- ପ୍ରଶ୍ନ ସଂଖ୍ୟା UD 716, ତା. 20.2.2026, ଉତ୍ତର ପରିପ୍ରେକ୍ଷୀରେ 5T ପ୍ରୟାସ ଅଧୀନରେ ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ଯେତେ କମ୍ପ୍ୟୁଟର ଦିଆଯାଇଛି, ସେଗୁଡ଼ିକ ବିଦ୍ୟାଳୟର ଛାତ୍ରସଂଖ୍ୟା ଅନୁପାତରେ ବହୁତ କମ ଏବଂ ନିର୍ଦ୍ଦିଷ୍ଟ କମ୍ପ୍ୟୁଟର ଶିକ୍ଷକ ନଥିବାରୁ କମ୍ପ୍ୟୁଟର ଶିକ୍ଷା ପ୍ରଭାବିତ ହେବାସହ SOP (Standard Operating Procedure) ନଥିବାରୁ କମ୍ପ୍ୟୁଟର ଶିକ୍ଷାର ଦୃଷ୍ଟିକୋଣ କ୍ଷୀଣ ହେଉଛି କି, OCAC (Odisha Computer Application Centre) ଏହି ଅଭାବଗୁଡ଼ିକୁ ପୂରଣ କରି, ଉଚ୍ଚ ବିଦ୍ୟାଳୟ ସ୍ତରରେ ଦୃଢ଼ କମ୍ପ୍ୟୁଟର ସାକ୍ଷରତା ସୁନିଶ୍ଚିତ କରିପାରିବ କି, ମାଲକାନଗିରି ଜିଲ୍ଲା, ବିଶେଷତଃ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ ସମଗ୍ର କମ୍ପ୍ୟୁଟର ଶିକ୍ଷା ପାଇଁ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିବାକୁ ପଦକ୍ଷେପ ନେବେ କି ?

----

## ସରକାରୀ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ କରିବାକୁ ପଦକ୍ଷେପ

1238 **Shri Mangu Khilla (Chitrakonda):**

Will the Minister for **School and Mass Education** be pleased to state that:- ସରକାରୀ ଅଧିକାରୀ ମାନେ ପ୍ରାଇଭେଟ୍ ଶିକ୍ଷାନୁଷ୍ଠାନ (କଲେଜ/ ସ୍କୁଲ)ର ବିଭିନ୍ନ କାର୍ଯ୍ୟକ୍ରମରେ ଅତିଥି/ ସମ୍ମାନିତ ଅତିଥି ଭାବେ ଯୋଗଦେବା ପ୍ରତ୍ୟକ୍ଷ ଓ ପରୋକ୍ଷରେ ସେହି ପ୍ରାଇଭେଟ୍ ଶିକ୍ଷାନୁଷ୍ଠାନର ଗୁଣଗାନ ଓ ପ୍ରଚାର କରିବା, ସରକାରଙ୍କ ଦୃଷ୍ଟି ଗୋଚର ହୋଇଛି କି, ଏହା ଦ୍ୱାରା ସରକାରୀ ବିଦ୍ୟାଳୟ/ କଲେଜ ପ୍ରତି ଆଗ୍ରହ କମୁଛି କି; ଏ ଦିଗରେ ବିହିତ କାର୍ଯାନୁଷ୍ଠାନ ନେବେ କି, ବେସରକାରୀ ଶିକ୍ଷାନୁଷ୍ଠାନରେ RTE ଲାଗୁ କରି ଚୁପ ବସିଛନ୍ତି ନା ବିଦ୍ୟାଳୟର ବିଭିନ୍ନ ଦେୟ (fees) କୁ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯାଇଛି, ବିସ୍ତୃତ ତଥ୍ୟ ପ୍ରଦାନ କରିବେ କି, ସହରାଞ୍ଚଳରେ ସରକାରୀ ଓ ବେସରକାରୀ ସ୍କୁଲରରେ ପ୍ରତିବର୍ଷ କେତେ ଅନୁପାତରେ ପିଲା ନାମ ଲେଖାଉଛନ୍ତି ତାହାର ପରିସଂଖ୍ୟାନ ତଥ୍ୟ ପ୍ରଦାନ କରିବା ସହ ବେସରକାରୀକୁ ଆକୃଷ୍ଟ ହେବାର କାରଣକୁ ଅନୁଧ୍ୟାନ କରି ସରକାର ବିଦ୍ୟାଳୟରେ ଭିତ୍ତିଭୂମିକୁ ସୁଦୃଢ କଲାପରେ ମଧ୍ୟ ବେସରକାରୀ ବିଦ୍ୟାଳୟର ପ୍ରତି ଆକୃଷ୍ଟ ହେବାର ସରକାର ଅନୁଭବ କରୁଛନ୍ତି କି, ଯଦି ହଁ ଏହା ଉପରେ ସରକାର କଣ ସବୁ ପଦକ୍ଷେପ ପାଇ ଖସଡା ପ୍ରସ୍ତୁତ କରିଛନ୍ତି ପ୍ରକାଶ କରିବେ କି ?

----

## ITDA ପ୍ରକଳ୍ପ

1239 **Shri Durga Charan Tanti (Raghunathpali):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- ITDA ଅଧୀନରେ ସୁନ୍ଦରଗଡ଼ ଜିଲ୍ଲାକୁ ୨୦୨୪ ଓ ଜାନୁଆରୀ ୧ରୁ ଏଯାବତ୍ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି, ଏହି ପ୍ରକଳ୍ପର ସମ୍ପୂର୍ଣ୍ଣ ତାଲିକା ଯଥା, କାର୍ଯ୍ୟର ନାମ, ସ୍ଥାନର ନାମ, ବ୍ୟୟ ଅଟକଳ ପରିମାଣ, କେତେ ଅର୍ଥ ବ୍ୟୟ ହୋଇଛି, କାର୍ଯ୍ୟକାରୀ ସଂସ୍ଥାର ନାମ, ପ୍ରକଳ୍ପର ସ୍ଥିତି ସମ୍ପର୍କରେ ଜଣାଇବେ କି, ଏହାର ବର୍ଷୱାରୀ ଓ ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି, ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପ ଗୁଡିକ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ, ସେ ସମ୍ପର୍କରେ ଜଣାଇବେ କି ?

----

## ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ

1240 **Shri Durga Charan Tanti (Raghunathpali):**

Will the Minister for **Odia Language, Literature & Culture** be pleased to state

that:- ରାଜ୍ୟରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ଆଶାନୁରୂପ ହେଉଥିବା ପରିଦୃଷ୍ଟ ହେଉ ନାହିଁ, ରାଜ୍ୟରେ କେବେ ସୁଦ୍ଧା ସମସ୍ତ ବିଭାଗ ତଥା ପ୍ରଶାସନିକ କାର୍ଯ୍ୟ ଶତ ପ୍ରତିଶତ ଓଡ଼ିଆ ଭାଷାରେ ହେବା ପାଇଁ ବିଭାଗ ନିର୍ଦ୍ଦେଶ ଦେଇଛି, ଏ ଦିଗରେ ବିଭାଗ କି ପଦକ୍ଷେପ ନେଉଛି, ସେହିପରି ରାଜ୍ୟରେ ଥିବା ବିଭିନ୍ନ ସଂସ୍ଥା ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମ ଲେଖା ନଥିବା ସଂସ୍ଥା ବିରୋଧରେ ବିଭାଗ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି, ଓଡ଼ିଆ ଭାଷାରେ ନିଜ ବ୍ୟବସାୟିକ ସଂସ୍ଥା ଠିକ୍ ଭାବେ ଉଲ୍ଲେଖ ନକରିବା ଯୋଗୁଁ ସେମାନଙ୍କ ଠାରୁ କେତେ ଟଙ୍କା ଜୋରିମାନା ଆଦାୟ କରାଯାଇଛି, ୨୦୨୪ ଜୁନ୍ ୧ ତାରିଖରୁ ଏଯାବତ୍ କେତେ ଜୋରିମାନା ଓ ସଂସ୍ଥା ବିରୋଧରେ କି ପଦକ୍ଷେପ ନିଆଯାଇଛି, ତାର ଜିଲ୍ଲା ୱାରୀ ଓ ବ୍ଲକ୍ ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଅଧ୍ୟାପକ ପଦବୀ ପୂରଣ

**1241** **Shri Durga Charan Tanti (Raghunathpali):**

Will the Minister for **Higher Education** be pleased to state that:- ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅନୁମୋଦିତ ଅଧ୍ୟାପକ ଓ ଅଣଅଧ୍ୟାପକ ପଦବୀ କେତେ, ସେଥିମଧ୍ୟରୁ କେତେ ପଦବୀ ଖାଲି ପଡିଛି, ତା'ର ମହାବିଦ୍ୟାଳୱାରୀ ସମ୍ପୂର୍ଣ ତାଲିକା ପ୍ରଦାନ କରିବା ସହ ଖାଲି ପଡିଥିବା ପଦବୀ ଗୁଡିକ ପୂରଣ କରିବା ନିମନ୍ତେ ବିଭାଗ ପଦକ୍ଷେପ ଗ୍ରହଣ କରିବ କି, ଅବସରପରେ କେଉଁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କେଉଁ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି ସେମାନଙ୍କର ସମ୍ପୂର୍ଣ ତାଲିକା ପ୍ରଦାନ କରିବେ କି, ପୁନଃ ନିଯୁକ୍ତି ପ୍ରକ୍ରିୟା ନିମନ୍ତେ ସରକାରଙ୍କ କ'ଣ ନିୟମ ରହିଛି, ଚଳିତ ଶିକ୍ଷା ବର୍ଷରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଉଚ୍ଚ ଶିକ୍ଷାରେ କେଉଁ ବିଭାଗରେ କେତେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲିପଡିଛି ତା'ର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, ଅତିଥି ଅଧ୍ୟାପକ କ୍ଷେତ୍ରରେ ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି କି, ଯଦି ପାଇଛି କେଉଁ କେଉଁ ମହାବିଦ୍ୟାଳୟ ପାଇଁ କେତେ ସଂଖ୍ୟାର ଏଭଳି ବିଜ୍ଞାପନ ପ୍ରକାଶ ପାଇଛି, ବେକାରୀ ସମସ୍ୟା ବୃଦ୍ଧି ପାଉଥିବା ବେଳେ ନୂତନ ଆଶାୟୀଙ୍କୁ ନିଯୁକ୍ତି ପାଇଁ ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଉଛି ?

----

## ପୁସ୍ତକ କ୍ରୟ ସମ୍ପର୍କରେ

**1242** **Shri Pabitra Saunta (Laxmipur):**

Will the Minister for **Higher Education** be pleased to state that:- (କ) ରାଜ୍ୟର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ପାଠପଢ଼ାର ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ କେତେ ପୁସ୍ତକ କ୍ରୟ କରାଯାଇଛି, ସେଥିପାଇଁ କେତେ ଅର୍ଥ ବ୍ୟୟ ହୋଇଛି ଏବଂ ସେଥିରୁ କେତେ ପୁସ୍ତକ ଛାତ୍ରଛାତ୍ରୀଙ୍କ ବ୍ୟବହାରରେ ଆସୁଛି ଓ ଲାଇବ୍ରେରୀରେ ପୁସ୍ତକଗୁଡ଼ିକ ଦୀର୍ଘଦିନ ଧରି ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି ଏବଂ ଏହାର ରକ୍ଷଣାବେକ୍ଷଣ ଓ ସଠିକ୍ ବ୍ୟବହାର ପାଇଁ ମହାବିଦ୍ୟାଳୟ ଓ ସରକାରଙ୍କ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ତାହାର ଗତ ୫ ବର୍ଷର ଜିଲ୍ଲାୱାରୀ ଓ ମହାବିଦ୍ୟାଳୟୱାରୀ ତଥ୍ୟ ଦେବେ କି, (ଖ) ଭବିଷ୍ୟତରେ ସରକାରୀ ଅର୍ଥରେ କ୍ରୟ କରାଯାଉଥିବା ପୁସ୍ତକଗୁଡ଼ିକ ଛାତ୍ରଛାତ୍ରୀଙ୍କ ବାସ୍ତବ ଆବଶ୍ୟକତା ଅନୁସାରେ କ୍ରୟ କରିବା ଏବଂ ସେଗୁଡ଼ିକର proper utilisation, cataloguing ଓ preservation ସୁନିଶ୍ଚିତ କରିବା ପାଇଁ ସରକାର କୌଣସି ନିରୀକ୍ଷଣ ବ୍ୟବସ୍ଥା କରିଛନ୍ତି ତାହାର ତଥ୍ୟ ପ୍ରଦାନ କରିବେ କି ?

----

## ପାଠ୍ୟ ପୁସ୍ତକରେ ତ୍ରୁଟି

1243 **Shri Pabitra Saunta (Laxmipur):**

Will the Minister for **School and Mass Education** be pleased to state that:- ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଶ୍ରେଣୀ ୧ରୁ ୮ ପର୍ଯ୍ୟନ୍ତ ପ୍ରସ୍ତୁତ ନୂତନ ପାଠ୍ୟପୁସ୍ତକରେ ୧,୬୭୮ଟି factual, grammatical, typographical ଓ conceptual error ଚିହ୍ନଟ ହେବାର କାରଣ କଣ, ଲିପି ପ୍ରସ୍ତୁତିଠାରୁ academic review, proofreading, approval ଏବଂ final printing ପର୍ଯ୍ୟନ୍ତ କେଉଁ କେଉଁ ଅଧିକାରୀ/ସଂସ୍ଥା ଦାୟିତ୍ୱରେ ଥିଲେ ଏବଂ ପ୍ରତ୍ୟେକ ସ୍ତରରେ କେଉଁ ଅଧିକାରୀ କେଉଁ ତାରିଖରେ ଅନୁମୋଦନ ଦେଇଥିଲେ, ଯେତେବେଳେ ଏହି ପୁସ୍ତକଗୁଡ଼ିକ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ବଣ୍ଟନ ହୋଇସାରିଥିଲା, ସେତେବେଳେ ପ୍ରକାଶନ ପୂର୍ବରୁ quality-control ଓ proofreading ବ୍ୟବସ୍ଥା ବିଫଳ ହେବାର କାରଣ କଣ ?

----

## ସୀମାନ୍ତ ରାଜ୍ୟରେ ଥିବା ଓଡିଆ ବିଦ୍ୟାଳୟରେ ଶିକ୍ଷାଦାନ

1244 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶାର ସୀମାନ୍ତବର୍ତ୍ତୀ ଅଂଚଳକୁ ଲାଗିଥିବା ପଡୋଶୀ ରାଜ୍ୟର ଜିଲ୍ଲାମାନଙ୍କରେ କେତେଗୋଟି ବିଦ୍ୟାଳୟରେ ଓଡ଼ିଆ ଶିକ୍ଷାଦାନ କରୁଥିବା ଶିକ୍ଷକ ନିଯୁକ୍ତି ହୋଇଛନ୍ତି, ଉପାନ୍ତ ଅଂଚଳରେ ଥିବା ପଡୋଶୀ ରାଜ୍ୟର କେତୋଟି ସ୍କୁଲ ମାନଙ୍କରେ ଓଡ଼ିଆ ଶିକ୍ଷାଦାନ କରାଯାଏ ଏବଂ ସେଇ ଶିକ୍ଷକ ମାନଙ୍କର ନିଯୁକ୍ତି ଓ ଦରମା କିଏ ଦିଅନ୍ତି, ଅଧିକାଂଶ ପଡୋଶୀ ଜିଲ୍ଲାର ସ୍କୁଲମାନଙ୍କରେ ଓଡ଼ିଆ ଛାତ୍ର ଥିଲେ ମଧ୍ୟ ଓଡ଼ିଆ ଭାଷା ବିଷୟରେ ଶିକ୍ଷା ଦାନ ହେଉ ନଥିବା ସତ୍ୟ ଅଟେ କି, ଓଡିଶା ସରକାର ଏ ପ୍ରସଙ୍ଗରେ ସମ୍ପୃକ୍ତ ରାଜ୍ୟ ମାନଙ୍କ ସହିତ ଆଲୋଚନା କରିବେ କି ?

----

## ଶିଳ୍ପ ସ୍ଥାପନ ପାଇଁ ପୁଞ୍ଜି ନିବେଶ

1245 **Shri Prasanna Acharya (Rairakhol):**

Will the Minister for **Industries** be pleased to state that:- ଗତ ୨୦୨୫ ଏବଂ ୨୦୨୬ ଦୁଇବର୍ଷ ମଧ୍ୟରେ ରାଜ୍ୟରେ କେଉଁ କେଉଁ କ୍ଷେତ୍ରରେ କେଉଁ କେଉଁ ଶିଳ୍ପ ସଂସ୍ଥା ଦ୍ୱାରା କେତେ ପରିମାଣରେ ପୁଞ୍ଜି ନିବେଶ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଅଛି ଏବଂ ଅଦ୍ୟାବଧି ସେଥିରୁ କେତେ ପରିମାଣର ପୁଞ୍ଜି କେଉଁ କେଉଁ କ୍ଷେତ୍ରରେ ବିନିଯୋଗ ହୋଇଅଛି, ତା'ର ଏକ ବିସ୍ତୃତ ବିବରଣୀ ଦେବେ କି, MOU ଅନୁସାରେ ପୁଞ୍ଜି ବିନିଯୋଗ ହୋଇ ନପାରିବାର କାରଣ କଣ ସରକାର କହିବେ କି, ଯେତିକି ପୁଞ୍ଜି ବିନିଯୋଗ ହୋଇଛି ସେଥିରେ କେଉଁ କେଉଁ କ୍ଷେତ୍ରରେ କେତେ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି, ସରକାର କହିବେ କି ?

----

## ପୁରାତନ ମନ୍ଦିରର ପୁନରୁଦ୍ଧାର

1246 **Shri Prasanna Acharya (Rairakhol):**

Will the Minister for **Odia Language, Literature & Culture** be pleased to state that:- ରାଜ୍ୟରେ ସର୍ବମୋଟ କେତୋଟି ଛୋଟ ବଡ ମନ୍ଦିର ରହିଅଛି ଏବଂ ତାହାର ରକ୍ଷଣ ବେକ୍ଷଣ ପାଇଁ ସରକାର ବାର୍ଷିକ କେତେ ଟଙ୍କା ମଞ୍ଜୁର କରନ୍ତି ଏବଂ ଗତ ଆର୍ଥିକ ବର୍ଷ ସେଥିରୁ କେତେ ଖର୍ଚ୍ଚ ହୋଇଅଛି, ମଞ୍ଜୁର ପ୍ରାପ୍ତ ଟଙ୍କା ଠିକ ସମୟରେ ଉପଯୋଗ ହୋଇ ପାରୁନଥିବା ସତ୍ୟ ଅଟେ କି, ଯଦି ହଁ ତାହାର କାରଣ କ'ଣ, ପୁରାତନ ମନ୍ଦିର ମାନଙ୍କର ପୁନରୁଦ୍ଧାର ପାଇଁ କି କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଛାତ୍ର/ଛାତ୍ରୀମାନଙ୍କୁ ବୃତ୍ତି ପ୍ରଦାନ

1247 **Shri Romancha Ranjan Biswal (Deogarh):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- ଦେବଗଡ଼ ଜିଲ୍ଲା ଅନ୍ତର୍ଗତ ତିଳେଇବଣି ବ୍ଲକର ଆବାସିକ ଉଚ୍ଚ ବିଦ୍ୟାଳୟ ସାହାଜ ବାହାଳରେ ଅଧ୍ୟୟନ କରୁଥିବା ଆଦିବାସୀ ଛାତ୍ର ଛାତ୍ରୀ ମାନଙ୍କୁ ଦୀର୍ଘ ଦୁଇ ବର୍ଷ ଛାତ୍ର ବୃତ୍ତି ପ୍ରଦାନରୁ ବଞ୍ଚିତ କରାଯାଇଅଛି ଏହା ସତ୍ୟ କି, ଯଦି ହଁ ତେବେ କଣ ପାଇଁ ତାଙ୍କୁ ସେଥିରୁ ବଞ୍ଚିତ କରାଯାଇଅଛି ତାର ତଥ୍ୟ ରଖିବେ ବେ କି ଏବଂ କେବେ ସୁଦ୍ଧା ସେ ଛାତ୍ର ଛାତ୍ରୀଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରାଯିବ ?

----

## ଇନ୍ଦିରା ଗାନ୍ଧୀ Stadium ର ଉନ୍ନତିକରଣ

1248 **Shri Romancha Ranjan Biswal (Deogarh):**

Will the Minister for **Sports & Youth Services** be pleased to state that:- ଦେବଗଡ଼ ଠାରେ ଥିବା ସର୍ବପୁରାତନ ଜିଲ୍ଲାସ୍ତରୀୟ ଇନ୍ଦିରାଗାନ୍ଧୀ stadium ର ଉନ୍ନତି କରଣ କରିବା ପାଇଁ କିଛି ଯୋଜନା ଅଛି କି? ଯଦି ନାଁ ତେବେ କେବେ ସୁଦ୍ଧା ଏହାର ଉନ୍ନତି କରଣ ପାଇଁ ଯୋଜନା କରି ଜଣାଇବେ କି ?

----

## ଉଚ୍ଚଶିକ୍ଷାରେ ନାମ ଲେଖା ଜାତୀୟହାର ଠାରୁ ଅଧିକ କରିବା

**1249 Smt. Subasini Jena (Basta):**

Will the Minister for **Higher Education** be pleased to state that:- (କ) ସର୍ବଭାରତୀୟ ଉଚ୍ଚଶିକ୍ଷା ସର୍ବେକ୍ଷଣ (AISHE) ତଥ୍ୟ ଅନୁଯାୟୀ ଜାତୀୟ ସ୍ତରରେ ଛାତ୍ରୀମାନଙ୍କ ମୋଟ ନାମଲେଖା ଅନୁପାତ (Female GER) ୩୧.୨% ଓ ଛାତ୍ରମାନଙ୍କ Ger ୨୮.୯% ଥିବାବେଳେ, ଓଡ଼ିଶାରେ Female Ger ମାତ୍ର ୨୪.୪% ଏବଂ Male GER ୨୫.୩% ରହି ଜାତୀୟ ହାରଠାରୁ ଯଥେଷ୍ଟ ପଛରେ ରହିବାର ପ୍ରମୁଖ କାରଣ ଗୁଡ଼ିକ କଣ ଅଟେ? ସମଗ୍ର ଦେଶରେ ଉଚ୍ଚଶିକ୍ଷାରେ ଛାତ୍ରୀମାନଙ୍କ ଅଂଶଗ୍ରହଣ ଛାତ୍ରମାନଙ୍କୁ ଅତିକ୍ରମ କରିଥିବା ସ୍ଥଳେ ଓଡ଼ିଶାରେ ଏହି ଲିଙ୍ଗଗତ ତାରତମ୍ୟ (Gender Gap) ବଜାୟ ରହିବା ସମ୍ପର୍କରେ ବିଭାଗ ପକ୍ଷରୁ କୌଣସି ଅଧ୍ୟୟନ ବା ସମୀକ୍ଷା କରାଯାଇଛି କି, ଏଥି ସହିତ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ Female GER ଏବଂ ଲିଙ୍ଗଗତ ସମାନତା ସୂଚକାଙ୍କ (Gender Parity Index - GPI) କେତେ ତାହାର ଏକ ଜିଲ୍ଲାୱାରୀ ବିବରଣୀ ସହିତ ସର୍ବନିମ୍ନ Female GER ଥିବା ଜିଲ୍ଲାଗୁଡ଼ିକରେ ଛାତ୍ରୀମାନଙ୍କ ନାମଲେଖା ବୃଦ୍ଧି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି, (ଖ) ରାଜ୍ୟର ଉଚ୍ଚଶିକ୍ଷାରେ ଛାତ୍ରୀମାନଙ୍କ ନାମଲେଖା ହାରକୁ ଜାତୀୟ ହାରଠାରୁ ଅଧିକ କରିବା ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର "ଓଡ଼ିଶା ମହିଳା ଉଚ୍ଚଶିକ୍ଷା ମିଶନ" କିମ୍ବା ଟାର୍ଗେଟେଡ୍ ରୋଡମ୍ୟାପ୍ (Targeted Roadmap) ପ୍ରଣୟନ କରିବା ଦିଗରେ ପଦକ୍ଷେପ ନେବେ କି ?

----

## ନୂତନ ଶିକ୍ଷକ ନିଯୁକ୍ତି

**1250 Smt. Subasini Jena (Basta):**

Will the Minister for **School and Mass Education** be pleased to state that:- (କ) ସଦ୍ୟ ପ୍ରକାଶିତ UDISE+ (୨୦୨୫-୨୬) ତଥ୍ୟ ଅନୁସାରେ ରାଜ୍ୟରେ ଏକକ-ଶିକ୍ଷକ ବିଦ୍ୟାଳୟ ସଂଖ୍ୟା ୧,୦୮୯ରୁ ପ୍ରାୟ ୩୪% ବୃଦ୍ଧି ପାଇ ୧,୪୫୮ରେ ପହଞ୍ଚିଥିବା ଏବଂ ସେଥିରେ ୫୯,୬୭୨ ଜଣ ଛାତ୍ରଛାତ୍ରୀ ପଢୁଥିବା ପରିପ୍ରେକ୍ଷୀରେ, ବସ୍ତା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବସ୍ତା ଓ ବାଲିଆପାଳ ବ୍ଲକରେ କେତୋଟି ଏକକ-ଶିକ୍ଷକ ବିଦ୍ୟାଳୟ ରହିଛି ଏବଂ ସେହି ବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସଂଖ୍ୟା କେତେ , (ଖ) ଏହିସବୁ ବିଦ୍ୟାଳୟରେ ବହୁ-ଶ୍ରେଣୀ ଶିକ୍ଷାଦାନ ବ୍ୟବସ୍ଥା ଯୋଗୁଁ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ବାଧାପ୍ରାପ୍ତ ହେଉଥିବା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି କି, ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ Teacher Rationalisation କିମ୍ବା ନୂତନ ଶିକ୍ଷକ ନିଯୁକ୍ତି ସମ୍ପର୍କରେ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପ୍ରତି ବ୍ଲକରେ ବହୁମୁଖି କ୍ରୀଡା Stadium ନିର୍ମାଣ

**1251 Shri Sudhir Ranjan Pattjoshi (Dharmgarh):**

Will the Minister for **Sports & Youth Services** be pleased to state that:- କ୍ରୀଡାର ବିକାଶ ପାଇଁ ଗତ ୫ ବର୍ଷ ମଧ୍ୟରେ ଓଡ଼ିଶା ର କେଉଁ ଜିଲ୍ଲାରେ କେତେ ଟଙ୍କା ବିନିଯୋଗ କରାଯାଇଛି ତାହାର ଆର୍ଥିକ ବର୍ଷ ୱାରୀ ତଥ୍ୟ ଦେବା ସହ, ବର୍ତ୍ତମାନ ଏହାର ସ୍ଥିତି କଣ, ରାଜ୍ୟ ରେ ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ବହୁମୁଖି କ୍ରିଡା ପ୍ରକଳ୍ପ ଓ ଷ୍ଟାଡିୟମ ର ଜିଲ୍ଲା ୱାରୀ ଅଗ୍ରଗତି କଣ, କଳାହାଣ୍ଡି ଜିଲ୍ଲାରେ ଏହାର କାର୍ଯ୍ୟକାରିତା ଓ ଧର୍ମଗଡ଼ ବହୁମୁଖି କ୍ରିଡା ପ୍ରକଳ୍ପ ଓ ଷ୍ଟାଡିୟମ ନିର୍ମାଣ ର ଅଗ୍ରଗତି ଉପରେ ବିବରଣୀ ଦେବେ କି ?

----

## ଧର୍ମଗଡ ପଞ୍ଚାୟତ ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିବା

1252 **Shri Sudhir Ranjan Pattjoshi (Dharmgarh):**

Will the Minister for **Higher Education** be pleased to state that:- କଳାହାଣ୍ଡି ଜିଲ୍ଲାର ଦ୍ୱିତୀୟ ସର୍ବପୁରାତନ ମହାବିଦ୍ୟାଳୟ ଧର୍ମଗଡ ପଞ୍ଚାୟତ ମହାବିଦ୍ୟାଳୟରେ ବର୍ତ୍ତମାନ ସୁଦ୍ଧା କୌଣସି ସ୍ନାତକୋତ୍ତର ଶ୍ରେଣୀ ଖୋଲିବା ପାଇଁ ଅନୁମତି ଦିଆଯାଇ ନାହିଁ; ଏଥିପାଇଁ ମହାବିଦ୍ୟାଳୟ ତରଫରୁ ଛଅଟି ବିଷୟ ପାଇଁ ଆବେଦନ କରାଯାଇଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା ଅନୁମତି ଦିଆ ନଯାଇ ପାତର ଅନ୍ତର କରାଯାଉଥିବା ସତ୍ୟ କି, ଓଡ଼ିଆ, History, Political Science, Botany, Chemistry ଓ Mathemetics ଧର୍ମଗଡ଼ ଉପଖଣ୍ଡରେ କୌଣସି ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶ୍ରେଣୀ ନଥିବା କାରଣରୁ ରାଜ୍ୟ ସରକାର ଏ ଦିଗରେ ଜରୁରୀ ପଦକ୍ଷେପ ଗ୍ରହଣ କରି ଅନୁମତି ଦେବେ କି ?

----

## ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା

1253 **Shri Sudarshan Haripal (Rengali):**

Will the Minister for **School and Mass Education** be pleased to state that:- ରାଜ୍ୟରେ ଗୁଣାତ୍ମକ ଶିକ୍ଷାର ବିକାଶ କ୍ଷେତ୍ରରେ ଉତ୍ତମ / ପାରଦର୍ଶିତା ପାଇଁ ପ୍ରତିବର୍ଷ ଗୁରୁ ଦିବସରେ ସରକାରଙ୍କ ଦ୍ୱାରା ସମ୍ମାନିତ ହେଉଥିବା ରାଜ୍ୟସ୍ତରୀୟ ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ/ଶିକ୍ଷୟତ୍ରୀମାନଙ୍କ ବୃତ୍ତିଗତ ଅଭିବୃଦ୍ଧି ପାଇଁ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ନିୟମ ରହିଛି କି? କୃତି ଶିକ୍ଷକ/ ଶିକ୍ଷାୟତ୍ରୀମାନଙ୍କୁ ସେମାନଙ୍କ ଉତ୍ସର୍ଗୀକୃତି ସେବା ଓ ଶ୍ରେଷ୍ଠତା ପାଇଁ ସେବା ସର୍ତ୍ତାବଳୀରେ ପଦୋନ୍ନତି କିମ୍ୱା ଅନ୍ୟ କେତେକ ରାଜ୍ୟ ଅନୁକରଣରେ ଦରମାରେ ସ୍ୱତନ୍ତ୍ର ଇନକ୍ରିମେଣ୍ଟ ଦେବାର କୌଣସି ବ୍ୟବସ୍ଥା ଅଛି କି, ଯଦି ନାହିଁ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ଏବଂ ଶିକ୍ଷକ ସମାଜକୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ସରକାର ଏହିପରି କୌଣସି ନୂତନ ନୀତି/ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ବିଚାର କରୁଛନ୍ତି କି ?

----

## ଖାଲିଥିବା ପଦବୀରେ ସ୍ଥାୟୀ ନିଯୁକ୍ତି

1254 **Shri Sudarshan Haripal (Rengali):**

Will the Minister for **Higher Education** be pleased to state that:- ସରକାର ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ, ୨୦୨୪କୁ ଆଧାରରେ ସମ୍ବଲପୁର ଜିଲ୍ଲାରେ, ବିଶେଷକରି ରେଙ୍ଗାଲିର ଗ୍ରାମାଞ୍ଚଳ କଲେଜଗୁଡ଼ିକରେ ଶିକ୍ଷକ-ଛାତ୍ର ଅନୁପାତ ୧୧:୮୦ ପରି ଅତି ଶୋଚନୀୟ ସ୍ଥିତିରେ ଅଛି, ୧୬୦୦ରୁ ଅଧିକ ଖାଲି ପଦବୀ ମଧ୍ୟରୁ କେତେଟି ସ୍ଥାୟୀ ନିଯୁକ୍ତି ଦ୍ୱାରା ପୂରଣ ହୋଇଛି ?

----

## ST & SC ଅଧିନରେ ଚାଲୁଥିବା ବିଦ୍ୟାଳୟ ଗୁଡିକରେ Hostel ସଂଖ୍ୟା ବୃଦ୍ଧି

1255 **Miss Sanjali Murmu (Bangriposi):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀ ଓ ଅନୁସୂଚିତ ଜନଜାତି ବିଭାଗ ଅଧୀନରେ ଚାଲୁଥିବା ଆଦିବାସୀ ବିଦ୍ୟାଳୟ ଓ ଛାତ୍ରଛାତ୍ରୀ ହଷ୍ଟେଲଗୁଡ଼ିକର ବିଦ୍ୟାଳୟୱାରୀ/ହଷ୍ଟେଲୱାରୀ ସମ୍ପୂର୍ଣ୍ଣ ତଥ୍ୟ, ଯଥା ବିଦ୍ୟାଳୟ/ହଷ୍ଟେଲର ନାମ ଓ ସ୍ଥାନ, ମଞ୍ଜୁରୀପ୍ରାପ୍ତ ଓ ବର୍ତ୍ତମାନ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସଂଖ୍ୟା, ମଞ୍ଜୁରୀପ୍ରାପ୍ତ ଓ କାର୍ଯ୍ୟରତ ଶିକ୍ଷକ, ୱାର୍ଡେନ୍ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସଂଖ୍ୟା ସହ ଖାଲି ପଦବୀ, ବିଦ୍ୟାଳୟ ଓ ହଷ୍ଟେଲ ଭବନର ସ୍ଥିତି, ଶ୍ରେଣୀଗୃହ, ପାନୀୟ ଜଳ, ଶୌଚାଳୟ, ବିଦ୍ୟୁତ, ରୋଷେଇଘର, ଡାଇନିଂ ହଲ୍, ଖେଳ ପଡ଼ିଆ, ପାଚେରୀ ଓ ଅନ୍ୟାନ୍ୟ ମୌଳିକ ଭିତ୍ତିଭୂମିର ଉପଲବ୍ଧତା, ଗତ ୫ ବର୍ଷରେ ବିଦ୍ୟାଳୟ ଓ ହଷ୍ଟେଲ ପାଇଁ ମଞ୍ଜୁର ଓ ଖର୍ଚ୍ଚ ହୋଇଥିବା ଅର୍ଥରାଶି, ଭିତ୍ତିଭୂମି ଓ ଅନ୍ୟାନ୍ୟ ସମସ୍ୟା ଥିବା ବିଦ୍ୟାଳୟ/ହଷ୍ଟେଲର ତାଲିକା ଏବଂ ସେଗୁଡ଼ିକର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ସହିତ ନୂତନ ଆଦିବାସୀ ବିଦ୍ୟାଳୟ ଓ ହଷ୍ଟେଲ ସ୍ଥାପନ କିମ୍ବା ବିଦ୍ୟମାନ ହଷ୍ଟେଲର ଆସନ ବୃଦ୍ଧି ପାଇଁ ସରକାରଙ୍କ କୌଣସି ପ୍ରସ୍ତାବ ଅଛି କି; ଯଦି ଅଛି, ତେବେ ତାହାର ସ୍ଥାନୱାରୀ ବିବରଣୀ ଓ କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## ସରକାରୀ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀ ଖୋଲିବା

1256 **Miss Sanjali Murmu (Bangriposi):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- ବାଙ୍ଗରିପୋଷୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସରକାରୀ ବିଦ୍ୟାଳୟଗୁଡ଼ିକରେ ବିଷୟୱାରୀ ମଞ୍ଜୁରୀପ୍ରାପ୍ତ, କାର୍ଯ୍ୟରତ ଓ ଖାଲି ଥିବା ଶିକ୍ଷକ ପଦବୀର ସଂଖ୍ୟା କେତେ ଏବଂ ତାହାର ବିଦ୍ୟାଳୟୱାରୀ ତଥ୍ୟ କ'ଣ; ଉକ୍ତ ବିଦ୍ୟାଳୟଗୁଡ଼ିକରେ ଶ୍ରେଣୀଗୃହ, ପରୀକ୍ଷାଗାର, ପୁସ୍ତକାଳୟ, କମ୍ପ୍ୟୁଟର ଲାବ୍, ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ୍, ଖେଳପଡ଼ିଆ ଓ ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମିରୁ କେଉଁ କେଉଁ ସୁବିଧାର ଅଭାବ ରହିଛି, ତାହାର ବିଦ୍ୟାଳୟୱାରୀ ତଥ୍ୟ କ'ଣ; ବାଙ୍ଗରିପୋଷୀ ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଆବଶ୍ୟକତା ଅନୁଯାୟୀ ନୂତନ ବିଦ୍ୟାଳୟ ଓ ହଷ୍ଟେଲ ଖୋଲିବା ସହ ବିଦ୍ୟମାନ ବିଦ୍ୟାଳୟଗୁଡ଼ିକୁ ଉନ୍ନତିକରଣ ପାଇଁ ସରକାରଙ୍କ ନିକଟକୁ କୌଣସି ପ୍ରସ୍ତାବ ଆସିଛି କି; ବିଶେଷତଃ ବିଦ୍ୟାଳୟଗୁଡ଼ିକରେ ଦ୍ୱାଦଶ ଶ୍ରେଣୀ ଖୋଲିବା ପାଇଁ କୌଣସି ପ୍ରସ୍ତାବ ସରକାର ପାଇଛନ୍ତି କି, ଯଦି ପାଇଛନ୍ତି ତେବେ ଏପର୍ଯ୍ୟନ୍ତ ସେ ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ଏବଂ ଉକ୍ତ ପ୍ରସ୍ତାବଗୁଡ଼ିକ କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## ଜଙ୍ଗଲ ଜମି ପଟ୍ଟା ପ୍ରଦାନ

1257 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗୁଣୁପୁର ନିର୍ବାଚନ ମଣ୍ଡଳୀରେ ଜଙ୍ଗଲ ଜମି ପଟ୍ଟାରେ 2024 ରୁ କେତେ ହିତାଧିକାରୀ ଙ୍କୁ ପଟ୍ଟା ପ୍ରଦାନ କରାଯାଇଛି ତାହାର ତଥ୍ୟ ସହ ସେହି ହିତାଧିକାରୀ ଙ୍କ ମଧ୍ୟରୁ କେତେ ଜଣଙ୍କୁ ଜାଗା ଚିହ୍ନଟ କରି ଜାଗା ଯୋଗାଇ ଦିଆଯାଇଛି ଓ କେତେ ଜଣ ଜାଗା ପାଇବାରେ ବଞ୍ଚିତ ଅଛନ୍ତି ବିବରଣୀ ଦେବେ କି ?

----

## ଖାଲିଥିବା DEO / BEO ପଦବୀ ପୂରଣ

1258 **Shri Satyajeet Gomango (Gunupur):**

Will the Minister for **School and Mass Education** be pleased to state that:- ରାଜ୍ୟରେ ଖାଲି ପଡ଼ିଥିବା DEO, ADEO, BEO, ABEO,section ଅଫିସର ଶିକ୍ଷକ ସଂଖ୍ୟା କହିବେ କି ଓ ଏହି ଗୁଡିକ କେବେ ସୁଦ୍ଧା ପୂରଣ କରିବେ, ଜିଲ୍ଲା ୱାରୀ retirement ପରେ କେତେ କର୍ମଚାରି ରେଗୁଲାର pension ନ ପାଇ ବଞ୍ଚିତ ଅଛନ୍ତି ?

----

## Mini Stadium ପାଇଁ ଅନୁଦାନ ପ୍ରଦାନ

1259 **Shri Satyajeet Gomango (Gunupur):**

Will the Minister for **Sports & Youth Services** be pleased to state that:- ରାୟଗଡା ଜିଲ୍ଲାରେ ବ୍ଲକ ୱାରୀ mini ଷ୍ଟାଡିଅମ ପାଇଁ ଆର୍ଥିକ ବର୍ଷ 2022 ରୁ ବର୍ତମାନ ସୁଦ୍ଧା କେତେ ଟଙ୍କା ଅନୁଦାନ ଦିଆ ଯାଇଛି, RD ଡ଼ିପାର୍ଟମେଣ୍ଟ ର DPR ଚିଠି 3758 ତାରିଖ 07/08/26 ର ପଦକ୍ଷେପ କଣ ନିଆଯାଇଛି, କେବେ ସୁଦ୍ଧା ରାୟଗଡା ଜିଲ୍ଲାରେ ଥିବା ସମସ୍ତ ବ୍ଲକର mini stadium ଗୁଡିକର ଭିତ୍ତିଭୂମି ସମ୍ପୂର୍ଣ ହେବ ?

----

## ଖାଲିଥିବା ଶିକ୍ଷକ ପଦବୀ

1260 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଗତ ୨ ବର୍ଷ ମଧ୍ୟରେ ରାଜ୍ୟରେ କେଉଁ ବର୍ଗର କେତେ ଜଣ ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି, ଏହାର ଏକ ଜିଲ୍ଲାୱାରୀ ଓ ବର୍ଷୱାରୀ ତାଲିକା ଦେବା ସହିତ ଏହି ସମୟ ମଧ୍ୟରେ କେଉଁ ବର୍ଗର କେତେ ଜଣ ଶିକ୍ଷକ ଅବସର ଗ୍ରହଣ କରିଛନ୍ତି ତାହାର ଏକ ବର୍ଷ ଓ ଜିଲ୍ଲାଓ୍ୱାରୀ ତାଲିକା ପ୍ରଦାନ କରିବା ସହିତ ବର୍ତ୍ତମାନ ସୁଦ୍ଧା ପ୍ରାଥମିକ, ଉଚ୍ଚପ୍ରାଥମିକ, ମାଧ୍ୟମିକ ସ୍ତରରେ କେଉଁ ଜିଲ୍ଲାରେ କେତେ ଶିକ୍ଷକ ପଦବୀ ଖାଲି ପଡିଛି ?

----

## ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ର / ଛାତ୍ରୀ

1261 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଉଚ୍ଚଶିକ୍ଷା ବିଶେଷକରି ଯୁକ୍ତ ତିନି ସ୍ତରରେ କଳା, ବାଣିଜ୍ୟ ଓ ବିଜ୍ଞାନ ବିଷୟରେ କେତୋଟି ଆସନ ରହିଛି ? ଏଥିରୁ ସରକାରୀ ମହାବିଦ୍ୟାଳୟରେ କେତୋଟି କରି ଏବଂ ଅନ୍ୟ ମହାବିଦ୍ୟାଳୟରେ କେତୋଟି କରି ଆସନ ରହିଛି, ଚଳିତ ଶିକ୍ଷାବର୍ଷରେ ଯୁକ୍ତ ତିନି ସ୍ତରରେ କେଉଁ ପାଠ୍ୟକ୍ରମରେ କେତେ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି ଓ କେତେ ଆସନ ଖାଲି ପଡିଛି ତାହାର ଏକ ଜିଲ୍ଲାୱାରୀ ଓ ବିଷୟରୀ ତାଲିକା ପ୍ରଦାନ କରିବେ କି ?

----

## ଶିଳ୍ପ ସ୍ଥାପନ ପାଇଁ ରାଜିନାମା

1262 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଗତ ଦୁଇବର୍ଷରେ କେଉଁ କେଉଁ କମ୍ପାନୀ ଓଡିଶା ସରକାରଙ୍କ ସହିତ ରାଜିନାମା କରିଛନ୍ତି ଓ ସେମାନେ କେତେ ପରିମାଣର ପୁଞ୍ଜି କେଉଁ କେଉଁ ସ୍ଥାନରେ ଖଟାଇବେ, ସରକରଙ୍କ ସହିତ ରାଜିନାମା କରିଥିବା ସଂସ୍ଥାମାନଙ୍କର ପ୍ରସ୍ତାବିତ ଶିଳ୍ପ ପ୍ରତିଷ୍ଠା ଏବେ କେଉଁ ସ୍ତରରେ ରହିଛି ଏବଂ କେବେ ସୁଦ୍ଧା ସେମାନଙ୍କ ଶିଳ୍ପ ପ୍ରତିଷ୍ଠା ସରିବ ତାହାର ଏକ ରାଜିନାମା ଓ ଶିଳ୍ପୱାରୀ ସୂଚନା ପ୍ରଦାନ କରିବେ କି ?

----

## ST/SC ସ୍କୁଲରେ ଶିକ୍ଷକ ନିଯୁକ୍ତି

1263 **ଶ୍ରୀ ଇରାସିସ ଆଚାର୍ଯ୍ୟ (ଭଟଲି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନର ସରକାର ଆସିବା ପରଠାରୁ ରାଜ୍ୟରେ କେତେ ସଂଖ୍ୟା ନୂତନ SC & ST School ଶିକ୍ଷକ ନିଯୁକ୍ତି କରାଯାଇଛି ଏବଂ Vacancy ଥିବା School ମାନଙ୍କ ଏକ ବିବରଣୀ ପ୍ରଦାନ କରିବେ କି, ଏବଂ ଆଉ କେତେ ସଂଖ୍ୟା ନିଯୁକ୍ତି ପ୍ରଦାନ କରିବେ ?

----

## ବରଗଡ ଜିଲ୍ଲାର ନୂତନ ଶିକ୍ଷକ ନିଯୁକ୍ତି

1264 **ଶ୍ରୀ ଇରାସିସ ଆଚାର୍ଯ୍ୟ (ଭଟଲି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ରାଜ୍ୟର ନୂତନ ଶିକ୍ଷକ ନିଯୁକ୍ତି ଆଉ କେତେ ହେବାର ଅଛି ଏବଂ ବରଗଡ ଜିଲ୍ଲା କେତେ ନୂତନ ଶିକ୍ଷକ ନିଯୁକ୍ତି ଦେଇଛନ୍ତି ଓ ଭଟଲି କ୍ଷେତ୍ରରେ କେତେ ସଂଖ୍ୟା ନିଯୁକ୍ତି ହୋଇଛନ୍ତି ଓ ହେବାର ଅଛି ?

----

## ରାଜ୍ୟରେ ବେକାରି ହାର

1265 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ଼):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ତିନି ବର୍ଷରେ ରାଜ୍ୟରେ ବେକାରି ହାର କେତେ ପ୍ରତିଶତ, ବର୍ଷୱାରୀ ଏହାର ତଥ୍ୟ ପ୍ରଦାନ କରିବେ କି, ବର୍ତ୍ତମାନ ରାଜ୍ୟରେ କେତେ ସଂଖ୍ୟକ ଡିଗ୍ରୀ ଓ ଡିପ୍ଲୋମା ଧାରୀ (ସାଧାରଣ ତଥା ବୈଷୟିକ ଶିକ୍ଷା) ବେକାର ଅଛନ୍ତି ଏବଂ କୌଣସି ରୋଜଗାର ପାଇବା ପାଇଁ ସକ୍ଷମ ହୋଇ ନାହାନ୍ତି, ଏମାନଙ୍କ କର୍ମ ସଂସ୍ଥାନ ଯୋଗାଇଦେବା ପାଇଁ କ'ଣ ସବୁ ପଦକ୍ଷେପ ନେଉଛନ୍ତି ?

----

## School & Mass Education ଏବଂ Higher Education କୁ ସମ୍ମନ୍ୱିତ କରିବା ପ୍ରସ୍ତାବ

1266 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ଼):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡିଶାରେ TE and SCERT କୁ NCERT ଢାଞ୍ଚାରେ କରିବା ପାଇଂ ତତ୍କାଳୀନ ସରକାର ବିଜ୍ଞାପ୍ତି ପ୍ରକାଶ କରିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ନହେବାର କାରଣ କଣ, ବର୍ତମାନ ସରକାରଙ୍କ ଏ ବିଷୟରେ କିଛି କରିବାର ପ୍ରସ୍ତାବ ଅଛି କି, ଯଦି ଅଛି କେବେ କରିବେ ଜଣାଇବା ସହ, (ଖ) ମାଧ୍ୟମିକ ଶିକ୍ଷକ ଶିକ୍ଷା ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବାରୁ ଦୁଇ ବିଭାଗ ଏ ବିଷୟରେ କି ପଦକ୍ଷେପ ନେଇଛନ୍ତି. କେନ୍ଦ୍ର ସରକାରଙ୍କ ଅଧୀନରେ CBSE BOARD ର class 10 and 12 ର academic work ମାଧ୍ୟମିକ ଶିକ୍ଷକ ଶିକ୍ଷାର ଅଧ୍ୟାପକ (B. Ed College) ମାନେ କରୁଥିବା ବେଳେ ଓଡିଶାରେ ଏହାର ବ୍ୟତିକ୍ରମ କାହିଁକି, ସରକାର ଦୁଇ ବିଭାଗକୁ (School &Mass Education and Higher Education ) କୁ ସମ୍ନନ୍ୱିତ କରିବାର କି ପ୍ରସ୍ତାବ ରହିଛି ?

----

## ଗୋଦାବରିଶ ମିଶ୍ର ପ୍ରାଥମିକ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ

1267 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ଼):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଅଦ୍ୟାବଧି କେତେଗୋଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନା କରିଛନ୍ତି ଏବଂ ସେଥି ମଧ୍ୟରୁ କେତେଗୋଟି ବିଦ୍ୟାଳୟ ପାଇଁ ଜମି ଚିହ୍ନଟ ହୋଇ କାର୍ଯ୍ୟ ଆରମ୍ଭ ହୋଇଛି, ଯେଉଁ ସବୁ ବିଦ୍ୟାଳୟର କାର୍ଯ୍ୟ ଆରମ୍ଭ ହୋଇଛି, ତାର ସବିଶେଷ ବିବରଣୀ, ସ୍ଥାନ ସହିତ ଜିଲ୍ଲାୱାରୀ ପ୍ରଦାନ କରିବେ କି, (ଖ) ୨୦୨୪-୨୫, ୨୦୨୫-୨୬ ଏବଂ ୨୦୨୬-୨୭ ଆର୍ଥିକ ବର୍ଷରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ପାଇଁ କେତେ କେତେ ଟଙ୍କାର ବଜେଟରେ ପ୍ରାବଧାନ କରାଯାଇଥିଲା ଏବଂ ସେଥି ମଧ୍ୟରୁ କେତେ କେତେ ଟଙ୍କା ଅଦ୍ୟାବଧି ଖର୍ଚ୍ଚ ହୋଇଛି, ବର୍ଷୱାରୀ ପ୍ରାବଧାନ ଏବଂ ଖର୍ଚ୍ଚ ହୋଇଥିବା ପରିମାଣର ସବିଶେଷ ତଥ୍ୟ ପ୍ରଦାନ କରିବେ କି, (ଖ) ପ୍ରସ୍ତାବିତ ୨୨୦୦ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ କେତେଗୋଟି ବିଦ୍ୟାଳୟ ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ସମାପ୍ତ ହୋଇଛି, ଏହି ସବୁ ବିଦ୍ୟାଳୟର ତାଲିକା ଜିଲ୍ଲାୱାରୀ, ବ୍ଲକ ୱାରୀ ଏବଂ ସ୍ଥାନ ବିଷୟରେ ବିଶଦ ତଥ୍ୟ ପ୍ରଦାନ କରିବେ କି ?

----

## ଆଦିବାସୀ ବିଦ୍ୟାଳୟ ଛାତ୍ରୀ ନିବାସରେ ହୋଇଥିବା ଦୁଷ୍କର୍ମ

1268 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗତ ଦୁଇ ବର୍ଷ ମଧ୍ୟରେ କୋଉ କୋଉ ଜିଲ୍ଲାର କେଉଁ ଆଦିବାସୀ ବିଦ୍ୟାଳୟ ଛାତ୍ରୀ ନିବାସରେ କେତେ ଜଣ ନାବାଳିକା ଗର୍ଭବତୀ ହୋଇଛନ୍ତି, ଏଥିପାଇଁ ଦାୟୀ କିଏ, ବର୍ତ୍ତମାନ ସୁଦ୍ଧା କେତେ ଜଣ ଅଭିଯୁକ୍ତଙ୍କ ବିରୋଧରେ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଛାତ୍ର ସଂସଦ ନିର୍ବାଚନ ବନ୍ଦ ହେବା

1269 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ କେବେ ଠାରୁ ଛାତ୍ର ସଂସଦ ନିର୍ବାଚନକୁ ରାଜ୍ୟ ସରକାର ବନ୍ଦ କରି ଦେଇଛନ୍ତି, ନିର୍ବାଚନ ବନ୍ଦ କରିବା ପଛରେ ରହସ୍ୟ କଣ, ଛାତ୍ର ସଂସଦ ନିର୍ବାଚନ ନ ହେବା କାରଣରୁ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ବାଧା ସୃଷ୍ଟି ହୋଇଥିବା ସତ୍ୟ କି, ସରକାର କେବେ ସୁଦ୍ଧା ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ନିଷ୍ପତ୍ତି ନେବେ ?

----

## ଶିଳ୍ପ ସମ୍ମିଳନୀ ଦ୍ୱାରା ଅର୍ଥ ଖର୍ଚ୍ଚ

1270 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ, ତଥା ବାହାର ରାଜ୍ୟ ଓ ଦେଶରେ କେତେ ଥର ଶିଳ୍ପ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି, ଏ ବାବଦରେ ରାଜ୍ୟ ରାଜକୋଷରୁ କେତେ ଅର୍ଥ ଖର୍ଚ୍ଚ ହୋଇଛି, ବର୍ତ୍ତମାନ ସୁଦ୍ଧା କେତେ ସଂଖ୍ୟକ ଶିଳ୍ପ ସଂସ୍ଥା ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ କେତେ ପୁଞ୍ଜି ନିବେଶ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି, ବର୍ତ୍ତମାନ ସୁଦ୍ଧା ଏହାର ସ୍ଥିତି କଣ ରହିଛି ?

----

## ଛାତ୍ରୀ ନିବାସରେ ପାନୀୟ ଜଳ ଅଭାବ

1271 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଅଧୀନସ୍ଥ ଝରଣୀ ଓଡିଶା ଆଦର୍ଶ ବିଦ୍ୟାଳୟ ର ଛାତ୍ରୀନୀବାସ ରେ ନିୟମିତ ପାନୀୟ ଜଳର ଘୋର ଅଭାବ ରହିଥିବା ଅବଗତ ଅଛନ୍ତି କି, (ଖ) ଉକ୍ତ ବିଦ୍ୟାଳୟରେ ପାନୀୟଜଳ ସଙ୍କଟ ଦୂର କରିବାପାଇଁ ଏକ ପାନୀୟଜଳ ପ୍ରକଳ୍ପ ନିର୍ମାଣ ନିମନ୍ତେ ଗ୍ରାମ୍ୟ ପାନୀୟ ଜଳଯୋଗାଣ ଓ ପରିମଳ ବିଭାଗ (RWSS Division) ବଲାଙ୍ଗିର ତରଫରୁ ୩୩.୬୧ ଲକ୍ଷ ଟଙ୍କାର ଏକ ଅଟକଳ (Estimate) ପ୍ରସ୍ତୁତ କରି ତାଙ୍କ ପତ୍ରସଂଖ୍ୟା-୯୦୦, ତା ୨୧.୦୨.୨୦୨୬ ରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (State Project Director, OAVS), ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ, ଭୁବନେଶ୍ୱର ଙ୍କୁ ପ୍ରଦାନ କରାଯାଇଥିଲେ ସୁଦ୍ଧା କେଉଁ କାରଣ ରୁ ବର୍ତମାନ ସୁଦ୍ଧା ତାହା ଅନୁମୋଦନ କରାଯାଇନାହିଁ, କିମ୍ଵା ଆବଶ୍ୟକୀୟ ଅର୍ଥ ମଂଜୁର ସକାଶେ ବିଳମ୍ବ ହେଉଛି, କେବେ ସୁଦ୍ଧା ଉକ୍ତ ପ୍ରକଳ୍ପ ନିର୍ମାଣ ପାଇଁ ଅର୍ଥ ପ୍ରଦାନ କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ ?

----

## OBC /SEBC ମାନଙ୍କ ପାଇଁ ଆବସିକ ବିଦ୍ୟାଳୟ ସ୍ଥାପନ

1272 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଅନୁସୂଚିତ ଜନଜାତି ଓ ଜାତି (ST & SC) ଛାତ୍ରଛାତ୍ରୀଙ୍କ ଆବାସିକ ବିଦ୍ୟାଳୟ ଭଳି ପଛୁଆବର୍ଗ (OBC/SEBC) ର ଛାତ୍ରଛାତ୍ରୀଙ୍କ ପାଇଁ ସତନ୍ତ୍ର ଆବାସିକ ବିଦ୍ୟାଳୟ (Residential Schools) ର ଅଭାବ ରହିଥିବା ସରକାର ଅବଗତ ଅଛନ୍ତି କି, (ଖ) ବିଶେଷକରି ଗ୍ରାମାଂଚଳ ରେ ବସବାସ କରୁଥିବା ଓ ପଛୁଆ ବର୍ଗର ଗରୀବ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଆବାସିକ ଶିକ୍ଷା ସୁଯୋଗ ଯୋଗେଇ ଦେବା ପାଇଁ ଜିଲ୍ଲା କିମ୍ଵା ବ୍ଲକ ସ୍ତରରେ ସ୍ଵତନ୍ତ୍ର OBC ଆବସିକ ବିଦ୍ୟାଳୟ ପ୍ରତିଷ୍ଠା କରି ଗୁଣାତ୍ମକ ସୁବିଧା ଯୋଗେଇ ଦେବା ନିମନ୍ତେ ସରକାରଙ୍କର କୌଣସି ଯୋଜନା ବା ପ୍ରସ୍ତାବ ଅଛି କି, ଯଦି ହଁ, ଏହି ଯୋଜନା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ଏବଂ ପ୍ରଥମ ପର୍ଯ୍ୟାୟରେ ବଲାଙ୍ଗିର ଜିଲ୍ଲା ତଥା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ସ୍ଵତନ୍ତ୍ର ପଛୁଆବର୍ଗ ଆବାସିକ ବିଦ୍ୟାଳୟ ସ୍ଥାପାନ ପାଇଁ ସରକାର ପଦକ୍ଷେପ ନେବେ କି ?

----

## Aided Government School ବିଜୁଳି ବିଲ୍ ଦେବା ବ୍ୟବସ୍ଥା

1273 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ Aided Government School ରେ ବିଜୁଳି ବିଲ୍ ମଧ୍ୟ ଦେବପାଇଁ School ରେ ଫଣ୍ଡ ନଥିବା ର ସମସ୍ୟା ଅବଗତ ଅଛନ୍ତି କି, ଉତ୍ତର ଯଦି ହଁ ହୁଏ, ତେବେ ଏହି ଦିଗରେ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଏକକ ଶିକ୍ଷକ ଥିବା ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ

1274 **Shri Kadraka Appalaswamy (Rayagada):**

Will the Minister for **School and Mass Education** be pleased to state that:- (କ) ଜିଲ୍ଲାରେ ଏକକ-ଶିକ୍ଷକ ବିଦ୍ୟାଳୟ ଓ ବିଜ୍ଞାନ, ଗଣିତ ଓ ଇଂରାଜୀ ଶିକ୍ଷକଙ୍କ କେତେ ପଦବୀ ଖାଲି ଅଛି ଏବଂ କେବେସୁଦ୍ଧା ପୂରଣ ହେବ; OTET ରେ କେତେ ଶିକ୍ଷକ ଉତ୍ତୀର୍ଣ୍ଣ ହୋଇଛନ୍ତି, କେତେ ଫେଲ ହୋଇଛନ୍ତି, (ଖ) ଗତ ୫ ଶିକ୍ଷାବର୍ଷରେ ବ୍ଲକୱାରୀ କେତେ ଛାତ୍ରଛାତ୍ରୀ ଡ୍ରପ୍‌ଆଉଟ୍ ହୋଇଛନ୍ତି ଏବଂ ଏହା ରୋକିବାକୁ କି ପଦକ୍ଷେପ ନିଆଯାଇଛି, କେତେ ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀଗୃହ, ଛାତ୍ରୀ ଶୌଚାଳୟ, ସୁରକ୍ଷିତ ପାନୀୟଜଳ,ପାଚେରୀ ଓ ବିଦ୍ୟୁତ୍ ସୁବିଧା ନାହିଁ, ଗତ ୫ ବର୍ଷରେ ଭିତ୍ତିଭୂମି ପାଇଁ ମଞ୍ଜୁର ଓ ବ୍ୟୟ ଅର୍ଥରାଶି କେତେ, ଗଚ୍ଛିତ ଅର୍ଥ କେତେ ଏବଂ ଅବଶିଷ୍ଟ ସମସ୍ୟା ସମାଧାନର ନିର୍ଦ୍ଦିଷ୍ଟ ସମୟସୀମା କ'ଣ ସରକାର ସୂଚନା ଦେବେ କି ?

----

**One time regularisation of employees completing 10 years services**

1275 **Shri Sagar Charan Das (Bhawanipatna):**

Will the Minister for **School and Mass Education** be pleased to state that:- (a) the district-wise number of MIS-cum-Planning Coordinators and Accountant-cum-Support Staff under Samagra Shiksha, including those with 10+ years' continuous service, and their present monthly remuneration; (b) whether the pay-scale provisions under Rule 45(a) of OPEPA, 1996 and Rule 45(b) of OSEPA, 2018 have been implemented for these cadres; if not, the reasons; whether Government proposes one-time regularisation of employees completing 10+ years' service, in light of applicable Government orders and judicial decisions; if so, the timeline; and the present status and expected timeline of the High-Level Committee constituted in July 2026 and the Samagra Shiksha Employees' Pay & Service Conditions Committee constituted in October 2025, and the proposed timeline for pay revision and regularisation, considering their enhanced SNA-SPARSH responsibilities ?

----

**Govt. reported the secondart dropout rate rising**

1276 **Shri Sagar Charan Das (Bhawanipatna):**

Will the Minister for **School and Mass Education** be pleased to state that:- (a|) With reference to SAQ/Question No. UD-3268 dated 13.03.2026, where Government reported the secondary dropout rate rising from 12.80% in 2023-24 to 15.0% in 2024-25, will the govt. be pleased to state- the district-wise number of Class X pass-outs in 2024-25 who did not enrol in Class XI, and how many subsequently joined ITI, Polytechnic, Diploma, Nursing, NIOS/SIOS or other courses; (b) whether Government has verified and quantified such course transitions as the reason for the rise to will the govt.

provide 15.0%; if so, will the govt. provide course-wise and district-wise figures, of the 1,54,263 secondary-level out-of-school children identified through Odisha Shiksha Survekhyan/Child Tracking Survey, the number mainstreamed and remaining out of school as on 31.08.2026; and the top three dropout reasons, with district-wise numbers affected, particularly in Kalahandi and other KBK districts ?

----

## ବିଶ୍ୱବିଦ୍ୟାଳୟରେ କୁଳ ସଚିବଙ୍କ ବିରୋଧରେ ନକାରାତ୍ମକ ଟିପ୍ପଣୀ

**1277** **Shri Sarada Prasad Nayak (Rourkela):**

Will the Minister for **Higher Education** be pleased to state that:- ଗତ ୫ ବର୍ଷ ମଧ୍ୟରେ କେଉଁ କେଉଁ ବିଶ୍ୱବିଦ୍ୟାଳୟର କୁଳସଚିବଙ୍କ ବିରୋଧରେ ନକାରାତ୍ମକ ଟିପ୍ପଣୀ/ଅଭିଯୋଗ/ ପ୍ରତିକୂଳ ରିପୋର୍ଟ ସରକାର କିମ୍ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ରହିଛି, ଉକ୍ତ ନକାରାତ୍ମକ ଟିପ୍ପଣୀ/ରିପୋର୍ଟ ମିଳିବା ପରେ କେଉଁ କୁଳସଚିବଙ୍କ ବିରୋଧରେ ତଦନ୍ତ, କାରଣଦର୍ଶାଅ ନୋଟିସ୍, ବଦଳି, ନିଲମ୍ବନ କିମ୍ବା ଅନ୍ୟାନ୍ୟ ବିଭାଗୀୟ ପଦକ୍ଷେପ ନିଆଯାଇଛି ଏବଂ କେଉଁମାନଙ୍କ ବିରୋଧରେ କୌଣସି ପଦକ୍ଷେପ ନିଆଯାଇନାହିଁ, ଯେଉଁ କ୍ଷେତ୍ରରେ ନକାରାତ୍ମକ ରିପୋର୍ଟ ଥିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ, ସେଥିରେ କାର୍ଯ୍ୟାନୁଷ୍ଠାନ ନହେବାର କାରଣ, ଏପରି ସମସ୍ତ ମାମଲାର ପୁନଃସମୀକ୍ଷା କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିଷ୍ପତ୍ତି ନେବା ପାଇଁ କେତେ ଦିନର ସମୟସୀମା ଧାର୍ଯ୍ୟ କରିବେ ?

----

## ନିୟମିତ କୁଳସଚିବ ନିଯୁକ୍ତି

**1278** **Shri Sarada Prasad Nayak (Rourkela):**

Will the Minister for **Higher Education** be pleased to state that:- (କ) ରାଜ୍ୟର କେଉଁ କେଉଁ ବିଶ୍ୱବିଦ୍ୟାଳୟରେ ବର୍ତ୍ତମାନ କାର୍ଯ୍ୟରତ କୁଳସଚିବଙ୍କ ନିଯୁକ୍ତି ତାରିଖ, ନିର୍ଦ୍ଧାରିତ କାର୍ଯ୍ୟକାଳ, କାର୍ଯ୍ୟକାଳ ଶେଷ ତାରିଖ ଏବଂ ବର୍ତ୍ତମାନ ପଦରେ ରହିଥିବା ଅବଧି ବିଶ୍ୱବିଦ୍ୟାଳୟୱାରୀ ଉପସ୍ଥାପନ କରିବେ କି, (ଖ) ଯେଉଁ କୁଳସଚିବମାନଙ୍କର ନିର୍ଦ୍ଧାରିତ କାର୍ଯ୍ୟକାଳ ଶେଷ ହୋଇସାରିଛି, ସେମାନଙ୍କୁ ଏପର୍ଯ୍ୟନ୍ତ କେଉଁ ପ୍ରଶାସନିକ / ଆଇନଗତ ବ୍ୟବସ୍ଥା ଆଧାରରେ ସେହି ପଦରେ ରଖାଯାଇଛି, କାର୍ଯ୍ୟକାଳ ଶେଷ ହୋଇଥିବା ସମସ୍ତ କୁଳସଚିବଙ୍କ ବିଷୟରେ ସରକାର କେତେ ଦିନ ମଧ୍ୟରେ ନିୟମାନୁସାରେ ବଦଳି/ ପୁନଃନିଯୁକ୍ତି/ନୂତନ ନିଯୁକ୍ତି ସମ୍ପର୍କିତ ପଦକ୍ଷେପ ଗ୍ରହଣ କରିବେ, ଏହି ସମସ୍ତ ବିଷୟରେ ସବିଶେଷ ତଥ୍ୟ ସହିତ ବିବରଣୀ ଉପସ୍ଥାପନ କରିବେ କି ?

----

## ଶିଳ୍ପ ବିକାଶ ଏବଂ ପରିବେଶ ପ୍ରଦୂଷଣ

**1279** **Shri Nilamadhab Hikaka (Bissam-cuttack):**

Will the Minister for **Industries** be pleased to state that:- J.K. ପେପର୍ ଇଣ୍ଡଷ୍ଟ୍ରୀ ଦ୍ୱାରା କି ପ୍ରଦୂଷଣ ପ୍ରତିକାର କି ପଦକ୍ଷେପ/କାର୍ଯ୍ୟ ନିଆଯାଇଛି, recent ଜଳାଶୟ ପ୍ରଦୂଷଣ ସମ୍ବନ୍ଧରେ କେଉଁ ପଦକ୍ଷେପ ନିଆଯାଇଛି, ଏହି ପ୍ରଦୂଷଣ ଫଳରେ ଗୃହପାଳିତ ପଶୁ ମୃତ୍ୟୁ ଓ ଜଳଜ ପରିବେଶ ନଷ୍ଟ କ୍ଷତିପୂରଣ ଦିଆଯାଇଛି କି ; ପ୍ରତିକାର ପାଇଁ ଆଦେଶର ପ୍ରତିଲିପି ପ୍ରଦାନ କରିବେ କି ; J.K. ପେପର ଇଣ୍ଡଷ୍ଟ୍ରୀର CSR କାର୍ଯ୍ୟକଳାପ ପିଛିଲା 6 ବର୍ଷରେ ବର୍ଷୱାରୀ CSR ବ୍ୟୟ, କାର୍ଯ୍ୟକଳାପ ଓ ପ୍ରଭାବ ସମ୍ବନ୍ଧୀୟ ସବିଶେଷ ତଥ୍ୟ ପ୍ରଦାନ କରିବେ କି ; ସତ୍ୟ କି, IMFA ପ୍ଲାଣ୍ଟ ବିସ୍ତାର ପାଇଁ ସରକାରୀ ଜମି, ଯାହା ସମୁଦାୟ ଓ ପଶୁ ଚରାଇବା ପାଇଁ ନିର୍ଦ୍ଦିଷ୍ଟ ପ୍ରଦାନ କରାଯାଇଛି, ପ୍ଲାଣ୍ଟ ବିସ୍ତାରରେ ପରିବେଶ ପ୍ରଭାବ କଣ, ସାମାଜିକ ପ୍ରଭାବ(ଗ୍ରାମବାସୀଙ୍କ ଜୀବିକା, ପଶୁପାଳନ, ଜଳାଶୟ ବ୍ୟବହାର) କଣ ; IMFA ପ୍ଲାଣ୍ଟର CSR କାର୍ଯ୍ୟକଳାପ ପିଛିଲା 3 ବର୍ଷରେ କେଉଁ କେଉଁ କ୍ଷେତ୍ରରେ(ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ଗ୍ରାମୀଣ ବିକାଶ) କରାଯାଇଛି, ସେଗୁଡିକର ପ୍ରଭାବ ଅଧ୍ୟୟନ କରାଯାଇଛି କି ସମ୍ବନ୍ଧୀୟ ସବିଶେଷ ତଥ୍ୟ ପ୍ରଦାନ କରିବେ କି?

----

## 10th Examination form fillup ବେଳେ Birth Certificate ତଦନ୍ତ କରିବା

1280 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରତ୍ୟେକ ସ୍କୁଲମାନଙ୍କରେ ତଥା CBSE କିମ୍ବା ICSE Course ପାଠ୍ୟକ୍ରମ କରୁଥିବା ପ୍ରତ୍ୟେକ ପିଲାମାନଙ୍କର Matric ପରୀକ୍ଷା ତଥା 10th Examination ନିମନ୍ତେ Form fillup ସମୟରେ ସେମାନଙ୍କର Birth Certificate ଟିକୁ ପୁନଶ୍ଚ ତନ୍ନ ତନ୍ନ କରି ପରୀକ୍ଷା କରିବାକୁ ସରକାରଙ୍କ ଠାରେ ଦୃଢ ଦାବୀ ଉପସ୍ଥାପନ କରିବେ କି ; ଫଳତଃ ବହୁ ପରୀକ୍ଷାର୍ଥୀ ସେମାନଙ୍କର ପିତାମାତାଙ୍କର ନାମକୁ ପରିବର୍ତ୍ତନ କରିବାକୁ ଚଞ୍ଚକତାର ସହ ହାତେଇବା ପିଲାମାନେ ଏଥିରୁ ବଞ୍ଚିତ ହେବେ?

----

## ଥଇଥାନ ନିଯୁକ୍ତି

1281 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟସରକାରଙ୍କର RAS-2026 ତଥା Notification No-GAD-SC-RAS-0037-2026-26212/GAD Government of Odisha, G.A. & P.G Departmentଙ୍କ ତା.18.08.2026 ରିଖଟି ବହୁ ସ୍ୱାଗତ ଯୋଗ୍ୟ ଅଟେ ; ଫଳତଃ ବହୁ ପ୍ରତିକ୍ଷିତ ଆଶାୟୀଙ୍କ ମନରେ ଚାକିରୀଟିଏ ପାଇବାର ଉଦ୍ଦିପନା ସୃଷ୍ଟି ହୋଇଛି ; ଦ୍ୱିତୀୟତଃ ବର୍ତ୍ତମାନ ପରିପ୍ରେକ୍ଷୀରେ ସରକାରୀ ଚାକିରୀଆଙ୍କୁ 7th Pay Commission ହିସାବରେ ଦରମା ମିଳୁଥିବାରୁ Distress Certificate ଟି Collector ଙ୍କ ଠାରୁ Family pension ହାରରେ ପାଇବାକୁ ପୁନଃବାଧକ ସାଜୁଛି ; ଏଣୁ ସରକାର ଏହାର Clarification ଟି Notification କରିବା ସମୟରେ ଏଥିପ୍ରତି ଗୁରୁତ୍ୱ ଦେଇ ପୂର୍ବରୁ ଥିବା ହାରକୁ ବଢାଇବା ପାଇଁ ସବୁ ମହଲରୁ ଆଶା ତଥା ଦାବୀ ହେଉଛି?

----

## କମିଟି ରିପୋର୍ଟ ସାର୍ବଜନୀନ କରିବା

1282 **ଶ୍ରୀ ପ୍ରକାଶ ସୋରେନ (ବାରିପଦା ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଗୁଡିକରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ମାନଙ୍କର ପେନସନ୍ ସଂକ୍ରାନ୍ତରେ ପୂର୍ବତନ କମିଶନର ଅଶୋକ ତ୍ରୀପାଠି କମିଟି ଦେଇଥିବା ରିପୋର୍ଟକୁ ସରକାର ସାର୍ବଜନୀନ କରିବେ କି ; (ଖ) ସୁପ୍ରିମ୍ କୋର୍ଟଙ୍କ ରାୟ 25.03.26 ରେ ଅନୁଯାୟୀ ଅଦ୍ୟାବଧି କେତୋଟି ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡିକ 1994 ଶିକ୍ଷା ଆଇନ୍ ଅନ୍ତର୍ଭୁକ୍ତ ହୋଇ ପ୍ରତ୍ୟକ୍ଷ ଅନୁଦାନ ପାଇବାକୁ ଯୋଗ୍ୟ ହୋଇଛନ୍ତି?

----

## ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ

1283 **ଶ୍ରୀ ପ୍ରକାଶ ସୋରେନ (ବାରିପଦା ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳତ ବଜେଟରେ ସରକାର ଘୋଷଣା with disability ମୁତାବକ ୬୦ ରୁ ଉର୍ଦ୍ଧ୍ୱ ସମସ୍ତ ନାଗରିକମାନଙ୍କ ମାସିକ ଭତ୍ତାମଧୁବାବୁ ପେନସନ୍ ଯୋଜନାରେ ଦିଆଯିବ ବୋଲି ପ୍ରତିଶୃତି ଅନୁସାରେ ବର୍ତ୍ତମାନ ସୁଦ୍ଧା କେତେ ଜଣ ଭତ୍ତା ପାଇବାକୁ ଆବେଦନ କରିଛନ୍ତି ଏବଂ ସରକାର କେତେ ଜଣଙ୍କୁ ଭତ୍ତା ଦେଉଛନ୍ତି, ଆଉ କେତେ ଲୋକଙ୍କୁ ଭତ୍ତା ଦେବେ ବୋଲି ସ୍ଥିର କରିଛନ୍ତି, ଏଥିପାଇଁ ବଜେଟରେ କେତେ ଅର୍ଥର ବ୍ୟବସ୍ଥା କରିଛନ୍ତି ?

----

## ଚାନ୍ଦବାଲିରେ ଶିକ୍ଷକ ପଦବୀ ପୂରଣ

1284 **Dr. Byomakesh Ray (Chandabali):**

Will the Minister for **School and Mass Education** be pleased to state that:- ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲଗୁଡ଼ିକରେ ମୋଟ କେତୋଟି ଶିକ୍ଷକ ପଦବୀ ମଞ୍ଜୁରୀପ୍ରାପ୍ତ ଅଛି ଏବଂ ସେଥିରୁ ବର୍ତ୍ତମାନ କେତୋଟି ପଦବୀରେ ଶିକ୍ଷକ କାର୍ଯ୍ୟରତ ଅଛନ୍ତି ଓ କେତୋଟି ପଦବୀ ଖାଲି ଅଛି, ଉକ୍ତ ନିର୍ବାଚନମଣ୍ଡଳୀରେ ମାତ୍ର ୧ ଜଣ କିମ୍ବା ୨ ଜଣ ଶିକ୍ଷକଙ୍କ ଦ୍ୱାରା ଚାଲୁଥିବା ବିଦ୍ୟାଳୟଗୁଡ଼ିକର ବିଦ୍ୟାଳୟୱାରୀ ତାଲିକା, ଛାତ୍ରଛାତ୍ରୀ ସଂଖ୍ୟା, ମଞ୍ଜୁରୀପ୍ରାପ୍ତ ପଦବୀ ଓ ବର୍ତ୍ତମାନ କାର୍ଯ୍ୟରତ ଶିକ୍ଷକଙ୍କ ସଂଖ୍ୟା ପ୍ରଦାନ କରିବେ କି, ଶିକ୍ଷକ ଅଭାବ ଥିବା ଏହି ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ବ୍ୟାହତ ନହେବା ପାଇଁ ବିଭାଗ ପକ୍ଷରୁ କୌଣସି ଅସ୍ଥାୟୀ କିମ୍ବା ବିକଳ୍ପ ବ୍ୟବସ୍ଥା କରାଯାଇଛି କି, ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ଖାଲି ଥିବା ସମସ୍ତ ଶିକ୍ଷକ ପଦବୀକୁ କେବେ ସୁଦ୍ଧା ପୂରଣ କରାଯିବ, ଏଥିପାଇଁ ବିଭାଗ ପକ୍ଷରୁ କୌଣସି ସମୟସୀମା ଧାର୍ଯ୍ୟ କରାଯାଇଛି କି, ଶିକ୍ଷକ-ଛାତ୍ର ଅନୁପାତ ବଜାୟ ରଖିବା ସହିତ ଚାନ୍ଦବାଲି ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ପାଇଁ ସରକାର କେବେ ସୁଦ୍ଧା ପଦକ୍ଷେପ ନେବେ ?

----

## Sports Mentorଙ୍କ ଅଭାବ ପୂରଣ

1285 **Dr. Byomakesh Ray (Chandabali)ଃ**

Will the Minister for **Sports & Youth Services** be pleased to state thatଃ- ରାଜ୍ୟରେ ବର୍ତ୍ତମାନ କେତୋଟି B.P.Ed. ଓ M.P.Ed. କଲେଜ/ଶିକ୍ଷାନୁଷ୍ଠାନ କାର୍ଯ୍ୟକ୍ଷମ ଅଛି ଏବଂ ସେଗୁଡ଼ିକରେ ମୋଟ କେତେଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି, ରାଜ୍ୟରେ B.P.Ed. ଓ M.P.Ed. କୋର୍ସ ନୂତନ ଭାବେ ଅନ୍ୟ କୌଣସି ସ୍ଥାନରେ ଖୋଲାଯାଇ ନଥିବାରୁ କେତେ ବର୍ଷ ହେଲା ଏବଂ ଏହାର କାରଣ କ'ଣ, ରାଜ୍ୟରେ ପର୍ଯ୍ୟାପ୍ତ B.P.Ed. ଓ M.P.Ed. ଶିକ୍ଷାନୁଷ୍ଠାନ ନଥିବା କାରଣରୁ ଓଡ଼ିଶାର କେତେ ଛାତ୍ରଛାତ୍ରୀ ପ୍ରତିବର୍ଷ ଅନ୍ୟ ରାଜ୍ୟକୁ ଯାଇ ଏହି କୋର୍ସ କରୁଛନ୍ତି, ଏ ସମ୍ପର୍କରେ ସରକାରଙ୍କ ପାଖରେ କୌଣସି ତଥ୍ୟ ଅଛି କି, ରାଜ୍ୟରେ B.P.Ed. ଓ M.P.Ed. କୋର୍ସର ଆବଶ୍ୟକତା ଏବଂ କ୍ରୀଡ଼ା ଶିକ୍ଷକ, Sports Instructor ଓ Sports Mentorଙ୍କ ଚାହିଦାକୁ ଦୃଷ୍ଟିରେ ରଖି ନୂତନ ଶିକ୍ଷାନୁଷ୍ଠାନ/କୋର୍ସ ଖୋଲିବା ପାଇଁ କୌଣସି ପ୍ରସ୍ତାବ ଅଛି କି?

----

## ପରିଚାଳନା କମିଟି ଦ୍ୱାରା ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତି

1286 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଥିବା (୪୮୮ ଓ ୬୬୨ ବର୍ଗ) ମହାବିଦ୍ୟାଳୟ ମାନଙ୍କର ୦୧/୦୬/୨୦୦୮ ରୁ ୩୧/୧୨/୨୦୨୫ ମସିହା ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ସରକାର କେବେ ଅନୁଦାନ ପରିସରଭୁକ୍ତ କରିବେ, ୦୧/୦୬/୨୦୦୮ ରୁ ୩୧/୧୨/୨୦୨୫ ମସିହା ମଧ୍ୟରେ କେତେ ସଂଖ୍ୟକ ଅଧ୍ୟାପକ ଓ କର୍ମଚାରୀ ଅଛନ୍ତି ତାର ଏକ ସବିଶେଷ ତାଲିକା ପ୍ରଦାନ କରିବେ କି, ରାଜ୍ୟରେ ଥିବା ବିଭିନ୍ନ (୪୮୮ ଓ ୬୬୨ ବର୍ଗ) ମହାବିଦ୍ୟାଳୟ ମାନଙ୍କର ୦୧/୦୬/୨୦୦୮ ରୁ ୩୧/୧୨/୨୦୨୫ ମସିହା ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀମାନଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ ନିମନ୍ତେ 05/03/2026 ତାରିଖରେ ବିଭାଗର ଉଚ୍ଚସ୍ତରୀୟ କମିଟି ସହ ଉକ୍ତ ସଂଘରୁ ବୈଠକ ଅନୁଷ୍ଠିତ ହୋଇଥିଲା କି, ଯଦି ହଁ, ତେବେ ଏପର୍ଯ୍ୟନ୍ତ ସେମାନଙ୍କ ସମସ୍ୟାର ସମାଧାନ ହୋଇପାରିନଥିବାର କାରଣ କଣ ଏବଂ କେବେ ଏହାର ସମାଧାନ ହେବ ଜଣାଇବେ କି ?

----

## ଆଦାନୀ ଗ୍ରୁପ ସହ ବୁଝାମଣା ପତ୍ର

1287 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Adani Group of Industries ସହିତ ରାଜ୍ୟ ସରକାରଙ୍କର କେଉଁ କେଉଁ ପ୍ରକଳ୍ପ ପାଇଁ ବୁଝାମଣା ପତ୍ର / ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି ?

----

## ପୁରୀ ନିର୍ବାଚନମଣ୍ଡଳୀରେ ଖାଲିଥିବା ଶିକ୍ଷକ ପଦବୀ

1288 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପୁରୀ ଜିଲ୍ଲାରେ ଗତ ୩ ବର୍ଷ ଭିତରେ ସମୁଦାୟ କେତେଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ସ୍ଥାୟୀ ନିଯୁକ୍ତି ପାଇଛନ୍ତି, ସମୁଦାୟ କେତେଜଣ ବଦଳି ହୋଇଛନ୍ତି ଏବଂ କେଉଁ ନ ନିର୍ବାଚନମଣ୍ଡଳୀରୁ କେଉଁ ନିର୍ବାଚନମଣ୍ଡଳୀକୁ ହୋଇଛନ୍ତି ସଂପୂର୍ଣ୍ଣ ତଥ୍ୟ ରଖିବେ କି ଓ ପୁରୀ ନିର୍ବାଚନମଣ୍ଡଳୀରେ ସମୁଦାୟ ମଂଜୁରପ୍ରାପ୍ତ ପଦବୀ କେତେ ଅଛି ଓ ଖାଲି ପଦବୀ କେତେ ଅଛି?

----

## ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଚାଳିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା

1289 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଚାଳିତ ମହାବିଦ୍ୟାଳୟ ଏକ ପୁରାତନ ମହାବିଦ୍ୟାଳୟ ଯେଉଁଠାରେ ରାଜ୍ୟ ଏବଂ ଦେଶରେ ବଡ ବଡ ପଦରେ ଥିବା ବ୍ୟକ୍ତି ଶିକ୍ଷାଲାଭ କରିଆସିଛନ୍ତି ଏବଂ ଆଗାମୀ ଭବିଷ୍ୟତରେ ବଡ ବଡ ପଦବୀରେ ଉପସ୍ଥାପିତ ମଧ୍ୟ ହେବାର ଯୋଗ୍ୟତା ରଖିଛନ୍ତି ଏହି ମହାବିଦ୍ୟାଳୟକୁ ଆଗାମୀ ପିଢୀ ପାଇଁ ସରକାର ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ ବିଚାର କରିବେକି?

----

## ଅଣଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ GIA ଅନୁଦାନ ପ୍ରଦାନ

1290 **ଶ୍ରୀମତୀ ବର୍ଷା ସିଂହ ବରିହା (ପଦ୍ମପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 01.06.2004 ରୁ 01.06.2014 ମଧ୍ୟରେ ଅନୁଦାନ ଓ ଅଣଅନୁଦାନପ୍ରାପ୍ତ କଲେଜରେ ଓଡିଶାର ଅଧ୍ୟାପକ ଓ କର୍ମଚାରୀମାନଙ୍କୁ GIA ତଥା ଅନୁଦାନ ପ୍ରଦାନ ନିମନ୍ତେ ସରକାର କଣ କଣ ପଦକ୍ଷେପ ନେଇଛନ୍ତି, ଯଦି ପଦକ୍ଷେପ ଗ୍ରହଣ କରାଯାଇଛି ତାହାହଲେ ଉପରୋକ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ କେତେ ଶିଘ୍ର ସରକାର GIA ଅନୁଦାନ ପ୍ରଦାନ କରିବେ?

----

## ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି

1291 **ଶ୍ରୀମତୀ ବର୍ଷା ସିଂହ ବରିହା (ପଦ୍ମପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- GIA 2010 ଅନୁଯାୟୀ ସମଗ୍ର ଓଡିଶାରେ ଯୋଗ୍ୟ ବିବେଚିତ ମହାବିଦ୍ୟାଳୟମାନଙ୍କୁ ଅନୁଦାନ ପ୍ରଦାନ ଓ ନୂତନ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ଓ ଅବସର ନେଇଥିବା କିମ୍ବା ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନଙ୍କୁ ଉଚ୍ଚନ୍ୟାୟାଳୟ ଓଡିଶାଙ୍କ ନିର୍ଦ୍ଦେଶ ଅନୁସାରେ ଚାକିରୀ ସର୍ତ୍ତାବଳୀ ପେନସନ ଓ ଅବସରକାଳୀନ ସୁବିଧା ପ୍ରଦାନ କରିବେକି, ନୂତନ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଗୁଡିକରେ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି ଏବଂ ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବେ କି ଏବଂ ଗ୍ରେଡ ପେ ରେ ଥିବା ଅସଙ୍ଗତ ଦୂରୀକରଣ ଓ ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୫ଟି ନ୍ୟାସନାଲ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ କରିବେକି ଏବଂ ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡିକର ସରକାରୀକରଣ ଏବଂ ନୂତନ ପେନସନ ପରିବର୍ତ୍ତେ ପୁରୁଣା ପେନସନ ସ୍କିମର ପୁନଃ ପ୍ରଚଳନ କରିବେକି?

----

### Community Forest Resources claims under FRA

1292 **ଶ୍ରୀ ପଦ୍ମ ଚରଣ ହାଇବ୍ରୁ (କରଞ୍ଜିଆ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- How many Community Forest Resources(CFR) claims under FRA have been field and how many titles have been distributed in Odisha till the end of August 2026, will the Government provide district, tahasil and villagewise details in respect of the claims approved by the DLCs and titles distributed indicating the extent of area of CFR titles in acres (Revenue & Reserve forests separately) ?

----

### Forest Village /Un Surveyed Habitation

1293 **ଶ୍ରୀ ପଦ୍ମ ଚରଣ ହାଇବ୍ରୁ (କରଞ୍ଜିଆ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) How many forest villages /Un Surveyed habitations have been identified in Odisha, as per Section 3 (a) of FRA, 2006 and how many such habitations have been converted into revenue villages till the end of July 2026; Indicate details with Names & Date of that notifications; (b) Is it a fact that the processes of conversion of such forest villages / un-surveyed habitations into revenue villages particularly in Khorda, Nayagada,Gajapati, Rayagada, Deogarh, Bolangir, Kalahandi Mayourbhanj are pending for a long time due to the non Co-operation of officials concerned; Indicate the time line by which those would be converted into revenue villages ?

----

## ମହିଳା ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା

1294 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମୟୂରଭଞ୍ଜ ଜିଲ୍ଲା- Rairangpur Mahila-Mahavidyalaya କେବେ ସୁଦ୍ଧା ସରକାରୀ ମାନ୍ୟତା ପାଇବ ଏବଂ ଏହି Mahila-Mahavidyalayaରେ P.G. Seat କେବେ ସୁଦ୍ଧା ଖୋଲିବ ?

----

## ଅନୁଗୋଳ ସରକାରୀ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ

1295 **ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ (ଅନୁଗୁଳ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅନୁଗୋଳ ସରକାରୀ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ବାରମ୍ବାର ଦାବୀ ହୋଇ ଆସୁଛି , ଏହା ବିଶ୍ୱବିଦ୍ୟାଳୟରେ କରିବା ଦିଗରେ ସରକାର କଣ ପଦକ୍ଷେପ ନେଇଛନ୍ତି ?

----

## ସରକାରୀ ମହିଳା ମହାବିଦ୍ୟାଳୟ କରିଥିବା ଅଧ୍ୟାପକ ପଦବୀ ପୂରଣ

1296 **ଶ୍ରୀ ସରୋଜ କୁମାର ପାଢି (ଆସ୍କା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନିରଞ୍ଜ ସରକାରୀ ମହିଳା ମହାବିଦ୍ୟାଳୟ, ଆସିକା ଓ ବିଜ୍ଞାନ ମହାବିଦ୍ୟାଳୟ ଆସିକାର ଖାଲିପଡ଼ିଥିବା ଅଧ୍ୟାପକ ଓ ଅଧ୍ୟାପିକା ପଦବୀଗୁଡ଼ିକ କେତେ ଦିନ ମଧ୍ୟରେ ପୂରଣ କରିବେ, ଏହି ପଦବୀ ପୂରଣ ସକାଶେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ତାହାର ନିର୍ଦ୍ଧିଷ୍ଟ ଉତ୍ତର ରଖିବେ କି ?

----

## ସିଧାଳିଆ ଓ ସୁନାରୀ ଟୋଲା ଠାରେ ହାଇସ୍କୁଲ ଖୋଲିବା

1297 **ଶ୍ରୀ ସରୋଜ କୁମାର ପାଢି (ଆସ୍କା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆସିକା ବିଧାନସବା ଅନ୍ତର୍ଗତ କବିସୂର୍ଯ୍ୟନଗର ବ୍ଲକର ସିଧାଳିଆ ଓ ସୁନାରୀ ଟୋଲା ପଞ୍ଚାୟତରେ ହାଇସ୍କୁଲ ନାହିଁ, ଏହା ସରକାରଙ୍କ ନଜରରେ ଅଛି କି; ସରକାର କି ନିୟମ ପ୍ରକାରେ ପ୍ରତି ପଞ୍ଚାୟତରେ ଗୋଟିଏ ହାଇସ୍କୁଲ ସ୍ଥାପିତ ହେବାର ନିର୍ଦ୍ଦେଶନାମା ଅଛି; ଏଣୁ ସରକାର କେତେ ଦିନ ମଧ୍ୟରେ ସୁନାରୀ ଟୋଲା ଓ ସିଧାଳିଆ ପଞ୍ଚାୟତରେ ହାଇସ୍କୁଲ (୯ମ ଓ ୧୦ମ ଶ୍ରେଣୀ) ଖୋଲିବେ ?

----

## ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳରେ ଅଭାବ ଅସୁବିଧା

1298 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସରାକରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯାହା ପଞ୍ଚାୟତରେ ହେବାର ଥିଲା ତାହାର ବର୍ତ୍ତମାନର ସ୍ଥିତି କଣ; କେଉଁ କେଉଁ ଜିଲ୍ଲାର କେଉଁ ବ୍ଲକର କେଉଁ ପଞ୍ଚାୟତରେ ଜମିର ଅଭାବ ଅଛି, କେଉଁଠାରେ ବିଦ୍ୟାଳୟ ଚାଲୁଅଛି, ତିଆରି ହେଉଅଛି ତାହାର ଏକ ତାଲିକା ଦେବେ କି ?

----

## କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଗ୍ରାମକୁ ଆଦର୍ଶ ଗ୍ରାମ ମାନ୍ୟତା

1299 **ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ (ଭଞ୍ଜନଗର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମ ଗ୍ରାମ କୁଳାଡକୁ (ଭଞ୍ଜନଗର ବ୍ଲକ ଅନ୍ତର୍ଗତ) ଆଦର୍ଶ ଗ୍ରାମର ମାନ୍ୟତା ପ୍ରଦାନ କରି ସମସ୍ତ ବ୍ୟବସ୍ଥା କରିବେ କି ?

----

## ଖାଲପଡିଥିବା ଅଧ୍ୟାପକ ପଦବୀ ପୂରଣ

1300 **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ନୀଳଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଔପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (+୨ କଲେଜ)ରେ ତର୍କଶାସ୍ତ୍ର (Logic), ଅର୍ଥଶାସ୍ତ୍ର (Economics), ଇତିହାସ (History) ଏବଂ ରାଜନୀତି ବିଜ୍ଞାନ (Political Science) ଭଳି ମୁଖ୍ୟ ବିଷୟଗୁଡ଼ିକରେ ଦୀର୍ଘଦିନ ହେବ ଅଧ୍ୟାପକ/ଅଧ୍ୟାପିକା ପଦବୀ ଖାଲି ପଡ଼ିଥିବା ଯୋଗୁଁ ପାଠପଢ଼ାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଥିବା ସରକାର ଅବଗତ ଅଛନ୍ତି କି, ଯଦି ହଁ, ଏହା ଉପରେ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି, ଉକ୍ତ ଖାଲିଥିବା ଅଧ୍ୟାପକ ପଦବୀ ଗୁଡ଼ିକରେ କେବେ ସୁଦ୍ଧା ସ୍ଥାୟୀ କିମ୍ବା ଅସ୍ଥାୟୀ/ଅତିଥି ଅଧ୍ୟାପକ ନିଯୁକ୍ତି ଦିଆଯିବ ?

----

## ଶିକ୍ଷକମାନଙ୍କୁ ଅନ୍ୟ କାର୍ଯ୍ୟରେ ନିୟୋଜନ

1301 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶାର ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ସେମାନଙ୍କର ଶିକ୍ଷକତା ବ୍ୟତୀୟ ଆଉ କେଉଁ କେଉଁ କାର୍ଯ୍ୟରେ ନିୟୋଜିତ କରାଯାଉଛି ଏହାଦ୍ୱାରା ଶିକ୍ଷକ ମାନେ ସେମାନେ ଶିକ୍ଷକତାକୁ ଠିକରୂପେ ଧ୍ୟାନ ଦେଇପାରୁନାହାଁନ୍ତି ଯାହାଫଳରେ ଶିକ୍ଷାର ମାନ ଧିରେ ଧିରେ କମିଯାଉଛି ଏଥିପାଇଁ କି କି ପଦକ୍ଷେପ ନେଇଛନ୍ତି ଅନ୍ୟ କର୍ମଚାରିମାନେ ସେମାନେ କେବଳେ ନିଜନିଜ କାମକରୁଥିବା ବେଳେ ଶିକ୍ଷକମାନଙ୍କୁ କାହିଁକି ଏତେ ସବୁ କାର୍ଯ୍ୟରେ ନିୟୋଜିତ କରାଯାଉଛି ?

----

## Deputation ବାତିଲ ପାଇଁ ପଦକ୍ଷେପ

1302 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାରୁ କେତେଜଣ ଶିକ୍ଷକ ଅନ୍ୟଜିଲ୍ଲାକୁ Deputation ରେ ଯାଇଛନ୍ତି Deputation ବାତିଲ କରାଯିବ କି ଯଦି ନକରାଯାଏ ସେହି ଶିକ୍ଷକ ମାନଙ୍କୁ ବଦଳରେ କଳାହାଣ୍ଡି ଜିଲ୍ଲାକୁ ନିଯୁକ୍ତି ଦେବେ କି ସେହିପରି ଲର୍ଲ୍ଲା ନିର୍ବାଚନ ମଣ୍ଡଳୀରୁ କେତେଜଣ ଶିକ୍ଷକ ଅନ୍ୟ ବ୍ଲକକୁ Deputation ରେ ଯାଇଛନ୍ତି ଶିକ୍ଷକଙ୍କ ନାମ ପ୍ରଦନ କରିବେ କି ?

----

## କୃଷ୍ଣପ୍ରସାଦ ବ୍ଲକସ୍ତରୀୟ ଷ୍ଟାଡିୟମର ସ୍ଥିତି

1303 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକସ୍ତରୀୟ ଷ୍ଟାଡିୟମର ବର୍ତ୍ତମାନର ସ୍ଥିତି କଣ, କେବେ ସୁଦ୍ଧା କାମ ଆରମ୍ଭ ହେବ ଜଣାଇବା ସହ ଜମି ଚିହ୍ନଟ ପରେ ଏତେ ବିଳମ୍ବ ହେବାର କାରଣ କଣ, କେଉଁ ଅଧିକାରୀଙ୍କ ନିକଟରେ ଅଧିକ ସମୟ ଧରି କାମ Pending ରହିଛି, ସରକାର ତାର ତଥ୍ୟ ସମ୍ପୂର୍ଣ୍ଣ ପ୍ରଦାନ କରିବେ କି ?

----

## DDRS ଯୋଜନା ସମ୍ପର୍କରେ

1304 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ସର୍ବମୋଟ କେତେଗୋଟି ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର (DDRC) ଚାଲୁରହିଛି, ରାଜ୍ୟ ସରକାରଙ୍କ ଅନୁଦାନ ପ୍ରାପ୍ତ କେତୋଟି Dist. Disability Rehabilitation Centre ଚାଲୁ ରହିଛି, ସେହି ଜିଲ୍ଲାଗୁଡ଼ିକର ନାମ କ'ଣ; କେନ୍ଦ୍ର ସରକାରଙ୍କ DDRS Scheme ଅଧୀନରେ କେତୋଟି DDRC ଚାଲୁ ରହିଛି ଓ ଏହାର ପରିଚାଳନା ଭାର କେଉଁ ସଂସ୍ଥା କରୁଛି; କେନ୍ଦ୍ର ସରକାରଙ୍କ Deen Dayal Rehabilitation Scheme (DDRS) ଅଧୀନରେ ଚାଲୁଥିବା DDRC ଗୁଡ଼ିକୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଉଭୟଙ୍କ 2022 ମସିହାଠାରୁ କେଉଁ ବର୍ଷ କେତେ କେତେ ଟଙ୍କା କେଉଁ କେଉଁ ବାବଦକୁ ଅନୁଦାନ ଦେଇଛନ୍ତି? ଉଭୟ (Sanction Letter and Utilisation Certificate) ପ୍ରଦାନ କରି ଓ ରାଜ୍ୟ ସ୍ରକାର କେନ୍ଦ୍ର ସରକାରଙ୍କ DDRS Scheme ଅଧୀନରେ ଚାଲୁଥିବା DDRC ଗୁଡ଼ିକୁ ନିଜ ହାତକୁ ନେବା ପାଇଁ କ'ଣ ବ୍ୟବସ୍ଥା ରହିଛି ?

----

## ଜୀବିକା ମିଶନ ସମ୍ପର୍କରେ

1305 **ଶ୍ରୀ ଛବି ମଲିକ (ନିଆଳି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ସରକାର ୨୦୨୬-୨୭ ଆର୍ଥିକ ବର୍ଷରୁ ୬୦ ମାସ ପାଇଁ ୧୨,୯୯୫ କୋଟିର ମୋଟ ବ୍ୟୟବରାଦ ସହିତ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ ୨.୦ କାର୍ଯ୍ୟକାରୀ କରିବାକୁ ଅନୁମୋଦନ କରିଛନ୍ତି କି; ଯଦି ହଁ, ତେବେ ଏହି ମିଶନର ଆରମ୍ଭ ତାରିଖ, ବର୍ତ୍ତମାନର କାର୍ଯ୍ୟାନ୍ୱୟନ ପ୍ରଗତି ଏବଂ ଏଥିପାଇଁ ପାଣ୍ଠି ଅନୁମୋଦନ ଓ ଆବଣ୍ଟନ ସ୍ଥିତି, (ଖ) ୩୫୦୦ କୋଟି ବ୍ୟୟରେ କାର୍ଯ୍ୟକାରୀ ହୋଇଥିବା ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ ପର୍ଯ୍ୟାୟ-୧ର ତୃତୀୟ-ପକ୍ଷ ସଂସ୍ଥା ଦ୍ୱାରା ମୂଲ୍ୟାଙ୍କନ ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ ହୋଇଛି କି; ଯଦି ହଁ, ତେବେ ଉକ୍ତ ମୂଲ୍ୟାଙ୍କନ ରିପୋର୍ଟର ସ୍ଥିତି କ'ଣ ଏବଂ ଯଦି ନୁହେଁ, ତେବେ ରିପୋର୍ଟ ଦାଖଲ ପାଇଁ ଧାର୍ଯ୍ୟ ସମୟସୀମା ଧାର୍ଯ୍ୟ କରିବେ କି, ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ ୧.୦ ଅଧୀନରେ ITDAଗୁଡ଼ିକରେ କାର୍ଯ୍ୟରତ ପ୍ରକଳ୍ପ ପରିଚାଳକ (PM) ଓ ବିଷୟ ବିଶେଷଜ୍ଞ (SMS)ମାନଙ୍କର ସେବା ନିରନ୍ତରତା ସମ୍ପର୍କରେ ସରକାରଙ୍କ ନିକଟରେ କୌଣସି ଅଭିଯୋଗ/ ପ୍ରତିନିଧିତ୍ୱ ଦାଖଲ ହୋଇଛି କି; ଯଦି ହଁ, ତେବେ ଏହାର ସ୍ଥିତି କ'ଣ ଏବଂ MMJJM ୨.୦ ଅଧୀନରେ ବର୍ତ୍ତମାନ କାର୍ଯ୍ୟରତ PM ଓ SMSମାନଙ୍କ ସ୍ଥାନରେ NGO ନିୟୋଜନ କରିବାର ପ୍ରଶାସନିକ କାରଣ କ'ଣ, OLM, NHM ଓ ICDS ଭଳି ସରକାରୀ କାର୍ଯ୍ୟକ୍ରମରେ ପ୍ରଚଳିତ ବ୍ୟବସ୍ଥା ଅନୁରୂପ MMJJM ୨.୦ ଅଧୀନରେ କାର୍ଯ୍ୟରତ PM ଓ Smsମାନଙ୍କର ସେବା ନିରନ୍ତରତା ଓ ଚାକିରି ସୁରକ୍ଷା ପାଇଁ ସରକାର ବିଚାର କରୁଛନ୍ତି କି; ଯଦି ହଁ, ତେବେ ବିବରଣୀ କ'ଣ ଏବଂ ଯଦି ନୁହେଁ, ତେବେ କାରଣ କ'ଣ ?

----

## IDCO ମାଧ୍ୟମରେ କମ୍ପାନୀ ପ୍ରତିଷ୍ଠା ନିମନ୍ତେ ଜମି ବଣ୍ଟନ କରାଯିବା ସମ୍ପର୍କରେ

1306 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗଂଜାମ ଜିଲ୍ଲାରେ Odisha Industrial Infrastructure Development Corporation (IDCO) ମାଧ୍ୟମରେ କେଉଁ କେଉଁ କମ୍ପାନୀ ପ୍ରତିଷ୍ଠା ପାଇଁ ଜମି ବଣ୍ଟନ କରାଯାଇଛି ; ଏହାର ନାମ, ମୌଜା, ପ୍ଲଟ ନମ୍ବର, ଜମିର ପରିମାଣ ଓ ଲିଜ୍ ତାରିଖ ସହିତ ତାଲିକା ପ୍ରଦାନ କରାଯିବ କି ; ଉକ୍ତ ଜମିମାନଙ୍କ ମଧ୍ୟରେ କେଉଁ କେଉଁ ଲିଜଧାରୀ କମ୍ପାନୀ ଜମି ବଣ୍ଟନ ପାଇବା ପରେ ନିର୍ଦ୍ଧାରିତ ସମୟ ସୀମାରେ ଶିଳ୍ପ ପ୍ରତିଷ୍ଠା କରିନାହାନ୍ତି ଓ ଜମିକୁ ଅବ୍ୟବହୃତ ଭାବେ ପକାଇ ରଖିଛନ୍ତ?

----

## ଜମି ଅବ୍ୟବହୃତ ରଖିଥିବା ଲିଜଧାରୀଙ୍କ ବିରୋଧରେ IDCO ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବା ସମ୍ପର୍କରେ

1307 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜମି ଅବ୍ୟବହୃତ ରଖିଥିବା ଲିଜ୍ ଧାରୀଙ୍କ ବିରୋଧରେ IDCO କିମ୍ବା ସରକାରଙ୍କ ପକ୍ଷରୁ କେଉଁ ପଦକ୍ଷେପ (Show cause, cancellation of lease, Resumption of Land ଇତ୍ୟାଦି) ଗ୍ରହଣ କରାଯାଇଛି ; ଅବ୍ୟବହୃତ ଜମିକୁ ଫେରାଇ ଆଣି ଅନ୍ୟ ଶିଳ୍ପ/ସାର୍ବଜନୀନ କାର୍ଯ୍ୟରେ ବ୍ୟବହାର ପାଇଁ ସରକାରଙ୍କ ପାଖରେ କୌଣସି ନୀତି ବା ବ୍ୟବସ୍ଥା ରହିଛି କି ; ଯଦି ରହିଛି, ତାହାର ବିସ୍ତୃତ ବିବରଣୀ ପ୍ରଦାନ କରାଯିବ କି ; ଗଂଜାମ ଜିଲ୍ଲାରେ ଅବ୍ୟବହୃତ ଜମିର ସମୁଦାୟ ପରିମାଣ କେତେ ଏବଂ ଏହାକୁ ପୁନବ୍ୟବହାର ପାଇଁ ସରକାର କେଉଁ ପଦକ୍ଷେପ ନେବାକୁ ଯୋଜନା କରୁଛନ୍ତି?

----

**HHP Five Private Ltd. କମ୍ପାନୀରେ ବାର୍ଷିକ CSR Fund କାର୍ଯ୍ୟକାରୀ କରିବା ସମ୍ପର୍କରେ**

1308 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ HHP Five Private Ltd. କମ୍ପାନୀର ଜମି ଅଧିଗ୍ରହଣ ସମୟରେ ପୁଞ୍ଜି ନିବେଶକୁ ନେଇ କିଭଳି ଚୁକ୍ତିନାମା ହୋଇଛି ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ କେତେ କୋଟି ଟଙ୍କାର ପୁଞ୍ଜି ନିବେଶିତ କରାଯାଇଛି ; କେବେ ସୁଦ୍ଧା ଉକ୍ତ କମ୍ପାନୀ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମରେ ଆସିବେ ; ଉକ୍ତ କମ୍ପାନୀ ସ୍ଥାପିତ ହେବାରେ ସ୍ଥାନୀୟ କେତୋଟି ଏବଂ କେଉଁ କେଉଁ କ୍ଷୁଦ୍ର ସଂସ୍ଥାମାନଙ୍କୁ ଅଗ୍ରାଧିକାର ଦିଆଯାଇଛି ; ଏହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ; ଉକ୍ତ କମ୍ପାନୀ କାର୍ଯ୍ୟ ଆରମ୍ଭ କରିବାର ଆଜି ପର୍ଯ୍ୟନ୍ତ ବାର୍ଷିକ CSR Fund କେତେ ଏବଂ କେଉଁ କେଉଁ କାର୍ଯ୍ୟରେ ବିନିଯୋଗ କରାଯାଇଛି ଏହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି?

----

**Avaada Greentz Pvt Ltd. ରେ ପୁଞ୍ଜି ନିବେଶ ନିମନ୍ତେ CSR Fund କାର୍ଯ୍ୟକାରୀ କରିବା ସମ୍ପର୍କରେ**

1309 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ Avaada Greentz Pvt Ltd. କମ୍ପାନୀର ଜମି ଅଧିଗ୍ରହଣ ସମୟରେ ପୁଞ୍ଜି ନିବେଶକୁ ନେଇ କିଭଳି ଚୁକ୍ତିନାମା ହୋଇଛି ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ କେତେ କୋଟି ଟଙ୍କାର ପୁଞ୍ଜି ନିବେଶିତ କରାଯାଇଛି ; କେବେ ସୁଦ୍ଧା ଉକ୍ତ କମ୍ପାନୀ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମରେ ଆସିବ ; ଉକ୍ତ କମ୍ପାନୀ ସ୍ଥାପିତ ହେବାରେ ସ୍ଥାନୀୟ କେତୋଟି ଏବଂ କେଉଁ କେଉଁ କ୍ଷୁଦ୍ର ସଂସ୍ଥାମାନଙ୍କୁ ଅଗ୍ରାଧିକାର ଦିଆଯାଇଛି ଏହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ; ଉକ୍ତ କମ୍ପାନୀ କାର୍ଯ୍ୟ ଆରମ୍ଭ କରିବା ଠାରୁ ଆଜି ପର୍ଯ୍ୟନ୍ତ ବାର୍ଷିକ CSR Fund କେତେ ଏବଂ କେଉଁ କେଉଁ କାର୍ଯ୍ୟରେ ବିନିଯୋଗ କରାଯାଇଛି ଏହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି?

----

**Mahadhan Agritech Limited (Deepak Fertilizers) ପୁଞ୍ଜି ନିବେଶ ନିମନ୍ତେ CSR Fund କୁ କାର୍ଯ୍ୟକାରୀ କରାଯିବା ସମ୍ପର୍କରେ**

1310 **ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ Mahadhan Agritech Limited (Deepak Fertilizers) କମ୍ପାନୀର ଜମି ଅଧିଗ୍ରହଣ ସମୟରେ ପୁଞ୍ଜି ନିବେଶକୁ ନେଇ କିଭଳି ଚୁକ୍ତିନାମା ହୋଇଛି ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ କେତେ କୋଟି ଟଙ୍କାର ପୁଞ୍ଜି ନିବେଶିତ କରାଯାଇଛି ; କେବେ ସୁଦ୍ଧା ଉକ୍ତ କମ୍ପାନୀ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମରେ ଆସିବ ; ଉକ୍ତ କମ୍ପାନୀ ସ୍ଥାପିତ ହେବାରେ ସ୍ଥାନୀୟ କେତୋଟି ଏବଂ କେଉଁ କେଉଁ କ୍ଷୁଦ୍ର ସଂସ୍ଥାମାନଙ୍କୁ ଅଗ୍ରାଧିକାର ଦିଆଯାଇଛି ଏହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ; ଉକ୍ତ କମ୍ପାନୀ କାର୍ଯ୍ୟ ଆରମ୍ଭ କରିବା ଠାରୁ ଆଜି ପର୍ଯ୍ୟନ୍ତ ବାର୍ଷିକ CSR Fund କେତେ ଏବଂ କେଉଁ କେଉଁ କାର୍ଯ୍ୟରେ ବିନିଯୋଗ କରାଯାଇଛି ଏହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି?

----

**Rectification of Record**

1311 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The official date of birth and date of demise of Odishas first woman legislator and freedom fighter Sarala Devi, as recorded in official State archives records; (b) The reasons for not inscribing her date of birth and demise on the plaque of her statue unveiled at Lok Seva Bhawan on 9th August; and the steps taken by the Government to verify and rectify the plaque by inscribing the correct date of birth, 19th August 1904, and the date of demise, so as to avoid public confusion and ensure accuracy in the official memorial?

----

**Guest Faculty working in OUTR**

1312 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The number of Contractual and Guest Faculty working at OUTR; their tenure and terms of engagement, and the policy regarding their continuation following recent regular recruitment; (b) The prescribed norms for remuneration and allotment of residential quarters and the reasons for variations among faculty of the same cadre; and the steps taken to address their service conditions, designation and long-term engagement?

----

**Admission under RTE Quota**

1313 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The school-wise number of students admitted under the mandatory 25% RTE quota in private schools of Cuttack district during the last three years, along with the total sanctioned RTE seats in each school; (b) The School-wise reimbursement amount released by the Government during 2024-25 and 2025-26; and the school-wise number of complaints received regarding denial of RTE admission and the action taken against such schools?

----

**Dedicated counter for Senior Citizen**

1314 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The total number of offices/institutions required to provide dedicated counters/desks or separate queues for Senior citizens under the applicable guidelines, and the number that have implemented the provision; (b) The number of offices where such facilities have not yet been implemented, along with the reasons for non-implementation; and the steps and timeline fixed by the Government to ensure implementation in all remaining offices?

----

**Nos of MOU signed under Make in Odisha**

1315 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The year-wise number of MOUs signed by the Government under Make in Odisha/Utkarsh Odisha since the first Make in Odisha conclave, along with the date of signing, investor/company, proposed investment and sector; (b) The MOU-wise status of implementation, indicating the date on which work commenced on the ground, present stage of implementation and investment made so far; and the number of MOUs which have not commenced ground-level work, along with the reasons for delay and the timeline fixed for commencement?

----

**Self Financing ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଂଖ୍ୟା**

1316 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଓଡିଶାରେ ସବୁ Self Financing ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (+2) ରୁ କେତୋଟିରେ ନିଜର ଭିତ୍ତିଭୂମି (କୋଠା) ଅଛି ଓ କେତୋଟିର ନାହିଁ ତାଲିକା ପ୍ରଦାନ କରିବେ କି ; ସରକାର ନିୟମାବଳୀ ଅନୁସାରେ ଆଠ ବର୍ଷ ଭିତରେ ନିଜସ୍ୱ ଭିତ୍ତିଭୂମି କରିବା କଥା, ନିୟମ ଉଲଙ୍ଘନକାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଜଣାଇବେ କି ; ଏବଂ ରାୟଗଡା ଜିଲ୍ଲାର ସରକାର ଅନୁଦାନପ୍ରାପ୍ତ (10+2) ଅନୁଷ୍ଠାନ ଗୁଡିକର ଭିତ୍ତିଭୂମି ପାଇଁ ସରକାର 2024-25 ରୁ କଣ ପଦକ୍ଷେପ ନେଇଛନ୍ତି ବ୍ଲକୱାରୀ କହିବେ କି?

----

## ନୂତନ ନିଯୁକ୍ତି ପାଇଁ ପଦକ୍ଷେପ

1317 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର)ः**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- Grant-in-aid ଶିକ୍ଷା ଅନୁଷ୍ଠାନ ଗୁଡିକରେ, ଶିକ୍ଷକ, Clerk ବା ଯେକୌଣସି ଷ୍ଟାଫ retire ହୋଇଗଲା ପରେ ନୂତନ ନିଯୁକ୍ତି ପାଇଁ NEP 2020 ଅନୁସାରେ ସରକାର କଣ ପଦକ୍ଷେପ ନେଇଛନ୍ତି ; 194 unaided ସ୍କୁଲଗୁଡିକ 20/25 ବର୍ଷ କାର୍ଯ୍ୟ କରିସାରିବା ପରେ ବି କୌଣସି ସହାୟତା ପାଉନାହାନ୍ତି, ଏଥିପ୍ରତି ସରକାର କଣ ପଦକ୍ଷେପ ନେଇଛନ୍ତି ; New GIA ପାଉଥିବା 2004 ପୂର୍ବର ଖୋଲିଥିବା ଅନୁଷ୍ଠାନ ଗୁଡିକରେ କର୍ମଚାରୀ ଅବସର ଗ୍ରହଣ କରିବା ପରେ ସେମାନେ କୌଣସି pension ପାଉନାହାନ୍ତି ସେଥିପାଇଁ ସରକାର କଣ ପଦକ୍ଷେପ ନେଇଛନ୍ତି?

----

## PET ସ୍କୁଲର ସଂଖ୍ୟା

1318 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର)ः**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ କେତୋଟି PET ସ୍କୁଲ ଅଛି ଏବଂ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷା ଅନୁଷ୍ଠାନରେ କ୍ରୀଡା ପାଇଁ ସ୍ପେସିଆଲ subject ରଖିବା ପାଇଁ କଣ ପଦକ୍ଷେପ ନେଇଛନ୍ତି କି ଓ ଏହି ନୀତିରେ ପ୍ରତ୍ୟେକ ବିଦ୍ୟାଳୟରେ ଗୋଟେ ଗୋଟେ PET ଶିକ୍ଷକ ନିୟୋଜିତ କରିବା ପାଇଁ ସରକାରଙ୍କ କିଛି ପଦକ୍ଷେପ ନେଇଛନ୍ତି କି?

----

## ଆବାସିକ ହଷ୍ଟେଲରେ ରହି ପାଠ ପଢିବା ପାଇଁ ପଦକ୍ଷେପ

1319 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର)ः**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାୟଗଡା ଜିଲ୍ଲାରେ SC ଓ Minorities ଛାତ୍ରଛାତ୍ରୀଙ୍କ ପାଇଁ ଆବାସିକ ହଷ୍ଟେଲରେ ରହି ପାଠ ପଢିବା ପାଇଁ କଣ ପଦକ୍ଷେପ ନେଇଛନ୍ତି ଏବଂ ଜିଲ୍ଲାରେ ଆଦିବାସୀ ଛାତ୍ରୀ ଆବାସିକ ହଷ୍ଟେଲର ସୁବିଧା ସହ ଛାତ୍ରଙ୍କ ଆବାସିକ ହଷ୍ଟେଲ ମଧ୍ୟ ଆବଶ୍ୟକ ରହିଛି ସେଥିପାଇଁ କଣ ପଦକ୍ଷେପ ନେଇଛନ୍ତି?

----

## ଏଗାରଟି କଲେଜକୁ ସରକାରୀ ମାନ୍ୟତା

1320 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ସରକାରଙ୍କ ସମୟରେ Tribal sub plan area ରେ 11ଟି କଲେଜକୁ ସରକାରୀ ମାନ୍ୟତା ପାଇଁ ନିଷ୍ପତ୍ତି ନେଇଥିଲେ ମଧ୍ୟ ଏଯାଏଁ ଏହି ଏଗାରଟି କଲେଜର କୌଣସି ସମ୍ପୂର୍ଣ୍ଣ ସରକାରୀ ମାନ୍ୟତା ପାଇଁ କାର୍ଯ୍ୟ ଗ୍ରହଣ କରାଯାଇନାହିଁ ; ଏଣୁ ସରକାର କଣ ପଦକ୍ଷେପ ନେଇଛନ୍ତି ଏହି ଏଗାର ଗୋଟି କଲେଜ ବିଷୟରେ?

----

## ଭତ୍ତା ପାଇଁ ଆବେଦନକାରୀଙ୍କ ସଂଖ୍ୟା

1321 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୟୁରଭଞ୍ଜ ଜିଲ୍ଲାରେ ବିଭିନ୍ନ ସାମାଜିକ ସୁରକ୍ଷା ଭତ୍ତା ପାଇଁ ଆବେଦନ କରି ଅପେକ୍ଷାରତ ଥିବା ହିତାଧିକାରୀଙ୍କ ସଂଖ୍ୟା କେତେ ; ତନ୍ମଧ୍ୟରୁ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ କେତେ ଜଣ ଅନଲାଇନ୍/ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଭତ୍ତା ପାଉଛନ୍ତି ; ସେମାନଙ୍କ ଆକାଉଣ୍ଟକୁ ପ୍ରତିମାସ କେଉଁ ତାରିଖରେ ଭତ୍ତା ଜମା କରାଯାଉଛି ; ଭତ୍ତା ପ୍ରଦାନରେ ବିଳମ୍ବ ହେବାର କାରଣ କଣ ଏବଂ ଅପେକ୍ଷାରତ ଯୋଗ୍ୟ ହିତାଧିକାରୀଙ୍କୁ କେବେ ସୁଦ୍ଧା ଭତ୍ତା ପ୍ରଦାନ କରାଯିବ ; ଏଥିସହିତ ଭତ୍ତା ପ୍ରଦାନରେ ହେଉଥିବା ବିଳମ୍ବର ସମାଧାନ ପାଇଁ ସରକାର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିଛନ୍ତି କି ଏବଂ ଭବିଷ୍ୟତରେ ପ୍ରତିମାସ ନିର୍ଦ୍ଦିଷ୍ଟ ସମୟରେ ହିତାଧିକାରୀଙ୍କ ଆକାଉଣ୍ଟକୁ ଭତ୍ତା ଜମା ହେବା ସୁନିଶ୍ଚିତ କରିବାକୁ ସରକାର କଣ ପଦକ୍ଷେପ ନେବେ?

----

## ବକେୟା ଥିବା ଆବେଦନ ସଂଖ୍ୟା

1322 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍ଗିରିପୋଷି ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ସାମାଜିକ ସୁରକ୍ଷା ପେନସନ୍ ଯୋଜନା ଓ ଜାତୀୟ ପରିବାର ମଙ୍ଗଳ ଯୋଜନା (NFBS) ଅଧିନରେ ବର୍ତ୍ତମାନ ସୁଦ୍ଧା କେତେଜଣ ହିତାଧିକାରୀ ଲାଭ ପାଉଛନ୍ତି ; ମଂଜୁରୀ ପାଇଁ କେତେଗୋଟି ପେନସନ୍ ଓ NFBS ଆବେଦନ ବକେୟା ରହିଛି ଏବଂ ଉକ୍ତ ବକେୟା ଆବେଦନଗୁଡ଼ିକର ଶୀଘ୍ର ଯାଞ୍ଚ, ମଂଜୁରୀ ଓ ନିଷ୍ପତ୍ତି ପାଇଁ ବିଭାଗ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ କେବେ ସୁଦ୍ଧା ଏହାର ନିଷ୍ପତ୍ତି କରାଯିବ?

----

## ଯୋଜନାୱାରୀ ଅର୍ଥରାଶିର ପରିମାଣ

1323 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମୟୁରଭଞ୍ଜ ଜିଲ୍ଲାରେ ଆଦିବାସୀ ଓ ଅନୁସୂଚିତ ଜନଜାତିଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ, ଜୀବିକା, ଦକ୍ଷତା ବିକାଶ ଓ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ଆଦିବାସୀ ଓ ଅନୁସୂଚିତ ଜନଜାତି ବିଭାଗ ପକ୍ଷରୁ ଗତ 5 ବର୍ଷରେ କେଉଁ କେଉଁ ଯୋଜନା ଓ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି ; ଯୋଜନାୱାରୀ ଓ ବ୍ଲକୱାରୀ ମଂଜୁରୀପ୍ରାପ୍ତ ଅର୍ଥରାଶି, ଖର୍ଚ୍ଚ ଅର୍ଥରାଶି ଓ ଲାଭାନ୍ୱିତ ହିତାଧିକାରୀଙ୍କ ସଂଖ୍ୟା କେତେ ; ଏଥି ସହିତ ଜିଲ୍ଲାର ଆଦିବାସୀ ବିଦ୍ୟାଳୟ, ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ, ST ଛାତ୍ରଛାତ୍ରୀ ହଷ୍ଟେଲ, ଆଶ୍ରମ ବିଦ୍ୟାଳୟ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନର ବିଦ୍ୟାଳୟୱାରୀ ସମ୍ପୂର୍ଣ୍ଣ ତଥ୍ୟ, ଛାତ୍ରଛାତ୍ରୀଙ୍କ ସଂଖ୍ୟା, ଶିକ୍ଷକ ଓ କର୍ମଚାରୀଙ୍କ ମଂଜୁରୀପ୍ରାପ୍ତ, କାର୍ଯ୍ୟରତ ଓ ଖାଲି ପଦବୀ, ଭିତ୍ତିଭୂମିର ସ୍ଥିତି ଏବଂ ଆବଶ୍ୟକତା ଅନୁଯାୟୀ ନୂତନ ବିଦ୍ୟାଳୟ/ହଷ୍ଟେଲ ସ୍ଥାପନ ପାଇଁ ସରକାରଙ୍କ କଣ ପଦକ୍ଷେପ ରହିଛି?

----

## ଆଦିବାସୀ ଉନ୍ନୟନ ବିଭାଗ ଅଧିନରେ ଥିବା ବିଦ୍ୟାଳୟ ସଂଖ୍ୟା

1324 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ମୟୁରଭଞ୍ଜ ଜିଲ୍ଲାରେ ଆଦିବାସୀ ଉନ୍ନୟନ ବିଭାଗ ଅଧିନରେ ମୋଟ କେତୋଟି UP, ME ଓ Secondary ବିଦ୍ୟାଳୟ ରହିଛି ; ସେଥିମଧ୍ୟରୁ ବ୍ଲକୱାରୀ ଭାବେ କେତୋଟି ବିଦ୍ୟାଳୟରେ ଲୋ-କଷ୍ଟ ହଷ୍ଟେଲ ରହିଛି ଏବଂ କେତୋଟି ହଷ୍ଟେଲରେ SHG ମାଧ୍ୟମରେ ଗ୍ରୋସରୀ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ଯୋଗାଣ କରାଯାଉଛି ; ଅବଶିଷ୍ଟ ହଷ୍ଟେଲଗୁଡିକୁ SHG ସହିତ 100% ଟ୍ୟାଗ୍ କରିବା ପାଇ ସରକାର କି ପଦକ୍ଷେପ ନେଉଛନ୍ତି ଏବଂ ଚାନ୍ଦୁଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ସାମଗ୍ରୀ ଯୋଗାଣ କରୁଥିବା SHGର ନବୀକରଣ ଏପର୍ଯ୍ୟନ୍ତ ହୋଇନଥିବାର କାରଣ କଣ ଏବଂ ଉକ୍ତ SHGର ନବୀକରଣ ଶୀଘ୍ର କରିବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି?

----

## ଶିକ୍ଷକ ଓ ଅଣଶିକ୍ଷକ ପଦବୀର ସମ୍ପୂର୍ଣ୍ଣ ତଥ୍ୟ

1325 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ଥିବା ପ୍ରତ୍ୟେକ ମହାବିଦ୍ୟାଳୟର ନାମ ଅନୁଯାୟୀ ଶିକ୍ଷକ(Teaching) ଓ ଅଣଶିକ୍ଷକ (Non-teaching) ପଦବୀର ସମ୍ପୂର୍ଣ୍ଣ ତଥ୍ୟ ଅନୁମୋଦିତ (sanctioned) ପଦବୀ ସଂଖ୍ୟା, କାର୍ଯ୍ୟରତ କର୍ମଚାରୀ ସଂଖ୍ୟା ଏବଂ ଖାଲିପଦବୀ ସଂଖ୍ୟା ପୃଥକ ଭାବେ ପ୍ରଦାନ କରିବେ କି ; ଏଥିସହ ଖାଲିଥିବା ପଦବୀଗୁଡିକ ପୂରଣ ପାଇଁ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କଣ ପଦକ୍ଷେପ ନିଆଯାଇଛି ; ନିଯୁକ୍ତି ପ୍ରକ୍ରିୟା କେଉଁ ପର୍ଯ୍ୟାୟରେ ଅଛି ଏବଂ ସମସ୍ତ ଖାଲି ପଦବୀ କେବେ ସୁଦ୍ଧା ପୂରଣ କରାଯିବ?

----

## ଆନ୍ତଃଜିଲ୍ଲା ପାରସ୍ପରିକ ବଦଳି ଆବେଦନ ମଂଜୁର

1326 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବଦଳି ନିର୍ଦ୍ଦେଶାବଳୀ (Transfer Guideline) ପତ୍ର ସଂଖ୍ୟା-13468/S&ME, ତା.14.05.2025 ର ଦଫା ନଂ.2(L) ରେ ଉଲ୍ଲେଖ ଥିବା "ସମଗ୍ର ଚାକିରି କାଳ ମଧ୍ୟରେ କେବଳ ଥରେ" ବ୍ୟବସ୍ଥାର ବ୍ୟାଖ୍ୟା ତଥା ପ୍ରୟୋଗ କ୍ଷେତ୍ରରେ ବିଭିନ୍ନ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ମଧ୍ୟରେ ଅସମାନତା ରହିଥିବା ବିଷୟ ସରକାରଙ୍କ ଦୃଷ୍ଟିଗୋଚର ହୋଇଛି କି ; ଯଦି ହଁ, ତେବେ ସମାନ ସ୍ଥିତି ଥାଇ କେତେକ ଜିଲ୍ଲାରେ ଆନ୍ତଃଜିଲ୍ଲା ପାରସ୍ପରିକ ବଦଳି (Inter-District Mutual Transfer) ଆବେଦନ ମଂଜୁର ହେଉଥିବା ବେଳେ ଅନ୍ୟ ଜିଲ୍ଲାଗୁଡିକରେ ଏହାକୁ ପ୍ରତ୍ୟାଖ୍ୟାନ କରାଯିବାର କାରଣ କଣ ; (ଖ) ଦୁଇଜଣ ଯୋଗ୍ୟ ଶିକ୍ଷକଙ୍କ ପାରସ୍ପରିକ ସମ୍ମତି, ସମାନ ବିଷୟ/ କ୍ୟାଡର, ମଂଜୁରୀପ୍ରାପ୍ତ ପଦବୀର ଉପଲବ୍ଧତା ତଥା ଶିକ୍ଷାଦାନ ବ୍ୟବସ୍ଥା ଅକ୍ଷୁର୍ଣ୍ଣ ରହିବା ଭଳି ସମସ୍ତ ସର୍ତ୍ତ ପୂରଣ ହେଉଥିଲେ ଏପରି ବଦଳିକୁ ଚାକିରି କାଳ ମଧ୍ୟରେ ଏକରୁ ଅଧିକ ଥର ଅନୁମତି ଦେବା ନିମନ୍ତେ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି?

----

## ଅନୁଦାନରୁ ବଞ୍ଚିତ ଉଚ୍ଚ ବିଦ୍ୟାଳୟର ମୋଟ ସଂଖ୍ୟା

1327 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- 2014 ମସିହାଠାରୁ 2026 ସେପ୍ଟେମ୍ବର ମାସ ସୁଦ୍ଧା ସମଗ୍ର ରାଜ୍ୟରେ ଯୋଗ୍ୟ ବିବେଚିତ ହୋଇ ମଧ୍ୟ ଅନୁଦାନରୁ ବଞ୍ଚିତ ଥିବା ଉଚ୍ଚ ବିଦ୍ୟାଳୟ ଗୁଡିକର ମୋଟ ସଂଖ୍ୟା କେତେ ; ତାହାର ଏକ ଜିଲ୍ଲାୱାରୀ ବିଦ୍ୟାଳୟଗୁଡିକର ନାମ ତାଲିକା ସହ ଏକ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ; ଏଥି ସହିତ ଉକ୍ତ ସମସ୍ତ ଯୋଗ୍ୟ ତଥା ଅନୁଦାନ ବଞ୍ଚିତ ଉଚ୍ଚ ବିଦ୍ୟାଳୟଗୁଡିକୁ ଯଥାଶୀଘ୍ର ସରକାରୀ ଅନୁଦାନ ପ୍ରଦାନ କରିବା ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିବେ କି?

----

## ଯୋଗ୍ୟ ବିବେଚିତ କଳାକାରଙ୍କ ସଂଖ୍ୟା

1328 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ଗତ ଦୁଇ ବର୍ଷ ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ କଳାକାର ଭତ୍ତା ପାଇବା ନିମନ୍ତେ କେତେଜଣ କଳାକାରଙ୍କୁ ଯୋଗ୍ୟ ବିବେଚିତ କରାଯାଇଛି ଏବଂ କେତେଗୋଟି ଦରଖାସ୍ତ ବର୍ତ୍ତମାନ ସୁଦ୍ଧା ବିଚାରାଧୀନ ରହିଛି ତାହାର ବ୍ଲକୱାରୀ ଓ ବର୍ଷୱାରୀ ସମ୍ପୂର୍ଣ୍ଣ ତଥ୍ୟ ସରକାର ପ୍ରଦାନ କରିବେ କି ; ଏଥି ସହିତ ଯୋଗ୍ୟ ବିବେଚିତ ହୋଇଥିବା କଳାକାରମାନଙ୍କ ମଧ୍ୟରୁ କେତେଜଣଙ୍କୁ ଇତି ମଧ୍ୟରେ କଳାକାର ଭତ୍ତା ପ୍ରଦାନ କରାଯାଇଛି ; କେତେଜଣଙ୍କୁ ଭତ୍ତା ପ୍ରଦାନ ବାକି ରହିଛି ଏବଂ ବିଚାରାଧୀନ ଦରଖାସ୍ତ ଗୁଡିକର ଭତ୍ତା ପ୍ରଦାନ ପାଇଁ ସରକାର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିଛନ୍ତି କି ; ଯଦି କରିଛନ୍ତି, ତେବେ ସେହି ସମୟସୀମା କେତେ?

----

## ପାଠାଗାର ଗୁଡିକର ସଂଖ୍ୟା

1329 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଚଳିତ 2026-27 ଆର୍ଥିକ ବର୍ଷରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିମନ୍ତେ ଅନୁମୋଦିତ ମୋଟ 614.97 କୋଟି ଟଙ୍କାର ବଜେଟ୍ ମଧ୍ୟରୁ ଓଡିଆ ଭାଷାର ପ୍ରଚାର ପ୍ରସାର, ଛାତ୍ରଛାତ୍ରୀଙ୍କ ମଧ୍ୟରେ ପଠନ ଅଭ୍ୟାସ ବୃଦ୍ଧି, ପାଠାଗାର/ଗ୍ରନ୍ଥାଗାର ଉନ୍ନୟନ, ଡିଜିଟାଲ ଲାଇବ୍ରେରୀ ଏବଂ ଓଡିଆ ଇ-କଣ୍ଟେଣ୍ଟ(e-content) ବିକାଶ ପାଇଁ ଶୀର୍ଷକଓ୍ୱାରୀ କେତେ ଅର୍ଥ ବରାଦ କରାଯାଇଛି ଏବଂ ଚଳିତ ସେପ୍ଟେମ୍ବର ମାସ ସୁଦ୍ଧା ସେଥିରୁ କେତେ ଟଙ୍କା ବ୍ୟୟ ହୋଇଛି ; ଏଥିସହିତ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଥିବା ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ପାଠାଗାର ଗୁଡିକର ଜିଲ୍ଲାଭିତ୍ତିକ ସଂଖ୍ୟା, ଉପଲବ୍ଧ ପୁସ୍ତକ ତାଲିକା, ଡିଜିଟାଲ ସୁବିଧା, ଦୈନିକ ପାଠକ ସଂଖ୍ୟା ଏବଂ ଛାତ୍ରଛାତ୍ରୀଙ୍କ ଉପଯୋଗିତା ହାର ସମ୍ପର୍କୀତ ବିସ୍ତୃତ ତଥ୍ୟ ପ୍ରଦାନ କରିବେ କି ; (ଖ) ବାଲେଶ୍ୱର ଜିଲ୍ଲା, ବିଶେଷ କରି ବସ୍ତା ଓ ବାଲିଆପାଳ ବ୍ଲକ ଅଧିନରେ ଥିବା ବିଦ୍ୟାଳୟ ତଥା ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ପାଇଁ ଆଧୁନିକ "ଓଡିଆ ଭାଷା ଓ ଡିଜିଟାଲ ସାହିତ୍ୟ ସମ୍ବଳ କେନ୍ଦ୍ର" (Odia Language & Digital Literature Resource Centre) କିମ୍ବା ଡିଜିଟାଲ ପାଠାଗାର ସ୍ଥାପନ କରିବା ନିମନ୍ତେ ସରକାରଙ୍କର କୌଣସି ପ୍ରସ୍ତାବ ବା ଯୋଜନା ରହିଛି କି?

----

## ଖେଲୋ ଇଣ୍ଡିଆ ଖୋ-ଖୋ ସେଣ୍ଟରର ସ୍ଥିତି

1330 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ମ୍ୟୁନିସିପାଲ୍ ସରକାରୀ ହାଇସ୍କୁଲରେ ଅନୁମୋଦିତ ଖେଲୋ ଇଣ୍ଡିଆ ଖୋ-ଖୋ ସେଣ୍ଟରର ବର୍ତ୍ତମାନର ସ୍ଥିତି କଣ ରହିଛି ; ଏଠାରେ ନିଯୁକ୍ତ ପ୍ରଶିକ୍ଷକ, କ୍ରୀଡା ଉପକରଣ ତଥା ନାମ ଲେଖାଇଥିବା ପ୍ରଶିକ୍ଷାର୍ଥୀଙ୍କ ସଂଖ୍ୟା କେତେ ; ବିଗତ 3 ବର୍ଷ ମଧ୍ୟରେ ଏହି କେନ୍ଦ୍ରରୁ ପ୍ରଶିକ୍ଷିତ ହୋଇ କେତେଜଣ କ୍ରୀଡାବିତ୍ ରାଜ୍ୟ ତଥା ଜାତୀୟ ସ୍ତରରେ ସଫଳତା ହାସଲ କରିଛନ୍ତି ; (ଖ) ବାଲେଶ୍ୱର ଜିଲ୍ଲାର କ୍ରୀଡା ପ୍ରତିଭାଙ୍କ ବିକାଶ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ବାଲେଶ୍ୱର ଠାରେ ଏକ ଅତ୍ୟାଧୁନିକ ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ସରକାରଙ୍କ କୌଣସି ପ୍ରସ୍ତାବ ବିଚାରଧୀନ ରହିଛି କି ; ଯଦି ହଁ , ଏ ଦିଗରେ କଣ ପଦକ୍ଷେପ ନିଆଯାଉଛି?

----

## ଓଡିଆ ଭାଷାରେ ସରକାରୀ କାର୍ଯ୍ୟ

1331 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଆ ଭାଷାରେ ସମସ୍ତ ସରକାରୀ କାର୍ଯ୍ୟ କରିବା ପାଇଁ ସୀମାନ୍ତ ଜିଲ୍ଲାଗୁଡିକରେ ଓଡିଆ ଭାଷାର ଦୃଢ ପ୍ରଚଳନ ପାଇଁ ସରକାର କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ; ସେହିଭଳି ପ୍ରାଚୀନ ଲୋକକଳା, ଲୋକ ସଂସ୍କୃତିର ସୁରକ୍ଷା ଓ ବିକାଶ ପାଇଁ ସରକାରୀ ପଦକ୍ଷେପ କଣ?

----

## ଭିନ୍ନକ୍ଷମ ସଶକ୍ତିକରଣ

1332 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଭିନ୍ନକ୍ଷମମାନଙ୍କୁ ସଶକ୍ତିକରଣ, ଆତ୍ମନିର୍ଭରଶୀଳ କରିବା ପାଇଁ, ବିଭିନ୍ନ ଘରୋଇ ସଂସ୍ଥାମାନଙ୍କରେ ଭିନ୍ନକ୍ଷମମାନଙ୍କୁ ନିଯୁକ୍ତି ଦେବା ପାଇଁ ସରକାର କି କି ପଦକ୍ଷେପ ନେଉଛନ୍ତି ; କି ପ୍ରକାର ମାର୍ଗଦର୍ଶିକା ପ୍ରଣୟନ କରୁଛନ୍ତି ; ଭିନ୍ନକ୍ଷମମାନଙ୍କୁ ଶିକ୍ଷା ପ୍ରଦାନ ପାଇଁ ସବୁ ସ୍କୁଲରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦେବେ କି?

----

## ଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ

1333 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ଶିଳ୍ପବିହୀନ ଜିଲ୍ଲାଗୁଡିକରେ ଶିଳ୍ପ ପ୍ରତିଷ୍ଠା ପାଇଁ କି କି ଉଦ୍ୟମ କରିଛନ୍ତି ; କନ୍ଧମାଳ ଜିଲ୍ଲାରେ କେଉଁ କେଉଁ ଶିଳ୍ପ ପାଇଁ କେଉଁ ସଂସ୍ଥାସହ MOU କରିଛନ୍ତି ଓ ସେ ଶିଳ୍ପ ସଂସ୍ଥାମାନଙ୍କୁ ଶିଳ୍ପ ପ୍ରତିଷ୍ଠା ପାଇଁ କେତେ ଜମି କେଉଁ ଅଞ୍ଚଳରେ ଦେବା ପାଇଁ ଯୋଜନା କରିଛନ୍ତି?

----

## ଗ୍ରନ୍ଥାଗାରର sanction post ସଂଖ୍ୟା

1334 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ଃ**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅଧୁନା କେତୋଟି ଗ୍ରନ୍ଥାଗାର ଅଛି କେତେ ଗ୍ରନ୍ଥାଗାର sanction post ଅଛି ; କେତେ ଗ୍ରନ୍ଥାଗାର କାମ କରୁଛନ୍ତି ଓ କେତେ ଖାଲିଅଛି ; ଖାଲିଥିବା ପଦବୀ ପୂରଣ କରିବା ପାଇଁ ସରକାର ପଦକ୍ଷେପ ନେବେ କି ; ସେହିଭଳି ଅଧୁନା Library Science କୋର୍ସରେ କେତେ ପିଲା ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପାଠ ପଢୁଛନ୍ତି ଓ ପାଠ ପଢିସାରିଲା ପରେ ସେମାନଙ୍କୁ ନିଯୁକ୍ତି ଦେବା ପାଇଁ ସରକାର ବ୍ୟବସ୍ଥା କରିବେ କି?

----

## କ୍ରିଡାବିତଙ୍କ ସାମଗ୍ରୀକ ବିକାଶ

1335 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା)ଃ**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କ୍ରୀଡା ଓ କ୍ରୀଡବିତ୍ ମାନଙ୍କ ସାମଗ୍ରୀକ ବିକାଶ ପାଇଁ ରାଜ୍ୟ ସରକାରଙ୍କର କି କି ଯୋଜନା, ଉଦ୍ୟମ ଚାଲିଛି ଓ ଗ୍ରାମାଞ୍ଚଳରୁ କ୍ରୀଡା ପ୍ରତିଭାମାନଙ୍କୁ ଠାବ କରି ସେମାନଙ୍କୁ ଉଚିତ୍ ପ୍ରଶିକ୍ଷଣ, ପ୍ରୋତ୍ସାହନ ଦେବା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସଫଳ କ୍ରୀଡାବିତ୍ ଭାବେ ଗଢିତୋଳିବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ; ପ୍ରତିବର୍ଷ କେଉଁ କେଉଁ କ୍ରୀଡା ପାଇଁ କେତେ ଟଙ୍କାର କ୍ରୀଡା ସାମଗ୍ରୀ କିଣାଯାଉଛି ତାର 2 ବର୍ଷର ହିସାବ ଦେବେ କି?

----

## ଭତ୍ତା ପ୍ରଦାନ ସମ୍ପର୍କରେ

1336 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା)ଃ**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଭିନ୍ନ ସାମାଜିକ ସୁରକ୍ଷା ଭତ୍ତା/ପେନସନ୍ ଯୋଜନାରେ ଓଡିଶାରେ ବର୍ତ୍ତମାନ କେତେଜଣ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି ଏବଂ ଏହି ରାଶି ପ୍ରଦାନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବାର୍ଷିକ ଆର୍ଥିକ ଅଂଶ କେତେ ; ଯଦି ସମସ୍ତ ବୟସ୍କ, ଦିବ୍ୟାଙ୍ଗ ଓ ନିରାଶ୍ରୟ ବ୍ୟକ୍ତିଙ୍କୁ ମାସିକ Rs.3000 ପେନସନ୍ ପ୍ରଦାନ କରାଯାଏ, ତେବେ ମୋଟ କେତେଜଣ ଉପକୃତ ହେବେ ଏବଂ ରାଜ୍ୟ ରାଜକୋଷ ଉପରେ ବାର୍ଷିକ କେତେ ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ପଡିବ?

----

## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ସ୍ଥାପନ

1337 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚଳିତ ବର୍ଷ ଶେଷ ସୁଦ୍ଧା କେତୋଟି 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ' ର ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ରହିଛି ଏବଂ ଅଗଷ୍ଟ ଶେଷ ସୁଦ୍ଧା କେତୋଟିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ; ପ୍ରତ୍ୟେକ ବିଦ୍ୟାଳୟ ପାଇଁ ଆବଶ୍ୟକ 5 ଏକର ଜମିର ଅଭାବ ଯୋଜନା କାର୍ଯ୍ୟାନ୍ୱୟନରେ ପ୍ରତିବନ୍ଧକ ସାଜିଛି କି ; ଯଦି ହଁ, ଘୋଷଣା ପୂର୍ବରୁ ଜମି ଉପଲବ୍ଧତା ନେଇ ସର୍ଭେ କରାଯାଇନଥିବାର କାରଣ କଣ ; (କ) ଯୋଜନା କାର୍ଯ୍ୟାନ୍ୱୟନ ପାଇଁ ମୂଳ ଚିହ୍ନିତ ବିଦ୍ୟାଳୟ ଠାରୁ 5-7 କି.ମି. ଦୂରରେ ଥିବା ସରକାରୀ ଜମିକୁ ଜିଲ୍ଲା ପ୍ରଶାସନ ଚିହ୍ନଟ କରି ସୁପାରିଶ କରୁଛି କି ; (ଖ)ଯଦି ନୂଆ ବିଦ୍ୟାଳୟ 5-7 କି.ମି. ଦୂରରେ ସ୍ଥାପିତ ହୁଏ, ତେବେ ବର୍ତ୍ତମାନର ମୂଳ ପ୍ରାଥମିକ ବିଦ୍ୟାଳୟ ଗୁଡିକର ଭବିଷ୍ୟତ କଣ ; ସେଗୁଡିକ ବନ୍ଦ କରାଯିବ କି ; ବିଦ୍ୟାଳୟ ବନ୍ଦ ହେଲେ କୋମଳମତି ଶିଶୁଙ୍କ ଯାତାୟାତ ପାଇଁ ସରକାରଙ୍କ କଣ ନୀତି ରହିଛି?

----

## ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସମ୍ପର୍କରେ

1338 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଓ ଝାରସୁଗୁଡା ଜିଲ୍ଲା ମୁଖ୍ୟାଳୟରେ ଘୋଷିତ ନୂତନ ବିଶ୍ୱବିଦ୍ୟାଳୟ ଗୁଡିକର ପ୍ରତିଷ୍ଠା ପାଇଁ ବିଶ୍ୱବିଦ୍ୟାଳୟ-ୱାରୀ ମୋଟ ଆନୁମାନିକତ ବ୍ୟୟ କେତେ ଏବଂ ଚଳିତ ଆର୍ଥିକ ବର୍ଷରେ କେତେ ଅର୍ଥ ମଂଜୁର କରାଯାଇଛି, ଏହାର ବିଶ୍ୱବିଦ୍ୟାଳୟ-ୱାରୀ ତଥ୍ୟ ପ୍ରଦାନ କରିବେ କି ; (କ) UGCର ନିୟମାବଳୀ ଆଧାରରେ ଗୋଟିଏ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ କେତେ ଏକର ଜମିର ଆବଶ୍ୟକତା ରହିଛି ; (ଖ) ଜିଲ୍ଲା ମୁଖ୍ୟାଳୟରେ ଜମିର ଅଭାବ କିମ୍ବା ଜମି ଅଧିଗ୍ରହଣ ସମସ୍ୟା ଯୋଗୁଁ ଘୋଷିତ ବିଶ୍ୱବିଦ୍ୟାଳୟ ଗୁଡିକର ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ କି ; ଯଦି ହଁ, ତେବେ ଘୋଷଣା ପୂର୍ବରୁ ଜମିର ଉପଲବ୍ଧତା ନେଇ ସରକାର Ground Survey କରିନଥିବାର କାରଣ କଣ?

----

## ନିୟମିତ କାର୍ଯ୍ୟରତ ଥିବା DSO ପଦ

1339 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କ୍ରୀଡାର ବିକାଶ ଓ ବିଭିନ୍ନ ଖେଳକୁଦର ପରିଚାଳନା ସହ ପ୍ରତିଯୋଗିତା ଆୟୋଜନ କାର୍ଯ୍ୟ ଜିଲ୍ଲା କ୍ରୀଡା ଅଧିକାରୀ (DSO)ଙ୍କର ; ରାଜ୍ୟରେ କେତୋଟି DSO ପଦ ମଂଜୁରପ୍ରାପ୍ତ, କେତୋଟି ପଦରେ ନିୟମିତ ଅଧିକାରୀ କାର୍ଯ୍ୟରତ ଓ କେତୋଟି ପଦ କେଉଁ କେଉଁ ଜିଲ୍ଲାରେ ଖାଲିଅଛି ; ଖାଲିପଡିଥିବା DSO ପଦଗୁଡିକୁ କେବେ ସୁଦ୍ଧା ପୂରଣ କରାଯିବ ; (କ) DSO ପଦରେ ନିଯୁକ୍ତି ପାଇଁ BPED (Bachelor of Physical Education) ସାର୍ଟିଫିକେଟଧାରୀଙ୍କୁ ହିଁ ଯୋଗ୍ୟ ବିବେଚନା କରାଯାଉଛି କି ; ଯଦି ହଁ, ତେବେ DSOଙ୍କ ଦାୟିତ୍ୱ କେବଳ ଶାରୀରିକ ଶିକ୍ଷା ସମ୍ବନ୍ଧୀୟ ନୁହେଁ, ବରଂ କ୍ରୀଡା ପ୍ରଶାସନ, ପରିଚାଳନା, କ୍ରୀଡା ଭିତ୍ତିଭୂମିର ବିକାଶ, ପ୍ରତିଭା ଚିହ୍ନଟ ଓ ବିଭିନ୍ନ କ୍ରୀଡା କାର୍ଯ୍ୟକ୍ରମର ସୂଚାରୁ ପରିଚାଳନା ସହ ଜଡିତ ଥିବାରୁ, Sports Management, Sports Administration ବିଷୟରେ ଉଚ୍ଚଶିକ୍ଷା ତଥା ବୃତ୍ତିଗତ ଯୋଗ୍ୟତା ଥିବା ପ୍ରାର୍ଥୀଙ୍କୁ ମଧ୍ୟ DSO ପଦ ପାଇଁ ଯୋଗ୍ୟ ବିବେଚନା କରିବା ନିମନ୍ତେ ଯୋଗ୍ୟତା ମାନଦଣ୍ଡକୁ ସଂଶୋଧନ କରିବାକୁ ସରକାର ବିଚାର କରୁଛନ୍ତି କି?

----

## ଶିଳ୍ପ ପ୍ରତିଷ୍ଠା ପାଇଁ MOU ସ୍ୱାକ୍ଷର

1340 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଗତ 5 ବର୍ଷ ମଧ୍ୟରେ ସରକାର କେତୋଟି ସଂସ୍ଥା ସହ MOU ସ୍ୱାକ୍ଷର କରିଛନ୍ତି ; ଉକ୍ତ MOU ଗୁଡିକ ମାଧ୍ୟମରେ କେତେ ପୁଞ୍ଜିନିବେଶ ଓ କେତେ ନିଯୁକ୍ତି ସୃଷ୍ଟିର ପ୍ରତିଶ୍ରୁତି ଦିଆଯାଇଥିଲା ; ତନ୍ମଧ୍ୟରୁ ବର୍ତ୍ତମାନ ସୁଦ୍ଧା କେତେ ପୁଞ୍ଜିନିବେଶ ହୋଇଛି ଏବଂ କେତେ ଜଣଙ୍କୁ ନିଯୁକ୍ତି ମିଳିଛି ; ଘୋଷିତ ଓ ବାସ୍ତବ ପୁଞ୍ଜିନିବେଶ ଏବଂ ନିଯୁକ୍ତିର ତଫାତର ପ୍ରକଳ୍ପ ଓ ବର୍ଷୱାରୀ ତଥ୍ୟ ସରକାର ପ୍ରଦାନ କରିବେ କି ; (କ)ଉକ୍ତ MOU-ଭିତ୍ତିକ ପ୍ରକଳ୍ପ ଗୁଡିକ ପାଇଁ କେତେ ଏକର ଜମି ଆବଶ୍ୟକ ଥିଲା, ତନ୍ମଧ୍ୟରୁ ଏପର୍ଯ୍ୟନ୍ତ କେତେ ଏକର ଜମି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି ; (ଖ) ଜଙ୍ଗଲ, ପରିବେଶ କିମ୍ବା ଅନ୍ୟାନ୍ୟ ସରକାରୀ ଅନୁମୋଦନ ଅଭାବରୁ କେତୋଟି MOU-ଭିତ୍ତିକ ପ୍ରକଳ୍ପ ଅଟକି ରହିଛି ; ଏହାର ପ୍ରକଳ୍ପ ଓ ବର୍ଷୱାରୀ କାରଣ, ବର୍ତ୍ତମାନ ସ୍ଥିତି ଓ ସମ୍ପୃକ୍ତ ଦାୟୀ ବିଭାଗର ବିବରଣୀ ଦେବେ କି?

----

## କଲେଜରେ ଛାତ୍ରାବାସ ପ୍ରତିଷ୍ଠା

1341 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକର ରେଭେନସା ବିଶ୍ୱବିଦ୍ୟାଳୟ, ଜାତୀୟ କବି ବୀରକିଶୋର ମହାବିଦ୍ୟାଳୟ, ଚୌଦ୍ୱାର କଲେଜ, କଟକ କଲେଜରେ ଅନୁସୂଚୀତ ଜାତି, ଜନଜାତି, ପଛୁଆବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ କେତେ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଓ ଛାତ୍ରୀନିବାସ ପ୍ରତିଷ୍ଠା ହୋଇଛି ବା ନିର୍ମାଣାଧିନ ଅଛି ପ୍ରକାଶ କରି ଏହି ବିଦ୍ୟାର୍ଥୀମାନଙ୍କ ଆବାସିକ ଶିକ୍ଷାର ସୁଗମ ପାଇଁ ଅଧିକ ସଂଖ୍ୟକ ଛାତ୍ରାବାସ ଓ ଛାତ୍ରୀନିବାସ ପ୍ରତିଷ୍ଠା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଷ୍ଟାଡିୟମର ଆଧୁନିକୀକରଣ

1342 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚୌଦ୍ୱାର ସହର ୨ ନମ୍ବର ୱାର୍ଡରେ ଥିବା ଷ୍ଟାଡିୟମର ଆଧୁନିକୀକରଣ ଓ ସଂପ୍ରସାରଣ ପାଇଁ ସରକାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର ପୂର୍ବକ ଏହାର କାର୍ଯ୍ୟ ସମ୍ପାଦକ ପାଇଁ ପ୍ରସ୍ତାବ କରିଛନ୍ତି କି, ଉତ୍ତର ହଁ ହେଲେ, ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ସ୍ନାତକୋତ୍ତର ଶ୍ରେଣୀ ଖୋଲିବା ପାଇଁ ପ୍ରସ୍ତାବ

1343 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚୌଦ୍ୱାର ସ୍ଥିତ Institute of Textiles Technology ରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିବାକୁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ନୂତନ ମାନର ବାସଗୃହ ନିର୍ମାଣ

1344 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କନକ ଗାନ୍ଧିପଲ୍ଲୀ ଓ ନେହେରୁପଲ୍ଲୀ ସହ ରାଜ୍ୟରେ ଥିବା କୁଷ୍ଠାଶ୍ରମ ଗୁଡିକରେ ଉନ୍ନତ୍ତ ମାନର ବାସଗୃହ ନିମାଣ ସହ ସେଠାରେ ରାସ୍ତାଘାଟ ଉନ୍ନତିକରଣ, ପାନୀୟଜଳ, ଆଲୋକୀକରଣ ବ୍ୟବସ୍ଥା ସୁସମ୍ପାଦକ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବିଲୁପ୍ତ ଲୋକକଳାର ପୁନରୁଦ୍ଧାର

1345 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ଲୋକକଳା ପ୍ରଚଳିତ ଅଛି, କେଉଁ କେଉଁ ଲୋକକଳା ବିଲୁପ୍ତ ହୋଇଛି, ପ୍ରକାଶ କରି ବିଲୁପ୍ତ ଲୋକକଳାକୁ ପୁନରୁଦ୍ଧାର ପୂର୍ବକ ତାହାକୁ ବିକଶିତ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଦକ୍ଷତା ବିକାଶ କେନ୍ଦ୍ର ଖୋଲିବା ପାଇଁ ପଦକ୍ଷେପ

1346 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ଖଣ୍ଡପଡା ଓ ଭାପୁର ଠାରେ ପୃଥକ ଭାବେ ଦୁଇଟି ଦକ୍ଷତା ବିକାଶ କେନ୍ଦ୍ର ଖୋଲିବା ପାଇଁ ପଦକ୍ଷେପ ନିଆଯିବକି ?

----

## ଅଧିକ ସୁବିଧା ସୁଯୋଗ ପାଇଁ ଭିତ୍ତିଭୂମି ବିକାଶ

1347 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ସମସ୍ତ ଆଶ୍ରମ ବିଦ୍ୟାଳୟ ଗୁଡିକୁ ଅଧିକ ସୁବିଧା ସୁଯୋଗ ପାଇଁ, ଭିତ୍ତିଭୂମି ବିକାଶ ଓ ଛାତ୍ର ଛାତ୍ରୀମାନଙ୍କୁ ଉପକୃତ କରିବା ପାଇଁ ଆବଶ୍ୟକ ପଦକ୍ଷେପ, ଆର୍ଥିକ ସହଯୋଗ ଯୋଗାଇ ଦିଆଯିବ କି ?

----

## ଆଇ.ଟି.ଆଇ ଓ ପଲିଟେକନିକ୍ ଶିକ୍ଷାନୁଷ୍ଠାନ ଖୋଲିବାକୁ ପଦକ୍ଷେପ

1348 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡାଠାରେ ଏକ ସରକାରୀ ଆଇ.ଟି.ଆଇ ଓ ପଲିଟେକନିକ୍ ଶିକ୍ଷାନୁଷ୍ଠାନ ଖୋଲିବାକୁ ପଦକ୍ଷେପ ନିଆ ଯିବକି, ଯଦି ହଁ ତେବେ କେବେ ସୁଦ୍ଧା ଏହା ବିଜ୍ଞପ୍ତି ପ୍ରକାଶିତ ହେବ ସୂଚନା ଦେବେ କି ?

----

## ଖେଳପଡିଆର ଉନ୍ନତିକରଣ ପାଇଁ ଅନୁଦାନ

1349 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ପଠାଣି ସାମନ୍ତ ମହାବିଦ୍ୟାଳୟ, ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆର ଉନ୍ନତିକରଣ ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦିଆଯିବ କି, ସେହିପରି ଟିକରିପଡା ଠାରେ ଥିବା ବି.ଡି.ଏ. ଡିଗ୍ରୀ କଲେଜରେ +୩ ବିଜ୍ଞାନ କୋର୍ସ ଖୋଲିବା ପାଇଁ ପଦକ୍ଷେପ ନିଆଯିବ କି ?

----

## +୨ ବିଜ୍ଞାନ ଖୋଲିବା ପାଇଁ ପଦକ୍ଷେପ

1350 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ଏକମାତ୍ର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଟି ୧୯୯୨ ମସିହାରୁ ଅନୁମତି ପ୍ରାପ୍ତ ହୋଇ କାର୍ଯ୍ୟରତ ଥିବା ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନ ଟି କେବଳ କଳା କୋର୍ସରେ ସୀମିତ ରହିଛି, ଏଠାରେ +୨ ବିଜ୍ଞାନ ଖୋଲିବା ପାଇଁ ପଦକ୍ଷେପ ନିଆଯିବ କି, ଯଦି ହଁ, ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ନିମନ୍ତେ ଅଧିକ ୬ ବଖରା ଶ୍ରେଣୀ ଗୃହ, ଲାବରୋଟୋରି ପାଇଁ ଭିତ୍ତିଭୂମି ବିକାଶ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯିବ କି ?

----

## ରାଇବଣିଆ ଦୁର୍ଗରେ ପୁରୁଣା କୀର୍ତ୍ତିରାଜି ଗୁଡିକର ସଂରକ୍ଷଣ

1351 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବହୁ, ପ୍ରାଚୀନ ରାଇବଣିଆ ଦୁର୍ଗରେ ପୁରୁଣା କୀର୍ତ୍ତିରାଜି ଗୁଡିକର ସଂରକ୍ଷଣ କରାଯିବା କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିବା ସରକାର ଅବଗତ ଅଛନ୍ତି କି, ଏପରି ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ସକାଶେ କେତେ ଅର୍ଥ ଆବଶ୍ୟକ, ତାହା ଆକଳନ କରାଯାଇଛି କି, ଉତ୍ତର ହଁ ହେଲେ ଅର୍ଥର ପରିମାଣ କେତେ ଓ କେବେ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରାଯିବ ?

----

## ଷ୍ଟାଡିୟମରେ ପାଚେରୀ ନିର୍ମାଣ

1352 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ବ୍ଲକରେ ପୂର୍ବରୁ ମିନି ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲା, ସେଗୁଡିକ ପାଚେରୀ ରଙ୍ଗ ଦେବା, ଆବଶ୍ୟକ ସ୍ଥଳେ ମରାମତି କରାଯିବା ଓ ଅନ୍ୟାନ୍ୟ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବାକୁ ସରକାର ଦୃଷ୍ଟିଦେବେ କି ?

----

## କଳମା ଠାରେ ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ

1353 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବ୍ଲକ ଅଧିନସ୍ଥ କଳମା ଗ୍ରାମପଞ୍ଚାୟତର କଳମା (KALAMA) ଠାରେ ବ୍ଲକ ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ସକାଶେ ୧୨ ଏକରରୁ ଉର୍ଦ୍ଧ ଜମି ଚିହ୍ନଟ ହୋଇସାରି IDCO କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କାର୍ଯ୍ୟ କେଉଁ ସ୍ତରରେ, ସରକାର ନିର୍ମାଣ ଦାୟିତ୍ୱ କାହା ଉପରେ ନ୍ୟସ୍ତ କରିଛନ୍ତି, କେବେ ନିର୍ମାଣ ଆରମ୍ଭ ହେବ ?

----

## ଶିକ୍ଷକ ନିଯୁକ୍ତି

1354 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସର୍ଦ୍ଦାର ବନ୍ଧ ଗ୍ରାମ ପଞ୍ଚାୟତର ସର୍ଦ୍ଦାର ବନ୍ଧ (SARDARBANDHA) ସେବାଶ୍ରମ ଶିକ୍ଷାନୁଷ୍ଠାନରେ ୧ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟଦାନ ବ୍ୟବସ୍ଥା ଥିବା ସରକାର ଅବଗତ ଅଛନ୍ତି କି, ଶିକ୍ଷକ ପଦବୀ ପୂରଣ କରାନଯାଇ ନିକଟରେ ଦୁଇ ଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳୀ କରାଯାଇଥିବା କାରଣ କଣ, ଶିଶୁମାନେ ଏଥିଲାଗି ପାଠ୍ୟଦାନରୁ ବଞ୍ଚିତ ହେଉଥିବାବେଳେ ସରକାର ଏହାର କାରଣ ଅନୁସନ୍ଧାନ କରିବେ କି, କାହାକୁ ଏ ବ୍ୟବସ୍ଥା ପାଇଁ ଦାୟୀ କରାଯିବ ଓ କେତେ ଶୀଘ୍ର ଶିକ୍ଷକ ନିଯୁକ୍ତି ହେବେ ତଥା ସବୁ ପଦବୀ ପୂରଣ ହେବ ?

----

## ୨ ଜଣ ଶିକ୍ଷକ ନଥିବା ପ୍ରାଥମିକ ବିଦ୍ୟାଳୟର ସଂଖ୍ୟା

1355 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ବ୍ଲକ ଅଧିନରେ ବର୍ତ୍ତମାନ କେତୋଟି ପ୍ରାଥମିକ ବିଦ୍ୟାଳୟରେ ୨ ଜଣ (ଦୁଇ) କରି ଶିକ୍ଷକ ନାହାନ୍ତି, ସେ ବିଦ୍ୟାଳୟ ଗୁଡିକ ଗ୍ରାମ ନାମ କଣ, ସରକାରଙ୍କ ନୀତି ଅନୁସାରେ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟରେ ସର୍ବ ନିମ୍ନ ଦୁଇ ଜଣ ଶିକ୍ଷକ କାର୍ଯ୍ୟ କରିବାକୁ ବ୍ୟବସ୍ଥା ଥିଲାବେଳେ କେତେ ଶୀଘ୍ର ଖାଲିଥିବା ସ୍ଥାନ ପୂରଣ ହେବ ?

----

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ସଂଖ୍ୟା

1356 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କଟକ ଜିଲ୍ଲାର କେଉଁ ବ୍ଲକ୍ ଗୁଡିକରେ କେବେଠାରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲିଅଛି, ତନ୍ମଧ୍ୟରୁ କେଉଁ ସ୍କୁଲ ଗୁଡିକରେ ଅଦ୍ୟାବଧି କେତେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ତାର ବ୍ଲକୱାରୀ, ସ୍କୁଲୱାରୀ ଏକ ତାଲିକା ଦେବେ କି, (ଖ) ଅଦ୍ୟାବଧି କେତୋଟି ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ବ୍ୟବସ୍ଥା ରହିଛି ଏବଂ କେତୋଟିରେ ଛାତ୍ରାବାସ ଥାଇ ମଧ୍ୟ କେଉଁ କାରଣ ପାଇଁ କାର୍ଯ୍ୟକାରୀ ହେଉନାହିଁ ତାର କାରଣ କ'ଣ, କେଉଁ ଛାତ୍ରାବାସ ନିମନ୍ତେ କେତେ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା, ସେଗୁଡିକ କେଉଁ ଠିକାଦାର ସଠିକ୍ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିନାହାଁନ୍ତି ସେମାନଙ୍କ ନାମ ସହ ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ଜଣାଇବା ସହ, ବର୍ତ୍ତମାନ ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ ଛାତ୍ରଛାତ୍ରୀମାନଙ୍କୁ ସରକାରଙ୍କ ତରଫରୁ କି କି ସୁବିଧା ସୁଯୋଗ ପ୍ରଦାନ କରାଯାଉଛି ଜଣାଇବା ସହ ଚଳିତ ବଜେଟ୍ ଓ ବିଗତ ଦୁଇବର୍ଷର ବଜେଟ୍ ମାନଙ୍କରେ କରାଯାଇଥିବା ଆର୍ଥିକ ପ୍ରାବଧାନରର ଏକ ତୁଳନାତ୍ମକ ବିବରଣୀ ଉପସ୍ଥାପନ କରିବେ କି ?

----

## ଏକକ ଶିକ୍ଷକ ସହିତ ଶିକ୍ଷାଦାନ କରୁଥିବା ବିଦ୍ୟାଳୟର ତାଲିକା

1357 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ରାଜ୍ୟରେ କେତେଗୋଟି ପ୍ରାଥମିକ ବିଦ୍ୟାଳୟ ଏକକ-ଶିକ୍ଷକ (One Teacher School) ସହିତ ଶିକ୍ଷାଦାନ କରୁଛନ୍ତି, ଜିଲ୍ଲା ଓ ବ୍ଲକ-ୱାରୀ ଏହି ସବୁ ବିଦ୍ୟାଳୟର ତାଲିକା ପ୍ରଦାନ କରିବେ କି, ଏହି ସମସ୍ୟା ସମାଧାନ କରିବାକୁ ସରକାର କ'ଣ ସବୁ ପଦକ୍ଷେପ ନେଇଛନ୍ତି ଏବଂ କେବେ ସୁଦ୍ଧା ଏହାର ସମାଧାନ ହେବ ?

----

## ପାଠ୍ୟ ପୁସ୍ତକଗୁଡିକୁ ସମୀକ୍ଷା କରିଥିବା କର୍ମଚାରୀଙ୍କ ବିବରଣୀ

1358 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଚଳିତ ବର୍ଷ ପ୍ରକାଶ ପାଇଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକଗୁଡିକୁ କେଉଁ ମାନେ ସମୀକ୍ଷା କରିଛନ୍ତି ସେମାନଙ୍କ ନାମ, ଯୋଗ୍ୟତା ଏବଂ କେଉଁ ଶିକ୍ଷା ଅନୁଷ୍ଠାନରେ ନିଯୁକ୍ତି ପାଇଛନ୍ତି ଜଣାଇବା ସହ ଏବଂ ସେମାନଙ୍କର ଅଭିଜ୍ଞତାର ସମସ୍ତ ବିବରଣୀ ପ୍ରଦାନ କରିବେ କି, (ଖ) ବହି ପ୍ରକାଶନ ହେବ ପୂର୍ବରୁ କେଉଁ କେଉଁମାନଙ୍କ ଦ୍ୱାରା ତାହା ତର୍ଜମା ଏବଂ ସୁପାରିଶ ହୋଇଥାଏ ସେମାନଙ୍କର ନାମ ଓ ପଦବୀର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି, ତ୍ରୁଟିଶୂନ୍ୟ ବିଜ୍ଞାନ ସମ୍ମତ ପାଠ୍ୟ ପୁସ୍ତକ ରାଜ୍ୟର ଛାତ୍ରଛାତ୍ରୀଙ୍କୁ କେବେ ସୁଧା ପ୍ରଦାନ କରିବେ ?

----

## ସଫଳତାର ସହିତ ଶିକ୍ଷା ସମାପ୍ତ କରିଥିବା ବିଦ୍ୟାର୍ଥୀଙ୍କ ସଂଖ୍ୟା

1359 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ତିନି ଶିକ୍ଷା ବର୍ଷରେ ଓଡିଶାର ବିଭିନ୍ନ ଇଂଜିନିୟରିଂ ଏବଂ ଆଟିଆଇ (ଉଭୟ ସରକାରୀ ଓ ବେସରକାରୀ) ରୁ କେତେ ସଂଖ୍ୟକ ବିଦ୍ୟାର୍ଥୀ ସଫଳତାର ସହିତ ନିଜ ଶିକ୍ଷା ସମାପ୍ତ କରିଛନ୍ତି ଏବଂ ତନ୍ମଧ୍ୟରୁ କେତେଜଣ ସରକାରୀ ତଥା ବେସରକାରୀ ଅନୁଷ୍ଠାନରେ ଚାକିରି ପାଇଛନ୍ତି, ଡିଗ୍ରୀ ଓ ଡିପ୍ଲୋମା ୱାରୀ ଏହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି?

----

## ଆରକ୍ଷଣ ନୀତି ଅନୁସାରେ ନାମ ଲେଖାଇଥିବା ପ୍ରାର୍ଥୀଙ୍କ ତାଲିକା

1360 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ଶିକ୍ଷା ବର୍ଷରେ ବିଭିନ୍ନ ମେଡିକାଲ କଲେଜ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନରେ କେତେଜଣ ଆର୍ଥିକ ଓ ସାମାଜିକ ସ୍ତରରେ ଅନଗ୍ରସର (SEBC) ପ୍ରାର୍ଥୀ ସରକାରଙ୍କ ଦ୍ୱାରା ଘୋଷିତ ନୂତନ ଆରକ୍ଷଣ ନୀତି ଅନୁସାରେ ନାମ ଲେଖାଇଛନ୍ତି? ଏହାର ସବିଶେଷ ତାଲିକା ମେଡିକାଲ, ଇଂଜିନିୟରିଂ ଏବଂ ଅନ୍ୟ ବୈଷୟିକ ଶିକ୍ଷା କୋର୍ସ ଅନୁଯାୟୀ ପ୍ରଦାନ କରିବେ କି?

----

## ସ୍ୱୟଂ ଶାସିତ ମାନ୍ୟତା ପୁନରୁଦ୍ଧାର ପାଇଁ ପଦକ୍ଷେପ

1361 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସମୁଦାୟ କେତୋଟି ସରକାରୀ ଓ ବେସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମାନ ଅଛି ଓ ସେହି ସେହି ମହାବିଦ୍ୟାଳୟମାନଙ୍କର ସ୍ୱୟଂ ଶାସିତ ସ୍ୱୀକୃତ ପ୍ରତ୍ୟାହାର ହୋଇଯାଇଥିବା ସତ୍ୟ କି, ଯଦି ହଁ, ତେବେ ସ୍ୱୟଂ ଶାସିତ ମାନ୍ୟତା ପୁନରୁଦ୍ଧାର ପାଇଁ ସରକାର କି କି ପଦକ୍ଷେପମାନ ଗ୍ରହଣ କରିଛନ୍ତି ?

----

## +୨ ଶିକ୍ଷାନୁଷ୍ଠାନକୁ ଉନ୍ନୀତ ନିମନ୍ତେ ପଦକ୍ଷେପ

1362 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚୌଦକୁଲାଟ ଠାରେ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମାନବ ସମ୍ବଳ ବିକାଶ +୨ ମହାବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ସଂଖ୍ୟାଠାରୁ କମ୍ ସଂଖ୍ୟକ ଛାତ୍ର ଛାତ୍ରୀ ନାମ ଲେଖା ଥିବାରୁ ଓ ଏହି +୨ ଶିକ୍ଷାନୁଷ୍ଠାନରେ ମାତ୍ର ୩ ଜଣ ଅଧ୍ୟାପକ, ଅଧ୍ୟାପିକା ଥିବାରୁ ଏହାକୁ ମାତ୍ର ୫00 ମିଟର ଦୂରରେ ଥିବା ଜଗନ୍ନାଥ ବିଦ୍ୟାପୀଠ ଚୌଦକୂଲାଟ ସରକାରୀ ଉଚ୍ଚ ବିଦ୍ୟାଳୟ ସହ ମିଶାଇ ଜଗନ୍ନାଥ ବିଦ୍ୟାପୀଠ +୨ ଶିକ୍ଷାନୁଷ୍ଠାନକୁ ଉନ୍ନୀତ ନିମନ୍ତେ ବିଚାର କରିବେ କି ?

----

## ଘୋଷଣାକୁ କାର୍ଯ୍ୟକାରୀ

1363 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଚଳିତ ୨୦୨୬-୨୭ ରେ ବଜେଟରେ ଅତିରିକ୍ତ ୬ ଲକ୍ଷ ଭତ୍ତା ହିତାଧିକାରୀଙ୍କୁ ସାମିଲ କରିବାର ଘୋଷଣା କରିଥିଲେ କି, ଯଦି ହଁ, ତେବେ ଏହି ଘୋଷଣା କେବେ କାର୍ଯ୍ୟକାରୀ କରାଯିବ, (ଖ) ରାଜ୍ୟରେ ସମୁଦାୟ କେତେ ସଂଖ୍ୟକ ଇନ୍ଦିରା ଗାନ୍ଧୀ ଭତ୍ତା ଓ ମଧୁବାବୁ ଭତ୍ତା ହିତାଧିକାରୀ ଅଛନ୍ତି ?

----

## ସେବାଶ୍ରମକୁ ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ

1364 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅଧିନସ୍ଥ କୂଳସାହି ଗ୍ରାମରେ ଥିବା ସେବାଶ୍ରମକୁ ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ କରିବା ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲାପାଇଁ ସୁପାରିଶ କରି ST.SC ବିଭାଗକୁ ଚିଠି ଲେଖିଥିବା ସତ୍ୟ କି, ଯଦି ହଁ, ସରକାର ଜିଲ୍ଲାପାଳଙ୍କ ଏହି ସୁପାରିଶ ଉପରେ କେବେ ସିଦ୍ଧାନ୍ତ ନେବେ ?

----

## କରିଥିବା ଘୋଷଣାର ଅଗ୍ରଗତି

1365 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟ ସରକାରଙ୍କ ତରଫରୁ ସେପ୍ଟେମ୍ବର ୫ ଗୁରୁଦିବସରେ ମାନ୍ୟବର ପୂର୍ତ୍ତ ଓ ଆଇନ ମନ୍ତ୍ରୀ ଏବଂ ଉଚ୍ଚ ଶିକ୍ଷା ଓ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଭୁବନେଶ୍ୱର ଧାରଣା ସ୍ଥଳରେ ୨୧ ଦିନ ବ୍ୟାପି ଆନ୍ଦୋଳନରତ ସ୍କୁଲ ଓ କଲେଜ ଶିକ୍ଷକ ଏବଂ କର୍ମଚାରୀମାନଙ୍କ ନିକଟକୁ ଯାଇ ସେମାନଙ୍କ ଦାବି ପ୍ରତି ସମବେଦନା ଜଣାଇବା ସହ ଖୁବ୍ ଶିଘ୍ର ସେ ସଂକ୍ରାନ୍ତରେ ସକରାତ୍ମକ ପଦକ୍ଷେପ ଗ୍ରହଣ କରାଯିବାର ଘୋଷଣା କରିଥିବା ସତ୍ୟ କି, (ଖ) ଯଦି ହଁ, ଏଦିଗରେ କି କି ଅଗ୍ରଗତି ହୋଇଛି ?

----

## ସାକ୍ଷୀ ଗୋପୀନାଥ ମନ୍ଦିରର ମରାମତି

1366 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଟଣୀ ନିର୍ବାଚନ ମଣ୍ଡଳୀର ବନ୍ତିଆ ଗ୍ରାମ ପଞ୍ଚାୟତର ଗତରଥିପୁର ମୌଜାରେ ଥିବା ଐତିହାସିକ ପ୍ରାଚୀନ-ସାକ୍ଷୀ ଗୋପୀନାଥ ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଥିବା ପରିପ୍ରେକ୍ଷୀରେ ରାଜ୍ୟ ପତ୍ନତତ୍ତ୍ୱ ବିଭାଗ ତରଫରୁ ଏହାକୁ ସର୍ବେକ୍ଷଣ କରାଯାଇ ଜରୁରୀକାଳୀନ ମରାମତି ସହ ଏହି ପ୍ରାଚୀନ କିର୍ତ୍ତୀ ରାଜିର ଆବଶ୍ୟକ ପୁନଃ ନିର୍ମାଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଜଙ୍ଗଲ ଜମି ଅଧିକାର କରି ବସବାସ କରୁଥିବା ପରିବାର ସଂଖ୍ୟା

1367 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖୋର୍ଦ୍ଧା ଜିଲ୍ଲାରେ କେତେ ଅନୁସୂଚୀତ ଜନଜାତି ପରିବାର ଜଙ୍ଗଲ ଜମି ଅଧିକାର କରି ବସବାସ କରୁଥିବା ସହ ଚାଷକରି ଜୀବିକା ନିର୍ବାହ କରୁଛନ୍ତି, ସେମାନଙ୍କ ନାମରେ ସେମାନଙ୍କ ଦ୍ୱାରା ଅଧିକୃତ ଜମି ପଟ୍ଟା ପ୍ରଦାନ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଜଟଣୀ ଠାରେ କ୍ରୀଡା ଛାତ୍ରଛାତ୍ରୀ ପ୍ରତିଷ୍ଠା

1368 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଟଣୀଠାରେ କ୍ରୀଡା ଛାତ୍ରାବାସ ଓ ଛାତ୍ରୀ ନିବାସ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ଏହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଖୋର୍ଦ୍ଧା ଜିଲ୍ଲାରେ ଥିବା ଶିକ୍ଷାନୁଷ୍ଠାନ

1369 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖୋର୍ଦ୍ଧା ଜିଲ୍ଲାରେ କେଉଁ ବୈଷୟିକ ଓ ଯାନ୍ତ୍ରୀକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହୋଇଅଛି?

----

## କଳାକ୍ଷେତ୍ର ଅନୁଷ୍ଠାନ ସମ୍ପର୍କରେ

1370 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାକ୍ଷେତ୍ର ଅନୁଷ୍ଠାନ କେବେ ପଞ୍ଜିକୃତ ହୋଇଛି, ଏହାର ସଭାପତି, ସମ୍ପାଦକ ଓ କାର୍ଯ୍ୟକାରୀ କମିଟୀରେ କିଏ ଅଛନ୍ତି, ଏହି ସଂସ୍ଥାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କଣ, ଏହି ସଂସ୍ଥାକୁ ବିଗତ ୨୦୨୪ ଜୁଲାଇ ମାସଠାରୁ ଅଦ୍ୟାବଧି କେଉଁ ସାଂସ୍କୃତିକ କାର୍ଯ୍ୟ ସମ୍ପାଦନ ପାଇଁ ସରକାରଙ୍କ ତରଫରୁ କେତେ ଅନୁଦାନ, ସହାୟତା ପ୍ରଦାନ କରାଯାଇଛି ?

----

## ଏକକ ଶିକ୍ଷକ ଦ୍ୱାରା ପରିଚାଳିତ ବିଦ୍ୟାଳୟ ସଂଖ୍ୟା

1371 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୨୦୨୬ ମାସିହାରେ କେତେ ସଂଖ୍ୟକ ଏକକ ଶିକ୍ଷକ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଅଛି ଓ ସେଥିରେ କେତେ ଜଣ ପିଲା ପଢୁଛନ୍ତି ଏବଂ ପ୍ରତି ବର୍ଷ କେତେ ପ୍ରତିଶତ ସ୍କୁଲ ଏକକ ଶିକ୍ଷକ ଦ୍ୱାରା ପରିଚାଳିତ ବିଦ୍ୟାଳୟ ସୃଷ୍ଟି ହେଉଛି , ଏକକ ଶିକ୍ଷକ ପରିଚାଳିତ ବିଦ୍ୟାଳୟକୁ ଶୂନ୍ୟ କରିବା ପାଇଁ ବିଗତ ଦୁଇ ବର୍ଷରେ ସରକାର କ'ଣ ପଦକ୍ଷେପ ନେଇଛନ୍ତି ?

----

## ପ୍ରାଇମେରୀ ଓ ସେକେଣ୍ଡାରୀ ସ୍କୁଲ ସଂଖ୍ୟା

1372 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତେ ସଂଖ୍ୟକ ପ୍ରାଇମେରୀ ଓ ସେକେଣ୍ଡାରୀ ସ୍କୁଲ ଅଛି ଓ ଉଭୟ ସ୍ତରରେ କେତେ ମଞ୍ଜୁରୀ ପ୍ରାପ୍ତ ପଦବୀ ଅଛି, ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ରାଜ୍ୟରେ କେତେ ସଂଖ୍ୟକ ପ୍ରାଇମେରୀ ଓ ସେକେଣ୍ଡାରୀ ଶିକ୍ଷକ ପଦବୀ ଖାଲି ଅଛି, (କ) ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କେତେ ସ୍କୁଲ ବନ୍ଦ ହୋଇଅଛି ଓ ତା'ର କାରଣ କ'ଣ, (ଖ) ରାଜ୍ୟରେ ସମୁଦାୟ ପିଲାର ଶତକଡା କେତେ ସରକାରୀ ସ୍କୁଲରେ ଓ ବେସରକାରୀ ସ୍କୁଲରେ ନାମ ଲେଖାଉଛନ୍ତି, ଏହା ସତ୍ୟ କି, ପିଲାମାନେ ସରକାରୀ ସ୍କୁଲ ପ୍ରତି ବିମୁଖ ହୋଇ ବେସରକାରୀ ସ୍କୁଲରେ ନାମ ଲେଖାଉଛନ୍ତି, ଏହାର କାରଣ କ'ଣ ଓ ସରକାର ଏ ବାବଦରେ କି କି ପଦକ୍ଷେପ ନେଇଛନ୍ତି, ଏବଂ ଉଭୟ ପ୍ରାଇମେରୀ ଓ ସେକେଣ୍ଡାରୀରେ ଶତକଡା କେତେ ପ୍ରତିଶତ ପିଲା ଦଶମ କ୍ଲାସ ସୁଦ୍ଧା ବିଦ୍ୟାଳୟ ଛାଡୁଛନ୍ତି ?

----

## ଭତ୍ତା ପାଇଥିବା ନୂତନ ହିତାଧିକାରୀଙ୍କ ସଂଖ୍ୟା

1373 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ ବଜେଟ୍ ଅଧିବେଶନ କାଳରେ ସରକାରଙ୍କ ଘୋଷଣା ମୁତାବକ ଆଗାମୀ ଦିନରେ ସମସ୍ତ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବା ଏବଂ କାହାରିକୁ କୋଟା ଖାଲି ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ନ ପଡିବା ସଂକ୍ରାନ୍ତୀୟ, ଏହା କାର୍ଯ୍ୟକାରୀ କରାଗଲାଣି କି, ଯଦି ହଁ, ଇତିମଧ୍ୟରେ କେତେ ସଂଖ୍ୟକ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି, ତା'ର ଏକ ହିତାଧିକାରୀ ବର୍ଗ ଏବଂ ଜିଲ୍ଲା ୱାରି ବିବରଣୀ ପ୍ରଦାନ କରିବେ କି? ରାଜ୍ୟରେ ପ୍ରଚଳିତ ବିଭିନ୍ନ ବର୍ଗର ଭତ୍ତାରେ ଖାଲିଥିବା ସଂଖ୍ୟା ଜିଲ୍ଲା ୱାରୀ ପ୍ରଦାନ କରିବେ କି ?

----

## ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା

1374 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୨୬ ବର୍ଷର ବାର୍ଷିକ ମାଟ୍ରିକ ପରୀକ୍ଷାର ଫଳ ଆଧାରରେ -- (କ) ନୟାଗଡ଼ ଜିଲ୍ଲାର କେଉଁ କେଉଁ ବିଦ୍ୟାଳୟ ( ସରକାରୀ/ ବେସରକାରୀ)ରୁ କେତେ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ କେଉଁ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଛନ୍ତି , (ଖ ) କେଉଁ କେଉଁ ସରକାରୀ ତଥା ପି. ଏମ୍. ଶ୍ରୀ ( PM Shri) ବିଦ୍ୟାଳୟରୁ କେତେ ସଂଖ୍ୟକ ଛାତ୍ରଛାତ୍ରୀ A 1 ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଜଣାଇବେ କି , ଏବଂ କେତେକ ସରକାରୀ ବିଦ୍ୟାଳୟରୁ କୌଣସି ଛାତ୍ରଛାତ୍ରୀ A1 ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇନଥିବା ଶିକ୍ଷା ବ୍ୟବସ୍ଥାର ବିଫଳତାକୁ ସୂଚାଉଛି କି, ଯଦି ହଁ, ଏସବୁର କାରଣ କ'ଣ ରହିଛି ଏବଂ ସରକାର ଏହାର ପ୍ରତିକାର ପାଇଁ କ'ଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି?

----

## କମିଟିର ଅଧ୍ୟକ୍ଷ, ସଦସ୍ୟଙ୍କ ନାମ

1375 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଦ୍ୟାଳୟର ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀର ଛାତ୍ର ଛାତ୍ରୀଙ୍କ ସକାଶେ ୨୦୨୬- ୨୭ ଶିକ୍ଷା ବର୍ଷର ବିଭିନ୍ନ ପାଠ୍ୟ ପୁସ୍ତକ ପ୍ରଣୟନ ନିମନ୍ତେ ଯେଉଁସବୁ କମିଟି ଗଠନ କରାଯାଇଥିଲା, ସେ ସମସ୍ତ କମିଟିର ଅଧ୍ୟକ୍ଷ, ସଦସ୍ୟଙ୍କ ନାମ ଏବଂ ସେମାନଙ୍କ ମୂଳ ଅନୁଷ୍ଠାନର ଠିକଣା ଦେବା ସହିତ, ସେମାନଙ୍କ ନିଯୁକ୍ତି ପାଇଁ କିଏ କିଏ ସୁପାରିଶ କରିଥିଲେ ଓ କେଉଁ ଅଧିକାରୀ ତାକୁ ଅନୁମୋଦନ କରିଥିଲେ, ତାହା ଜଣାଇବେ କି, (କ) ବିଦ୍ୟାଳୟ ଶିକ୍ଷାର ପ୍ରଥମ ଶ୍ରେଣୀରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ଯେଉଁସବୁ ତ୍ରୁଟି ରହିଛି, ତା'ର ଆକଳନ ସରକାର କରିଛନ୍ତି କି, ଯଦି ହଁ, ତା'ର ଏକ ବିଶଦ ବିବରଣୀ ପ୍ରଦାନ କରିବେ କି, (ଖ) ଏ ତ୍ରୁଟି ପାଇଁ କିଏ କିଏ ଦାୟୀ ଏବଂ ସେମାନଙ୍କ ବିରୁଦ୍ଧରେ କ'ଣ ସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହା ଜଣାଇବେ କି, ଏବଂ ଚଳିତ ଶିକ୍ଷାବର୍ଷରେ ତୁରନ୍ତ ତ୍ରୁଟିଶୂନ୍ୟ ବହି ଛାତ୍ରଛାତ୍ରୀମାନଙ୍କୁ ଯୋଗାଇବା ଯୋଜନା ଅଛି କି ?

----

## Total number of Anwesha hostels

1376 **Shri Kalikesh Narayan Singh Deo (Bolangir):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- (a) the total number of Anwesha hostels functioning in Odisha, indicating separately boys', girls' and composite hostels; (b) the number of Anwesha girls'/composite hostels where a male Superintendent/Assistant Superintendent is presently posted, with hostel-wise details, and the prescribed Government rules/guidelines regarding posting of Superintendent/Assistant Superintendent in girls' hostels and whether male employees are permitted to hold such charge; whether a lady Assistant Superintendent, Anwesha Hostel, Patharchepa, Balangir was deputed/removed whether from the said hostel and a male teacher assigned the responsibility; and so, the reasons, authority and order under which the change was made?

----

**Total number of Government primary schools**

1377 **Shri Kalikesh Narayan Singh Deo (Bolangir):**

Will the Minister for **School and Mass Education** be pleased to state that:- (a) the total number of Government primary schools in urban areas of Odisha, ULB-wise; (b) the schemes, budget allocation and expenditure for infrastructure development of such schools during the last two years, ULB-wise; and the works undertaken during the said period, school-wise, indicating nature of work, scheme, sanctioned amount and expenditure; and the infrastructure gaps identified in each Government primary school under Balangir Municipality and works sanctioned/proposed to address them, with estimated cost and timeline?

----

**the total quantum of land required for the full campus of Rajendra University**

1378 **Shri Kalikesh Narayan Singh Deo (Bolangir):**

Will the Minister for **Higher Education** be pleased to state that:- (a) the total quantum of land required for the full campus of Rajendra University, Balangir as per its approved master plan/project report; (b) how much land has so far been identified, acquired or transferred to the University, and how much remains to be provided; and the present status of any pending land acquisition or transfer proposals, together with the reasons for delay, if any; and the timeline within which Government proposes to make available the balance land?

----

**total land requirement for the R.N. Singhdeo Sports Stadium**

1379 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) the total land requirement for the R.N. Singhdeo Sports Stadium at Balangir as per the sanctioned plan; (b) the extent of land presently available/in possession for the stadium and the extent yet to be acquired or transferred; whether any encroachment or ownership dispute exists over the required land, and if so, the steps taken its resolution; and the sanctioned cost, work stages and expected date of completion of the stadium?

----

**the number of playgrounds, stadium and sports infrastructure projects sanctioned for Balangir district**

1380 **Shri Kalikesh Narayan Singh Deo (Bolangir):**

Will the Minister for **Sports & Youth Services** be pleased to state that:- (a) the number of playgrounds, stadium and sports infrastructure projects sanctioned for Balangir district in the last three years, with their present status; (b) the number of sanctioned and vacant posts of Physical Education Teachers / coaches / District Sports Officers in the district; and the assistance provided to sports persons of the district under State sports schemes during this period?

----

**ବିଭିନ୍ନ ଜିଲ୍ଲାରେ ଚିହ୍ନଟ ହୋଇଥିବା ଭିନ୍ନକ୍ଷମଙ୍କ ସଂଖ୍ୟା**

1381 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରେ କେତେ ଭିନ୍ନକ୍ଷମ (ଦିବ୍ୟାଙ୍ଗ) ଚିହ୍ନଟ ହୋଇଛନ୍ତି, ତନ୍ମଧ୍ୟରୁ କେତେଜଣଙ୍କୁ ପେନ୍‌ସନ୍ ପ୍ରଦାନ କରାଯାଉଛି ଓ ସମସ୍ତ ଦିବ୍ୟାଙ୍ଗଙ୍କୁ ପେନ୍‌ସନ ପ୍ରଦାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

**ଅଚଳ ଭାରିଶିଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ**

1382 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁଠାରେ ସ୍ଥାପିତ କେଉଁ କେଉଁ ଭାରି ଶିଳ୍ପ କେବେଠାରୁ ଅଚଳ ଅବସ୍ଥାରେ ଅଛି, ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଫୁଟ୍‌ବଲ୍ ଖେଳକୁ ଲୋକପ୍ରିୟ କରିବା ପାଇଁ ପଦକ୍ଷେପ

1383 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଫୁଟ୍‌ବଲ୍ ଖେଳକୁ ଲୋକପ୍ରିୟ କରିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଟାଙ୍ଗୀଠାରେ ଏକ ଦକ୍ଷତା ବିକାଶ କେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତାବ

1384 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସାଲେପୁର ନିର୍ବାଚନ ମଣ୍ଡଳୀର ଟାଙ୍ଗୀଠାରେ ଏକ ଦକ୍ଷତା ବିକାଶ କେନ୍ଦ୍ର ଖୋଲିବା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ, ଏହାର କାର୍ଯ୍ୟକାରିତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଗ୍ରନ୍ଥାଗାର ନିର୍ଦ୍ଦେଶାଳୟ ପ୍ରତିଷ୍ଠା ପାଇଁ ପଦକ୍ଷେପ

1385 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗ୍ରନ୍ଥାଗାର ନିର୍ଦ୍ଦେଶାଳୟ ପ୍ରତିଷ୍ଠା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି, ରାଜ୍ୟରେ ଥିବା ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ସହିତ ଜିଲ୍ଲାସ୍ତରୀୟବିଭାଗୀୟ ଗ୍ରନ୍ଥାଗାର ମାନଙ୍କରେ ମଞ୍ଜୁରୀପ୍ରାପ୍ତ ବିଭିନ୍ନ ବର୍ଗର ଗ୍ରନ୍ଥାଗାରିକ ପଦବୀ ସହ ଅନ୍ୟ ମଞ୍ଜୁରୀପ୍ରାପ୍ତ ପଦବୀରୁ କେତେ ପଦବୀ ଖାଲି ଅଛି ଏହା ପୂରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଭାଷା (ସଂଶୋଧନ) ଅଧିନିୟମ କାର୍ଯ୍ୟକାରୀ

1386 **Shri Sudarshan Haripal (Rengali):**

Will the Minister for **Odia Language, Literature & Culture** be pleased to state that:- (କ) ଓଡ଼ିଶା ସରକାରୀ ଭାଷା (ସଂଶୋଧନ) ଅଧିନିୟମ କାର୍ଯ୍ୟକାରୀ ହେବା ପରଠାରୁ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ନକରିବା ଅପରାଧରେ କେତେଜଣ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଅଧିକାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି (ଖ) ଏହା କଣ ସତ୍ୟ କି ଯେ, ସଚିବାଳୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଏବଂ କ୍ୟାବିନେଟ୍ ନୋଟ୍ ଆଜି ବି କେବଳ ଇଂରାଜୀରେ ପ୍ରସ୍ତୁତ ହେଉଛି ?

----

## ଦଲିଲରାଜ ବନ୍ଦ କରିବା ପାଇଁ ପଦକ୍ଷେପ

1387 **Shri Sudarshan Haripal (Rengali):**

Will the Minister for **Social Security & Empowerment of Persons with Disabilities** be pleased to state that:-" ସମ୍ବଲପୁରର ରେଢ଼ାଖୋଲ ଅଞ୍ଚଳରେ ସମାଜିକ ସୁରକ୍ଷା ଆବେଦନ ମଞ୍ଜୁର କରିବା ପାଇଁ ଦଲାଲମାନେ ଜଣକ ପିଛା ୪,୦୦୦ ଟଙ୍କା ପର୍ଯ୍ୟନ୍ତ ଦାବି କରୁଥିବା ବିଷୟ ସତ୍ୟ କି ଯଦି ହଁ ଏହି ଦଲିଲରାଜ ବନ୍ଦ କରିବା ପାଇଁ ବିଭାଗ କାହିଁକି ସ୍ୱୟଂଚାଳିତ ଯାଞ୍ଚ ବ୍ୟବସ୍ଥା (Automated Verification) କାର୍ଯ୍ୟକାରୀ କରୁନଥିବା କାରଣ କଣ ରେଙ୍ଗାଲି ବ୍ଲକର ମଞ୍ଜୁର ହୋଇଥିବା ହିତାଧିକାରୀଙ୍କ ତାଲିକା ଏବଂ ଗତ ୬ ମାସ ଧରି ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟରେ ପଡ଼ିରହିଥିବା ଆବେଦନର ସବିଶେଷ ତଥ୍ୟ ପ୍ରଦାନ କରିବେ କି?

----

## ପ୍ରୋତ୍ସାହନ ରାଶି ବା ଆର୍ଥିକ ସହାୟତା ପ୍ରଦାନ

1388 **Shri Sudarshan Haripal (Rengali):**

Will the Minister for **Sports & Youth Services** be pleased to state that:- (କ) 'ଖେଳ ରତ୍ନ ଖୋଜ ଅଭିଯାନ' ମାଧ୍ୟମରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ଆଦିବାସୀବହୁଳ ଅଞ୍ଚଳରୁ କେତେଜଣ କ୍ରୀଡ଼ାବିତଙ୍କୁ ଚୟନ କରାଯାଇଛି (ଖ) ସମ୍ବଲପୁର ଜିଲ୍ଲାର କେଉଁ କେଉଁ କ୍ରୀଡ଼ାବିତଙ୍କୁ ଗତ ଦୁଇ ବର୍ଷ ମଧ୍ୟରେ ସରକାରୀ ସ୍ତରରେ ପ୍ରୋତ୍ସାହନ ରାଶି ବା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି?

----

## Gap Analysis' କରିବା ପାଇଁ ପଦକ୍ଷେପ

1389 **Shri Sudarshan Haripal (Rengali):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- "ରେଙ୍ଗାଲି ଅଧୀନରେ ଥିବା SMC ୱାର୍ଡଗୁଡ଼ିକରେ ରାସ୍ତା ଓ ଆଲୋକ ପାଇଁ ସମୀକ୍ଷା ଚାଲିଥିବା ବେଳେ ସଂଖ୍ୟାଲଘୁମାନଙ୍କ ପାଇଁ ଉଦ୍ଦିଷ୍ଟ ବହୁମୁଖୀ ବିକାଶ କାର୍ଯ୍ୟକ୍ରମ (MSDP) ହେଉନଥିବା ଏବଂ ସମ୍ବଲପୁର ଜିଲ୍ଲାରେ ସଂଖ୍ୟାଲଘୁ ଶିକ୍ଷା ଓ ଅନ୍ୟାନ୍ୟ ସୁବିଧା ପାଇଁ ବଜେଟ୍ ସ୍ଥିର ରହିଛି ଅବା କାରଣ ଜଣାଇବେ କି, PMJVK ନିର୍ଦ୍ଦେଶାବଳୀ ଅନୁଯାୟୀ ରେଙ୍ଗାଲିର ସଂଖ୍ୟାଲଘୁ ବହୁଳ ଅଞ୍ଚଳ ପାଇଁ ସରକାର କୌଣସି 'Gap Analysis' (ଅଭାବ ପରିମାପକ ଯାଞ୍ଚ) କରିଛନ୍ତି କି?

----

## ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ଖର୍ଚ୍ଚ

1390 **Shri Sudarshan Haripal (Rengali):**

Will the Minister for **Industries** be pleased to state that:- ସରକାରୀ ନିୟମ ଅନୁଯାୟୀ ଶିଳ୍ପାୟନରେ ପ୍ରତ୍ୟକ୍ଷ କ୍ଷତିଗ୍ରତ ହୋଇଥିବା ବ୍ଲକ ଅଞ୍ଚଳରେ ୭୦% ପାରିପାର୍ଶିକ ଉନ୍ନୟନ ପାଣ୍ଠି ଖର୍ଚ୍ଚ ହେବ ଏବଂ ପରୋକ୍ଷ କ୍ଷତିଗ୍ରସ୍ତ ଅଞ୍ଚଳରେ ୩୦% ଖର୍ଚ୍ଚ ହେବ, କିନ୍ତୁ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ରେଙ୍ଗାଲି ବ୍ଲକରେ ଏହି ନିୟମର ଉଲଂଘନ ହେଉଛି, ରେଙ୍ଗାଲି ଜିଲ୍ଲା ପରିଷଦ ଜୋନ ୨ ରେ ପାରିପାର୍ଶିକ ଉନ୍ନୟନ କାମ ଅତି ନଗଣ୍ୟ, ଆଦୌ ହେଉନାହିଁ କହିଲେ ଚଳେ, ଏସଂକ୍ରାନ୍ତରେ ସରକାର ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ଶିଳ୍ପାନୁଷ୍ଠାନଗୁଡିକୁ ତାଗିଦ କରି ରେଙ୍ଗାଲି ବ୍ଲକରେ ଥିବା ୧୫ ଟି ପଂଚାୟତ ଅଞ୍ଚଳର ମୌଳିକ ଭିତ୍ତିଭୂମିର ବିକାଶ ପାଇଁ ପାରିପାର୍ଶିକ ଉନ୍ନୟନ ପାଣ୍ଠିର ୭୦% ବିନିଯୋଗ ବ୍ୟବସ୍ଥା କରିବେ କି?

----

## IDCO ମାଧ୍ୟମରେ ଜମି ଅଧିନିୟମ

1391 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅନୁଗୁଳ ଜିଲ୍ଲା ଜରପଡାଠାରେ M/s Vimla Infrastructure Pvt. Ltd. କୁ ସରକାର IDCO ମାଧ୍ୟମରେ କେଉଁ ଉଦ୍ଦେଶ୍ୟରେ କେତେ ପରିମାଣର ଜମି କାମ କରିବା ପାଇଁ ଯୋଗାଇ ଦେଇଥିଲେ ଏବଂ IDCO ଠାରୁ M/s Vimla Infrastructure Pvt. Ltd. ସରକାରଙ୍କୁ କେଉଁ କେଉଁ ପ୍ରୋଜେକ୍ଟ କରିବା ନିମନ୍ତେ ଦରଖାସ୍ତ କରିଥିଲା ତାର ସବିଶେଷ ତଥ୍ୟ ପ୍ରଦାନ କରିବେ କି (ଖ) ରାଜ୍ୟରେ Multi Model logistick Park କରିବା ନିମନ୍ତେ କେଉଁ କେଉଁ ସଂସ୍ଥା ସରକାରଙ୍କ ଠାରୁ Single Window Clearance Authority ମାଧ୍ୟମରେ କିପରି application କରି କେଉଁ କେଉଁ ପ୍ରୋଜେକ୍ଟ ରିପୋର୍ଟ ଦେଇ IDCO ମାଧ୍ୟମରେ ଏଯାବତ କେତେ ଜମି ଅଧିଗ୍ରହଣ କରିଛନ୍ତି ତାର ତଥ୍ୟ ପ୍ରଦାନ କରିବେ କି?

----

## ଓଡିଆ ଭାଷାର ପ୍ରଚଳନ

1392 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୧୯୬୪ ମସିହାରୁ ଓଡିଆ ଭାଷା ଆଇନ ପ୍ରଚଳନ ହୋଇମଧ୍ୟ ଆଜିସୁଦ୍ଧା କେଉଁ ବାସ୍ତବ କାରଣ ଯୋଗୁଁ ଆମ ରାଜ୍ୟର ସମସ୍ତ ସରକାରୀ ତଥା ଅର୍ଦ୍ଧ ସରକାରୀ, ବେସରକାରୀ କାର୍ଯ୍ୟାଳୟରେ ଏଯାବତ୍ ଓଡିଆ ଭାଷାରେ ସଂପାଦନ ହୋଇପାରୁନାହିଁ କେବେସୁଦ୍ଧା ଏହା ସଂପୁର୍ଣ୍ଣ ହେବା ସହ ରାଜ୍ୟ ସଚିବାଳୟ ନଥିପତ୍ରରୁ ଆରମ୍ଭ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତଥା ରାଜ୍ୟ ନିର୍ଦ୍ଦେଶାଳୟ ପର୍ଯ୍ୟନ୍ତ ଓଡିଆ ଭାଷାରେ ପ୍ରଚଳନ ହୋଇପାରିବ ସେ ସଂପର୍କିତ ବାସ୍ତବ ତଥ୍ୟ ପ୍ରଦାନ କରିବେକି?

----

## ବିଶୃଙ୍ଖଳାକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

1393 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଜପତି ଓ ଖୋର୍ଦ୍ଧା ଜିଲ୍ଲା DEO କିମ୍ବା ବ୍ଲକସ୍ତରୀୟ BEO ମାନେ ସଦାସର୍ବଦା ସଜାଗ ରହିବା ଆବଶ୍ୟକ ଯେ ସେମାନଙ୍କର ଅଧିନରେ ଚାଲୁଥିବା ସମସ୍ତ ସରକାରୀ, ବେସରକାରୀ ତଥା Management Committee ଅଧିନସ୍ଥ ସମସ୍ତ ସ୍କୁଲ ପିଲାମାନଙ୍କର Academical Session ନିମନ୍ତେ ପୁରା course ସରିବା ପର୍ଯ୍ୟନ୍ତ ଥରେ ମାତ୍ର admission fees ସହ donation fees ନେଇ ବ୍ୟବସ୍ଥା ସହ ଯେପରି ପରବର୍ତ୍ତୀ ବର୍ଷ ନିମନ୍ତେ ପୁନର୍ବାର donation fees ନେଇପାରିବେ ନାହିଁ ସେଥିପ୍ରତି ବେଶ ସଜାଗ ରହିବା ସହ ବିଶୃଙ୍ଖଳାକାରୀଙ୍କ ବିରୁଦ୍ଧରେ ଦୃଢ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ନିମନ୍ତେ ସରକାରଙ୍କ ଠାରେ ଦୃଢ ଦାବୀ ଉପସ୍ଥାପନ କରିବେକି?

----

## ଶିକ୍ଷା ଭିତ୍ତିଭୂମି ଉନ୍ନୟନ

1394 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଓ ଶିକ୍ଷକମାନେ ଏକ ବିଭାଗ ଓ ଏକ ସ୍ଥାନରେ ୩ ବର୍ଷରୁ ଅଧିକ ବର୍ଷ କାର୍ଯ୍ୟ କରିବାର ପ୍ରାବଧାନ ନଥିବା ସମୟରେ ସମୟସୀମା ଠାରୁ ନିୟମ ବାହାରେ ବର୍ଷ ବର୍ଷ ଧରି ଏକ ସ୍ଥାନରେ କାର୍ଯ୍ୟକରୁଥିବା ସରକାରଙ୍କର ନଜରରେ ଅଛି କି, (ଖ) ଗଜପତି ଜିଲ୍ଲାରେ ପ୍ରାଥମିକ ଠାରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷା ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି କି ପଦକ୍ଷେପମାନ ଗ୍ରହଣ କରୁଛନ୍ତି?

----

## ଜାଲ ଜାତିଗତ ପ୍ରମାଣ ପତ୍ର

1395 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଶ୍ଚିମ ଓଡିଶାରୁ ସଂଖ୍ୟାଧିକ ଜାଲ ଜାତିଗତ ପ୍ରମାଣ ପତ୍ର ଦର୍ଶାଇ ବହୁ କର୍ମଚାରୀ ସରକାରୀ କଳରେ ବହୁ ବର୍ଷ ଧରି ଚାକିରୀ କରୁଥିବା ତଥ୍ୟ ଉନ୍ମୋଚନ ହୋଇଥିବା ସତ୍ୟ ଅଟେ କି, ଉତ୍ତର ହଁ ହେଲେ ବର୍ତ୍ତମାନ ସମୟରେ ବିଦ୍ୟାଳୟମାନଙ୍କରେ ଜାଲ ଜାତିଗତ ପ୍ରମାଣ ପତ୍ର ତଥା Birth Certificate ଦାଖଲ କରି ପାଠ ପଢୁଥିବା ତଥ୍ୟ ସରକାରଙ୍କର ନଜରରେ ଅଛି କି, ଉତ୍ତର ହଁ ହେଲେ ଭୁବନେଶ୍ୱରରେ ଚାଲୁଥିବା IBM Mancheswar Industrial Estate Rasulgarh Sector-A, Venketaswar English Medium School, DAV Pokhariput, Lingarajvihar School, BJEM English Medium School, Kalpana Square ଆଦିକୁ Board Certificate Form fill up ରେ Birth Certificate କୁ ତନ୍ନ ତନ୍ନ କରି ଦେଖିବା ପାଇଁ ପଦକ୍ଷେପ ନେବେ କି?

----

## High School କୁ upgrade କରିବା ପାଇଁ ପଦକ୍ଷେପ

1396 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚକସାର୍ଥୀ U P M E ବିଦ୍ୟାଳୟ ଏବଂ ରାଧାମୋହନଜୀଉ H i g h School କୁ upgrade କରିବା ପାଇଁ ସରକାରଙ୍କୁ ଯେଉଁ ପ୍ରସ୍ତାବ ଯାଇଥିଲା ତାହାର ବର୍ତମାନ ସୁଦ୍ଧା ସ୍ଥିତାବସ୍ଥା କଣ, Upgradation ପାଇଁ ସରକାରଙ୍କ ସମୟସୀମା କେତେ ଗତ ୧୦|୭|୨୬ ରେ ଯେଉଁ Upgradation ଅନୁମୋଦନ ପାଇଁ ଚିଠି ପ୍ରକାଶ ପାଇଲା, ଏହାର ବହୁ ପୁର୍ବରୁ ଉପରୋକ୍ତ ୨ଟି ବିଦ୍ୟାଳୟ Proposal ଦିଆଯାଇଥିଲେ ମଧ୍ୟ ସେଥିରେ ଅନୁମୋଦନ ନହେବାର କାରଣ କଣ ଏବଂ କେବେ ସୁଦ୍ଧା ଏହି ୨ଟି ବିଦ୍ୟାଳୟ Upgradation ହେବ ?

----

## DRM meeting ସଂପର୍କରେ

1397 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୨୦ ମସିହା ପୁର୍ବରୁ ଜିଲ୍ଲାରେ ସମଗ୍ର ଶିକ୍ଷା ଅନ୍ତର୍ଗତ ଜିଲ୍ଲା ସ୍ତରୀୟ ବେଳେ ସ୍ଥାନୀୟ MP/MLA ଙ୍କୁ ବେଳେ ଏବେ ଉକ୍ତ ବୈଠକରେ Review meeting ବା DRM ହେବା meetingଙ୍କୁ ଡାକିବାର ନଜିର ଥିବା ଜନପ୍ରତିନିଧିଙ୍କୁ ନଡାକିବା ପାଇଁ ବିଭାଗ ତରଫରୁ କିଛି ନିର୍ଦ୍ଦେଶ ଆସିଛି କି ? ଯଦି ନା ତେବେ ଶିକ୍ଷା ଅଧିକାରୀ ମାନଙ୍କୁ DRM meetingରେ MLA ମାନଙ୍କୁ ନିମନ୍ତ୍ରଣ ଦେବା ପାଇଁ ବିଭାଗ ନିର୍ଦ୍ଦେଶ ଦେବେ କି, (ଖ) ସମଗ୍ର ଶିକ୍ଷା ଅଭିଯାନ ତଥା ଅନ୍ୟାନ୍ୟ scheme ଅନ୍ତର୍ଗତ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ବିଗତ ୨ବର୍ଷ ୨୪/୨୫ ଏବଂ ଅଦ୍ୟାବଧି କଣ କାର୍ଯ୍ୟ ଓ କାର୍ଯ୍ୟକ୍ରମ ପାଇଁ ବିଭାଗକୁ କେତେ ଅର୍ଥ ଆସିଛି ? ବିଦ୍ୟାଳୟ ୱାରି କାର୍ଯ୍ୟ, ଅର୍ଥ ଏବଂ Agency ନାମ ସହିତ ତାହାର ଏକ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ପ୍ରତିମୂର୍ତି ସ୍ଥାପନ

1398 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଜିଲ୍ଲାରେ ଅଦ୍ୟାବଧି କେଉଁ ମହାପୁରୁଷଙ୍କ ପ୍ରତିମୂର୍ତି ସ୍ଥାପନ କରିବା ପାଇଁ ବିଭାଗ ପକ୍ଷରୁ ଅନୁମୋଦନ ହୋଇଛି, ତାହାର ବର୍ତ୍ତମାନ ସୁଦ୍ଧା ସ୍ଥିତାବସ୍ଥା କଣ, ବାଲେଶ୍ୱର ସହରରେ ପଦ୍ମଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ ଏବଂ ବିବେକାନନ୍ଦ ମାର୍ଗରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତି ସ୍ଥାପନ କରିବା ପାଇଁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ସେଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## CSR ପାଣ୍ଠି ବିନିଯୋଗ

1399 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- CSR ପାଣ୍ଠି ବିନିଯୋଗ କରିବା ପାଇଁ ସରକାରଙ୍କ କଣ ନିୟମାବଳୀ ଅଛି ? ଜିଲ୍ଲା ସ୍ତରୀୟ କମିଟି ଆହ୍ୱାନରେ ସ୍ଥାନୀୟ ବିଧାୟକଙ୍କୁ ନିମନ୍ତ୍ରଣ ଦେବାର ନିୟମ ରହିଛି କି, ବାଲେଶ୍ୱର ଜିଲ୍ଲାରେ ୨୪/୨୫/୨୬ ଆର୍ଥିକ ବର୍ଷରେ ଶିଳ୍ପ ସଂସ୍ଥା ଓ୍ୱାରି କେତେ ଅର୍ଥ କେଉଁ କାର୍ଯ୍ୟ ପାଇଁ ଖର୍ଚ୍ଚ କରିଛନ୍ତି ତାହାର ଏକ format ବିବରଣୀ ତଥ୍ୟ ପ୍ରଦାନ କରିବା ସହ ବାଲେଶ୍ୱରରେ ଚଳିତ ଆର୍ଥିକ ବର୍ଷରେ କେଉଁ ଶିଳ୍ପ ସଂସ୍ଥା କେତେ CSR ଅର୍ଥ ଖର୍ଚ୍ଚ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି କହିବେ କି ?

----

## Consultant ନିଯୁକ୍ତି

1400 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ସମେତ ସମଗ୍ର ଉତ୍ତର ଓଡ଼ିଶାର ଏକ ପ୍ରମୁଖ ଅନୁଷ୍ଠାନ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ନିୟମିତ ଅଧ୍ୟକ୍ଷ ଦେବା ପାଇଁ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହ ଏହାର ଆଧୁନିକୀକରଣ ତଥା ଜରାଜୀର୍ଣ୍ଣ ହୋଇଥିବା ଶ୍ରେଣୀ ଗୃହ, ହଷ୍ଟେଲ, କ୍ୟାଣ୍ଟିନ ଓ ସ୍ପୋର୍ଟ କମ୍ପ୍ଲେକ୍ସ ପାଇଁ consultant ନିଯୁକ୍ତ କରିବା ଦିଗରେ ବିଭାଗ ବିଚାର କରିବେ କି ?

----

## ସାମାଜିକ ନିରାପତ୍ତା ଓ ଆର୍ଥିକ ସୁରକ୍ଷା

1401 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ କେଉଁ ବର୍ଗର କେତେ ସଂଖ୍ୟକ ଅନୁସୂଚିତ ଜନଜାତି ଲୋକ ବସବାସ କରୁଛନ୍ତି, ତାହାର ଜିଲ୍ଲାଓ୍ୱାରୀ ତାଲିକା ପ୍ରଦାନ କରିବେ କି ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କ ସାମାଜିକ ନିରାପତ୍ତା ଓ ଆର୍ଥିକ ସୁରକ୍ଷା ନିମନ୍ତେ ବର୍ତ୍ତମାନ ସୁଦ୍ଧା କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ବିଜୁ ଯୁବ ବାହିନୀ ଗଠନର ଉଦ୍ଦେଶ୍ୟ

1402 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବିଜୁ ଯୁବ ବାହିନୀ ଗଠନ କରାଯାଇଥିଲା କି ଏଥି ନିମନ୍ତେ ରାଜକୋଷ ରୁ କେତେ ଅର୍ଥ ଖର୍ଚ୍ଚ ହୋଇଛି ଏହାର ମୂଳ ଉଦ୍ଦେଶ୍ୟ କଣ ଥିଲା, ବର୍ତ୍ତମାନ ଏହାର ସ୍ଥିତି କଣ ?

----

## ବୈଷୟିକ ଶିକ୍ଷା ବିଭାଗ ଜରିଆରେ ଆତ୍ମନିର୍ଭରଶୀଳତା

1403 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଜରିଆରେ କେତେ ଜଣ ଯୁବକ ଯୁବତୀଙ୍କୁ ଆତ୍ମ ନିର୍ଭର କରିବା ପାଇଁ ତାଲିମ ପ୍ରଦାନ କରିଛନ୍ତି ତାହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

## ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ର ପ୍ରଚାର ପ୍ରସାର

1404 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ର ପ୍ରଚାର ପ୍ରସାର କରିବା ପାଇଁ ବିଭାଗ ପକ୍ଷରୁ ଗତ ଦୁଇ ବର୍ଷ ମଧ୍ୟରେ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି, କେତେଟି ସରକାରୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି, ଏ ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଛି, କେଉଁ କେଉଁ ଟେଣ୍ଡରଧାରି ଉକ୍ତ କାର୍ଯ୍ୟକ୍ରମ ରେ ସମ୍ପୃକ୍ତ ଅଛନ୍ତି ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି?

----

## ପଦବୀ ପୂରଣ

1405 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତି କ୍ଷେତ୍ରରେ ଭିନ୍ନକ୍ଷମ ମାନଙ୍କ ନିମନ୍ତେ କେତେ ଆସନ ସଂରକ୍ଷିତ ରହିଛି ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା କେତେ କେଉଁ ବର୍ଗର କେତେ ପଦବୀ ଖାଲି ପଡ଼ିଛି କେବେ ସୁଦ୍ଧା ଏହି ପଦବୀ ଗୁଡିକ ପୂରଣ ହେବ?

----

## ଶ୍ରେଣୀ ଗୃହରେ ପଙ୍ଖା ଲଗାଇବାକୁ ପଦକ୍ଷେପ

1406 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉତ୍କଳ ବିଶ୍ୱବିଦ୍ୟାଳୟର MBA ବିଭାଗରେ ଅଧିକାଂଶ ଶ୍ରେଣୀ ଗୃହରେ ଆବଶ୍ୟକ ପଙ୍ଖା ବ୍ୟବସ୍ଥା ନଥିବାରୁ ବିଦ୍ୟାର୍ଥୀମାନେ ପ୍ରବଳ ଗରମରେ ଅତିଷ୍ଠ ହୋଇ ପାଠପଢୁଥିବା ପ୍ରତି ସରକାର ସଚେତନ ଅଛନ୍ତି କି, ଉତ୍ତର ହଁ ହେଲେ ବିଦ୍ୟାର୍ଥୀମାନେଙ୍କ କଥା ସୁରକ୍ଷା ଦୃଷ୍ଟିରୁ ଆବଶ୍ୟକ ପଙ୍ଖା ଲଗାଇବା ପାଇଁ ବ୍ୟବସ୍ଥା କରିବେ କି?

----

## ସ୍ଥାନୀୟ ପ୍ରାର୍ଥୀଙ୍କୁ ନିୟୋଜନ

1407 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାରଙ୍ଗ ଅଂଚଳରେ ପ୍ରତିଷ୍ଠିତ ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ପ୍ରାର୍ଥୀଙ୍କୁ ନିୟୋଜନ ପାଇଁ କି ବ୍ୟବସ୍ଥା କରାଯାଇ କେଉଁ ଶିଳ୍ପ ସଂସ୍ଥାରେ ମୋଟ କର୍ମଚାରୀଙ୍କ ମଧ୍ୟରୁ ବାରଙ୍ଗ ଓ ବାଙ୍କୀ ଅଂଚଳର କେତେଜଣ ପ୍ରାର୍ଥୀଙ୍କୁ ନିୟୋଜନ କରାଯାଇଛି?

----

## ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ

1408 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ନିର୍ବାଚନମଣ୍ଡଳୀରେ ବହୁ ସଂଖ୍ୟକ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହୋଇଥିବାବେଳେ ଏକ ଦକ୍ଷତା ବିକାଶ କେନ୍ଦ୍ର(Skill Development Centre) ଖୋଲାଯାଇ ସ୍ଥାନୀୟ ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ

1409 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ, ଡମପଡା, ବାରଙ୍ଗ ବ୍ଲକ ଅଧିନରେ କେଉଁ ଗ୍ରାମ ପଂଚାୟତରେ କେଉଁ ମୌଜାର କେତେ ଦିବ୍ୟାଙ୍ଗ ଚିହ୍ନଟ ହୋଇଥିବାବେଳେ ତନ୍ମଧ୍ୟରୁ କେତେଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ପେନସନ ପ୍ରଦାନ କରାଯାଉଛି ଓ ସମସ୍ତ ଦିବ୍ୟାଙ୍ଗମାନଙ୍କୁ ପେନସନ ପ୍ରଦାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ପ୍ରତିମୂର୍ତ୍ତି ସ୍ଥାପନ

1410 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀର ବରପୁତ୍ର ଡାକ୍ତର ଯୋଗେଶ ଚନ୍ଦ୍ର ରାଉତ, ଗୋବିନ୍ଦ ରଥଙ୍କ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## Auditorium ସ୍ଥାପନ

1411 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିକିଟି ନିର୍ବାଚନମଣ୍ଡଳୀର ପାତ୍ରପୁର ଓ ଚିକିଟି ଠାରେ କୌଣସି ପ୍ରେକ୍ଷାଳୟ ( Auditorium ) ନଥିବାରୁ ବିଭିନ୍ନ ସଭାସମିତି କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ବହୁ ଅସୁବିଧା ହେଉଛି ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ଦୁଇଟି ଜାଗାରେ ଦୁଇଟି ପ୍ରେକ୍ଷାଳୟ ( Auditorium ) ସ୍ଥାପନ ପାଇଁ ବ୍ୟବସ୍ଥା କରିବେ କି?

----

## Govt. ITI ସ୍ଥାପନ

1412 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚିକିଟି ନିର୍ବାଚନମଣ୍ଡଳୀ ପାତ୍ରପୁର ବ୍ଲକର କେଲୁଆଠାରେ ଏକ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ( Govt. ITI ) ନିର୍ମାଣ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇନାହିଁ ଏହା କାର୍ଯ୍ୟକ୍ଷମ କରିବା ପାଇଁ ବ୍ୟବସ୍ଥା କରିବେ କି?

----

## କ୍ରୀଡା ଶିକ୍ଷକ ପୁନଃ ନିଯୁକ୍ତି

1413 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ଶିକ୍ଷା ବିଭାଗରେ ଯେଉଁ ଶିକ୍ଷକ ବା ଶିକ୍ଷୟିତ୍ରୀ ଅବସର ନେଉଛନ୍ତି ସେମାନଙ୍କୁ Guest Faculty ଭାବେ ବିଭାଗ ପୁନଃ ଅବସ୍ଥାପିତ କରୁଛନ୍ତି କିନ୍ତୁ ସେ ସବୁକ୍ଷେତ୍ରରେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକମାନଙ୍କୁ ପୁନଃ ନିଯୁକ୍ତି ଅବସ୍ଥାପିତ କରାଯାଉନାହିଁ ଏଣୁ କ୍ରୀଡା ଶିକ୍ଷକମାନଙ୍କୁ ପୁନଃ ନିଯୁକ୍ତି ପାଇଁ ବ୍ୟବସ୍ଥା କରିବେକି?

----

## DPR ପ୍ରସ୍ତୁତି

1414 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚିକିଟି ନିର୍ବାଚନମଣ୍ଡଳୀର ପାତ୍ରପୁର ବ୍ଲକର ତୁମ୍ବାସ୍ଥିତ ଗୌଡଣୀ ଆଶ୍ରମ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ଅବ୍ୟବସ୍ଥା ଯଥା ଶ୍ରେଣୀଗୃହର ଅଭାବ, ଶିକ୍ଷକ ପଦବୀର ଅଭାବ, ପିଲାଙ୍କ ଖାଇବା ବ୍ୟବସ୍ଥାର ପରିଚାଳନା ଠିକ ଭାବେ ହେଉନଥିବା ବହୁ ଅଭିଯୋଗ ଦେଖାଦେଇଛି ତେଣୁ ଏସବୁର ସମାଧାନ ପାଇଁ ଉଚ୍ଚସ୍ତରୀୟ DPR ପ୍ରସ୍ତୁତି କରି ଏହାର ସମାଧାନ କରିବେକି?

----

## ଶିକ୍ଷକ ପଦବୀ ପୂରଣ

1415 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚିକିଟି ନିର୍ବାଚନ ମଣ୍ଡଳୀ ପାତ୍ରପୁର ବ୍ଲକର ଚାନ୍ଦପୁରରେ ଅବସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (O.A.V.S) ରେ ଦୀର୍ଘଦିନ ଧରି ବହୁ ଶିକ୍ଷକ ପଦବୀ ଖାଲି ପଡ଼ିଅଛି, ତେଣୁ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନରେ ଘୋର ଅସୁବିଧା ସୃଷ୍ଟି ହେଉଛି, ଏ ଦୃଷ୍ଟିରୁ ଏଠାରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ବ୍ୟବସ୍ଥା କରିବେ କି ?

----

## BEO ନିଯୁକ୍ତି

1416 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ଦୀର୍ଘ ଦିନ ଧରି BEO ପଦବୀ ଖାଲି ପଡିଥିବା ବେଳେ କେବେଠାରୁ ଅନ୍ୟ ବ୍ଲକର BEO ଅତିରିକ୍ତ ଦାୟିତ୍ୱରେ ରହି କାର୍ଯ୍ୟ ତୁଳାଉଛନ୍ତି, ତାହା ସରକାରଙ୍କ ନଜରରେ ଅଛି କି ; ଯଦି ହଁ, ବିଭାଗୀୟ କାର୍ଯ୍ୟ ସୁରୁଖୁରୁରେ ପରିଚାଳନା ପାଇଁ କେବେ ସୁଦ୍ଧା ନୂତନ BEO ନିଯୁକ୍ତି କରିବେ, ତାହା ଜଣାଇବା ସହ ନୂତନ BEO ନିଯୁକ୍ତିରେ ଅହେତୁକ ବିଳମ୍ବ ହେବାର କାରଣ କଣ ?

----

## Governing Body ସ୍ଥାପନ

1417 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକରେ କନ୍ଦାଖାଇ କଲେଜରେ କୌଣସି Governing Body ନଥିବା ସରକାରଙ୍କ ନଜରରେ ଅଛି କି ; ଯଦି ହଁ, ତେବେ ଏହି କଲେଜର ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଓ କଲେଜର ଶିକ୍ଷା ଅବ୍ୟବସ୍ଥାକୁ ସୁଧାରିବା ପାଇଁ କୌଣସି Special Officer Appointment କରିବାକୁ ଶୀଘ୍ର ପଦକ୍ଷେପ ନେବେ କି ?

----

## ରିପୋର୍ଟ ଉପସ୍ଥାପନ

1418 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ବ୍ରହ୍ମଗିରି ବ୍ଲକରେ ଅଯୋଗ୍ୟ, ଅବୈଧ ଅନୁମୋଦନ ଓ ମୃତ ହିତାଧିକାରୀଙ୍କ ନାମରେ ଭତ୍ତା ରାଶି ସମ୍ପୃକ୍ତ ପରିବାରର ସଦସ୍ୟ ଉଠାଉଥିବା ସରକାରଙ୍କ ନଜରକୁ ଆସିଛି କି ; ଯଦି ହଁ, ତେବେ ଏ ବାବଦରେ ବ୍ରହ୍ମଗିରି ବ୍ଲକ ନିମିତ୍ତ CDO-Cum- EO, ପୁରୀଙ୍କ ନିର୍ଦ୍ଦେଶରେ ଗଠନ କରାଯାଇଥିବା ଜିଲ୍ଲାସ୍ତରୀୟ କମିଟି କି ରିପୋର୍ଟ ଦେଇଛନ୍ତି, ତାହା ଉପସ୍ଥାପିତ କରିବା ସହ ଏହି ରିପୋର୍ଟ ଉପରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## SOP ଜାରି କରିବାକୁ ପଦକ୍ଷେପ

1419 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ଅଞ୍ଚଳରେ Skill Development ବିଭାଗରେ ବହୁ ଗୁଡିଏ ଡିପ୍ଲୋମା ଓ ଆଇଟିଆଇ କଲେଜ ରହିଛି, ସେହି କଲେଜ ଗୁଡିକରେ ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀମାନେ ଭଲ ଖାଦ୍ୟ ନ ପାଉଥିବା ସରକାରଙ୍କ ନଜରକୁ ଆସିଛି କି ; ଯଦି ହଁ, ତେବେ ସରକାର ନିର୍ଦ୍ଦିଷ୍ଟ ଭାବରେ ଉକ୍ତ କ୍ୟାଣ୍ଟିନମାନଙ୍କ ଉପରେ ପଦକ୍ଷେପ ନେଇ ଏଥିପାଇଁ କିଛି ନିର୍ଦ୍ଧାରିତ Standard Operating Procedure (SOP) ଜାରି କରିବେ କି ?

----

## Upgradation ପାଇଁ ପ୍ରସ୍ତାବ

1420 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବ୍ଲକ ଗ୍ରାଣ୍ଟ ସ୍କୁଲଗୁଡିକ ମଧ୍ୟରେ Single Teacher Transfer ପାଇଁ କିଛି ନିର୍ଦ୍ଦିଷ୍ଟ ନିୟମ ରହିଛି କି ; ଯଦି ନାହିଁ, ତେବେ ଏଥି ନିମିତ୍ତ ନୂତନ Policy ପାଇଁ ସରକାର କିଛି ପଦକ୍ଷେପ ନେବେ କି ; ଏଥିସହ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ଯେଉଁ ବ୍ଲକ ଗ୍ରାଣ୍ଟ ସ୍କୁଲଗୁଡ଼ିକରେ Teacher ନାହାନ୍ତି ବା ସ୍କୁଲ କାର୍ଯ୍ୟକ୍ଷମ ନାହିଁ, ସେଗୁଡିକୁ ସରକାରୀ ସ୍କୁଲ ସହ ମିଶ୍ରଣ (Merge) ପାଇଁ କେତୋଟି ପ୍ରସ୍ତାବ ଯାଇଛି ତାର ଏକ ତାଲିକା ଦେବା ସହ ଏଗୁଡିକ କେବେ ସୁଦ୍ଧା କାର୍ଯ୍ୟକାରୀ ହେବ, (ଖ) ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ଟି ବ୍ଲକରେ କେତୋଟି ସ୍କୁଲର Up- gradation ପାଇଁ ପ୍ରସ୍ତାବ ଆସିଛି ?

----

## IDCO ର ଜମି ଅଧିଗ୍ରହଣ

1421 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- IDCO ଦ୍ୱାରା ୨୦୨୪ ରୁ ଆଜିପର୍ଯ୍ୟନ୍ତ କେତେ Hector ଜମି କେଉଁ କେଉଁ Company କୁ ବା Entorprineer କୁ ଦିଆଯାଇଛି, ଆଉ କେତେ ଜମି development କରାଯାଇନାହିଁ, ଆଉ କେତେ ଜମି ବାକି ପଡ଼ିଛି ଏବଂ ଏହି ଜମି ଗୁଡ଼ିକୁ ଶିଳ୍ପର ବିକାଶ ପାଇଁ ଦିଆନଯିବାର କାରଣ କଣ?

----

## Indoor Stadium ନିର୍ମାଣ

1422 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ୍ରିଡ଼ାର ଉନ୍ନତୀପାଇଁ ସରକାର ପ୍ରତି ବ୍ଲକର Multipurpose Indoor Stadium ଗଢ଼ିବା ପାଇଁ ପ୍ରତିଶୃତି ଦେଉଥିବା ବେଳେ ବିଗତ ଦିନରେ ଗଢ଼ା ଯାଇଥିବା Multiactivity Indoor Stadium ର ରକ୍ଷଣାବେକ୍ଷଣ ପାଇଁ ଏହି ଦୁଇ ବର୍ଷରେ କେତେ ଟଙ୍କା କେଉଁ କେଉଁ ସ୍ଥାନରେ ଖର୍ଚ୍ଚ କରିଛନ୍ତି ?

----

## ଦୁର୍ଘଟଣା ଏଡ଼ାଇବା ପାଇଁ ପଦକ୍ଷେପ

1423 **ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପାରାଦ୍ୱୀପରେ ଯେଉଁ ଦୁଇଟି ସାର କାରଖାନା IFFCO ଏବଂ PPL ବିପୁଳ ପରିମାଣରେ ବ୍ୟବହାର କରୁଥିବା ଆମୋନିଆର ଦ୍ୱାର ପ୍ରତିବର୍ଷ ୬ ଲକ୍ଷ ମେଟ୍ରିକ ଟନ ଯାହାକି ଗୋଟିଏ ବିଷାକ୍ତ ଗ୍ୟାସ ଜନସାଧାରଣ ପାଇଁ ଯଦି କୌଣସି ପରିସ୍ଥିତିରେ ଦୁର୍ଘଟଣା ଘଟେ ତେବେ ଏହା ୧୯୮୪ ମସିହାରେ ଘଟିଥିବା ଭୋପାଳ ଗ୍ୟାସ ଦୁର୍ଘଟଣା ଭଳି କ୍ଷତିକାରଣ ହେବନି ତ, ସରକାର ଏଥିପାଇଁ କିକି ପଦକ୍ଷେପ ନେଉଛନ୍ତି ?

----

## ଜଗତସିଂପୁରରେ ଶିଳ୍ପ ସ୍ଥାପନ

**1424 ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପାରାଦ୍ୱୀପରେ ଗଢ଼ିଉଠିଥିବା ବିଭିନ୍ନ କଳକାରଖାନା ଗୁଡ଼ିକର ପଦକ୍ଷେପ ସ୍ୱାଗତ ଯୋଗ୍ୟ କିନ୍ତୁ ଜଗତସିଂହପୁରର ପାରାଦ୍ୱୀପରେ ବଢ଼ି ଚାଲିଥିବା ପରିବେଶ ପ୍ରଦୂଷଣ ଯୋଗୁଁ ବହୁତ ଚାଷି ଓ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତେଣୁ ଏ ପ୍ରଦୂଷଣ ରୋକିବା ପାଇଁ ସରକାର କି କି ପଦକ୍ଷେପମାନ ନେଉଛନ୍ତି ?

----

## ଭିନ୍ନକ୍ଷମଙ୍କୁ ନିଯୁକ୍ତି

**1425 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୨୪ - ୨୫ ଆରମ୍ଭରୁ ଏଯାଏଁ ରାଜ୍ୟରେ କେତେଜଣ ଭିନ୍ନକ୍ଷମଙ୍କୁ ଶିକ୍ଷା ଓ ତାଲିମ ଦିଆଯାଇ ନିଯୁକ୍ତି ପ୍ରଦାନ କରାଯାଇଛି ?

----

## ଶିଳ୍ପ ସ୍ଥାପନ

**1426 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ୨୦୨୪ - ୨୫ ଆରମ୍ଭରୁ ଏଯାଏଁ କେତୋଟି ଶିଳ୍ପର ନିର୍ମାଣ ଆରମ୍ଭ ହୋଇଛି ଓ ତନ୍ମଧ୍ୟରୁ କେତେଟିର ନିର୍ମାଣ ଶେଷ ହୋଇ ଉତ୍ପାଦନ ଆରମ୍ଭ ହେଲାଣି; ଏସବୁ ଶିଳ୍ପରେ କେତେ ପୁଞ୍ଜି କରାଯାଇଛି, କେଉଁ କେଉଁ କମ୍ପାନୀ ଏସବୁ ଶିଳ୍ପ ନିର୍ମାଣ କରୁଛନ୍ତି; ଉକ୍ତ ଶିଳ୍ପଗୁଡ଼ିକର ତାଲିକା ଉପସ୍ଥାପନ କରିବେ କି?

----

## Dropout ସଂଖ୍ୟା

**1427 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରାଥମିକ ସ୍କୁଲରେ ନାମ ଲେଖା ହାର କେତେ ଏବଂ କେତେ ପ୍ରତିଶତ ଛାତ୍ରଛାତ୍ରୀ ପ୍ରାଥମିକରୁ ହାଇସ୍କୁଲ ସ୍ତର ପର୍ଯ୍ୟାୟ ବିଭିନ୍ନ ସ୍ତରରେ ଅଧାରୁ ପଢ଼ା ଛାଡ଼ି ପଳାଉଛନ୍ତି ଏବଂ ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ତୁଳନାରେ ସେମାନଙ୍କ ମଧ୍ୟରେ Dropout ସଂଖ୍ୟା କେତେ ଅଧିକ ବା କମ ?

----

## ୭ମ ବେତନ କମିଶନ ଲାଗୁ କରିବାକୁ ପଦକ୍ଷେପ

**1428 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବେସରକାରୀ କଲେଜ ଗୁଡ଼ିକର ଅବସର ପ୍ରାପ୍ତ ଅଧ୍ୟାପକ ଅଧ୍ୟାପିକାମାନେ ସପ୍ତମ ବେତନ ସୁପାରିଶ କମିଶନ ଲାଗୁ ହେଲା ବେଳେ ଗ୍ରାଚୁଇଟି ଓ ଅନ୍ୟାନ୍ୟ ସୁବିଧା କ୍ଷେତ୍ରରେ ସରକାରୀ କଲେଜ ଅବସର ଅଧ୍ୟାପକ ଓ ଅଧ୍ୟାପିକାଙ୍କଠାରୁ କମ ସୁବିଧା ପାଇଥିଲେ କି; ଉତ୍ତର ହଁ ହୋଇଥିଲେ ଏହି ଭିନ୍ନତା କଣ ଥିଲା ଓ ତାର କାରଣ କଣ ; ସେହି ଅସଂଗତ ଦୂର କରିବା ପାଇଁ ବେସରକାରୀ କଲେଜ ଅଧ୍ୟାପକ ଅଧ୍ୟାପିକାମାନେ ସରକାର ନିକଟରେ ଦାବୀ କରି ଆସୁଥିବା ସତ୍ୟ କି ଓ ଉତ୍ତର ହଁ ହୋଇଥିଲେ ଏ ଦିଗରେ ସରକାର କି ପଦକ୍ଷେପ ନେଇଛନ୍ତି ?

----

## ଓଡ଼ିଶା ଭାଷା, ସାହିତ୍ୟ ପତ୍ର ପତ୍ରିକା ଯୋଗାଣ

1429 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପ୍ରଧାନ ସହର, ଜିଲ୍ଲା, ସବଡ଼ିଭିଜନ ମହକୁମା ସହ ଅନ୍ୟଠାରେ କେତୋଟି ସରକାରୀ ଓ ଘରୋଇ ଲାଇବ୍ରେରୀ ତଥା ପାଠନାଗାର ଅଛି ଏବଂ ଏପରି ଆଉ କେତୋଟି ଲାଇବ୍ରେରୀ ଖୋଲାଯିବା ଲାଗି ପଦକ୍ଷେପ ନିଆଯାଉଛି, ଉକ୍ତ ଲାଇବ୍ରେରୀରେ କେତେ ପୁସ୍ତକ ରହିଛି ଓ ସରକାରୀ ଲାଇବ୍ରେରୀ ଗୁଡ଼ିକ ବହି ଓ ପତ୍ରପତ୍ରିକା ଯୋଗାଇଦେବା ପାଇଁ କି ପଦକ୍ଷେପ ନେଉଛନ୍ତି ?

----

## Enhance Reservation for SC/ST

1430 **Shri Om Prakash Mishra (Satyabadi):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- (a) Whether the enhanced reservation for ST (22.5%), SC (16.25%) and SEBC (11.25%) students technical, medical and professional courses from the 2026-27 academic session has been fully implemented across all universities, ITIs and polytechnics in Puri district, including institution Satyabadi constituency; (b) The number of ST, SC and SEBC students from Satyabadi constituency who have benefite enhanced quota in the current admission cycle; Whether delays in issuance of caste/SEBC certificates by Collectorates, as flagged by the Government's own directive to district Collectors, have caused any eligible student in Puri district to miss deadlines ; The corrective steps being taken to ensure timely certificate issuance before the next admission cycle ?

----

## Development or Regional Sports Hubs

1431 **Shri Om Prakash Mishra (Satyabadi):**

Will the Minister for **Sports & Youth Services** be pleased to state that:- (a) Whether Government have sanctioned Rs. 600 crore for development of regional sports hubs in six districts of the State during 2026-27 and if so, the names of the districts selected along with the criteria applied for their selection; (b) Whether Puri district and Satyabadi constituency in particular despite its historical sporting talent pool and proximity to Bhubaneswar's sports infrastructure corridor, has been left out of this scheme and if yes, the reasons therefor; Whether Government propose to consider Satyabadi block or Kanas block as a site for a regional-level sports hub or centre of excellence, given the existing sports hostel at Puri and the constituency's youth population and if not, the alternative measures Government propose to ensure equitable district-wise distribution this 600 crore allocation ?

----

## OSDP Phase - II Allocation

1432 **Shri Om Prakash Mishra (Satyabadi):**

Will the Minister for **Skill Development & Technical Education** be pleased to state that:- (a) The details of the Rs. 1,140-crore OSDP Phase-II, set to run from October 2026 to November 2031 with ADB loan assistance of around Rs. 570 crore, including the annual target of training 60,000 youths in advanced and emerging technologies; (b) The district-wise and constituency-wise break-up of ITIs, polytechnics and skill centres proposed to be covered under this project and whether any institution in Puri district, particularly in Satyabadi constituency, has been identified for upgradation or new investment and the criteria used for selecting constituencies/districts for Phase-II coverage and the timeline for commencement of works in Puri district ?

----

## Odia Asmita Heritage Zone

1433 **Shri Om Prakash Mishra (Satyabadi):**

Will the Minister for **Odia Language, Literature & Culture** be pleased to state that:- (a) Whether the Government proposes to integrate the ongoing Rs. 585 crore Satyabadi-Bakula Bana heritage redevelopment project (announced at Suando on Utkal Divas 2026) with the Department's initiatives such as Odia Pakhya, Odia Bhasa Pratisthan training Odia Asmita Bhawan; (b) If so, the specific components through which Satyabadi will be developed as a flagship "Odia Asmita Heritage Zone" (including heritage corridor, Bana Vidyalaya

upgradation, library and interpretation facilities, cultural programming and Odia-language immersion activities if not, the reasons therefor ?

----

## Distribution of Hearing Aids

1434 **Shri Om Prakash Mishra (Satyabadi):**

Will the Minister for **Social Security & Empowerment of Persons with Disabilities** be pleased to state that:- a) Whether the Department has issued directions to District Social Security Officers (DSSOs) in August 2026 to ensure distribution of hearing aids and other assistive devices to hearing-impaired students in special schools audited by the CAG; (b) If so, the number of hearing aids and assistive devices allocated to Puri district during 2025-26 and 2026-27 so far, and how many have actually been distributed to beneficiaries in Satyabadi block and other blocks of Puri; Whether any shortfall or delay has been reported in Puri district in meeting the CAG-identified requirements, and the reasons there for the timeline by which all pending hearing aids and assistive devices for special-school students in Puri district will be supplied and fitted, and what monitoring mechanism is in place to prevent recurrence of non-distribution ; Whether the Department proposes to conduct a special camp in Satyabadi/Puri for assessment, fitting and follow-up of hearing aids and speech therapy support, in coordination with district administration and NGO's ?

----

## ଆର୍ଥିକ ସହାୟତା ପରିମାଣ

1435 **Shri Akhila Chandra Naik (Patna):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- କେନ୍ଦୁଝର ଜିଲ୍ଲାରେ କେଉଁ ବିଦ୍ୟାଳୟରେ କେତେ ସଂଖ୍ୟକ ଆନୁସୂଚିତ ଜାତି ଓ ଜନଜାତିର ଛାତ୍ର-ଛାତ୍ରୀ ଅଧ୍ୟୟନ କରୁଛନ୍ତି ତା'ର ବିଦ୍ୟାଳୟୱାରୀ ତଥ୍ୟ ପ୍ରଦାନ କରିବେ କି; ସେମାନଙ୍କର ଉନ୍ନତି ନିମନ୍ତେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ମାସିକ କେତେ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ଜଣାଇବେ କି ; ୨୦୨୪ ମସିହାରୁ ଏଯାବତ କେଉଁ ବିଦ୍ୟାଳୟରେ କେତେ ସଂଖ୍ୟକ ଛାତ୍ର ଛାତ୍ରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ?

----

## ନୂତନ କୌଶଳ ବିକାଶ କେନ୍ଦ୍ର ସ୍ଥାପନ

1436 **Shri Akhila Chandra Naik (Patna):**

Will the Minister for **Skill Development & Technical Education** be pleased to state that:- କେନ୍ଦୁଝର ଜିଲ୍ଲାରେ କେତେଗୋଟି କୌଶଳ ବିକାଶ କେନ୍ଦ୍ର ରହିଛି ଓଏଥିରେ ବାର୍ଷିକ କେତେ ଜଣ ଯୁବକ ଯୁବତୀ ତାଲିମ ନେଉଛନ୍ତି ତାର ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି ; ସେଥିରୁ ତାଲିମ ନେବା ପରେ ଯୁବକ ଯୁବତୀମାନେ କେଉଁଠାରେ ନିଯୁକ୍ତି ପାଇଛନ୍ତି ସେମାନଙ୍କର ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି ; ପାଟଣା, ସାହାରପଡ଼ା, ଝୁମ୍ପୁର ଚମ୍ପୁଆ ବ୍ଲକରେ ସମେତ ଆନନ୍ଦପୁର ଉପଖଣ୍ଡରେ ନୂତନ କୌଶଳ ବିକାଶ କେନ୍ଦ୍ର ଖୋଲିବା ନିମନ୍ତେ ବିଭାଗ ପଦକ୍ଷେପ ଗ୍ରହଣ କରିବ କି ?

----

## ITDA ଅଧିନରେ ଥିବା ପ୍ରକଳ୍ପ

**1437 Shri Akhila Chandra Naik (Patna):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- ITDA ଅଧୀନରେ କେନ୍ଦୁଝର ଜିଲ୍ଲାକୁ ୨୦୨୪ ଜାନୁଆରୀ ୧ରୁ ଏଯାବତ୍ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ; ଏହି ପ୍ରକଳ୍ପର ସମ୍ପୂର୍ଣ୍ଣ ତାଲିକା ଯଥା, କାର୍ଯ୍ୟର ନାମ, ସ୍ଥାନର ନାମ, ବ୍ୟୟ ଅଟକଳ ପରିମାଣ, କେତେ ଅର୍ଥ ବ୍ୟୟ ହୋଇଛି, କାର୍ଯ୍ୟକାରୀ ସଂସ୍ଥାର ନାମ, ପ୍ରକଳ୍ପର ସ୍ଥିତି ସମ୍ପର୍କରେ ଜଣାଇବେ କି ; ଏହାର ବର୍ଷୱାରୀ ଓ ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି ; ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପ ଗୁଡିକ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ ?

----

## ଅନୁଦାନ ବିବରଣୀ ପ୍ରଦାନ

**1438 Shri Akhila Chandra Naik (Patna):**

Will the Minister for **Skill Development & Technical Education** be pleased to state that:- ରାଜ୍ୟର କେଉଁ ବୈଷୟିକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ୦୧.୦୧. ୨୦୨୦ ଠାରୁ ଏଯାବତ କେତେ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି, ପ୍ରଦାନ କରାଯାଇଥିବା ଅର୍ଥ କେଉଁ କେଉଁ ଦିଗ ରେ ପ୍ରକଳ୍ପରେ ଖର୍ଚ୍ଚ ହୋଇଛି ?

----

## ଅଣଶିକ୍ଷକ ପଦବୀ ପୂରଣ

**1439 Shri Akhila Chandra Naik (Patna):**

Will the Minister for **School and Mass Education** be pleased to state that:- ଶିକ୍ଷା ଅଧିକାର ଆଇନ ଅନୁଯାୟୀ କେନ୍ଦୁଝର ଜିଲ୍ଲାରେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ସଂଖ୍ୟା କେତେ ; ଏଥିରୁ କେତେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି, ତାର ବିଦ୍ୟାଳୟୱାରୀ ତଥ୍ୟ ପ୍ରଦାନ କରିବେ କି ; ଖାଲି ପଡ଼ିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବି କେବେ ସୁଦ୍ଧା ପୂରଣ ହେବ ଜଣାଇବେ କି ?

----

## ପ୍ରୋତ୍ସାହିତ ସାଂସ୍କୃତିକ ଦଳର କାର୍ଯ୍ୟକ୍ରମ

**1440 Shri Mangu Khilla (Chitrakonda):**

Will the Minister for **Odia Language, Literature & Culture** be pleased to state that:- 3 ବର୍ଷରେ KBK ଜିଲ୍ଲାଗୁଡ଼ିକରେ ବିଭାଗ ପ୍ରୋତ୍ସାହିତ ସାଂସ୍କୃତିକ ଦଳ, ଭଜନ ଓ ମେଲୋଡି କାର୍ଯ୍ୟକ୍ରମ କେତେଟି ଆୟୋଜିତ ହୋଇଛି, ପ୍ରତ୍ୟେକ ଦଳର ଦଳପତିଙ୍କ ନାମ, ସ୍ଥାନ,ପ୍ରଦର୍ଶନ ସ୍ଥଳ, ପ୍ରତ୍ୟେକ କାର୍ଯ୍ୟକ୍ରମ ପାଇଁ ବିଭାଗୀୟ ବ୍ୟୟ, ଦର୍ଶକ ସଂଖ୍ୟା ଓ ସାମାଜିକ ପ୍ରତିକ୍ରିୟା, କାର୍ଯ୍ୟକ୍ରମ ପରେ ମୂଲ୍ୟାଙ୍କନ ରିପୋର୍ଟ ପ୍ରସ୍ତୁତ ହୋଇଛି କି, ଏବଂ କାହାର ଅନୁରୋଧରେ ଏହି କାର୍ଯ୍ୟକ୍ରମଗୁଡ଼ିକ ଆୟୋଜିତ ହୋଇଛି ?

----

## Cader ସୃଷ୍ଟି କରିବାକୁ ପଦକ୍ଷେପ

**1441 Shri Mangu Khilla (Chitrakonda):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- ITDA ଅନ୍ତର୍ଗତ ନିଜସ୍ୱ JE, AE, AEE, SE Cader ନଥିବା ଯୋଗୁଁ ଡେପୁଟେସନ୍ JE,AE, AEE, ଆସିବାର ଫଳରେ ପେରେଣ୍ଟାଲ ବିଭାଗରେ ମଧ୍ୟ ପଦବୀ ଖାଲି ରହିବା ସହ କାର୍ଯ୍ୟର ତଦାରଖ ଅଭାବ ପାଇଁ ଗୁଣବତ୍ତା ନଷ୍ଟ ହେବା ସହିତ ଉତ୍ତରଦାୟିତ୍ୱ ରହୁନଥିବା କଥା ସତ୍ୟ କି; ଡିପାର୍ଟମେଣ୍ଟାଲି କାର୍ଯ୍ୟ ନ କରି ଛୋଟ ଛୋଟ କାମକୁ F2ରେ ଠିକାଦାରଙ୍କ ଦ୍ୱାରା କରାଇବେ କି ; ବଡ ପ୍ରକଳ୍ପକୁ ତଦାରଖ କରିବା, ଡିଜାଇନ କରିବା AEEଙ୍କ ଛଡା ବୈଷୟିକ ଜ୍ଞାନର ଅଭାବ କାର୍ଯ୍ୟ ପରିଚାଳନାକୁ ପୁନର୍ଗଠନ କରି ଅର୍ଥ ଅପଚୟ ରୋକିବା ଦିଗରେ କଣ ବିଚାର ରହିଛି, ସ୍ପଷ୍ଟ କରିବେ କି; ବିଭାଗରେ କନିଷ୍ଠ ଯନ୍ତ୍ରୀଠୁ ଆରମ୍ଭ କରି ମୁଖ୍ୟ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ନିଜସ୍ୱ କେଡର ସୃଷ୍ଟି କରିବେ କି ; କିମ୍ବା ନିର୍ମାଣ ବିଭାଗ ମାନଙ୍କ ଦ୍ୱାରା କରିବାକୁ ପ୍ରସ୍ତାବ ରଖିବେ କି ?

----

## ୩ ମାସର ନିଯୁକ୍ତି ଓ ପ୍ରାପ୍ୟର ବିବରଣୀ ପ୍ରଦାନ

**1442 Shri Mangu Khilla (Chitrakonda):**

Will the Minister for **Sports & Youth Services** be pleased to state that:- (କ) ଅଗଷ୍ଟ 2026 ପର୍ଯ୍ୟନ୍ତ ବିଭାଗ ଅଧୀନରେ କେତେ ପଦବୀ ଖାଲି ରହିଛି; କେତେ OSD କାର୍ଯ୍ୟରତ ଅଛନ୍ତି ଓ କାହାର ଆଧାରରେ ଏହି ନିଯୁକ୍ତି ହୋଇଛି; ପଶୁ କ୍ରୀଡ଼ା ପାଇଁ ବ୍ୟବସ୍ଥା ନଥିଲେ, କେଉଁ ଦୃଷ୍ଟିରୁ ଭେଟେରିନାରୀ ଡାକ୍ତର OSD ରେ ରହିଛନ୍ତି, ପିଛଲା 10 ବର୍ଷରେ ଡ଼ାକ୍ତରଙ୍କୁ କେଉଁ ଭେଟେରିନାରୀ ଡାକ୍ତର asp ରେ ରହିଥିଲେ; ବର୍ତ୍ତମାନ ଭେଟେରିନାରୀ ଡାକ୍ତରୀ ଗତ 2 ବର୍ଷ ଧରି କ୍ରୀଡ଼ା ଓ ଯୁବ ସେବା ବିଭାଗରେ OSD ଭାବରେ ନିଯୁକ୍ତ କରାଯାଇଥିବା ସତ୍ୟ କି; ଏହା ଦ୍ୱାରା କେଉଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପୂରଣ ହେଉଛି, ଭେଟେରିନାରୀ OSD ପଦବୀ ବିଲୋପ ପାଇଁ ପ୍ରସ୍ତାବ ହୋଇଥିବା ସତ୍ୟ କି; (ଖ) ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପଦବୀ ପୂରଣ ପାଇଁ କେଉଁ ନିୟମ ଚଳିତ; ସେମାନଙ୍କର କାର୍ଯ୍ୟ ଓ ଦାୟିତ୍ୱ କ'ଣ; KBK ଜିଲ୍ଲାମାନଙ୍କରେ ପିଛଲା 4 ବର୍ଷରେ ଏହି ଦାୟିତ୍ୱ ନିଭାଇଥିବା ଅଧିକାରୀଙ୍କ ମୂଳ ପଦବୀ, ଜିଲ୍ଲା ଓ ବର୍ଷ ସହିତ ତଥ୍ୟ ପ୍ରଦାନ କରିବେ କି ; ମାଲକାନଗିରି ଜିଲ୍ଲାରେ ଥିବା ସମସ୍ତ କ୍ରୀଡ଼ା ବିଭାଗର କର୍ମଚାରୀଙ୍କ ଦାୟିତ୍ୱ ଆଧାରରେ, ପିଛଲା 3 ମାସର ନିଯୁକ୍ତି ଓ ପ୍ରାପ୍ୟ ସମ୍ବନ୍ଧୀୟ ତଥ୍ୟ ପ୍ରକାଶ କରିବେ କି ?

----

## ଖାଲି ପଦବୀ ପୂରଣ

**1443** **Shri Mangu Khilla (Chitrakonda):**

Will the Minister for **School and Mass Education** be pleased to state that:- ମାଲକାନଗିରି ଓ କୋରାପୁଟ ଜିଲ୍ଲା ଅଧୀନରେ ଶିକ୍ଷକ ପଦବୀଗୁଡ଼ିକ ଗତ ୪ ବର୍ଷରେ କେତେ ଓ କେଉଁ କାରଣରୁ ଖାଲି ରହିଛି; କେତେ ଓ କେଉଁ କାରଣରୁ ଅନ୍ୟ ଜିଲ୍ଲାକୁ ବଦଳି ହେବାରୁ ପଦବୀ ଖାଲି ହୋଇଛି; ବାହାର ଜିଲ୍ଲାର ଶିକ୍ଷକମାନେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ନିଯୁକ୍ତି ହେବାର କିଛିବର୍ଷ ପରେ ବିଭିନ୍ନ ଆଳ ଦେଖାଇ ନିଜ ଜିଲ୍ଲାକୁ ବଦଳି ହୋଇ ପଳାଉଛନ୍ତି ; ଉକ୍ତ ପଦବୀକୁ ସରକାର କେତେ ନୂଆ ନିଯୁକ୍ତି ଦେଇଛନ୍ତି ପ୍ରକାଶ କରିବେ କି ; ବାହାର ଜିଲ୍ଲାର ଶିକ୍ଷକ ମାନେ ନିଜର ଜିଲ୍ଲାକୁ ବଦଳିରେ ସମୁଦାୟ କେତେ ପଦବୀ ଏବେ ଖାଲି ଅଛି; ଏହି ସମ୍ବନ୍ଧରେ ଅବଗତ ଅଛନ୍ତି କି; ଯଦି ଉତ୍ତର "ହଁ", ତେବେ ଏପରି ବଦଳି ପାଇଁ ଖାଲିଥିବା ପଦବୀଗୁଡ଼ିକୁ ପୂରଣ ପାଇଁ ସରକାର ଜିଲ୍ଲାଭିତ୍ତିକ ନିଯୁକ୍ତି ପାଇଁ ଆଇନ ପ୍ରଣୟନ କରି ପଦକ୍ଷେପ ନେବେ କି ?

----

## ପ୍ରଶିକ୍ଷଣ ପ୍ରଦାନ

**1444** **Shri Mangu Khilla (Chitrakonda):**

Will the Minister for **Skill Development & Technical Education** be pleased to

state that:- ମାଲକାନଗିରି ଜିଲ୍ଲାରେ ୨୦୨୪-୨୫ ରୁ ଅଦ୍ୟାବିଧି ଓଡିଶା ଦକ୍ଷତା ବିକାଶ ଅଧିକାର ମାଧ୍ୟମରେ କେଉଁ କେଉଁ ସ୍ଥାନ/କି ପ୍ରକାର ତାଲିମ ବ୍ୟବସ୍ଥା କରି କେତେ ଅର୍ଥ ଖର୍ଚ୍ଚହୋଇଛି ଏବଂ କେତେ ଜଣ କେଉଁ କେନ୍ଦ୍ର ରୁ କେଉଁ ସ୍ଥାନରେ ସ୍ୱଳ୍ପ ନା ଦୀର୍ଘ ଦିନ ପାଇଁ ରୋଜଗାର ପାଇଁ ନିଯୁକ୍ତ ହୋଇଛନ୍ତି; ଚିତ୍ରକୋଣ୍ଡା ବିଧାନସଭା ମଣ୍ଡଳୀରେ ଥିବା ପାୱାର୍ ପ୍ଲାଣ୍ଟର ରକ୍ଷାବେକ୍ଷଣ ଓ ଶକ୍ତି ଉତ୍ପାଦନ ସମ୍ବନ୍ଧରେ ବିଭାଗ କେଉଁ ପଦକ୍ଷେପ ନେଇଛି; ପାୱାର୍ ପ୍ଲାଣ୍ଟରେ ଦକ୍ଷତା ବିକାଶ ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥା କରାଯାଇଛି କି; ସ୍ଥାନୀୟ ଯୁବକ/ଯୁବତୀଙ୍କୁ ପ୍ଲାଣ୍ଟ ରକ୍ଷାବେକ୍ଷଣ ଓ ଶକ୍ତି ଉତ୍ପାଦନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦେଇ, ସେମାନଙ୍କୁ ରୋଜଗାର ସୁବିଧା ଦେବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି କି ?

----

## Violation of ORV Act

1445 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether ORV in post & services ( ST & SC) Act- 1975 and Model Roster for ST, SC, SEBC & Women have been adopted in recent advertisement for appointment of faculty i.e. Asst Professor, Associate Professor & Professor in various Universities; if so, what are the sanctioned strength, posts lying vacant and propose numbers for appointment as per advertisement Cadre wise and University wise; Will the Govt furnish in details ; (b) If the act & model roaster are violated will the Govt take strong action against violator & by what time ?

----

## Student Atrocity and Death in SC/ST School

1446 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Howmany student have been physically attacked, tortured & also died due to negligence of authority in various School and Hostel run by ST & SC Development since July 2024 till the date; Will the Govt furnish the details of information district wise ?

----

## ଭତ୍ତା ପ୍ରଦାନ ସମ୍ପର୍କରେ

1447 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ମୋଟ କେତେ ଜଣ ହିତାଧିକାରୀ ବିଭିନ୍ନ ପ୍ରକାର ସାମାଜିକ ଭତ୍ତା ପାଉଛନ୍ତି, ତାର ଜିଲ୍ଲାୱାରୀ ତଥ୍ୟ ଦେବେ କି ଏବଂ କେଉଁ ଜିଲ୍ଲାରୁ କେତେ ଜଣ ଯୋଗ୍ୟ ବିବେଚିତ ଆବେଦନ କରି ଭତ୍ତା ଅପେକ୍ଷାରେ ଅଛନ୍ତି ଓ କେବେ ସୁଦ୍ଧା ପାଇବେ ; (ଖ) ହିତାଧିକାରୀମାନେ ମାସମାସ ଧରି ଭତ୍ତା ନିୟମିତ ପାଉନଥିବା ଓ ଭତ୍ତା ପାଇଁ ଦୂରସ୍ଥାନକୁ ଯାଇ ଦୁର୍ଦ୍ଦଶାଗ୍ରସ୍ତ ହେଉଥିବା ଖବର ସରକାର ଜାଣନ୍ତି କି; ଏହାର ପ୍ରତିକାର ପାଇଁ ପଦକ୍ଷେପ ନେବେ କି ?

----

## ପଠନ ସଂସ୍କୃତିର ବିକାଶ

1448 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ କେଉଁ କେଉଁ କେତେ ଗ୍ରନ୍ଥାଗାର ଚାଲୁଛି ଓ କେତେ ପାଠକ ଏହି ଗ୍ରନ୍ଥାଗାରରେ ସଦସ୍ୟ ପାଠକର ହୋଇଛନ୍ତି ସମସ୍ତ ଜିଲ୍ଲା ସଦର ମହକୁମା, ଉପଖଣ୍ଡ ସ୍ତରରେ ଗ୍ରନ୍ଥାଗାର ଅଛି କି ଯଦି ନାଁ, ତା ହେଲେ ପ୍ରତିଷ୍ଠା କରିବାକୁ ବିଚାର କରିବେ କି ; (ଖ) ରାଜ୍ୟରେ "ପଠନ ସଂସ୍କୃତି " ର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ କଣ; ବେସରକାରୀ ସଂସ୍ଥା ଦ୍ୱାରା ଗ୍ରନ୍ଥାଗାର ସ୍ଥାପନ କରାଗଲେ କୌଣସି ପ୍ରକାର ପ୍ରୋତ୍ସାହନ କିମ୍ବା ଆର୍ଥିକ ଅନୁଦାନର ବ୍ୟବସ୍ଥା ଅଛି କି, ଯଦି ନାଁ ବ୍ୟବସ୍ଥା କରିବେ କି ?

----

## ତ୍ରୁଟି ଶୂନ୍ୟ ପୁସ୍ତକ ପ୍ରଦାନ

1449 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଚଳିତ ଶିକ୍ଷାବର୍ଷରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେମୀ ପର୍ଯ୍ୟନ୍ତ ଅଧ୍ୟୟନ ରତ ଛାତ୍ରଛାତ୍ରୀ ମାନଙ୍କୁ କେବେ ସୁଦ୍ଧା ତ୍ରୁଟିଶୂନ୍ୟ ପାଠ୍ୟ ପୁସ୍ତକ ସରକାର ଯୋଗାଇବେ, ତାହା ସ୍ୱଷ୍ଟ କରିବେ କି; (ଖ) ଚଳିତ ବର୍ଷରେ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ମୁଦ୍ରଣ ଓ ପ୍ରକାଶନରେ ଖର୍ଚ୍ଚ କେତେ ହୋଇଥିଲା; ଏହି ମୁଦ୍ରଣ ଓ ପ୍ରକାଶନ ଖର୍ଚ୍ଚ ଦାୟୀ ଅଧିକାରୀଙ୍କଠାରୁ ଆଦାୟ ପାଇଁ ସରକାର ପଦକ୍ଷେପ ନେବେ କି ?

----

## ଓଡ଼ିଆ ଭାଷାରେ ସରକାର କାର୍ଯ୍ୟ

1450 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଆ ଭାଷାରେ ସମସ୍ତ ସରକାରୀ ଫାଇଲ ଓ ଚିଠି ପତ୍ର ଓଡ଼ିଆ ଭାଷାରେ କାର୍ଯ୍ୟକାରୀ କରିବା ନିମନ୍ତେ ସରକାରୀ ନିତିଗତ ନିଷ୍ପତ୍ତି ନେଇଥିଲେ ମଧ୍ୟ ପ୍ରକୃତ ପକ୍ଷେ ଅଧିକାଂଶ ସରକାରୀ ଅଫିସରେ ତାହା କାର୍ଯ୍ୟକାରୀ ହେଉନଥିବା ସରକାରଙ୍କ ନଜରକୁ ଆସିଛି କି; ଯଦି ଆସିଥାଏ, ତେବେ ଖିଲାପ କରୁଥିବା ଅଧିକାରୀଙ୍କ ପ୍ରତି କେଉଁ ପ୍ରକାର ଦଣ୍ଡ ବିଧାନ କରାଯିବ କିମ୍ବା କରାଯାଉଛି ?

----

## ଭିନ୍ନକ୍ଷମଙ୍କୁ ନିଯୁକ୍ତି

1451 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ କେତେ ଜଣ ଭିନ୍ନକ୍ଷମ ଲୋକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ୍ ପ୍ରଦାନ କରିଛନ୍ତି, ସେଥି ମଧ୍ୟରୁ କେତେ ଜଣ ଭିନ୍ନକ୍ଷମ ଉଚ୍ଚ ଶିକ୍ଷିତ ପ୍ରାପ୍ତ କରିଛନ୍ତି; ସେମାନଙ୍କ ଶିକ୍ଷାଗତ ଯୋଗ୍ୟତାକୁ ଭିତ୍ତିକରି କେତେ ଜଣ ଭିନ୍ନକ୍ଷମଙ୍କୁ ସରକାର ନିଯୁକ୍ତି ପ୍ରଦାନ କରିଛନ୍ତି ?

----

## Training ପ୍ରଦାନ

1452 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାର କେଉଁ କେଉଁ ବ୍ଲକ ଓ ପୌରାଞ୍ଚଳର କେତେ ସଂଖ୍ୟକ ଛାତ୍ର/ଛାତ୍ରୀଙ୍କୁ ଅଦ୍ୟାବଧି ଦକ୍ଷତା ବିକାଶ ବିଭାଗ ଦ୍ୱାରା Training ପ୍ରଦାନ କରାଯାଇ ସେମାନଙ୍କୁ କେଉଁ କେଉଁ ସଂସ୍ଥାରେ ଥଇଥାନ/ନିଯୁକ୍ତି ପ୍ରଦାନ କରାଯାଇଅଛି ଏବଂ କେତେ ଜଣଙ୍କୁ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି ?

----

## Stadium ନିର୍ମାଣ

1453 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ପ୍ରତ୍ୟେକ ଗ୍ରାମପଞ୍ଚାୟତ ହେଡ଼କ୍ୱାଟର ଓ ବ୍ଲକ ହେଡ଼କ୍ୱାଟରରେ ଗୋଟିଏ ଲେଖାଏଁ stadium/ mini stadium ପ୍ରତିଷ୍ଠା କରାଯିବା ନିମନ୍ତେ ସରକାର କୌଣସି ନିତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି କି; ଯଦି କରିଥାନ୍ତି, ତେବେ କେନ୍ଦୁଝର ଜିଲ୍ଲାରେ ବର୍ତ୍ତମାନ କେତୋଟି stadium ନିର୍ମାଣ କରିଛନ୍ତି କିମ୍ବା ନିର୍ମାଣ କରିବାକୁ ନିତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି ?

----

## ଜୁଆଙ୍ଗ ଏବଂ ଭୂଆଁଙ୍କ ଉନ୍ନତି

1454 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କେନ୍ଦୁଝର ଜିଲ୍ଲାରେ କେତେ ସଂଖ୍ୟକ ଜୁଆଁଙ୍ଗ ଓ ଭୂୟାଁ ପରିବାର ବସବାସ କରୁଅଛନ୍ତି ଏବଂ ସେମାନଙ୍କ ବିକାଶ ପାଇଁ ବର୍ତ୍ତମାନ କେଉଁ କେଉଁ ଯୋଜନା କାର୍ଯ୍ୟକାରୀ କରାଯାଇ କେତୋଟି ପରିବାରକୁ ସହାୟତା ପ୍ରଦାନ କରାଯାଇ ଅଛି; (ଖ) ବିଗତ ପାଞ୍ଚ (୫) ବର୍ଷରେ ଜୁଆଁଙ୍ଗ/ଭୂୟାଁ ଉନ୍ନୟନ ଏଜେନ୍ସି (JDA)କୁ କେତେ ଅର୍ଥ ପ୍ରଦାନ କରାଯାଇଅଛି ଏବଂ କେଉଁ କେଉଁ ସହାୟତା କେତୋଟି ପରିବାରକୁ ପ୍ରଦାନ କରିବା ପାଇଁ ଲକ୍ଷଧାର୍ଯ୍ୟ କରାଯାଇଛି ?

----

## ସ୍ଥାନୀୟ ଯୁବକ/ ଯୁବତୀଙ୍କୁ ନିଯୁକ୍ତି

1455 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲା):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାରେ Vedanta ଭଳି ବେସରକାରୀ ସଂସ୍ଥା କାର୍ଯ୍ୟରତ ଥିବା ସତ୍ତ୍ୱେ ସ୍ଥାନୀୟ ଶିକ୍ଷିତ ଯୁବକ ମାନଙ୍କୁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ଦିଆନଯାଉଥିବା କଥା ସତ୍ୟ କି; ଉକ୍ତ Industry ଗତ ପାଞ୍ଚ ବର୍ଷରେ କଳାହାଣ୍ଡି ଜିଲ୍ଲାରେ କେତେ ନିଯୁକ୍ତି ଦେଇଛନ୍ତି ଓ ସେଥିରୁ ସ୍ଥାନୀୟ ଯୁବକ/ଯୁବତୀ ସଂଖ୍ୟା କେତେ ?

----

## ରାମପୁରଠାରେ Centre ଖୋଲିବା ପାଇଁ ପ୍ରସ୍ତାବ

1456 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନର୍ଲା କିମ୍ବା ରାମପୁରଠାରେ Skill Development Centre କିମ୍ବା (ITI) ଖୋଲିବା ପାଇଁ ସରକାରଙ୍କ ପାଖରେ ପ୍ରସ୍ତାବ ଅଛି କି, ଯଦି ପ୍ରସ୍ତାବ ନାହିଁ ତେବେ ସରକାର ପଦକ୍ଷେପ ନେବେ କି ?

----

## ଯୁବ ଲେଖକ ସାରସ୍ୱତ ସମାବେଶ

1457 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶା ସାହିତ୍ୟ ଏକାଡ଼େମୀ ତରଫରୁ କଳାହାଣ୍ଡି ଜିଲ୍ଲାରେ ଗତ ତା.୧୧.୦୪.୨୦୨୫ରେ ରାଜ୍ୟସ୍ତରୀୟ ଯୁବ ଲେଖକ ସାରସ୍ୱତ ସମାବେଶ ଓ କବିତା ପାଠୋତ୍ସବ ଓ ଓଡ଼ିଆ ପକ୍ଷପାଳନ ଅବସରରେ ପ୍ରତ୍ୟେକ ଜିଲ୍ଲାର ବରପୁତ୍ର ମାନଙ୍କର ସ୍ମୃତିଚାରଣ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା, ଏହି ଦୁଇଟି କାର୍ଯ୍ୟକ୍ରମରେ କେତେ ଲୋକ ଅଂଶ ଗ୍ରହଣ କରିଥିଲେ, କେଉଁ ଜାଗାରେ ହୋଇଥିଲା, କେତେ ଟଙ୍କା ଖର୍ଚ୍ଚ ହୋଇଥିଲା ?

----

## ଘୁମୁରା ୨୦୨୬ ଅବସରରେ ଆସିଥିବା ଅର୍ଥର ପରିମାଣ

1458 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାର ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୬ ଅବସରରେ ବିଭାଗ ତରଫରୁ କେତେ ଅର୍ଥରାଶି ଆସିଥିଲା ଓ କେତେ ଖର୍ଚ୍ଚ ହୋଇଥିଲା ?

----

## ଅନ୍ୟ ଜିଲ୍ଲାକୁ ବଦଳି ହୋଇଥିବା ଶିକ୍ଷକଙ୍କ ସଂଖ୍ୟା

1459 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୪ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲାରୁ କେତେଜଣ ଶିକ୍ଷକ ଅନ୍ୟଜିଲ୍ଲାକୁ ବଦଳି ହୋଇଛନ୍ତି, କଳାହାଣ୍ଡି ଜିଲ୍ଲାରେ ଶିକ୍ଷକଛାତ୍ର ଅନୁପାତ କେତେ ହେବା ଉଚିତ୍ ଏବଂ ବର୍ତ୍ତମାନ ଜିଲ୍ଲାରେ ଏହି ଅନୁପାତ କେତେ ଅଛି, ଖାଲି ପଡ଼ିଥିବା ଶିକ୍ଷକ ପଦବୀ ଗୁଡ଼ିକ କେବେ ପୂରଣ କରାଯିବ ?

----

## ITDA କାର୍ଯ୍ୟାଳୟ ଛାତ ଉପରେ ନିର୍ମାଣ କାର୍ଯ୍ୟ

1460 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ ୩ ବର୍ଷରେ ରାୟଗଡ଼ା ଜିଲ୍ଲା ସଦର ମହକୁମା ITDA କାର୍ଯ୍ୟାଳୟ ଛାତ ଉପରେ ବର୍ଷୱାରୀ କେଉଁ ଉନ୍ନୟନ/ନିର୍ମାଣ କାର୍ଯ୍ୟ, କେଉଁ ଯୋଜନା/ପାଣ୍ଠିରୁ, କେତେ ଅନୁମୋଦିତ ଅର୍ଥ ଓ ବ୍ୟୟରେ ହୋଇଛି; ଟେଣ୍ଡର/କାର୍ଯ୍ୟାଦେଶ ଏବଂ ଏହି କାର୍ଯ୍ୟରେ ଆଦିବାସୀମାନଙ୍କୁ ମିଳିଥିବା ସୁବିଧାର ବିବରଣୀ କ'ଣ?

----

## ସାଂସ୍କୃତିକ କାର୍ଯ୍ୟକ୍ରମର ଅଡ଼ିଟ୍

1461 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡ଼ା ଜିଲ୍ଲା ସଂସ୍କୃତି ବିଭାଗର ଗତ ୧୦ ବର୍ଷର ସମସ୍ତ ସଂସ୍କୃତିକ କାର୍ଯ୍ୟକ୍ରମର ଅଡିଟ୍ ହୋଇଛି କି; ଯଦି ହୋଇଛି, ତେବେ ସରକାର ନିମ୍ନଲିଖିତ ତଥ୍ୟ ପ୍ରଦାନ କରିବେ କି; (କ) କେଉଁ କେଉଁ ଆର୍ଥିକ ବର୍ଷର ଅଡିଟ୍ ସମ୍ପନ୍ନ ହୋଇଛି ଏବଂ କେଉଁ ସଂସ୍ଥା/କର୍ତ୍ତୃପକ୍ଷ ଦ୍ୱାରା ତାହା କରାଯାଇଛି; ସେହି ବର୍ଷ ମାନଙ୍କରେ କିଏ ଦାୟିତ୍ୱରେ ଥିଲେ; (ଖ) ଅଡିଟ୍ କୌଣସି ଆର୍ଥିକ ଅନିୟମିତତା, ଅଡିଟ୍ ଆପତ୍ତି, ନିର୍ଦ୍ଧାରିତ ନିୟମର ଅନୁପାଳନର ଖିଲାପ କିମ୍ବା ଗୁରୁତର ତ୍ରୁଟି ଚିହ୍ନଟ ହୋଇଛି କି; ଉକ୍ତ ଆପତ୍ତିଗୁଡ଼ିକର ବର୍ତ୍ତମାନ ସ୍ଥିତି କ'ଣ ଏବଂ ତୃଟି ପାଇଁ କି ପଦକ୍ଷେପ ନିଆଯାଇଛି ?

----

## ଜମି ଅଧିଗ୍ରହଣ ଏବଂ କ୍ଷତିପୂରଣ ପ୍ରଦାନ

1462 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାୟଗଡ଼ା ଜିଲ୍ଲାରେ ଉତ୍କଳ ଆଲୁମିନା ପ୍ରକଳ୍ପର ପରିବହନ ପାଇଁ ରେଳ ଧାରଣା ନିର୍ମାଣ ନିମନ୍ତେ କେଉଁମାନଙ୍କ ଠାରୁ କେତେ ପରିମାଣ ଜମି ଅଧିଗ୍ରହଣ କରାଯାଇଛି ଏବଂ ଜମିଦାତା ପରିବାରଙ୍କୁ ନିଯୁକ୍ତି, ଥଇଥାନ ଓ ଚିକିତ୍ସା ସହାୟତା ସମ୍ପର୍କରେ କୌଣସି ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା କି; (ଖ) ଅବଶିଷ୍ଟ ଜମିରୁ ମାଟି ଉତ୍ତୋଳନ କରାଯାଇଥିଲା କି, ଯଦି ହଁ, କେଉଁ ଆଇନଗତ ଅନୁମତିରେ ଏବଂ କାହାର ଜମିରୁ ଉତ୍ତୋଳନ ହୋଇଛି ଏବଂ କ୍ଷତିପୂରଣ ଦିଆଯାଇଛି କି; ପରିବାର ମାନଙ୍କ ପକ୍ଷରୁ ଦାଖଲ ଅଭିଯୋଗଗୁଡ଼ିକ ଉପରେ କ'ଣ ପଦକ୍ଷେପ ନିଆଯାଇଛି; ଜମିଦାତାମାନଙ୍କ ବିରୋଧରେ ରୁଜୁ ମାମଲାର ଆଇନଗତ ଆଧାର କ'ଣ ଏବଂ ଟିକିରି ଅଞ୍ଚଳର ଜମିଦାତାମାନଙ୍କୁ ପ୍ରତିଶ୍ରୁତ ନିଯୁକ୍ତି, ଚିକିତ୍ସା ଓ ଜୀବିକା ପୁନର୍ବାସ ସୁବିଧାର ପାଳନ ନେଇ ସ୍ଥିତି କ'ଣ ରହିଛି ?

----

## NOC ପ୍ରଦାନ

1463 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାୟଗଡ଼ା ଜିଲ୍ଲାରେ ଥିବା ବେସରକାରୀ ଓଡ଼ିଆ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ନାମ, ଠିକଣା, କେତେ ସଂଖ୍ୟା, ଶ୍ରେଣୀୱାରୀ ଛାତ୍ରଛାତ୍ରୀ ସଂଖ୍ୟା ଓ ଶିକ୍ଷକ-ଛାତ୍ର ଅନୁପାତର ତଥ୍ୟ ସରକାର ପ୍ରଦାନ କରିବେ କି; (ଖ) ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଉକ୍ତ ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ଶିକ୍ଷକ ପଦବୀ ପୂରଣ ହୋଇଛି କି, ଯଦିଓ ନାହିଁ ବିଦ୍ୟାଳୟୱାରୀ ସ୍ଥିତି କ'ଣ; ଉକ୍ତ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି, ଶୌଚାଳୟ, ଖେଳପଡ଼ିଆ ଓ ଅଗ୍ନିନିରାପତ୍ତା ବ୍ୟବସ୍ଥା ସରକାରୀ ନିର୍ଦ୍ଧାରିତ ମାନଦଣ୍ଡ ଅନୁରୂପ ଅଛି କି; ଉକ୍ତ ବିଦ୍ୟାଳୟଗୁଡ଼ିକୁ NOC କେବେ ପ୍ରଦାନ କରାଯାଇଛି, ତାହାର ବୈଧତା ଅବଧି କେତେ ଏବଂ ବର୍ତ୍ତମାନ କେତୋଟି ବିଦ୍ୟାଳୟର NOC ବୈଧ ଅଛି, କେଉଁ କେଉଁ ଅଧିକାରୀ ତଦାରଖ କରିଛନ୍ତି ?

----

## ପଦବୀ ପୂରଣ ପାଇଁ ପଦକ୍ଷେପ

1464 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାୟଗଡ଼ା, ଗୁଣପୁର ପୌରପରିଷଦ ଏବଂ ସମସ୍ତ ବ୍ଲକ୍ ସଦର ମହକୁମାର ୫ କି.ମି. ପରିସର ମଧ୍ୟରେ ଥିବା ବିଦ୍ୟାଳୟଗୁଡ଼ିକରେ କେତେଜଣ ସରକାରୀ ଶିକ୍ଷକ ଶିକ୍ଷୟିତ୍ରୀ କେବେଠାରୁ କାର୍ଯ୍ୟରତ ଅଛନ୍ତି; (ଖ) ଉକ୍ତ ବିଦ୍ୟାଳୟଗୁଡ଼ିକର ନାମ, ଅବସ୍ଥାନ, ଅନୁମୋଦିତ ପଦ, କାର୍ଯ୍ୟରତ ଶିକ୍ଷକ ସଂଖ୍ୟା ଓ ଛାତ୍ର-ଶିକ୍ଷକ ଅନୁପାତର ବିବରଣୀ ସରକାର ପ୍ରଦାନ କରିବେ କି ; ୫ କି.ମି. ପରିସର ବାହାର ଗ୍ରାମାଞ୍ଚଳର ବିଦ୍ୟାଳୟଗୁଡ଼ିକରେ ଏହି ଅନୁପାତ ଅନୁଯାୟୀ ଶିକ୍ଷକ ପଦାୟନ ହୋଇଛି କି; ଯଦିଓ ହଁ, ସ୍କୁଲର ନାମ, ଅବସ୍ଥାନ, ଅନୁମୋଦିତ ପଦ, କାର୍ଯ୍ୟରତ ଶିକ୍ଷକ ସଂଖ୍ୟା ଓ ଛାତ୍ର-ଶିକ୍ଷକ ଅନୁପାତର ବିବରଣୀ ସରକାର ପ୍ରଦାନ କରିବେ କି ; ଏବଂ ନିୟମାନୁଯାୟୀ ଶିକ୍ଷକ ପଦାୟନ ନହୋଇଥିବା ବିଦ୍ୟାଳୟଗୁଡ଼ିକରେ ପଦ ପୂରଣ ପାଇଁ ସରକାର କ'ଣ ପଦକ୍ଷେପ ନେଇଛନ୍ତି ?

----

## ଠିକାଦାରଙ୍କ ନାମ ଠିକଣା ପ୍ରଦାନ

1465 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟରେ 2019-2026 ମଧ୍ୟରେ କେଉଁ କେଉଁ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କରାଯାଇଛି ଏବଂ 5T ନାମରେ କେତେଟଙ୍କା ବ୍ୟୟବରାଦ କରାଯାଇ କେଉଁ କେଉଁ କାର୍ଯ୍ୟ ସମ୍ପାଦନ କରାଯାଇଛି ଏବଂ ଆଗକୁ କେଉଁ ଉନୟନ ମୂଳକ କାର୍ଯ୍ୟ ହେବାର ଯୋଜନା ଅଛି ; (ଖ) ଉକ୍ତ କାର୍ଯ୍ୟ କେଉଁ ଠିକାଦାରଙ୍କ ଦ୍ୱାରା କେବେ କାର୍ଯ୍ୟ ଆରମ୍ଭ ହୋଇ କେବେ ଶେଷ ହୋଇଥିଲା କାମର ନାମ ସହିତ ଠିକାଦାର ମାନଙ୍କର ନାମ ପ୍ରଦାନ କରିବେ କି?

----

## ଶିକ୍ଷକ/ଅଣଶିକ୍ଷକ ପଦବୀ ପୂରଣ

1466 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ଅନୁମୋଦିତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ସଂଖ୍ୟା କେତେ ; ସେଥିମଧ୍ୟରୁ କେତେ ପଦବୀ ଖାଲି ପଡିଛି ତା'ର ମହାବିଦ୍ୟାଳୟୱାରୀ ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବା ସହ ଖାଲି ପଡ଼ିଥିବା ପଦବୀ ଗୁଡିକ ପୁରଣ କରିବା ନିମନ୍ତେ ବିଭାଗ ପଦକ୍ଷେପ ଗ୍ରହଣ କରିବ କି ; ଅବସରପରେ କେଉଁ ମହାବିଦ୍ୟାଳୟରେ କେଉଁମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି ସେମାନଙ୍କର ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିବେ କି; ପୁନଃନିଯୁକ୍ତି ପ୍ରକ୍ରିୟା ନିମନ୍ତେ ସରକାରଙ୍କ କଣ ନିୟମ ରହିଛି ; ଜିଲ୍ଲାର କେଉଁ କେଉଁ ମହାବିଦ୍ୟାଳୟ ଗୁଡିକରେ ସ୍ଥାୟୀ principal ନିଯୁକ୍ତି ନାହାଁନ୍ତି ତାହାର ମହାବିଦ୍ୟାଳୟ ୱାରି ତଥ୍ୟ ଓ ବିଭାଗ ସ୍ଥାୟୀ Principal ନିଯୁକ୍ତ ପାଇଁ କଣ ଯୋଜନା କରିଛନ୍ତି ଜଣେଇବେ କି ; ଚଳିତ ଶିକ୍ଷା ବର୍ଷରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଉଚ୍ଚ ଶିକ୍ଷାରେ କେଉଁ ବିଭାଗରେ କେତେ ଆସନ ଖାଲି ପଡିଛ ?

----

## ଅଧ୍ୟାପକ ପଦବୀ ପୂରଣ

1467 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାସୁଦେବପୁର ବ୍ଲକରେ କେତେଗୋଟି ମହାବିଦ୍ୟାଳୟ ଅଛି ଏବଂ କେତେଗୋଟି ଅଧ୍ୟାପକ ଓ ଅଧ୍ୟାପିକା ପଦବୀ ଖାଲିପଡ଼ିଛି ତାହା ଜଣାଇବେ କି; ଖାଲିପଡ଼ିଥିବା ଅଧ୍ୟାପକ ଓ ଅଧ୍ୟାପିକା ପଦବୀ କେବେ ସୁଦ୍ଧା ପୂରଣ ହେବ ତାହା ଜଣାଇବେ କି; (ଖ) ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟରେ କେଉଁ କେଉଁ ବିଭାଗରେ କେଉଁ କେଉଁ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ?

----

## ସ୍ଥାୟୀ ନିଯୁକ୍ତି ପ୍ରଦାନ

1468 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବିଦ୍ୟାଳୟଗୁଡ଼ିକରେ ଖାଲି ପଡ଼ିଥିବା ହଜାର ହଜାର ଶିକ୍ଷକ ପଦବୀକୁ ସ୍ଥାୟୀ ନିଯୁକ୍ତି ମାଧ୍ୟମରେ କେବେ ସୁଦ୍ଧା ପୂରଣ କରିବା ପାଇଁ ସରକାର ନିଷ୍ପତି ନେଇଛନ୍ତି ; (ଖ) ବିଦ୍ୟାଳୟଗୁଡ଼ିକରେ ଖାଲି ପଡ଼ିଥିବା ହଜାର ହଜାର କ୍ରୀଡା ଶିକ୍ଷକ ପଦବୀକୁ ସ୍ଥାୟୀ ନିଯୁକ୍ତି ମାଧ୍ୟମରେ କେବେ ସୁଦ୍ଧା ପୂରଣ କରିବା ପାଇଁ ସରକାର ନିଷ୍ପତି ନେଇଛନ୍ତି ?

----

## କଲେଜଗୁଡ଼ିକର ଉନ୍ନତିକରଣ ପାଇଁ ଅର୍ଥ ମଞ୍ଜୁର

1469 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ୨ ଗୋଟି ବ୍ଲକ ଆନନ୍ଦପୁର ଓ ହାଟଡିହିରେ ଥିବା କଲେଜ ଗୁଡିକର 2021 ମସିହା ଠାରୁ କେଉଁ କେଉଁ ଉନ୍ନତିକରଣ ବା ଉନ୍ନତିମୂଳକ କାର୍ଯ୍ୟକ୍ରମ ହୋଇଛି ଓ ଉନ୍ନତି ବା ରକ୍ଷଣା ବେକ୍ଷଣ ପାଇଁ କେତେ ଅର୍ଥରାଶି ମଞ୍ଜୁର କରାଯାଇଛି ?

----

## ITDA ବିଭାଗରେ ବିଭିନ୍ନ ଯୋଜନାରେ ଆସିଥିବା ଅନୁଦାନ

1470 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ଆନନ୍ଦପୁର ଓ ହାଟଡିହି ବ୍ଲକରେ ITDA ବିଭାଗରେ ଗତ ୨୦୨୪-୨୫,୨୦୨୫-୨୬ ବର୍ଷରେ କେଉଁ କେଉଁ ଯୋଜନାରେ କେତେ ଅନୁଦାନ ଆସିଛି, କେତେ କାମ ଶେଷ ହୋଇଛି, କେତେ funds ବାକିଅଛି ଏବଂ ଅସମ୍ପୂର୍ଣ ଥିବା ସମସ୍ତ ଯୋଜନାର କାମ କେବେସୁଦ୍ଧା ଶେଷ ହେବ ଏବଂ ନୂଆ କାମ କ'ଣ କ'ଣ ହେବାକୁ ଅଛି ?

----

## କେନ୍ଦୁଝର ଜିଲ୍ଲାରେ କଳାକାର ଭତ୍ତା ପ୍ରଦାନ

1471 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରୁ ବର୍ତ୍ତମାନ ସୁଦ୍ଧା କେତେ ଜଣ କଳାକାର "ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା" (କଳାକାର ଭତ୍ତା) ପାଇଁ ଆବେଦନ କରିଛନ୍ତି, ଏହି ଆବେଦନକାରୀଙ୍କ ମଧ୍ୟରୁ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର କେତେଜଣ କଳାକାର ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଭତ୍ତା ମିଳୁଛି ଓ କେତେ ଜଣଙ୍କର ଆବେଦନ ବିଚାରାଧୀନ ଅଛି; ଜିଲ୍ଲା ସଂସ୍କୃତି ପରିଷଦ (District Culture Council) ଦ୍ୱାରା ଶେଷଥର ପାଇଁ କେବେ କଳାକାରମାନଙ୍କ ଚୟନ ପ୍ରକ୍ରିୟା କରାଯାଇଥିଲା, ବିଳମ୍ବ କାରଣରୁ ଅସହାୟ କଳାକାର ଏହି ସୁବିଧା ପାଇବାରୁ ବଞ୍ଚିତ ହେଉଥିବା ବେଳେ ସେମାନଙ୍କୁ କଳାକାର ଭତ୍ତା ପ୍ରଦାନ ପାଇଁ ସରକାର ପଦକ୍ଷେପ ନେବେ କି ?

----

## ଭତ୍ତା ପାଇବାରୁ ବଞ୍ଚିତ ହିତାଧିକାରୀଙ୍କ ତାଲିକା

1472 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ କେତେ ଜଣ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା, ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ, କେତେଜଣ ହିତାଧିକାରୀ ଭତ୍ତା ଟଙ୍କା ପାଇବାରେ ବଞ୍ଚିତ ହେଉଛନ୍ତି ପଞ୍ଚାୟତୱାରୀ ତାଲିକା ପ୍ରଦାନ କରିବା ସହ କେବେ ସୁଦ୍ଧା ଭତ୍ତା ପ୍ରଦାନ ଦିଆଯିବ ?

----

## ଓଡ଼ିଶା ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ମୂର୍ତ୍ତି ପ୍ରତିଷ୍ଠା

1473 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶା ଜନମାନସରେ ପରିଚିତ ଥିବା, ଇଶ୍ୱରୀୟ ଉକ୍ତି ଭାବଧାରର ସ୍ରଷ୍ଟା ଶ୍ରୀ ଅଭିରାମ ପରମହଂସଦେବ ଏବଂ ଭଜନ ସମ୍ରାଟ ଶ୍ରୀ ଭୀକାରୀ ବଳ ଓ ଶାନ୍ତିଲତା ବାରିକ ଛୋଟରାୟଙ୍କର ପୂର୍ଣ୍ଣ ଅବବୟ ମୂର୍ତ୍ତି ଓଡ଼ିଶା ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ପ୍ରତିଷ୍ଠା ପାଇଁ ପଦକ୍ଷେପ ଗ୍ରହଣ ନ କରିବାର କାରଣ କଣ ?

----

## ନିର୍ଯ୍ୟାତିତ ଘଟଣା ସମ୍ପର୍କରେ

1474 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଉକ୍ତ ବିଭାଗର ଆବାସିକ ବିଦ୍ୟାଳୟ ଗୁଡ଼ିକରେ ଛାତ୍ରୀମାନେ ନିର୍ଯ୍ୟାତିତ ହେଉଥିବା ଘଟଣା ସତ୍ୟ କି, ଯଦି ହଁ, ତେବେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତଦାରଖ କରିବାକୁ ପଦକ୍ଷେପ ନେବେ କି ?

----

## +3 Science ବିଭାଗ ଖୋଲିବା ପାଇଁ ପଦକ୍ଷେପ

1475 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଦଳା ମହିଳା ମହାବିଦ୍ୟାଳୟରେ +3 Science ବିଭାଗ ଖୋଲିବା ପାଇଁ ସୁବ୍ୟବସ୍ଥା କରିବେ କି ?

----

## ଉଦ୍ୟୋଗୀ ଦେବା ପାଇଁ ପ୍ରଶିକ୍ଷଣ

1476 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅନୁସୂଚିତ ଜନଜାତି/ଜାତିର ଯୁବକ ଯୁବତୀମାନେ ବାହାର ରାଜ୍ୟକୁ ଦାଦନ ଖଟିବାରୁ ଯାଉଛନ୍ତି; ଏହାକୁ ରୋକିବାକୁ ଉକ୍ତ ବିଭାଗ କି କି ପଦକ୍ଷେପ ନେଇଛନ୍ତି; ସେମାନଙ୍କୁ ଆତ୍ମନିର୍ଭରଶୀଳ ପାଇଁ ବିଭିନ୍ନ Tradeରେ ଯଥା ଉଦ୍ୟାନ କିମ୍ବା ଅନ୍ୟାନ୍ୟ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଉଦ୍ୟୋଗୀ ହେବା ପାଇଁ ପ୍ରଶିକ୍ଷଣ (Training) କେତେ ସଂଖ୍ୟାରେ ଦିଆଯାଇଛି; ତାର ଜିଲ୍ଲାୱାରୀ ତାଲିକା ଦେବେ କି ?

----

## କଳାହାଣ୍ଡି ଜିଲ୍ଲାରେ ଥିବା ଆଶ୍ରୟସ୍ଥଳୀ ସମ୍ପର୍କରେ

1477 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାରେ କେତୋଟି ବାଳାଶ୍ରମ, କେତୋଟି ଜରାଶ୍ରମ, କେତୋଟି ଭିନ୍ନକ୍ଷମ ଆଶ୍ରୟସ୍ଥଳ ଓ କେତୋଟି ମାନସିକ ଅନଗ୍ରସର ଲୋକଙ୍କ ରହଣି ପାଇଁ ଗୃହ କେଉଁ କେଉଁସ୍ଥାନରେ ଅଛି, କେଉଁମାନଙ୍କ ଦ୍ୱାରା ଏହା ପରିଚାଳିତ ହେଉଛି ଓ ସରକାର ସେ ବାବଦକୁ କେତେ ଟଙ୍କା ଖର୍ଚ୍ଚ କରୁଛନ୍ତି ଓ କେଉଁ କେଉଁ ଆଶ୍ରୟସ୍ଥଳୀରେ କେତେ ଲୋକ ରହୁଛନ୍ତି ଓ କି ପ୍ରକାର ସେବା ପାଉଛନ୍ତି?

----

## ପଞ୍ଜିକୃତ ଦିବ୍ୟାଙ୍ଗଙ୍କ ସଂଖ୍ୟା

1478 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କଳାହାଣ୍ଡି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ପଞ୍ଜୀକୃତ ହୋଇଥିବା ଦିବ୍ୟାଙ୍ଗମାନଙ୍କ ମୋଟ ବ୍ଲକ ୱାରୀ ସଂଖ୍ୟା କେତେ; ଜିଲ୍ଲାର ଦିବ୍ୟାଙ୍ଗମାନଙ୍କ ଜୀବିକା ନିର୍ବାହ ନିମନ୍ତେ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ସେମାନଙ୍କ ପାଇଁ କଣ ସବୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଗତ ଦୁଇ ବର୍ଷରେ ଗ୍ରହଣ କରାଯାଇଛି, ତାହାର ସବିଶେଷ ବିବରଣୀ ସରକାର ପ୍ରଦାନ କରିବେ କି; (ଖ) ବିଗତ ଦୁଇ ବର୍ଷ ମଧ୍ୟରେ ଏହିସବୁ ଯୋଜନା ଓ ନିଯୁକ୍ତି ଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା କଳାହାଣ୍ଡି ଜିଲ୍ଲାର କେତେଜଣ ଦିବ୍ୟାଙ୍ଗ ଉପକୃତ ହୋଇଛନ୍ତି, ତାହାର ଏକ ବ୍ଲକ ଏବଂ ପୌରାଞ୍ଚଳ ୱାରୀ ତାଲିକା ପ୍ରଦାନ କରିବେ କି?

----

## ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ

1479 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାରେ ଘରୋଇ ଇଂଲିଶ ମିଡ଼ିଅମ ସ୍କୁଲମାନଙ୍କ ସଂଖ୍ୟା କେତେ ତାର ବ୍ଲକ ୱାରୀ ସମ୍ପୂର୍ଣ ତାଲିକା ପ୍ରଦାନ କରିବେ କି ; ଘରୋଇ ଇଂଲିଶ ମିଡ଼ିଅମ ସ୍କୁଲଗୁଡ଼ିକରେ ମନଇଚ୍ଛା ଶିକ୍ଷାଦାନ ନିମନ୍ତେ ପାଉଣା ନେବା ଓ ମନ ଇଚ୍ଛା ବଢ଼େଇବା ଦ୍ୱାରା ଜିଲ୍ଲାରେ ଅଭିଭାବକ ମହଲରେ ଏକ ଅଶାନ୍ତି ସୃଷ୍ଟିହେବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି; ଏହା ଉପରେ ସରକାର ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିବା ନିମନ୍ତେ କି କି ବ୍ୟବସ୍ଥା କରିଛନ୍ତି କି ?

----

## ବିଦ୍ୟାଳୟର ଜମି ବିଦ୍ୟାଳୟ ନାମରେ ସମ୍ପୂର୍ଣ୍ଣ ଭାବେ ପଞ୍ଜିକୃତ

1480 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଧର୍ମଗଡ଼ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଜମି ବିଦ୍ୟାଳୟ ନାମରେ ସମ୍ପୁର୍ଣ ଭାବେ ପଞ୍ଜୀକୃତ ନହେବା ଯୋଗୁଁ ଜବର ଦଖଲ ହେଉଥିବା ତଥ୍ୟ ସରକାରଙ୍କ ନିକଟରେ ଅଛି କି; ଯଦି ହଁ ତେବେ ଏଥି ପାଇଁ କଣ ବ୍ୟବସ୍ଥା କରାଯାଉଛି ; ଆନ୍ତଃ ବିଭାଗ ସମନୟ ଅଭାବରୁ ବିଦ୍ୟାଳୟ ଜମି ପଟ୍ଟା ହେଉ ନଥିବା ଓ ଜିଲ୍ଲା ଶିକ୍ଷା ବିଭାଗ ଓ ରାଜସ୍ୱ ବିଭାଗ ଏଥି ପାଇଁ କି ପଦକ୍ଷେପ ଗ୍ରହଣ କରିଛନ୍ତି ଜଣାଇବେ କି; ସହରର ମୁଖ୍ୟ ସ୍ଥଳରେ ଥିବା ବିଦ୍ୟାଳୟ ଓ ତତ ସଂଲଗ୍ନ ଜମିକୁ ସୁରକ୍ଷିତ କରି ରଖିବା ପାଇଁ ତୁରନ୍ତ ସରକାର ପଦକ୍ଷେପ ନେବେ କି ?

----

## ନିଯୁକ୍ତି ପ୍ରଦାନ

1481 **ଶ୍ରୀ ପ୍ରକାଶ ସୋରେନ (ବାରିପଦା ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତେ ଜଣ Diploma ଇଞ୍ଜିନିୟରିଂ ପାଶ କରିଥିବା ପିଲା ଓ କେତେଜଣ Degree Engineering pass କରି ବେକାର ହୋଇ ଘରେ ବସିଛନ୍ତି ଓ ସରକାର ସେମାନଙ୍କୁ ନିଯୁକ୍ତି ଦେବେ କି; କେତେ ଜଣ ବିଭନ୍ନ Tradeରେ ITI ପାଶ୍ କରି ଘରେ ବସିଛନ୍ତି, ସରକାର ଏମାନଙ୍କ ନିଯୁକ୍ତି ପାଇଁ କଣ ପଦକ୍ଷେପ ନେଉଛନ୍ତି ?

----

## ପ୍ରଫେସର ପଦବୀ ପୂରଣ

1482 **ଶ୍ରୀ ପ୍ରକାଶ ସୋରେନ (ବାରିପଦା ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ବିଶ୍ୱବିଦ୍ୟାଳୟ ଓ କେତୋଟି ସ୍ୱୟଂଶାସିତ କଲେଜ ଅଛି; କେଉଁ କେଉଁ ବିଶ୍ୱବିଦ୍ୟାଳୟରେ କେତେ ସଂଖ୍ୟାରେ କେଉଁ ବିଷୟରେ ପ୍ରଫେସର, ଆସୋସିଟେ, ପ୍ରଫେସର ଆସିଷ୍ଟାଣ୍ଟ ପ୍ରଫେସର sanction post ଅଛି ଓ କେତେ ବର୍ତ୍ତମାନ ଅଛନ୍ତି କେତେ ପଦବୀ ଖାଲିଅଛି; ସେହିଭଳି ସ୍ୱୟଂଶାସିତ କଲେଜ ମାନଙ୍କରେ କେତୋଟି କଲେଜ ସ୍ୱୟଶାସିତ ମାନ୍ୟତା ହରେଇଛନ୍ତି ଓ ପୁନଃ ମାନ୍ୟତା ପାଇବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

----

## ଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ

1483 **ଶ୍ରୀ ପ୍ରକାଶ ସୋରେନ (ବାରିପଦା ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ସ୍ୱଷ୍ଟ ଯୁବନୀତି କଣ ଅଛି; ଯୁବକ ଯୁବତୀମାନଙ୍କୁ ଭବିଷ୍ୟତ ମର୍ଯ୍ୟୟାଦାପୂର୍ଣ୍ଣ ଭାବେ ରହିବାକୁ, ନିଶ୍ଚିତ ରୋଜଗାର ଯୋଗାଇଦେବାକୁ, ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ନ ଦେଇ ସବୁ କ୍ଷେତ୍ରରେ ଯୁବକମାନଙ୍କ ହାତକୁ କାମ ଦେବାକୁ, ସରକାର କି କି ପଦକ୍ଷେପ ନେଉଛନ୍ତି; ଯୁବକମାନଙ୍କ ଭବିଷ୍ୟତ ପାଇଁ ସରକାରଙ୍କର (ଉଭୟ କେନ୍ଦ୍ର ଓ ରାଜ୍ୟ) କି କି ଯୋଜନା ଚାଲୁଅଛି ଓ ବଜେଟରେ କେତେ ଅର୍ଥ ଦିଆଯାଇଛି ?

----

## କଳାକାରଙ୍କୁ ଭତ୍ତା ପ୍ରଦାନ

1484 **ଶ୍ରୀ ପ୍ରକାଶ ସୋରେନ (ବାରିପଦା ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସମସ୍ତ ପ୍ରାଚୀନ କଳା ସଂସ୍କୃତି ଓ ପରମ୍ପରାକୁ ପୁନଃଜୀବିତ କରିବା ପାଇଁ ସରକାରୀ ପଦକ୍ଷେପ କଣ ; ସମସ୍ତ ଲୋକକଳା, ଲୋକ ସଂସ୍କୃତିର ସୁରକ୍ଷା ସହିତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରୁଥିବା କଳାକାର ମାନଙ୍କୁ ଭତ୍ତା (କଳାକାର ଭତ୍ତା) ପ୍ରଦାନ କରିବାକୁ ସରକାର ପଦକ୍ଷେପ ନେବେ କି ?

----

## ଡାଇନିଂ ହଲ୍‌ର ବ୍ୟବସ୍ଥା

1485 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସମସ୍ତ ସରକାରୀ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ସାମିଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି, ଏହାଦ୍ୱାରା କେତେ ଛାତ୍ରଛାତ୍ରୀ ଉପକୃତ ହେବେ ଓ ଏଥିପାଇଁ ବାର୍ଷିକ କେତେ ଅର୍ଥ ବ୍ୟୟ କରାଯିବ, (ଖ) ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଇବାକୁ ବ୍ୟବସ୍ଥିତ କରିବା ପାଇଁ ସମସ୍ତ ସ୍କୁଲରେ ଡାଇନିଂ ହଲ୍‌ର ବ୍ୟବସ୍ଥା ହୋଇଛି କି ?

----

## ଦକ୍ଷତା ବିକାଶ ବିଭାଗ ପ୍ରତିଷ୍ଠା

1486 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡ଼ଚଣା ନିର୍ବାଚନ ମଣ୍ଡଳୀର ଛାତ୍ରଛାତ୍ରୀ ମାନଙ୍କ ଦକ୍ଷତା ବୃଦ୍ଧି ସହ ବୈଷୟିକ ଜ୍ଞାନ ଆହରଣ ନିମନ୍ତେ ସରକାରଙ୍କ ତରଫରୁ ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ଦକ୍ଷତା ବିକାଶ ବିଭାଗ ପ୍ରତିଷ୍ଠା କରିବେ କି ?

----

## ସରକାରୀ ITI ପ୍ରତିଷ୍ଠା

1487 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅଣତାରକା ପ୍ରଶ୍ନ ୯୪୭ର ୨୦/୦୨/୨୦୨୬ରେ ପ୍ରଦତ୍ତ ଉତ୍ତର ଆଧାରରେ ଯାଜପୁର ଜିଲ୍ଲାର ଯାଜପୁର ବ୍ଲକରେ ଏକ ସରକାରୀ ITI ରହିଛି କିନ୍ତୁ ଶିଳ୍ପ ସମୃଦ୍ଧ କଳିଙ୍ଗନଗର ବଡ଼ଚଣା ବ୍ଲକର ଅତି ନିକଟତର ସେଥି ନିମନ୍ତେ ଜିଲ୍ଲାର ଦ୍ୱିତୀୟ ITI ପ୍ରତିଷ୍ଠା କଲେ କଳିଙ୍ଗନଗର ଶିଳ୍ପାନୁଷ୍ଠାନ ପାଇଁ ଆବଶ୍ୟକୀୟ ତାଲିମପ୍ରାପ୍ତ ମ୍ୟାନ୍ ପାୱାର ଯୋଗାଇ ହୁଅନ୍ତା, ଏହାକୁ ଦୃଷ୍ଟିରେ ରଖି ବଡ଼ଚଣା ବ୍ଲକରେ ସରକାରୀ ITI ପ୍ରତିଷ୍ଠା ପାଇଁ ସରକାର ନିଷ୍ପତ୍ତି ନେବେ କି ?

----

## ନୂତନ ପାଠ୍ୟକ୍ରମରେ ପାଠ ପଢାଇବା ପାଇଁ ପଦକ୍ଷେପ

1488 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡ଼ଚଣା ବ୍ଲକର ସିହାଠାରେ ପ୍ରତିଷ୍ଠିତ ଉତ୍କଳ ବିଶ୍ୱ ବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ ସରିଛି, ଏହି ନୂତନ ବିଲ୍ଡିଂରେ ସମ୍ପୂର୍ଣ୍ଣ ଶିକ୍ଷାଦାନ ଚଳିତ ଶିକ୍ଷାବର୍ଷରୁ ଆରମ୍ଭ ହେବ କି, ବର୍ତ୍ତମାନ B.Sc ନର୍ସିଂ ପାଠ୍ୟକ୍ରମ ସମେତ ସ୍ନାତକୋତ୍ତର ଜନସ୍ୱାସ୍ଥ୍ୟ, ସାମାଜିକ କାର୍ଯ୍ୟ ଓ ଗ୍ରାମୀଣ ବିକାଶ ପାଠ୍ୟକ୍ରମ ଚାଲୁଅଛି, ଗ୍ରାମୀଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଦୃଷ୍ଟିରେ ରଖି ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ଅନ୍ୟ କ'ଣ ପାଠ୍ୟକ୍ରମ ଆରମ୍ଭ କରିବାକୁ ଯାଉଛନ୍ତି ଓ କେବେ ସୁଦ୍ଧା ସେହି ନୂତନ ପାଠ୍ୟକ୍ରମର ପଢା ଆରମ୍ଭ ହେବ ?

----

## ମଧ୍ୟାହ୍ନ ଭୋଜନ ନିମନ୍ତେ ହେଉଥିବା ଖର୍ଚ୍ଚ

1489 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ମଧ୍ୟାହ୍ନ ଭୋଜନ ନିମନ୍ତେ ପ୍ରତ୍ୟେକ ଅଣଛାତ୍ରୀଙ୍କ ବାବଦ ଦୈନିକ ଖର୍ଚ୍ଚ କେତେ, (କ) ଖର୍ଚ୍ଚ ସବୁ ଛାତ୍ରଛାତ୍ରୀଙ୍କ ପାଇଂ ସମାନ ନା ତଫାତ୍ ଅଛି, (ଖ) ସପ୍ତାହରେ କେତେ ଦିନ ଅଣ୍ଡା ଦିଆଯାଇଥାଏ ଓ ଏ ବାବଦ ଜଣ ପିଛା ଖର୍ଚ୍ଚ କେତେ ?

----

## ପୋଷାକ ଯୋଗାଇବା ବାବଦ ହେଉଥିବା ଖର୍ଚ୍ଚ

1490 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପିଲାଙ୍କୁ ଯୋଗା ଯାଉଥିବା ପୋଷାକ (ୟୁନିଫର୍ମ) କ୍ରୟ ପାଇ 2020 ଅବଧି ପ୍ରତି ଶିକ୍ଷା ବର୍ଷରେ କେତେ ଟଙ୍କା ଖର୍ଚ୍ଚ କରାଯାଇଛି, (କ) ଏହି କ୍ରୟ ବ୍ୟବସ୍ଥା ସରକାର କିପରି ଭାବେ କରିଥାନ୍ତି ଓ କୌଣସି ବ୍ୟବସାୟୀଙ୍କ ଅର୍ଥ ଦେବା ବାକି ରହିଯାଇଛି କି, (ଖ) ବାକିଥିବା ଅର୍ଥ ପରିମାଣ କେତେ ?

----

## ଚାଲୁ ଅବସ୍ଥାରେ ଥିବା ବୃହତ ଶିଳ୍ପ

1491 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେଗୋଟି ବୃହତ ଶିଳ୍ପ ଚାଲୁ ଅବସ୍ଥାରେ ଅଛି, କେତେଗୋଟି ମଧ୍ୟମ ଶିଳ୍ପ ଓ କେତେଗୋଟି କ୍ଷୁଦ୍ର ଶିଳ୍ପ ଚାଲୁ ଅବସ୍ଥାରେ ଅଛି, ସେସବୁର ସଂଖ୍ୟା ଓ ନାମ ସହିତ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ସଂଖ୍ୟା (ସ୍ଥାୟୀ ଓ ଅସ୍ଥାୟୀ) ଉପସ୍ଥାପନ କରିବେ କି ?

----

## ପ୍ରାକ୍ ମାଟ୍ରିକ୍ ଛାତ୍ର ବୃତ୍ତି ପ୍ରଦାନ ପାଇଁ ବ୍ୟବସ୍ଥା

1492 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- OBC, SEBC ଓ ସାଧାରଣ ବର୍ଗର ଛାତ୍ରଛାତ୍ରୀମାନେ କେବଳ ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ହିଁ ସେମାନେ ପ୍ରାକ ମାଟ୍ରିକ୍ ଛାତ୍ର ବୃତ୍ତି ପାଇବା ପାଇଁ ଯୋଗ୍ୟ ହେବେ ଏହା କଣ ସତ୍ୟ, ଉତ୍ତର ଯଦି ହଁ ତାହେଲେ ଯେଉଁ OBC, SEBC ଓ ସାଧାରଣ ବର୍ଗର ଛାତ୍ରଛାତ୍ରୀମାନେ ବେସରକାରୀ କିମ୍ବା ସରକାରୀ ସହାୟତା ପ୍ରାପ୍ତ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି ସେମାନଙ୍କୁ ପ୍ରାକ୍ ମାଟ୍ରିକ୍ ଛାତ୍ର ବୃତ୍ତି ଦେବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ବୃହତ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ

1493 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସରକାର ବୃହତ ଶିଳ୍ପ ପ୍ରତିଷ୍ଠା ପାଇଁ ନିର୍ଦ୍ଦିଷ୍ଟ କରିଥିବା ଜିଲ୍ଲାମାନଙ୍କ ନାମ ଏବଂ କି ପ୍ରକାର ଶିଳ୍ପ ପ୍ରତିଷ୍ଠା ହେବ ଏକ ତାଲିକା ଦେବେ କି, କେଉଁ ଜିଲ୍ଲାମାନଙ୍କ ପାଇଁ ପ୍ରସ୍ତୁତ ଯୋଜନା ମଧ୍ୟରୁ ଜମି ଅଧିଗ୍ରହଣ କାର୍ଯ୍ୟ ସରିଛି, ଜଙ୍ଗଲ ଜମି ଓ ଅନ୍ୟ କିସମ ଜମି କେତେ ଲେଖାଏଁ, ଜିଲ୍ଲାୱାରୀ କେତେଜଣ ନିଯୁକ୍ତି ପାଇବେ ଏବଂ ପରୋକ୍ଷଭାବେ ଅନ୍ୟମାନଙ୍କ ରୋଜଗାର କି ଉପାୟରେ ବଢିବ ବୋଲି ସରକାର ଚିନ୍ତା କରିଛନ୍ତି, ନୂତନ ଶିଳ୍ପ ପ୍ରତିଷ୍ଠା କାର୍ଯ୍ୟ କେବେସୁଦ୍ଧା ସମ୍ପୂର୍ଣ୍ଣ ହୋଇ ଉତ୍ପାଦନ ଆରମ୍ଭ ହେବ ବୋଲି ଆକଳନ କରାଯାଇଛି, କେଉଁ ପ୍ରକଳ୍ପ କେଉଁ ସ୍ଥିତିରେ ଅଛି କେତେ ବ୍ୟୟ ହୋଇଛି ?

----

## ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

1494 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- UDAQ No. 666 ତା.20.02.26 ଉତ୍ତର ଭିତ୍ତିରେ ୟୁନିଟ୍-1 ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୨ (ନଅ) ଜଣ ସହାୟକ ଶିକ୍ଷୟିତ୍ରୀ ବିନାନୁମତିରେ ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କୁ ଅଭିଯୋଗ ଦାଖଲ କରିଥିଲେ, 2 (ଦୁଇ) ଜଣ ଭୁଲ୍ ଉତ୍ତର ଯୋଗୁଁ ଦୁଇ ଜଣଙ୍କୁ OCS (CC&A) Rule-1962 ଅନୁଯାୟୀ ବଦଳୀ କରାଯାଇଥିଲା ସେମାନେ ଅଭିଯୋଗ ଫର୍ଦ୍ଦରେ ଦସ୍ତଖତ କରିଥିଲେ କି, ସରକାରୀ କର୍ମଚାରୀ ଆଚରଣ ସଂହିତା ଉଲ୍ଲଂଘନ ପାଇଁ ବଦଳୀ ନିମିତ୍ତ ସେହି OCS (CC&A) Rule-1962 ର କେତେ ନମ୍ବର rule ରେ ଉଲ୍ଲେଖ ରହିଛି, ଏହାଦ୍ୱାରା ସମ୍ପୃକ୍ତ ଶିକ୍ଷୟିତ୍ରୀମାନଙ୍କୁ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ପ୍ରୋତ୍ସାହିତ କରାଯାଉନାହିଁ କି ?

----

## SIR କାର୍ଯ୍ୟ

1495 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ SIR କାର୍ଯ୍ୟରେ କେତେଜଣ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ, କେତେଦିନ ପାଇଁ ତାର ଜିଲ୍ଲା ଓ ବ୍ଲକୱାରୀ ହିସାବ ଦେବେ କି, ନୂତନ ଶିକ୍ଷା ବର୍ଷର କେତେ ଦିନ ଏବଂ ଗତ ଶିକ୍ଷା ବର୍ଷରେ କେତେ ଦିନ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ SIR କାର୍ଯ୍ୟରେ ସାମିଲ ହୋଇଥିଲେ, ଯେଉଁ ସମୟ/ଦିନଗୁଡିକ ବିଦ୍ୟାଳୟରେ ଅନୁପସ୍ଥିତ ରହିଥିଲେ ସେ ସମୟରେ ପିଲାମାନଙ୍କର ପାଠପଢା କିପରି ଭରଣା କରାଯିବ, ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର କେଉଁ ସ୍କୁଲମାନଙ୍କରୁ କେତେଜଣ କେତେ ଦିନ ପାଇଁ SIR କାର୍ଯ୍ୟରେ ସାମିଲ ଥିଲେ ତାର ଏକ ତଥ୍ୟ ସମ୍ବଳିତ ଚିଠା ପ୍ରଦାନ କରିବେ କି, ଓଡିଆ ମାଧ୍ୟମ ବିଦ୍ୟାଳୟମାନଙ୍କରେ KG କହିଲେ କେଉଁ ଶ୍ରେଣୀ ବୁଝାଏ, ଏହିପରି KG ଶ୍ରେଣୀ ଥିବା ଓଡିଆ ମାଧ୍ୟମ ବିଦ୍ୟାଳୟ ଅଛି ?

----

## ଅତିଥି ଶିକ୍ଷକ ନିଯୁକ୍ତି

1496 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର କେଉଁ ସରକାରୀ ତଥା ସାହାଯ୍ୟପ୍ରାପ୍ତ ଓଡିଆ ବିଦ୍ୟାଳୟମାନଙ୍କରେ କେଉଁ ବିଭାଗରେ କେତେ ଲେଖାଏଁ ଶିକ୍ଷକ ପଦବୀ କେବେଠାରୁ ଖାଲି ରହିଛି, ଅତିଥି ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଅବସରପ୍ରାପ୍ତ ଶିକ୍ଷକମାନେ ଯେଉଁ ବିଦ୍ୟାଳୟର ଅବସର ନେଉଛନ୍ତି ସେଠାରେ ନିଯୁକ୍ତି ନ ଦେଇ ଅନ୍ୟ ବିଦ୍ୟାଳୟରେ ନିଯୁକ୍ତି ଦେଇ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷାଦାନ ପାଇଁ ନିୟମ କରିବେ କି, ୟୁନିଟ୍-1 ସରକାରୀ ଉଚ୍ଚ ବିଦ୍ୟାଳୟରେ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ପାଇଁ କେଉଁ ବିଭାଗରେ କେତେଜଣ ଆବେଦନ କରିଛନ୍ତି ଏବଂ ସେମାନଙ୍କୁ ନିଯୁକ୍ତି ଦିଆଗଲାଣି କି, ଯେହେତୁ ସେହି ବିଦ୍ୟାଳୟର ସହାୟକ ଶିକ୍ଷକ/ ଶିକ୍ଷୟିତ୍ରୀମାନେ ସେମାନଙ୍କର କର୍ତ୍ତବ୍ୟରେ ଅବହେଳା ଓ ସରକାରୀ କର୍ମଚାରୀ ଆଚରଣ ସଂହିତା ଉଲ୍ଲଂଘନ କରିଛନ୍ତି ସେମାନଙ୍କୁ ଅନ୍ୟତ୍ର ସ୍ଥାନିତ କରିବେ କି ?

----

## ଭତ୍ତା ପ୍ରଦାନ

1497 **ଶ୍ରୀ ପଦ୍ମ ଚରଣ ହାଇବ୍ରୁରୁ (କରଞ୍ଜିଆ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କରଞ୍ଜିଆ ନିର୍ବାଚନ ମଣ୍ଡଳୀରେ "ମଧୁବାବୁ ପେନସନ୍ ଯୋଜନା" ଓ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ କେତେ ଜଣ ବାର୍ଦ୍ଧକ୍ୟ ବିଧବା ଭତ୍ତା ଓ ଭିନ୍ନକ୍ଷମ ହିତାଧିକାରୀଭତ୍ତା ପାଉଛନ୍ତି ଏବଂ ନୂତନ ଆବେଦନକାରୀଙ୍କୁ ଭତ୍ତା ଯୋଗାଇଦେବା ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ତାଲିମ୍ ପ୍ରଦାନ

1498 **ଶ୍ରୀ ପଦ୍ମ ଚରଣ ହାଇବ୍ରୁରୁ (କରଞ୍ଜିଆ):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କରଞ୍ଜିଆ ନିର୍ବାଚନ ମଣ୍ଡଳୀରୁ ଗତ ଦୁଇ ବର୍ଷ ମଧ୍ୟରେ କେତେଜଣ ଯୁବକ-ଯୁବତୀଙ୍କୁ ସରକାରୀ ଦକ୍ଷତା ବିକାଶ ଯୋଜନାରେ ତାଲିମ୍ ପ୍ରଦାନ କରାଯାଇଛି, ଏବଂ ସେମାନଙ୍କ ମଧ୍ୟରୁ କେତେ ଜଣ ନିଯୁକ୍ତି ପାଇଛନ୍ତି ?

----

## Actual Utilisation expenditure

1499 **ଶ୍ରୀ ପଦ୍ମ ଚରଣ ହାଇବ୍ରୁରୁ (କରଞ୍ଜିଆ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- About the actual utilisation / expenditure status of the grant of rupes sixteen Crore (Rs.16 Cr) sanctioned by the Ministry of tribal affairs (MOTA) Govt. of India under JAJGOA for preparetion of community forest Rescues Management Plans (CFRMPs) in respect of 100 CFR rested villages of Odisha since the year 2024 - 25, Will the govt. indicate the progress made so far in detail and constraints observed, if any, in the matter ?

----

## Number of PVTG households reside in Juanga MPA

1500 **ଶ୍ରୀ ପଦ୍ମ ଚରଣ ହାଇବ୍ରୁରୁ (କରଞ୍ଜିଆ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) How many PVTG households reside in Junaga Development Agency Area, Banspal and how many have been provided with IFR Titles under FRA, (b) How many PVTG households have yet been provided with Record of Rights (RoRs) after correction made in the concerned Government records, Will the Government provide details indicating names, villages and area vested ?

----

## Enhancement of Pension

**1501 Shri Rupesh Kumar Panigrahi (Paralakhemundi):**

Will the Minister for **Social Security & Empowerment of Persons with Disabilities** be pleased to state that:- whether the Government has enhanced the monthly pension under Madhu Babu Pension Yojana to 3,500 for beneficiaries aged 80 years and above with effect from January 2025, if so, how many eligible beneficiaries aged 80 years and above are presently receiving the enhanced pension district-wise and how many are yet to receive it, whether the government is aware that a large number of eligible persons aged 80 years and above are reportedly not receiving the enhanced pension of 3,500 per month despite the Government's decision, if so, what are the reasons for non-payment and whether the Government proposes to conduct a special verification to identify all eligible beneficiaries who have been left out, whether the Government will ensure payment of the enhanced pension along with admissible arrears to every eligible beneficiary aged 80 years and above within a fixed time frame ?

----

## Sanctioned Teacher Post

**1502 Shri Rupesh Kumar Panigrahi (Paralakhemundi):**

Will the Minister for **School and Mass Education** be pleased to state that:- What is the total number of sanctioned teacher posts in Government higher schools of Kashinagar block, Gajapati district and how many posts are presently vacant, school-wise and subject-wise, what steps has the government taken to fill all vacant teacher posts, particularly in remote and tribal-dominated areas of Kashinagar block, by what specific date will all vacant teacher posts in the higher schools of Kashinagar block be filled, whether the government will give priority to filling vacancies in schools where students face difficulties due to shortage of subject teachers; if so, what is the action plan ?

----

## Unsafe School Building

**1503 Shri Rupesh Kumar Panigrahi (Paralakhemundi):**

Will the Minister for **School and Mass Education** be pleased to state that:- What is the number of Government school buildings in Kashinagar Block,

Gajapati district that are presently damaged, unsafe, or in need of major repair, school-wise, whether the government has conducted a technical safety assessment of these damaged school buildings; if so, what are the findings, what immediate steps are being taken to repair or reconstruct unsafe school buildings so that the safety of students and teachers is not compromised, whether the Government will provide temporary classrooms and other necessary facilities in schools where the existing buildings are unsafe, by what specific deadline will all damaged and unsafe school buildings in Kashinagar block be repaired or reconstructed ?

----

## Modern Basketball Court at Gajapati

**1504 Shri Rupesh Kumar Panigrahi (Paralakhemundi):**

Will the Minister for **Sports & Youth Services** be pleased to state that:- Whether The Government is aware of the urgent need and growing demand among local youth for a dedicated, Modern Basketball Court at The Gajapati District Headquarters (Paralakhemundi) ?

----

## Finalisation of DPR

**1505 Shri Sagar Charan Das (Bhawanipatna):**

Will the Minister for **Sports & Youth Services** be pleased to state that:- The Government's plan for development and upgradation of sports infrastructure in Bhawanipatna and Kalahandi and in particular, whether any proposal, DPR, technical assessment or administrative approval has been prepared for renovation/upgradation of the Lal Bahadur Shastri Stadium, Bhawanipatna, including improvement of the playing surface, seating, lighting, drainage, changing rooms, athletics and other sports facilities; if so, the present status, estimated cost, funding source and time-bound timeline for completion; and if not, whether the Government proposes to undertake a district-level assessment of sports infrastructure and prepare a time-bound roadmap for upgrading facilities in Bhawanipatna and other blocks of Kalahandi, with priority to facilities for youth and athletes, and by what date such roadmap and DPRS will be finalised?

----

## Utilisation of fund

1506 **Shri Sagar Charan Das (Bhawanipatna):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- (a) the year-wise amount received, allocated and released to Odisha under Article 275(1) during 2023-24 to 2026-27; (b) the sector-wise allocation and utilisation, particularly for education, health, livelihood, infrastructure, drinking water, housing and tribal development; the year-wise and sector-wise unutilised amount and reasons for non-utilisation; and the district-wise expenditure, particularly in KBK and tribal-dominated districts and steps being taken for timely utilisation ?

----

**Publication of Audited Course-wise Placement**

1507 **Shri Sagar Charan Das (Bhawanipatna):**

Will the Minister for **Skill Development & Technical Education** be pleased to state that:- (a) the year-wise number of WSC trainees who completed courses in 2023-24, 2024-25 and 2025-26 and the number/percentage who actually joined employment; (b) whether the reported 100% placement rate means offers issued, employment joined or continued employment and whether it has been independently/audit verified; the course-wise and year-wise median, average and lowest starting salary with employer-wise number of recruits, the percentage of placed candidates retained for at least 12 months and those who left within one year and whether Government will publish an audited course-wise placement and 12-month retention report including employer, salary and employment-status data ?

----

**Utilisation of funds**

1508 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) the funds received, sanctioned, allocated and utilised since June 2024 for promotion/protection of Odia language, literature, art, culture and heritage, including the *200 crore Odia Asmita Corpus Fund; (b) the scheme-wise and year-wise expenditure, including on language promotion, manuscripts, Odissi, folk/tribal culture, literature, artists, cultural institutions and heritage conservation; the number of language, cultural and heritage projects/institutions supported since June 2024 and measurable outcomes and the Central assistance received since 2020-21 for Classical Odia, amount

utilised by the State and reasons for any under-utilisation ?

----

## କଳାକାର ଭତ୍ତା ପ୍ରଦାନ

1509 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାରେ ଏବେ କେତେ ଲୋକଙ୍କୁ କଳାକାର ଭତ୍ତା ପ୍ରଦାନ କରାଯାଇଛି ଏବଂ କେତେ ଆବେଦନକାରୀ ଭତ୍ତା ପାଇବାକୁ ଆବେଦନ କରିଛନ୍ତି, ଏହି ଅପେକ୍ଷାରତ ଆବେଦନକାରୀଙ୍କୁ କଳାକାର ଭତ୍ତା ପ୍ରଦାନ ପାଇଁ ସରକାର କିଛି ସମୟସୀମା ନିର୍ଦ୍ଧାରଣ କରିଛନ୍ତି କି, କଳାକାର ଭତ୍ତା ବାବଦରେ ସରକାର କେତେ ଟଙ୍କା ଖର୍ଚ୍ଚ କରୁଛନ୍ତି ଏବଂ ଆଗାମୀ ଦିନରେ ଭତ୍ତାର ପରିମାଣ ବୃଦ୍ଧି କରିବାକୁ କିଛି ଯୋଜନା କରୁଛନ୍ତି କି ?

----

## ଭିନ୍ନକ୍ଷମଙ୍କ ପାଇଁ Special School ଏବଂ Training Centre

1510 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଜିଲ୍ଲାରେ ଭିନ୍ନକ୍ଷମ ପିଲାଙ୍କ କେତୋଟି Special School ଏବଂ Training Centre ରହିଛି, ଏହିସବୁ ସଂସ୍ଥାକୁ କେଉଁ କେଉଁ NGO ପରିଚାଳନା କରୁଛନ୍ତି, (ଖ) ଏହିସବୁ ସ୍କୁଲରେ ଯେଉଁ ଭିନ୍ନକ୍ଷମ ପିଲାମାନେ ପାଠ ପଢୁଛନ୍ତି ଏବଂ ଏହିସବୁ Therapy Centre ରେ ଯେଉଁ ଭିନ୍ନକ୍ଷମ ପିଲାମାନେ ଚିକିତ୍ସିତ ହେଉଛନ୍ତି, ସେମାନଙ୍କ ନାମ, ଉପସ୍ଥାନର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି, ଏବାବଦକୁ ସରକାର ସମ୍ପୃକ୍ତ ସଂସ୍ଥାମାନଙ୍କୁ କେତେ ଟଙ୍କା ପ୍ରଦାନ କରିଛନ୍ତି ତାହାର ୩ ବର୍ଷର ବିବରଣୀ ପ୍ରଦାନ କରିବେ କି ?

----

## ପ୍ରତି ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ସ୍ଥାପନ

1511 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଏଯାଏଁ ରାଜ୍ୟର କେତୋଟି ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି, କେତୋଟି ପଞ୍ଚାୟତରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ 5 ଏକର ଲେଖାଏଁ ଜାଗା ଚିହ୍ନଟ ହୋଇଛି ଏବଂ କେତେ ଟଙ୍କା ମଞ୍ଜୁର ହୋଇଛି, ତାହାର ଜିଲ୍ଲା ଓ ବ୍ଲକୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଅନୁଦାନଭୁକ୍ତ କରିବାକୁ ପଦକ୍ଷେପ

1512 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିଦ୍ୱାରା ପେନସନ୍ ପ୍ରଦାନ ଓ ପୂର୍ଣ୍ଣ ଅନୁଦାନ ଦାବିରେ ସମ୍ପ୍ରତି ଚାଲିଥିବା ଆନ୍ଦୋଳନ ଯୋଗୁଁ ରାଜ୍ୟତମାମ ଶିକ୍ଷାଦାନ ବ୍ୟବସ୍ଥା ପ୍ରଭାବିତ ହୋଇଥିବା ସମ୍ପର୍କରେ ସରକାର ଅବଗତି ଅଛନ୍ତି କି, ରାଜ୍ୟରେ ଅନୁଦାନ ବିହୀନ ୧୨୪ଟି ହାଇସ୍କୁଲରେ ବହୁ ବର୍ଷ ଧରି ବିନା ଦରମାରେ କାର୍ଯ୍ୟରତ ଶିକ୍ଷକ-ଶିକ୍ଷୟିତ୍ରୀ-କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ସରକାରୀ ଅନୁଦାନଭୁକ୍ତ (Full GIA) କରିବା ପାଇଁ ଏବଂ ସେମାନଙ୍କ ଚାକିରି ନିୟମିତ କରିବା ପାଇଁ ସରକାର କି ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରୁଛନ୍ତି, ଚାକିରି ଶେଷ ହେବା ପରେ ଶିକ୍ଷକମାନଙ୍କ ଆର୍ଥିକ ଓ ସାମାଜିକ ସୁରକ୍ଷା ପାଇଁ ପୁରୁଣା ପେନସନ୍ ଯୋଜନା (OPS) ପୁନଃ ପ୍ରଚଳନ କିମ୍ବା ନିଶ୍ଚିତ ପେନସନ୍ ସୁବିଧା ପ୍ରଦାନ କରିବା ସମ୍ପର୍କରେ ସରକାରଙ୍କ ଆଭିମୁଖ୍ୟ କଣ ?

----

## ଶିକ୍ଷକ ପଦବୀ ପୂରଣ

1513 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଝାରସୁଗୁଡା ଜିଲ୍ଲାରେ କେତୋଟି ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ରହିଛି ଏବଂ ଏଥିରେ ବର୍ତ୍ତମାନ କେତେ ସଂଖ୍ୟକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି, ଏହିସବୁ ବିଦ୍ୟାଳୟରେ କେତେ ସଂଖ୍ୟକ ମଞ୍ଜୁରୀପ୍ରାପ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ରହିଛି ଏବଂ ସେଥିରୁ କେତେ ଖାଲି ପଡିଛି ତାହାର ଏକ ବ୍ଲକୱାରୀ ସୂଚନା ପ୍ରଦାନ କରିବେ କି, ଖାଲି ପଡିଥିବା ଶିକ୍ଷକ ପଦବୀଗୁଡିକ କେବେ ସୁଦ୍ଧା ପୂରଣ କରାଯିବ ଏବଂ ସରକାର ଏ ଦିଗରେ କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ?ଝାରସୁଗୁଡା ଜିଲ୍ଲାରେ କେତୋଟି ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ରହିଛି ଏବଂ ଏଥିରେ ବର୍ତ୍ତମାନ କେତେ ସଂଖ୍ୟକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି, ଏହିସବୁ ବିଦ୍ୟାଳୟରେ କେତେ ସଂଖ୍ୟକ ମଞ୍ଜୁରୀପ୍ରାପ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ରହିଛି ଏବଂ ସେଥିରୁ କେତେ ଖାଲି ପଡିଛି ତାହାର ଏକ ବ୍ଲକୱାରୀ ସୂଚନା ପ୍ରଦାନ କରିବେ କି, ଖାଲି ପଡିଥିବା ଶିକ୍ଷକ ପଦବୀଗୁଡିକ କେବେ ସୁଦ୍ଧା ପୂରଣ କରାଯିବ ଏବଂ ସରକାର ଏ ଦିଗରେ କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବିଦ୍ୟାଳୟର ନିଜସ୍ୱ ଗୃହ

1514 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏବେ କେଉଁ ବର୍ଗର କେତୋଟି ବିଦ୍ୟାଳୟ ରହିଛି, ଏଥିରୁ କେତୋଟି ବିଦ୍ୟାଳୟର ବଖରାଏ କରି ଘର ରହିଛି ଏବଂ କେତୋଟି ବିଦ୍ୟାଳୟରେ ଜଣେ କରି ଶିକ୍ଷକ ରହିଛନ୍ତି ତାହାର ଏକ ଜିଲ୍ଲାଓାରୀ ତାଲିକା ପ୍ରଦାନ କରିବେ କି, ଝାରସୁଗୁଡା ଜିଲ୍ଲାରେ କେତୋଟି ବିଦ୍ୟାଳୟର ନିଜସ୍ୱ ଘର ରହିଛି, କେତୋଟି ବିଦ୍ୟାଳୟର ନିଜସ୍ୱ ଖେଳପଡିଆ ରହିଛି ଓ କେତୋଟି ବିଦ୍ୟାଳୟରେ ପାନୀୟଜଳ ଓ ବିଦ୍ୟୁତ୍ ସୁବିଧା ରହିଛି ତାହାର ଏକ ତାଲିକା ପ୍ରଦାନ କରିବେ କି ?

----

## ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ତାଲିକା

1515 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଝାରସୁଗୁଡା ଜିଲ୍ଲାରେ ସରକାରୀ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାରଙ୍କର କୌଣସି ଯୋଜନା ଅଛି କି, ଯଦି ହଁ, ତେବେ ଏ ଦିଗରେ ସରକାର କ'ଣ ସବୁ ପଦକ୍ଷେପ ଗ୍ରହଣ କରୁଛନ୍ତି, ବର୍ତ୍ତମାନ ଜିଲ୍ଲାରେ କେଉଁ ବର୍ଗର କେତୋଟି ମହାବିଦ୍ୟାଳୟ ରହିଛି ଏବଂ ଏଥିରେ କେଉଁ ବିଷୟର କେତେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ତାହାର ଏକ ତାଲିକା ପ୍ରଦାନ କରିବେ କି ?

----

## ଝାରସୁଗୁଡାରେ କ୍ରୀଡାର ବିକାଶ

1516 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଝାରସୁଗୁଡା ଜିଲ୍ଲାରେ କ୍ରୀଡାର ବିକାଶ ପାଇଁ ଗତ ଦୁଇବର୍ଷରେ ରାଜ୍ୟ ସରକାର କେତେ ଅର୍ଥ ଯୋଗାଇ ଦେଇଛନ୍ତି ଓ ଏହି ଅର୍ଥରେ କେଉଁ କେଉଁ ସ୍ଥାନରେ କି ପ୍ରକାର ଭିତ୍ତିଭୂମି ପ୍ରତିଷ୍ଠା କରାଯାଇଛି, ଝାରସୁଗୁଡା ଜିଲ୍ଲାରେ କେଉଁ କେଉଁ କ୍ରୀଡା କ୍ଷେତ୍ରରେ କେତେ ଅର୍ନ୍ତଜାତୀୟ, ଜାତୀୟ ଓ ରାଜ୍ୟ ସ୍ତରର କ୍ରୀଡାବିତ୍ ରହିଛନ୍ତି ତାହାର ଏକ ତାଲିକା ପ୍ରଦାନ କରିବେ କି ?

----

## ଦପ୍ତର ପ୍ରତିଷ୍ଠା

1517 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଆ ଭାଷା ପ୍ରତିଷ୍ଠାନର ନିଜସ୍ୱ ଦପ୍ତର ପ୍ରତିଷ୍ଠା ପାଇଁ ସରକାର କେଉଁଠି ସ୍ଥାନ ଓ କେତେ ପରିମାଣର ଅର୍ଥ କେବେ ଯୋଗାଇ ଦେଇଥିଲେ, ବର୍ତ୍ତମାନ ଏହି ସଂସ୍ଥାର ଦପ୍ତର ନିର୍ମାଣର ସ୍ଥିତି କ'ଣ ରହିଛି, ଓଡିଆ ଭାଷା ପ୍ରତିଷ୍ଠାନରେ କେଉଁ ବର୍ଗର କେତୋଟି ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି ଏବଂ ବର୍ତ୍ତମାନ ଏଥିରେ କେତେ ନିୟମିତ କର୍ମଚାରୀ କାର୍ଯ୍ୟ କରୁଛନ୍ତି ତାହାର ଏକ ତାଲିକା ପ୍ରଦାନ କରିବେ କି ?

----

## ହଷ୍ଟେଲ ଚାଲୁ ରଖିବା ପାଇଁ ପଦକ୍ଷେପ

1518 Shri Romancha Ranjan Biswal (Deogarh):

Will the Minister for **School and Mass Education** be pleased to state that:- ଦେବଗଡ଼ ଜିଲ୍ଲାରେ ତିନିଗୋଟି ଆଦର୍ଶ ବିଦ୍ୟାଳୟରେ ସମୁଦାୟ ଛଅ ଗୋଟି ହଷ୍ଟେଲ ଛାତ୍ର ଛାତ୍ରୀଙ୍କ ନିମନ୍ତେ ଉପଲବ୍ଧ ଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସମସ୍ତ ହଷ୍ଟେଲ ଚାଲୁ ହୋଇ ପାରିନାହିଁ ଏହା ସତ୍ୟ କି, ଯଦି ହଁ ତେବେ କେବେ ସୁଦ୍ଧା ସମସ୍ତ ହଷ୍ଟେଲରେ ଛାତ୍ର ଛାତ୍ରୀ ରହିବାର ସୁଯୋଗ ପାଇବେ ?

----

## ଭିନ୍ନକ୍ଷମଙ୍କୁ ଆର୍ଥିକ ସହାୟତା

1519 Shri Romancha Ranjan Biswal (Deogarh):

Will the Minister for **Social Security & Empowerment of Persons with Disabilities** be pleased to state that:- ଦେବଗଡ଼ ଜିଲ୍ଲାରେ କେତେ ଜଣ ଦିବ୍ୟାଙ୍ଗ ବା ଭିନ୍ନକ୍ଷମଙ୍କୁ ସରକାରଙ୍କ ଆର୍ଥିକ ସହାୟତା ବା ସେହି ମାନ୍ୟ ଗଣ୍ୟ ବ୍ୟକ୍ତିଙ୍କୁ ସ୍ୱାବଲମ୍ବୀ ହେବାରେ ସହଯୋଗ କରିଛନ୍ତି ତାହାର ବ୍ଲକୱାରୀ ବିବରଣୀ ଦେବେ କି ?

----

## ସି.ଏସ୍.ଆର ପାଣ୍ଠିର ସୁବିନିଯୋଗ

**1520** **Shri Romancha Ranjan Biswal (Deogarh):**

Will the Minister for **Industries** be pleased to state that:- ଦେବଗଡ଼ ଜିଲ୍ଲାକୁ ସି.ଏସ୍.ଆର ପାଣ୍ଠିରେ କେଉଁ କେଉଁ କମ୍ପାନୀ/ସଂସ୍ଥା କେତେ ଅର୍ଥରେ ପ୍ରଦାନ କରିଛନ୍ତି; କେଉଁ କାର୍ଯ୍ୟ ହେଇଛି/ହେବାକୁ ଅଛି?

----

## ଆର୍ଥିକ ଅନୁଦାନର ବିବରଣୀ ପ୍ରଦାନ

**1521** **Shri Romancha Ranjan Biswal (Deogarh):**

Will the Minister for **ST & SC Development, Minorities & Backward Classes Welfare** be pleased to state that:- ଗତ ଆର୍ଥିକ ବର୍ଷ 2020-21 ରୁ ବର୍ତ୍ତମାନ 2025-26 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଦେବଗଡ଼ ଜିଲ୍ଲା ର ତିଲେଇବଣି କେଉଁ scheme ବାବଦରେ ଅନୁଦାନ ବା PA ITDA ଙ୍କ ଭିନ୍ନ ଭିନ୍ନ ଖାତା ରେ deposit କରାଯାଇଛି ଏବଂ କେଉଁ ବାବଦରେ ବ୍ୟବହାର ହୋଇଛି, କୋଉ କୋଉ ଯନ୍ତ୍ରୀ ଅଧୀନରେ କେଉଁ କେଉଁ କାମ କେତେ ଟଙ୍କା project wise ବିବରଣୀ ଦେବେ କି, ସେହିପରି ଦେବଗଡ଼ ଜିଲ୍ଲା ର Tileibani ITDA କୁ ଗତ ଆର୍ଥିକ ବର୍ଷ 2023-24 ରୁ 2025-26 ପର୍ଯ୍ୟନ୍ତ Skill Development Scheme ରେ କେତେ ଆର୍ଥିକ ଅନୁଦାନ ଦିଆଯାଇଛି, ସେଥିରୁ ଲାଭ ପାଇ ଥିବା beneficiary ବିବରଣୀ ଓ ତାଙ୍କ engagement status ଓ Subsidy କାହାକୁ ଓ କେତେ ପାଇଛନ୍ତି ?

----

## ଛାତ୍ରାବାସ ଆବଣ୍ଟନ

**1522** **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ)ରାଜ୍ୟରେ ଥିବା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରେ ସ୍ନାତକ ଛାତ୍ରୀମାନଙ୍କ ପାଇଁ ମୋଟ କେତେଗୋଟି ଛାତ୍ରାବାସ ରହିଛି ଓ ଏହି ଛାତ୍ରାବାସ ମାନଙ୍କରେ ଆବାସିକ ସୁବିଧା ପ୍ରଦାନ ପାଇଁ ବିଶ୍ୱବିଦ୍ୟାଳୟ କେଉଁ ଆଧାର, ନୀତି ଓ ମାନଦଣ୍ଡ ଅନୁସରଣ କରି ଛାତ୍ରୀମାନଙ୍କୁ ଚୟନ କରିଥାଏ, (ଖ)ଚଳିତ ଶିକ୍ଷାବର୍ଷ 2026-27 ରେ ବିଶ୍ୱବିଦ୍ୟାଳୟର ସମସ୍ତ ସ୍ନାତକ ବିଭାଗରେ ଛାତ୍ରାବାସ ଆବଣ୍ଟନ ପାଇଁ General, SC, ST, SEBC/OBC, EWS ଓ ଅନ୍ୟାନ୍ୟ ସଂରକ୍ଷିତ ବର୍ଗ ଅନୁଯାୟୀ ବିଭାଗଭିତ୍ତିକ Cut-off Mark/Percentage କେତେ ରହିଥିଲା ?

----

## ଶିକ୍ଷକ ପଦବୀ ପୂରଣ

1523 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସ୍କୁଲ ଗୁଡିକରେ ପ୍ରତି ସ୍କୁଲ ପିଛା କେତେ ଶିକ୍ଷକ ଆବଶ୍ୟକ ଓ ଆବଶ୍ୟକତା ଠାରୁ କେତେ କମ ଶିକ୍ଷକ ଅଛନ୍ତି ତାର ଏକ ବିସ୍ତୃତ ବିବରଣୀ ଦେବେ କି ଏଥିସହ ପ୍ରତ୍ୟେକ ସ୍କୁଲରେ ବିଷୟଭିତ୍ତିକ ଶିକ୍ଷକ ପର୍ଯ୍ୟାପ୍ତ ପରିମାଣରେ ଅଛନ୍ତି କି ନାହିଁ, ଯଦି ନାହିଁ ତେବେ କେବେ ସୁଦ୍ଧା ଖାଲି ଥିବା ବିଷୟ ଭିତ୍ତିକ ଶିକ୍ଷକଙ୍କ ସ୍ଥାନ ପୁରାଣ କରିବେ ତାହା ଜଣାଇବେ କି ?

----

## ବିବରଣୀ ଉପସ୍ଥାପନ

1524 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ଼ ଜିଲ୍ଲାରେ ଲୁହାପଥର, କୋଇଲା ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ଉପରେ ଆଧାରିତ ଶିଳ୍ପ ପ୍ରତିଷ୍ଠାନର ସଂଖ୍ୟା ଅଧିକ ଥିବାରୁ ଏହାର ଓ ପ୍ରଭାବ ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକା, କୃଷି, ଜଳସମ୍ପଦ ଓ ପରିବେଶ ଉପରେ ପଡୁଥିବା ସରକାରଙ୍କ ଦୃଷ୍ଟିଗୋଚର ହେଇଛି କି, ଯଦି ହଁ ତେବେ ଏ ସମସ୍ତ କ୍ଷେତ୍ରରେ କେଉଁ କେଉଁ ଅଞ୍ଚଳ ଗୁଡିକ ସ୍ୱଳ୍ପ ପ୍ରଭାବିତ, ପ୍ରଭାବିତ ଓ ଗୁରୁତର ପ୍ରଭାବିତ ଏହା କୌଣସି ସରକାରୀ ଅଧ୍ୟୟନ/ମୂଲ୍ୟାଙ୍କନ କରାଯାଇଛି କି, ଯଦି ହୋଇଛି ତେବେ କେଉଁ ଶିଳ୍ପସଂସ୍ଥା ଦ୍ୱାରା କେଉଁ ଅଞ୍ଚଳ କେତେ ପ୍ରଭାବିତ ?

----

## ହଷ୍ଟେଲ ବ୍ୟବସ୍ଥା କରିବାକୁ ପଦକ୍ଷେପ

1525 **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ଼ ଜିଲ୍ଲାରେ ଦର୍ଲିପାଲି ଠାରେ ଥିବା ସରକାରୀ ପଲିଟେକନିକ କଲେଜ ଆଜିକୁ ପ୍ରାୟ ୩ ବର୍ଷ ହେଲା ଆରମ୍ଭ ହେବା ପରେ ମଧ୍ୟ ଅଦ୍ୟାବଧି ଏହି କଲେଜ ପାଇଁ ହଷ୍ଟେଲର ବ୍ୟବସ୍ଥା ହୋଇନଥିବା ଓ ଏଠାରେ ଥିବା ଲାବରେ ପର୍ଯ୍ୟାପ୍ତ ଆନୁସଙ୍ଗିକ ଉପକରଣ ନଥିବା ସରକାରଙ୍କ ନଜର କୁ ଆସିଛି କି, ଯଦି ହଁ ତେବେ ତୁରନ୍ତ ହଷ୍ଟେଲ ଓ ଲାବ ଉପକରଣ ଗୁଡିକର ବ୍ୟବସ୍ଥା କରିବା ପାଇଁ ସରକାର ଉଚିତ ପଦକ୍ଷେପ ନେବେ କି ?

----

## ପାସ୍ ଆଉଟ ଯୁବବର୍ଗଙ୍କୁ ନିଯୁକ୍ତି ପ୍ରଦାନ

1526 **Shri Sitansu Sekhar Mohapatra (Bhadrak):**

Will the Minister for **Skill Development & Technical Education** be pleased to

state that:- ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ଇଞ୍ଜିନିୟରିଂ କଲେଜରୁ ପ୍ରତିବର୍ଷ ହଜାର ହଜାର ଛାତ୍ରଛାତ୍ରୀ Mechanical, Civil, Electrical, ETC, Computer Science ଓ ଅନ୍ୟାନ୍ୟ ବିଭାଗରେ ଡିଗ୍ରୀ ହାସଲ କରି ପାସ୍ କରୁଛନ୍ତି ଓ ରାଜ୍ୟ ସରକାରଙ୍କ ନିକଟରେ ବିଭିନ୍ନ ଟ୍ରେଡ୍ (Mechanical, Civil, Electrical, ETC, CSE ଆଦି) ଅନୁଯାୟୀ ବର୍ତ୍ତମାନ କେତେ ଇଞ୍ଜିନିୟରିଂ ପାସଆଉଟ୍ ଯୁବା ବର୍ଗ ମାନେ ବେକାର ଅବସ୍ଥାରେ ଅଛନ୍ତି - ଏହା ସମ୍ବନ୍ଧୀୟ ସୂଚନା ଉପଲବ୍ଧ ଅଛି କି? ଯଦି ଏହି ସୂଚନା ଉପଲବ୍ଧ ଅଛି, ତେବେ ବିଭାଗ ଅନୁଯାୟୀ (trade-wise serialing) ପାସ ଆଉଟ୍ candidate ମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ ପାଇଁ ସରକାର କେଉଁ ବିଶେଷ ପଦକ୍ଷେପ ନେଇଛନ୍ତି ବା ନେବାକୁ ଯୋଜନା କରୁଛନ୍ତି, ରାଜ୍ୟରେ ବଢୁଥିବା ଇଞ୍ଜିନିୟରିଂ ପାସଆଉଟ୍ ବେକାରୀ ସମସ୍ୟା କୁ କମାଇବା ପାଇଁ 'Industry Linkage', Campus Placement Strengthening, Technical Apprenticeship ଓ Skill Upgradation ମାଧ୍ୟମରେ ସରକାର କେଉଁ ନୀତି, ପ୍ରକଳ୍ପ ବା ରୋଡମ୍ୟାପ୍ କାର୍ଯ୍ୟରତ କରୁଛନ୍ତି ?

----

## ବିକାଶ ପାଇଁ ପ୍ରକଳ୍ପ ଏବଂ ଅର୍ଥ ବିନିଯୋଗ

1527 **Shri Sitansu Sekhar Mohapatra (Bhadrak):**

Will the Minister for **Higher Education** be pleased to state that:- ଭଦ୍ରକ ଜିଲ୍ଲାର Higher Education Institutions ଗୁଡ଼ିକରେ ଗତ ୩ ବର୍ଷରେ Research, Innovation, Entrepreneurship, incubation ଓ Start-up ବିକାଶ ପାଇଁ କେଉଁ କେଉଁ ପ୍ରକଳ୍ପ ଗ୍ରହଣ କରାଯାଇଛି, କେତେ ଅର୍ଥ ବ୍ୟୟ ହୋଇଛି ଏବଂ କେତୋଟି ଛାତ୍ର/ଛାତ୍ରୀ ଏଥିରୁ ଉପକୃତ ହୋଇଛନ୍ତି ?

----

## Action Plan ପ୍ରସ୍ତୁତ

1528 **Shri Sitansu Sekhar Mohapatra (Bhadrak):**

Will the Minister for **Social Security & Empowerment of Persons with Disabilities** be pleased to state that:- (କ) ରାଜ୍ୟରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ କୌଶଳ ବିକାଶ, ତାଲିମ, ସ୍ୱରୋଜଗାର, ଋଣ ସହାୟତା ଓ ନିଯୁକ୍ତି ସଂଯୋଗୀକରଣ ପାଇଁ କେଉଁ କେଉଁ ଯୋଜନା ଚାଲୁ ରହିଛି; (ଖ) ଭଦ୍ରକ ଜିଲ୍ଲାରେ ଗତ ୩ ବର୍ଷରେ ବ୍ଲକୱାରୀ କେତେ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ତାଲିମ, ଉପକରଣ, ସ୍ୱରୋଜଗାର କିମ୍ବା ନିଯୁକ୍ତି ସହାୟତା ପ୍ରଦାନ କରାଯାଇଛି; ଭିନ୍ନକ୍ଷମ ଯୁବକ-ଯୁବତୀଙ୍କୁ ଯୋଗ୍ୟତା ଅନୁଯାୟୀ ରୋଜଗାର ଓ ସ୍ୱରୋଜଗାର ସୁଯୋଗ ସହିତ ଯୋଡ଼ିବା ପାଇଁ ଭଦ୍ରକ ଜିଲ୍ଲାରେ କୌଣସି ସ୍ୱତନ୍ତ୍ର Action Plan ପ୍ରସ୍ତୁତ କରାଯାଇଛି କି ?

----

## ପାଣ୍ଡୁଲିପି ସଂରକ୍ଷଣ

1529 **Shri Sitansu Sekhar Mohapatra (Bhadrak):**

Will the Minister for **Odia Language, Literature & Culture** be pleased to state that:- କ) ଓଡ଼ିଆ ଭାଷାର ପୁରାତନ ପାଣ୍ଡୁଲିପି, ଦୁର୍ଲଭ ପୁସ୍ତକ, ସାହିତ୍ୟିକ ଦଲିଲ ଓ ଐତିହାସିକ ଲେଖାଗୁଡ଼ିକର Digital Preservation ଓ Digitisation ପାଇଁ ସରକାରଙ୍କ ପକ୍ଷରୁ କେଉଁ ପଦକ୍ଷେପ ଚାଲୁଛି; (ଖ) ଭଦ୍ରକ ଜିଲ୍ଲାରେ ଏପର୍ଯ୍ୟନ୍ତ କେତୋଟି ପୁରାତନ ପାଣ୍ଡୁଲିପି/ଦୁର୍ଲଭ ସାହିତ୍ୟିକ ସମ୍ପଦ ଚିହ୍ନଟ ଓ ଡିଜିଟାଇଜ୍ କରାଯାଇଛି; ଭବିଷ୍ୟତରେ ଭଦ୍ରକ ଜିଲ୍ଲାର ପୁରାତନ ସାହିତ୍ୟିକ ସମ୍ପଦକୁ ଏକ Digital Odia Heritage Repository ରେ ସାମିଲ କରିବାର କୌଣସି ଯୋଜନା ଅଛି କି ?

----

## Inclusion of DOMBS in St List

1530 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- In the State Govt. aware about the "DOMBS" Community is demanding to get recognition and inclusion in ST (Schedule Tribe) list and in this regards, National Commission of Scheduled Tribe has also observed that "DOMBS" community of undivided Koraput can be included in ST List, if so, what is the stand of State Govt., will the govt. urge the Govt. of India to include them in ST List ?

----

## Criminal activities in RD University

1531 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) How many students of various College and University have been physically attacked by outsiders and rigged by the senior student inside the campus since June 2024 to till the date, will the Govt. furnish a details college wise & University wise, (b) Is it a fact that women students studying in RD University had been man handled recently by some male outsiders inside the campus, if so, what action has been taken against the male outsider for their unlawful tress pass and other criminal activities inside the campus ?

----

## ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ

1532 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଥିବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡିକରେ ଅଧ୍ୟୟନରତ ଛାତ୍ରୀମାନେ କର୍ତ୍ତୃପକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଅନ୍ୟାନ୍ୟ ମାନଙ୍କଠାରୁ ଶାରୀରିକ, ମାନସିକ ଓ ଯୌନ ନିର୍ଯ୍ୟାତନ ପାଇଥିବା ସମ୍ପର୍କରେ କେତେ ଅଭିଯୋଗ କରିଛନ୍ତି ଓ ଅଭିଯୋଗ ଉପରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ଜୁନ-2024 ରୁ ଆଜି ପର୍ଯ୍ୟନ୍ତ ଘଟଣା ଗୁଡିକର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଛାତ୍ର ସଂସଦ ନିର୍ବାଚନ

1533 **ଶ୍ରୀ ପ୍ରତାପ କେଶରୀ ଦେବ (ଆଳି):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡିକରେ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରତିଶୃତି ଦେଇଥିଲେ ମଧ୍ୟ ଛାତ୍ର ସଂସଦ ନିର୍ବାଚନ ଘୋଷଣା ନ କରିବାର କାରଣ କଣ, (ଖ)ରାଜ୍ୟରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡିକରେ ଛାତ୍ର ସଂସଦ ନିର୍ବାଚନ କେବେ ସୁଦ୍ଧା ହେବ ଓ ଏଥିପାଇଁ ସରକାରଙ୍କ ପ୍ରସ୍ତୁତି କଣ ?

----

## +୩ ମହାବିଦ୍ୟାଳୟର ସ୍ଥାପନ

1534 **Shri Durga Charan Tanti (Raghunathpali):**

Will the Minister for **Higher Education** be pleased to state that:- ରାଉରକେଲାରେ ଏକ ସରକାରୀ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପାଇଁ ସରକାର ପଦକ୍ଷେପ ନେବେ କି, ଆଦିବାସୀ ବହୁଳ ଅଞ୍ଚଳ ସୁନ୍ଦରଗଡ଼ ଜିଲ୍ଲାର ରଘୁନାଥପଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନା କରିବା ପାଇଁ ପଦକ୍ଷେପ ନେବେ କି, ରଘୁନାଥପଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ଲାଠିକଟା ବ୍ଲକରେ ଆଖପାଖ ଅଞ୍ଚଳର ଯୁବକ ଓ ଯୁବତୀ ମାନଙ୍କ ନିମନ୍ତେ ଯୁକ୍ତ ୨ ଏବଂ ଯୁକ୍ତ ୩ ମହାବିଦ୍ୟାଳୟ ସ୍ଥାପନ କରିବା ପାଇଁ ପଦକ୍ଷେପ ନେବେ କି ?

----

## ଘୋଷଣା ହୋଇଥିବା ଷ୍ଟାଡିୟମ ସଂଖ୍ୟା

1535 **Shri Durga Charan Tanti (Raghunathpali):**

Will the Minister for **Sports & Youth Services** be pleased to state that:- ୦୧.୦୬.୨୦୨୪ ଠାରୁ ଏଯାବତ ରାଜ୍ୟରେ କେଉଁ ଜିଲ୍ଲାରେ କେତୋଟି ଷ୍ଟାଡିୟମ ନିର୍ମାଣ କରିବା ପାଇଁ ସରକାର ଘୋଷଣା କରିଥିଲେ, ସେଥିମଧ୍ୟରୁ କେଉଁ ଜିଲ୍ଲାର କେଉଁ ବ୍ଲକର କେଉଁ ସ୍ଥାନରେ କେତୋଟି ଷ୍ଟାଡିୟମ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି ଏଥି ନିମନ୍ତେ କେତେ ଟଙ୍କା ବ୍ୟୟ କରାଯାଇଛି, ଏହି ଷ୍ଟାଡିୟମ ସ୍ଥିତି ସମ୍ପର୍କରେ ଜିଲ୍ଲାୱାରୀ ଓ ବ୍ଲକ ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ମିଶ୍ରଣ କରାଯାଉଥିବା ବିଦ୍ୟାଳୟର ତାଲିକା

1536 **Shri Durga Charan Tanti (Raghunathpali):**

Will the Minister for **School and Mass Education** be pleased to state that:- ୨୦୨୦ ମସିହାରୁ ଏଯାବତ ରାଜ୍ୟରେ କେଉଁ ଜିଲ୍ଲାରେ କେତୋଟି ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ସଂଖ୍ୟା କମ୍ ରହିବାରୁ, ସେହି ବିଦ୍ୟାଳୟକୁ ଅନ୍ୟ ବିଦ୍ୟାଳୟ ସହ ମିଶ୍ରଣ କରାଯାଇଛି, ତାର ଜିଲ୍ଲାୱାରି ଓ ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି, ଏଥି ସହିତ କେଉଁ ବିଦ୍ୟାଳୟଟି କେଉଁ ବିଦ୍ୟାଳୟ ସହିତ ମିଶିଲା, ପୂର୍ବ ବିଦ୍ୟାଳୟରେ କେତେ ସଂଖ୍ୟକ ଛାତ୍ରଛାତ୍ରୀ ଥିଲେ ଏବଂ ମିଶିଥିବା ବିଦ୍ୟାଳୟଟି ପୂର୍ବ ବିଦ୍ୟାଳୟଠାରୁ କେତେ ଦୂରରେ ଅବସ୍ଥିତ, ବିଦ୍ୟାଳୟଟି ଅନ୍ୟ ବିଦ୍ୟାଳୟ ସହ ମିଶିଯିବା ପରେ ପୁରୁଣା କୋଠା ଘର ଏବଂ ଆସବାବପତ୍ର ଗୁଡ଼ିକ କେଉଁ କାର୍ଯ୍ୟରେ ବ୍ୟବହାର କରାଯାଉଛି ଜଣାଇବେ କି ?

----

## ଶିକ୍ଷକ ଓ ଅଣଶିକ୍ଷକ ପଦବୀ ସଂଖ୍ୟା

1537 **Shri Durga Charan Tanti (Raghunathpali):**

Will the Minister for **School and Mass Education** be pleased to state that:- ଶିକ୍ଷା ଅଧିକାର ଆଇନ ଅନୁଯାୟୀ ସୁନ୍ଦରଗଡ଼ ଜିଲ୍ଲାରେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ସଂଖ୍ୟା କେତେ, ଏଥିରୁ କେତେ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି, ତାର ବିଦ୍ୟାଳୟ ୱାରୀ ତଥ୍ୟ ପ୍ରଦାନ କରିବେ କି, ଖାଲି ପଡ଼ିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବି କେବେ ସୁଦ୍ଧା ପୂରଣ ହେବ ଜଣାଇବେ କି ?

----

## ଭତ୍ତା ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା

1538 **Shri Durga Charan Tanti (Raghunathpali):**

Will the Minister for **Social Security & Empowerment of Persons with Disabilities** be pleased to state that:- ବର୍ତ୍ତମାନ ରାଜ୍ୟରେ ମୋଟ ଭତ୍ତା ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା କେତେ, ଏଥିରୁ କେତେ ଜଣ କେଉଁ କେଉଁ ପ୍ରକାର ଭତ୍ତା ଗ୍ରହଣ କରୁଛନ୍ତି, ଏହାର ଜିଲ୍ଲା ୱାରୀ ଓ ବ୍ଲକ୍ ୱାରୀ ତାଲିକା ପ୍ରଦାନ କରିବେ କି, ରାଜ୍ୟରେ ଶେଷ ଥର ପାଇଁ କେବେ କେତେ ନୂଆ ଭତ୍ତା allotment ହୋଇଥିଲା, ଏବେ ରାଜ୍ୟରେ କେତେ ବ୍ୟକ୍ତି ସାମାଜିକ ନିରାପତ୍ତା ଭତ୍ତା ପାଇଁ ଆବେଦନ କରି ଅପେକ୍ଷାରେ ଅଛନ୍ତି, ବିଭାଗ ସମସ୍ତ ଯୋଗ୍ୟ ଆବେଦନକାରୀଙ୍କୁ ଭତ୍ତା ପ୍ରଦାନ କରିବାର ବ୍ୟବସ୍ଥା କରାଇବେ କି, ଯଦି କରାଇବେ ତେବେ କେବେ ସୁଦ୍ଧା କରାଇବେ ?

----

## KG ରୁ PG ପର୍ଯ୍ୟନ୍ତ ମାଗଣା ଶିକ୍ଷା ବ୍ୟବସ୍ଥା

1539 **Dr. Byomakesh Ray (Chandabali):**

Will the Minister for **Higher Education** be pleased to state that:- ରାଜ୍ୟ ସରକାରଙ୍କ ଜ୍ଞାନୋଦୟ/ଶିକ୍ଷା ସମୃଦ୍ଧି ଯୋଜନା ଅଧୀନରେ KG ରୁ PG ପର୍ଯ୍ୟନ୍ତ ମାଗଣା ଶିକ୍ଷା ବ୍ୟବସ୍ଥାରୁ କେଉଁ କେଉଁ କୋର୍ସ ଓ ଶିକ୍ଷାନୁଷ୍ଠାନ ବାଦ ପଡ଼ିଛି, ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ Regular Modeରେ ପଢ଼ାଯାଉଥିବା କୋର୍ସଗୁଡ଼ିକୁ, ସେଗୁଡ଼ିକ Self-Financing Modeରେ ଚାଲୁଥିଲେ ମଧ୍ୟ, ଏହି ସୁବିଧାରୁ ବଞ୍ଚିତ ରଖାଯାଇଥିବାର କାରଣ, କେତେକ ବିଶ୍ୱବିଦ୍ୟାଳୟ/ମହାବିଦ୍ୟାଳୟ ନିଜସ୍ୱ Self-Financing Modeରେ ଚାଲୁ କରିଥିବା General Courses ମଧ୍ୟ ଏହି ମାଗଣା ଶିକ୍ଷା ବ୍ୟବସ୍ଥାରେ ସାମିଲ ନଥିବାରୁ ଛାତ୍ରଛାତ୍ରୀମାନେ ଆର୍ଥିକ ଭାବେ ଅସୁବିଧାରେ ପଡୁଥିବା ବିଷୟ ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ସମୀକ୍ଷା କରାଯିବ, ତେବେ କେବେ ସୁଦ୍ଧା ବାଦ ପଡ଼ିଥିବା ଯୋଗ୍ୟ କୋର୍ସଗୁଡ଼ିକୁ ମାଗଣା ଶିକ୍ଷା ବ୍ୟବସ୍ଥାରେ ସାମିଲ କରାଯାଇ ଛାତ୍ରଛାତ୍ରୀଙ୍କୁ ଫି' ଛାଡ଼ ସୁବିଧା ପ୍ରଦାନ କରାଯିବ ?

----

## ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ

1540 **Dr. Byomakesh Ray (Chandabali):**

Will the Minister for **Sports & Youth Services** be pleased to state that:- (କ) ଭଦ୍ରକ ଜିଲ୍ଲାରେ କେତୋଟି ସ୍ପୋର୍ଟସ୍ କମ୍ପ୍ଲେକ୍ସ ନିର୍ମାଣ କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା/ ଯୋଜନା କରାଯାଇଛି, (ଖ) ବିଶେଷ କରି ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ବ୍ଲକ୍‌ସ୍ତରୀୟ ସ୍ପୋର୍ଟସ୍ କମ୍ପ୍ଲେକ୍ସ କେଉଁ କେଉଁ ସ୍ଥାନରେ ନିର୍ମାଣ କରାଯିବା ପାଇଁ ବ୍ୟବସ୍ଥା ହୋଇଛି, ପ୍ରତ୍ୟେକ ସ୍ଥାନରେ ଜମି ଚିହ୍ନଟ ଓ ଅନୁମୋଦନର ସ୍ଥିତି କଣ, ଉକ୍ତ ପ୍ରକଳ୍ପଗୁଡ଼ିକର ବର୍ତ୍ତମାନ ସ୍ଥିତି କଣ ଏବଂ ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହୋଇଛି/ ହେବ, ପ୍ରତ୍ୟେକ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପାଇଁ କେତେ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ଏବଂ ମୋଟ କେତେ ଟଙ୍କା ଅନୁମୋଦନ କରାଯାଇଛି, ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକ କେବେ ସୁଦ୍ଧା ସମ୍ପୂର୍ଣ୍ଣ କରାଯାଇ କ୍ରୀଡ଼ାବିତ୍ ଓ ଯୁବପିଢ଼ିଙ୍କ ବ୍ୟବହାର ପାଇଁ ଉପଲବ୍ଧ କରାଯିବ ?

----

## କ୍ରୀଡାବିତଙ୍କୁ ଚାକିରୀ ପ୍ରଦାନ

1541 **Dr. Byomakesh Ray (Chandabali):**

Will the Minister for **Sports & Youth Services** be pleased to state that:- 2024-

25 2025-26 ଆର୍ଥିକ ବର୍ଷରେ ସ୍ପୋର୍ଟସ୍ କୋଟାରେ ରାଜ୍ୟରେ ମୋଟ କେତେଜଣ କ୍ରୀଡ଼ାବିତ୍‌ଙ୍କୁ ସରକାରୀ ଚାକିରି ପ୍ରଦାନ କରାଯାଇଛି, ଉକ୍ତ ଦୁଇ ଆର୍ଥିକ ବର୍ଷରେ ସ୍ପୋର୍ଟସ୍ କୋଟାରେ କେଉଁ କେଉଁ ପଦବୀରେ କ୍ରୀଡ଼ାବିତ୍‌ମାନଙ୍କୁ ନିଯୁକ୍ତି ଦିଆଯାଇଛି, ବର୍ତ୍ତମାନ ସୁଦ୍ଧା ସ୍ପୋର୍ଟସ୍ କୋଟାରେ ସରକାରୀ ଚାକିରି ପାଇଁ ମୋଟ କେତେଜଣ ଆବେଦନ କରିଛନ୍ତି ଏବଂ ସେଥିରୁ କେତେଟି ଆବେଦନ ବିଚାରାଧୀନ ଅଛି, ବିଚାରାଧୀନ ଆବେଦନଗୁଡ଼ିକର ଯାଞ୍ଚ ଓ ନିଯୁକ୍ତି ପ୍ରକ୍ରିୟା କେବେ ସୁଦ୍ଧା ସମାପ୍ତ କରାଯାଇ ଯୋଗ୍ୟ କ୍ରୀଡ଼ାବିତ୍‌ମାନଙ୍କୁ ଚାକିରି ପ୍ରଦାନ କରାଯିବ, ବର୍ତ୍ତମାନ ରାଜ୍ୟରେ କ୍ରୀଡ଼ାବିତ୍ରୀମାନଙ୍କ ପାଇଁ କେଉଁ କେଉଁ ପ୍ରକାରର ସ୍କଲାରଶିପ୍/ଆର୍ଥିକ ସହାୟତା ପ୍ରଚଳିତ ଅଛି, ଏବଂ ପ୍ରତ୍ୟେକ ଯୋଜନାରେ କେତେଜଣ କ୍ରୀଡ଼ାବିତ୍ ଉପକୃତ ହେଉଛନ୍ତି, ଉକ୍ତ ସ୍କଲାରଶିପ୍ ଓ ଆର୍ଥିକ ସହାୟତା ବାବଦରେ 2024-25 ଓ 2025-26 ରେ କେତେ ଅର୍ଥ ବ୍ୟୟ କରାଯାଇଛି, ରାଜ୍ୟରେ କ୍ରୀଡ଼ାର ବିକାଶ, ପ୍ରତିଭା ଚିହ୍ନଟ ଓ କ୍ରୀଡ଼ାବିତ୍‌ମାନଙ୍କୁ ଉଚ୍ଚସ୍ତରୀୟ ପ୍ରଶିକ୍ଷଣ ପାଇଁ ଉତ୍ସାହିତ କରିବା ନିମନ୍ତେ ନୂତନ ସ୍କଲାରଶିପ୍ କିମ୍ବା ବିଶେଷ ଆର୍ଥିକ ପ୍ରୋତ୍ସାହନ ଯୋଜନା ପ୍ରଚଳନ କରିବାକୁ ସରକାରଙ୍କ କୌଣସି ପ୍ରସ୍ତାବ ଅଛି କି ?

----

## ପାଠ୍ୟପୁସ୍ତକ ମୁଦ୍ରଣ ପାଇଁ ହୋଇଥିବା ଖର୍ଚ୍ଚ

1542 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଚଳିତ ବର୍ଷ ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ମୁଦ୍ରଣ ପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଛି, (ଖ) ଏହି ପାଠ୍ୟପୁସ୍ତକ ମୁଦ୍ରଣ ପାଇଁ କେଉଁ ସଂସ୍ଥା ବା କମ୍ପାନୀକୁ ଦାୟିତ୍ୱ ଦିଆଯାଇଥିଲା, ସେଥିପାଇଁ କେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

## ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଟଙ୍କା ପ୍ରଦାନ

1543 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଜି ଦିନରେ ବାର୍ଦ୍ଧକ୍ୟ ଭତ୍ତା ପାଇଁ କେତେ ଯୋଗ୍ୟ ହିତାଧିକାରୀ ବିଭିନ୍ନ ପ୍ରକାର ଭତ୍ତା ପାଇଁ ଦରଖାସ୍ତ କରିଛନ୍ତି ଓ ଭତ୍ତା ପାଇଁ ଅପେକ୍ଷା କରିଛନ୍ତି, ସେମାନଙ୍କର ଜିଲ୍ଲା ଓ ଗ୍ରାମ ପଞ୍ଚାୟତୱାରୀ ସଂଖ୍ୟା ପ୍ରଦାନ କରିବେ କି ଯେଉଁ ଯୋଗ୍ୟ ହିତାଧିକାରୀମାନେ ଦରଖାସ୍ତ କରିଭତ୍ତା ପାଇଁ ଅପେକ୍ଷା କରିଛନ୍ତି, ସେମାନଙ୍କୁ ଭତ୍ତା ପ୍ରଦନ ନ କରିବାର କାରଣ କଣ ସେମାନଙ୍କୁ ଭତ୍ତା ପ୍ରଦାନ କରିବା ପାଇଁ କଣ ନୂଆ ପଦକ୍ଷେପ ନିଆଯାଇଛି ୫୦ ବର୍ଷରୁ ଅଧିକ ବୟସର ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଟଙ୍କା ପ୍ରଦାନ କରାଯାଇନଥିବା ଅଭିଯୋଗ ସଂଖ୍ୟା କେତେ?

----

## ନିର୍ମାଣ କରାଯାଇଥିବା ନୂତନ Mini Stadium ର ସଂଖ୍ୟା

1544 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୨୦୨୫ - ୨୬ ଠାରୁ ଅଦ୍ୟାବଧି କେତୋଟି ନୂତନ Mini Stadium ନିର୍ମାଣ କରାଯାଇଛି ଓ କେତୋଗୋଟି ପୁନଶ୍ଚ ନିର୍ମାଣ ପାଇଁ ସ୍ଥିର କରାଯାଇଛି ତାର ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ଶ୍ରେଣୀ ଗୃହ ବ୍ୟବସ୍ଥା

1545 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାର ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କୁ ମାଗଣଆରେ ପୋଷାକ ଠାରୁ ଔଷଧ ପର୍ଯ୍ୟନ୍ତ ପ୍ରଦାନ କରୁଥିବା ବେଳେ ପ୍ରାଥମିକ/ଉଚ୍ଚ ପ୍ରାଥମିକ UGME ସ୍କୁଲ ମାନଙ୍କରେ ଆବଶ୍ୟକୀୟ ଶ୍ରେଣୀଗୃହ ନଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସିମୁଳିଆ ନିର୍ବାଚନ ମଣ୍ଡଳୀର ଦୁଇଟି ବ୍ଲକରେ କେଉଁ ବିଦ୍ୟାଳୟ ମାନଙ୍କରେ ଶ୍ରେଣୀଗୃହ ଅଭାବ ଗୋଟିଏ କକ୍ଷରେ ଏକାଧିକ ଶ୍ରେଣୀର ପିଲା ଅଧ୍ୟୟନ ପଢୁଛନ୍ତି ତାହାର ସର୍ଭେ କରିଛନ୍ତି କି, ଏଣୁ ତୁରନ୍ତ ଆବଶ୍ୟକୀୟ ଛାତ୍ର ଛାତ୍ରୀ ମାନଙ୍କର ଅଧ୍ୟୟନ ନିମନ୍ତେ ଶ୍ରେଣୀ ଗୃହ ପାଇଁ କଣ ପଦକ୍ଷେପ ନେଇଛନ୍ତି ?

----

## ପ୍ରାଥମିକ ଶିକ୍ଷକ ପଦବୀ ପୂରଣ

1546 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସମୁଦାୟ କେତେଗୋଟି ପ୍ରାଥମିକ ବିଦ୍ୟାଳୟ ଓ କେତେ ସଂଖ୍ୟକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଅଛନ୍ତି, ଏହି ଶିକ୍ଷକ ଙ୍କ ସଂଖ୍ୟା ଶିକ୍ଷା ଅଧିକାର ଆଇନ ଓ ପ୍ରଚଳିତ ନୂତନ ଶିକ୍ଷାନିତି 2020 ଅନୁସାରେ କେତେ କମ ବା ବେଶୀ, (ଖ) ଖାଲିଥିବା ପ୍ରାଥମିକ ଶିକ୍ଷକ ପଦବୀ ପୂରଣ ନିମନ୍ତେ କି କି ପଦକ୍ଷେପ ନିଆଯାଇ 2019-20 ଠାରୁ 2026-27 ମଧ୍ୟରେ କେତେ କେତେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି ?

----

## ବିଦ୍ୟାଳୟ ଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ

1547 **ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ପ୍ରାଥମିକ ବିଦ୍ୟାଳୟ ଗୁଡିକରେ 21 ରୁ କମ ଛାତ୍ର ଛାତ୍ରୀ ଥିବା ବିଦ୍ୟାଳୟ ଗୁଡିକୁ ସରକାର ବନ୍ଦକରିଥିବା ସ୍ଥଳେ ନୂତନ ସରକାର ଉକ୍ତ ବିଦ୍ୟାଳୟ ଗୁଡିକୁ ପୁନଃବାର ଚଳେଇବା ପାଇଁ ଦେଇଥିବା ପ୍ରତିଶୃତି ଅନୁଯାୟୀ କେଉଁ ଜିଲ୍ଲାରେ କେତୋଟି ସ୍କୁଲ ବନ୍ଦ ହୋଇଥିଲା, ଏବଂ ତନ୍ମଧ୍ୟରୁ କେତୋଟି ଅଦ୍ୟାବଧି ପୁର୍ନବାର କେତୋଟି ବିଦ୍ୟାଳୟ ଚାଲୁ କରିବେ ତାହାର ଏକ ତାଲିକା ଦେବାସହ ସିମୁଳିଆ ନିର୍ବାଚନ ମଣ୍ଡଳୀର ବର୍ତ୍ତମାନ ସ୍ଥିତି ବ୍ଲକୱାରୀ ଏକ ତଥ୍ୟ ଭିତ୍ତିକ ଉତ୍ତର ଉପସ୍ଥାପନା କରିବେ କି ?

----

## Toilet ବ୍ୟବସ୍ଥା

1548 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଣଶିକ୍ଷା ବିଭାଗ ଅଧିନରେ ପୁରୀ ନିର୍ବାଚନ ମଣ୍ଡଳୀରେ ସମୁଦାୟ କେତୋଟି ସ୍କୁଲ ରହିଛି, ପୁରୀ ମୁନିସିପାଲ ଅଧିନରେ କେତେ ଓ ସଦର ବ୍ଲକ ଅଧିନରେ କେତେ, ତାର ସମ୍ପୂର୍ଣ୍ଣ ବିବରଣୀ ଏବଂ ଉକ୍ତ ସ୍କୁଲ ମଧ୍ୟରୁ କେତୋଟି ସ୍କୁଲରେ Toilet ର ବ୍ୟବସ୍ଥା ନାହିଁ ଓ Boundary Wall ର ବ୍ୟବସ୍ଥା ନାହିଁ ?

----

## ଛାତ୍ରଛାତ୍ରୀଙ୍କ ସଂଖ୍ୟା

1549 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ନିର୍ବାଚନ ମଣ୍ଡଳୀର ମଧ୍ୟାହ୍ନ ଭୋଜନ ଯୋଗାଣ ପାଇଁ କେଉଁ କେଉଁ ସ୍କୁଲ ପାଇଁ କେଉଁ କେଉଁ ସଂସ୍ଥା ନିଯୁକ୍ତି ହୋଇଛନ୍ତି ଏବଂ କେତେ ବର୍ଷ ପାଇଁ ନିଯୁକ୍ତି ହୋଇଛନ୍ତି ଓ ଉକ୍ତ ସ୍କୁଲ ମାନଙ୍କ ପାଇଁ ବାର୍ଷିକ ଚୁକ୍ତି ମୂଲ୍ୟ କେତେ ଏବଂ ପ୍ରତ୍ୟେକ ସ୍କୁଲ ବାବଦରେ ବାର୍ଷିକ ଖର୍ଚ୍ଚ କେତେ, ଏବଂ ଉକ୍ତ ସ୍କୁଲ ମାନଙ୍କରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କେତେ ?

----

## ପ୍ରକଳ୍ପ ନିମନ୍ତେ ବ୍ୟୟ ବରାଦ

1550 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ନିର୍ବାଚନ ମଣ୍ଡଳୀରେ ଗଣଶିକ୍ଷା ବିଭାଗ ଜରିଆରେ Non-Plan ରେ ସମୁଦାୟ କେତେ ଅର୍ଥ ରାଶି ଗତ ୩ ବର୍ଷ ମଧ୍ୟରେ ଖର୍ଚ୍ଚ କରାଯାଇଛି ଓ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟ ପାଇଁ କରାଯାଇଛି, ଉକ୍ତ ପ୍ରକଳ୍ପ ଗୁଡିକର ମୂଲ୍ୟ କେତେ ଓ କେଉଁ ସଂସ୍ଥା ଜରିଆରେ କରାଯାଇଛି ?

----

## ବନ୍ଦ, ଏକତ୍ରୀକରଣ ବିଦ୍ୟାଳୟର ତାଲିକା

1551 **ଶ୍ରୀ ପବିତ୍ର ସାଉଁତା (ଲକ୍ଷ୍ମୀପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଲକ୍ଷ୍ମୀପୁର ବିଧାନସଭା ମଣ୍ଡଳୀର ସମସ୍ତ ବ୍ଲକରେ ଗତ ୧୦ ବର୍ଷ ମଧ୍ୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ ଥିବା କାରଣରୁ କେତୋଟି ସରକାରୀ ବିଦ୍ୟାଳୟ ବନ୍ଦ, ଏକତ୍ରୀକରଣ କିମ୍ବା ଅନ୍ୟ ବିଦ୍ୟାଳୟ ସହ ମିଶ୍ରଣ କରାଯାଇଛି, ବ୍ଲକୱାରୀ ଓ ବିଦ୍ୟାଳୟୱାରୀ ତାଲିକା ପ୍ରଦାନ କରିବେ କି, (ଖ) ଏହି ୪ଟି ବ୍ଲକରେ ଏପରି କେତୋଟି ବନ୍ଦ ବିଦ୍ୟାଳୟ ଅଛି ଯେଉଁ ସ୍ଥାନରେ ବର୍ତ୍ତମାନ ପର୍ଯ୍ୟାପ୍ତ ସଂଖ୍ୟକ ଶିଶୁ / ଛାତ୍ରଛାତ୍ରୀ ଥିବା ସତ୍ତ୍ୱେ ବିଦ୍ୟାଳୟ ଚାଲୁ ନାହିଁ, ଯେଉଁ ଗ୍ରାମ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଧିକ ଏବଂ ନିକଟସ୍ଥ ବିଦ୍ୟାଳୟ ଦୂରରେ ଥିବାରୁ ଛୋଟ ପିଲାମାନଙ୍କୁ ବିଭିନ୍ନ ଅସୁବିଧା ହେଉଛି, ସେହି ସ୍ଥାନରେ ବନ୍ଦ ହୋଇଥିବା ବିଦ୍ୟାଳୟ ଗୁଡିକୁ ପୁନଃ ଖୋଲିବା ପାଇଁ କୌଣସି ଯୋଜନା କରିଛନ୍ତି ଉତ୍ତର ଦେବେ କି ?

----

## ପ୍ରଶିକ୍ଷଣ ପରେ ନିଯୁକ୍ତି ପାଇଥିବା ଯୁବକ, ଯୁବତୀଙ୍କ ସଂଖ୍ୟା

1552 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ଲକ୍ଷ୍ମୀପୁର, ଦଶମନ୍ତପୁର, ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ୍‌ରେ ୨୦୨୪-୨୫ ଠାରୁ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ବିଭିନ୍ନ Skill Development ଓ Technical Education ଯୋଜନାରେ କେତେଜଣ ଯୁବକ-ଯୁବତୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି, ସେଥିରୁ କେତେଜଣ ପ୍ରଶିକ୍ଷଣ ସମାପ୍ତ କରି ପ୍ରମାଣପତ୍ର ପାଇଛନ୍ତି ଏବଂ କେତେଜଣଙ୍କୁ ପ୍ରଶିକ୍ଷଣ ପରେ ବାସ୍ତବରେ ନିଯୁକ୍ତି ରୋଜଗାର ମିଳିଛି, ଯଦି ଅନେକ ପ୍ରଶିକ୍ଷିତ ଯୁବକ-ଯୁବତୀଙ୍କୁ ପ୍ରଶିକ୍ଷଣ ପରେ ନିଯୁକ୍ତି ମିଳୁନାହିଁ, ତେବେ ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକର placement performance ଯାଞ୍ଚ କରାଯାଉଛି କି, placement ନାମରେ ସରକାରୀ ଅର୍ଥ ଖର୍ଚ୍ଚ ହେଉଥିବା ସତ୍ତ୍ୱେ ନିଯୁକ୍ତି ନ ମିଳିଥିବା ପ୍ରଶିକ୍ଷାର୍ଥୀଙ୍କ ସଂଖ୍ୟା କେତେ, ଏବଂ ଦୁର୍ବଳ placement performance ଥିବା training agency/centre ବିରୋଧରେ କୌଣସି ଦାୟିତ୍ୱ ନିର୍ଦ୍ଧାରଣ କିମ୍ବା କାର୍ଯ୍ୟାନୁଷ୍ଠାନ ହୋଇଛି କି ?

----

## +3 Science stream ଖୋଲିବା ପାଇଁ ଅନୁମୋଦନ

1553 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ଲକ୍ଷ୍ମୀପୁର, ଦଶମନ୍ତପୁର, ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ୍‌ର ଡିଗ୍ରୀ କଲେଜଗୁଡ଼ିକରେ +3 Science Stream ନଥିବାରୁ ଅଞ୍ଚଳର ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ଦୂରସ୍ଥ ସ୍ଥାନକୁ ଯିବାକୁ ବାଧ୍ୟ ହେଉଥିବା ସରକାରଙ୍କ ଦୃଷ୍ଟିଗୋଚରରେ ଅଛି କି, ଯଦି ହଁ, ତେବେ ଉକ୍ତ ୪ଟି ବ୍ଲକ୍‌ରେ +3 Science Stream ଖୋଲିବା ପାଇଁ କେବେ ସୁଦ୍ଧା ଅନୁମୋଦନ ଦେଇ ଶିକ୍ଷାଦାନ ଆରମ୍ଭ କରାଯିବ ?

----

## District Committee ଗଠନ

1554 **ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ (ଖରିଆର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ନୂଆପଡା ଜିଲ୍ଲା ର District Athletic Association defunct ହେବାର କାରଣ କଣ, (ଖ) କେଉଁ ସମୟ ସୀମାରେ ନୂଆ District Committee ଗଠନ ହେବ ?

----

## ସେବାଶ୍ରମ ବିଦ୍ୟାଳୟ ଖୋଲିବାକୁ ପଦକ୍ଷେପ

1555 **ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ (ଖରିଆର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଆଶ୍ରମ, ସେବା ଆଶ୍ରମ School ମାନଙ୍କରେ ଶିକ୍ଷକ (Teacher) ପଦବୀ ବର୍ଷ ବର୍ଷ ଧରି ଖାଲି ପଡିଥିଲେ ମଧ୍ୟ ପୂରଣ ନ କରିବା ର କାରଣ କଣ, (ଖ)ସରକାର ରାଜ୍ୟରେ ଆଉ କେତେ ଗୋଟି ନୂଆ ଆଶ୍ରମ ସେବା ଆଶ୍ରମ ଖୋଲିବା ପାଇଁ ବିଚାର କରୁଛନ୍ତି ଏହି ମଧ୍ୟରେ ନୂଆପଡା ଜିଲ୍ଲାରେ କେତୋଗୋଟି କେଉଁ ସମୟ ସୀମା ଭିତରେ ସରକାର ନୂଆପଡା ଜିଲ୍ଲାରେ ନୂଆ ଆଶ୍ରମ ଓ ସେବା ଆଶ୍ରମ School ଖୋଲିବେ ଓ ଶିକ୍ଷକ ପଦବୀ ପୂରଣ କରିବେ ?

----

## ଓଡିଆ ବିଭାଗରେ ପଦବୀ ପୂରଣ

1556 **ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ (ଖରିଆର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ)ରାଜ୍ୟରେ School & Mass Education ବିଭାଗ ଅନ୍ତର୍ଗତ High School ଏବଂ + 2 College School ମାନଙ୍କରେ ଓଡିଆ ବିଭାଗ ଓ ପଦବୀ ଖାଲି ପଡିଥିବା ଜାଣନ୍ତି କି, (ଖ) କେଉଁ ସମୟ ସୀମାରେ ସମସ୍ତ High School and + 2 College ମାନଙ୍କରେ ଖାଲି ପଡିଥିବା ଓଡିଆ ଶିକ୍ଷକ ପଦବୀ ପୂରଣ କରିବେ ?

----

## ନୂତନ ଡିଗ୍ରୀ କଲେଜ ନିର୍ମାଣ

1557 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଡିଂଲି ସରକାରୀ ଡିଗ୍ରୀ College ନୂତନ ଭାବରେ ତିଆରି ହେବାର ଥିବା ଆଜି ପର୍ଯ୍ୟନ୍ତ କୌଣସି କାମ ହୋଇପାରିଲା ନାହିଁ କେବେ ସୁଦ୍ଧା ନୂତନ ଡିଗ୍ରୀ College ପାଇଁ ଜମି ଏବଂ ନୂତନ College Building ତିଆରୀ ହେବ ?

----

## ନୂତନ B.E.O Office ଗୃହ ନିର୍ମାଣ

1558 **ଶ୍ରୀ ଜଲେନ ନାଏକ (ରାଇରଙ୍ଗପୁର):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମୟୁରଭଞ୍ଜ ଜିଲ୍ଲା Jamada Block Block-Education-Officer ନିଜସ୍ୱ B.E.O Office ଅଛି କି ନାହିଁ ଯଦି ନାହିଁ ତାହାହେଲେ କେବେ ସୁଦ୍ଧା ଏହି Blockରେ ନୂଉନ B.E.O Office ହେବ ?

----

## TET ହାସଲ କରିନଥିବା ଶିକ୍ଷକଙ୍କ ଚାକିରୀକୁ ସୁରକ୍ଷିତ ରଖିବା ସମ୍ପର୍କରେ

1559 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2010-11 ମସିହାରୁ TET ଲାଗୁ କରାଗଲା କିନ୍ତୁ ତା ପୂର୍ବରୁ ଯେଉଁ Teacher ମାନେ ନିଯୁକ୍ତି ହୋଇଥିଲେ ସେତେବେଳର ସର୍ତ୍ତ ପୂରଣ କରିଥିଲେ କିନ୍ତୁ ବର୍ତ୍ତମାନ ସର୍ବୋଚ୍ଚ ନ୍ୟାୟଳୟଙ୍କ ରାୟ ଅନୁସାରେ ସମସ୍ତ ଶିକ୍ଷକ TET ପାଇଁ ବାଧ୍ୟ କରାଯାଇଛି 5 ବର୍ଷରୁ କମ ଚାକିରି ଥିବା ଶିକ୍ଷକଙ୍କ ପାଇଁ ଲାଗୁ ହେଇନଥିବା ସତ୍ୟ କି ଯଦି ସତ୍ୟ 20/25 ବର୍ଷ ସେବା ଦେଇଥିବା ଶିକ୍ଷକମାନଙ୍କ ପ୍ରତି କଣ ପଦକ୍ଷେପ ନେବେ ଜଣାଇବା ସହିତ ଯେଉଁମାନେ TET ହାସଲ କରିନଥିବେ ସେମାନଙ୍କ ଚାକିରୀ ସୁରକ୍ଷିତ ପାଇଁ କଣ ପଦକ୍ଷେପ ନେଇଛନ୍ତି ?

----

## ପ୍ରତିମୂର୍ତ୍ତିଙ୍କ ନାମ ଏବଂ ଠିକଣା

1560 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ନିର୍ବାଚନ ମଣ୍ଡଳୀରେ କେତେ ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି ସେମାନଙ୍କର ନାମ ଏବଂ ଠିକଣା ପ୍ରଦାନ କରିବେ କି, ଏବଂ ସେହି ପ୍ରତିମୂର୍ତ୍ତିକୁ ରକ୍ଷଣାବେକ୍ଷଣ ସୌନ୍ଦର୍ଯ୍ୟକରୀଣ କରିବା ପାଇଁ ସରକାରଙ୍କୁ ତରଫରୁ କିଛି ବ୍ୟବସ୍ଥା ଅଛି କି ଉତ୍ତର ଯଦି ହଁ ହୁଏ, ତେବେ ବିଗତ ପାଞ୍ଚବର୍ଷରେ କେଉଁ ପ୍ରତିମୂର୍ତ୍ତିକୁ କେଉଁ ବାବଦରେ କେତେ ଅର୍ଥ ବିନିଯୋଗ ହୋଇଛି ତାହାର ଏକ ତାଲିକା ପ୍ରଦାନ କରିବେ କି, ଏବଂ ଉତ୍ତର ଯଦି ନାଁ ହୁଏ ତେବେ ଏତିପ୍ରତି କିଛି ପଦକ୍ଷେପ ଗ୍ରହଣ କରିବେ କି ?

----

## ଷ୍ଟାଡିୟମ ର ତାଲିକା

1561 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲାରେ କେତୋଟି ଷ୍ଟାଡିୟମ ଅଛି ତାହାର ନିର୍ବାଚନ ମଣ୍ଡଳୀ ୱାରୀ ସହିତ ଠିକଣା ପ୍ରଦାନ କରିବେ କି, ଏବଂ କ୍ରୀ଼ଡାର ଉନ୍ନତି ପାଇଁ ସମସ୍ତ ପଞ୍ଚାୟତରେ ଷ୍ଟାଡିୟମ ନିର୍ମାଣ ପାଇଁ ପଦକ୍ଷେପ ନେବେ କି ?

----

## ଭଣ୍ଡାରୀପୋଖରୀରେ ଥିବା ବିଦ୍ୟାଳୟ ସଂଖ୍ୟା

1562 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଣ୍ଡାରୀପୋଖରୀ ନିର୍ବାଚନ ମଣ୍ଡଳୀରେ ପ୍ରାଥମିକ ବିଦ୍ୟାଳୟଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ମୋଟ କେତୋଟି ବିଦ୍ୟାଳୟ ରହିଛି ଏବଂ ସେଗୁଡ଼ିକରେ ମୋଟ କେତେଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି, (ଖ) ଉକ୍ତ ବିଦ୍ୟାଳୟଗୁଡ଼ିକରେ ସ୍ୱୀକୃତ ଶିକ୍ଷକ ପଦବୀ କେତେଟି, ବର୍ତ୍ତମାନ କେତେଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି ଏବଂ କେତେଟି ପଦବୀ ଖାଲି ରହିଛି, ବିଦ୍ୟାଳୟୱାରୀ ତଥ୍ୟ ପ୍ରଦାନ କରିବେ କି, ଏବଂ କେତୋଟି ବିଦ୍ୟାଳୟରେ ଆବଶ୍ୟକତା ଅନୁଯାୟୀ ଶିକ୍ଷକ ନଥିବାରୁ ଶିକ୍ଷାଦାନ ପ୍ରଭାବିତ ହେଉଛି ଏବଂ କେତୋଟି ବିଦ୍ୟାଳୟରେ ମାତ୍ର ୧-୨ ଜଣ ଶିକ୍ଷକଙ୍କ ଦ୍ୱାରା ଏକାଧିକ ଶ୍ରେଣୀର ପାଠପଢ଼ା ପରିଚାଳିତ ହେଉଛି, ଭଣ୍ଡାରୀପୋଖରୀ ନିର୍ବାଚନ ମଣ୍ଡଳୀର ସମସ୍ତ ବିଦ୍ୟାଳୟରେ ଖାଲି ଥିବା ସ୍ୱୀକୃତ ଶିକ୍ଷକ ପଦବୀଗୁଡ଼ିକ କେବେ ସୁଦ୍ଧା ପୂରଣ କରାଯିବ, ଏଥିପାଇଁ ବିଭାଗ ପକ୍ଷରୁ କୌଣସି ସମୟବଦ୍ଧ ନିଯୁକ୍ତି/ପଦସ୍ଥାପନ କାର୍ଯ୍ୟଯୋଜନା ରହିଛି କି, ପ୍ରାଥମିକ ଶିକ୍ଷା ହେଉଛି ଛାତ୍ରଛାତ୍ରୀଙ୍କ ମୌଳିକ ଶିକ୍ଷାର ଭିତ୍ତି ଏବଂ ଉଚ୍ଚଶିକ୍ଷା ପାଇଁ ଏହା ମୂଳଦୂଆ ସୃଷ୍ଟି କରୁଥିବାରୁ, ଶିକ୍ଷକ ଅଭାବ ଯୋଗୁଁ ଯେପରି ଛାତ୍ରଛାତ୍ରୀଙ୍କ ଶିକ୍ଷା ପ୍ରଭାବିତ ନ ହୁଏ, ସେଥିପାଇଁ ସମସ୍ତ ଖାଲି ପଦବୀ କେବେ ସୁଦ୍ଧା ପୂରଣ କରାଯିବ ?

----

## କଳିଙ୍ଗ ଶିକ୍ଷା ସାଥୀ ଯୋଜନା ଅଧିନରେ ଆବେଦନକାରୀଙ୍କ ସଂଖ୍ୟା

1563 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ପ୍ରଚଳିତ କଳିଙ୍ଗ ଶିକ୍ଷା ସାଥୀ ଯୋଜନା ଅଧୀନରେ ବର୍ତ୍ତମାନ ସୁଦ୍ଧା ମୋଟ କେତେଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି, କେତେଜଣଙ୍କ ଆବେଦନ ଅନୁମୋଦିତ ହୋଇଛି ଏବଂ କେତେଜଣ ପ୍ରକୃତରେ ଋଣ/ଆର୍ଥିକ ସୁବିଧା ପାଇଛନ୍ତି, ବର୍ଷୱାରୀ ଓ ଜିଲ୍ଲାୱାରୀ ତଥ୍ୟ ଜଣାଇବେ କି, (ଖ) ଉଚ୍ଚଶିକ୍ଷା ସହିତ ବିଶେଷକରି Technical, Professional ଓ Higher Professional Courses ପାଇଁ ଆର୍ଥିକ ଭାବେ ଅସମର୍ଥ ଛାତ୍ରଛାତ୍ରୀଙ୍କୁ ସହାୟତା ଯୋଗାଇବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଥିବା ସତ୍ତ୍ୱେ, ଅନେକ ଯୋଗ୍ୟ ଛାତ୍ରଛାତ୍ରୀ ସୁବିଧା ପାଇବାରେ ବିଳମ୍ବ ହେଉଥିବା ନେଇ ସରକାରଙ୍କ ନିକଟରେ ଅଭିଯୋଗ ଆସିଛି କି, ଯଦି ହଁ, ତେବେ ଏହାର କାରଣ କ'ଣ, ଯୋଜନାର ଆବେଦନ, ଅନୁମୋଦନ ଓ ଋଣ ପ୍ରଦାନ ପ୍ରକ୍ରିୟାକୁ ସରଳ ଓ ସ୍ୱଚ୍ଛ କରିବା ପାଇଁ ଅନଲାଇନ୍ ପୋର୍ଟାଲ୍/ଡିଜିଟାଲ୍ ବ୍ୟବସ୍ଥା ସମ୍ପର୍କରେ ବିଭାଗ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ଏବଂ ବର୍ତ୍ତମାନ ଏହାର ସ୍ଥିତି କ'ଣ ?

----

## ITDA ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ସଂଖ୍ୟା

1564 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ITDA ଗୁଣୁପୁର ଓ ITDA ରାୟଗଡ଼ାରେ କେଉଁ-କେଉଁ ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି, ସେମାନଙ୍କର ଦାୟିତ୍ୱ କ'ଣ ଓ ସେମାନେ କେବେ joining / ଯୋଗଦେଇଛନ୍ତି, ૩ ବର୍ଷରେ ବିଷମକଟକ ବିଧାନସଭା ମଣ୍ଡଳୀରେ କେଉଁ-କେଉଁ କାର୍ଯ୍ୟକଳାପ କରାଯାଇଛି, ପ୍ରତ୍ୟେକ ପ୍ରକଳ୍ପ ପାଇଁ କେତେ ଧନରାଶି ମିଳିଛି,କେଉଁ ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି/ ମିଳିଛି, ପ୍ରକଳ୍ପର ଲୋକଙ୍କ ସହଭାଗ ଓ ଦାୟିତ୍ୱ ସମ୍ବନ୍ଧୀୟ ସବିଶେଷ ତଥ୍ୟ ପ୍ରଦାନ କରିବେ କି ?

----

## କମ୍ପାନୀ ମାନଙ୍କର ଶିଳ୍ପ ପ୍ରତିଷ୍ଠା

1565 **ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର ୨୦୨୪-୨୫ ରୁ ଅଦ୍ୟାବଧି ବିଭିନ୍ନ କାର୍ଯ୍ୟକ୍ରମରେ କେତେ କମ୍ପାନୀଙ୍କୁ ନିମନ୍ତ୍ରଣ କରାଯାଇଥିଲା, ସେଥିରୁ କେତେ କମ୍ପାନୀ କେତେ ଟଙ୍କାର କି ପ୍ରକାର ଶିଳ୍ପ ପାଇଁ ଏମଓୟୁ କରି କାର୍ଯ୍ୟ ଆରମ୍ଭ /ଶେଷ କରି କାର୍ଯ୍ୟକ୍ଷମ ହୋଇ କେତେ ଜଣଙ୍କୁ କେଉଁ କେଉଁ ଅଞ୍ଚଳରେ ନିଯୁକ୍ତି ପ୍ରଦାନ କରାଯାଇଛି ନା ପ୍ରହସନ କରି ଅର୍ଥ ବରବାଦ କରାଯାଉଛି ବିସ୍ତୃତ ବିବରଣୀ ପ୍ରଦାନ କରିବେ ?

----

## ବିଭିନ୍ନ ଯୋଜନା ବାବଦକୁ ଆସିଥିବା ଅର୍ଥର ପରିମାଣ

1566 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଳାହାଣ୍ଡି ଜିଲ୍ଲା ର ITDA ଥୁଆମୂଳ ରାମପୁର ପ୍ରୋଜେକ୍ଟ ରେ ଚଳିତ ଆର୍ଥିକ ବର୍ଷ ସହ ଗତ ତିନିଟି ଆର୍ଥିକ ବର୍ଷ ପାଇଁ ବିଭିନ୍ନ ଯୋଜନା ବାବଦ କୁ କେତେ ଅର୍ଥ କେଉଁ ଯୋଜନା ପାଇଁ ଆସିଛି ଓ ସେଥିରୁ ଖର୍ଚ୍ଚ ନ ହୋଇ କେତେ ରାଶି ବଳକା ରହିଅଛି ତାହାର ସମ୍ପୂର୍ଣ୍ଣ ତାଲିକା ଯୋଜନା ଓ ପ୍ରୋଜେକ୍ଟ ୱାରୀ ପ୍ରଦାନ କରିବା ସହ କାରଣ ଜଣାଇବେ କି, ଉନୟନ ପାଇଁ ଆସିଥିବା ଅର୍ଥ ଠିକଣା ସମୟରେ ଖର୍ଚ୍ଚ ନ ହୋଇ କି କାରଣ ପାଇଁ ରହିଅଛି ଏବଂ ଏଥିପାଇଁ ଦାୟୀ କିଏ, ଦାୟିତ୍ୱ ଖିଲାପକାରୀ ଅଧିକାରୀ ଙ୍କ ବିରୁଦ୍ଧରେ କି କର୍ଯ୍ୟାନୁଷ୍ଠାନ ନିଆ ଯାଇଛି ?

----

## ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଥିବା ନିୟମ ସମ୍ପର୍କରେ

1567 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ ବରପୁତ୍ର ମାନଙ୍କର ସ୍ମାରକୀ ସ୍ୱରୂପ ପ୍ରତିମୂର୍ତ୍ତୀ ନିର୍ମାଣ ପାଇଁ ସଂସ୍କୃତି ବିଭାଗ ତରଫରୁ କିଛି ସ୍ୱଷ୍ଟ ନୀତି ରହିଛି କି, ବିଭାଗ ତରଫରୁ ସମୁଦାୟ କେତୋଟି ପ୍ରତିମୂର୍ତ୍ତି କେଉଁ କେଉଁ ବ୍ଲକ, ଜିଲ୍ଲା ମୁଖ୍ୟାଳୟ ରେ ବସିଛି ଓ ତାର ସୁରକ୍ଷା ଓ ପରିଚାଳନା ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଇଛି, (ଖ) ଧର୍ମଗଡ଼ ସହରରେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଙ୍କ ପ୍ରତିମୂର୍ତି ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନେବେ କି ?

----

## ଶିକ୍ଷକ ପଦବୀ ପୂରଣ

1568 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜୟଦେବ ନିର୍ବାଚନ ମଣ୍ଡଳୀରେ କେତେ ଶିକ୍ଷକ ଅଛନ୍ତି ଏବଂ କେତେ ଶିକ୍ଷକ ପଦବୀ ଖାଲି ରହିଚି ତାହାର ବିବରଣୀ ଦେବେ କି ଏହି ଖାଲିଥିବା ପଦବୀ କେବେ ପୂରଣ ହେବ ?

----

## ଷ୍ଟାଡିୟମ ନିର୍ମାଣ

1569 **ଶ୍ରୀ ନବ କିଶୋର ମଲ୍ଲିକ (ଜୟଦେବ):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜୟଦେବ ନିର୍ବାଚନ ମଣ୍ଡଳୀରେ ଆସିଥିବା ଦୁଇ ଗୋଟି ଷ୍ଟାଡିୟମ ଯଥା ବାଲିଅନ୍ତା ବକ୍ରେଶ୍ୱର ଖେଳ ପଡିଆ ଭିଙ୍ଗାରପୁର ଓ ବାଲିପାଟଣା ଭାକର ସାହି OAB ସ୍କୁଲ ପାଖରେ ଜାଗା ନିରୁପଣ କରାଯାଇଥିବା ଏହାର କାର୍ଯ୍ୟ କେଉଁଯାଏ ଯାଇଅଛି ତାହା ଜଣାଇବେ କି ?

----

## ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ ପାଇଁ ଦାବୀ

1570 **ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ (ଅନୁଗୁଳ):**

**ଉଚ୍ଚ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅନୁଗୋଳ ସରକାରି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ଅଞ୍ଚଳରେ ଦିର୍ଘଦିନର ଦାବୀ ହୋଇ ଆସୁଛି ଏହାକୁ ବିଶ୍ୱବିଦ୍ୟାଳୟ କରିବା ଦିଗରେ କଣ ପଦକ୍ଷେପ ନେଇଛନ୍ତି ?

----

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ

1571 **ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ (ଅନୁଗୁଳ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅନୁଗୋଳ ବିଧାନସଭା ଅନ୍ତର୍ଗତ ଅନୁଗୋଳ ବ୍ଲକରେ ଥିବା କୁମୁରିସିଂହା ଉଚ୍ଚ ବିଦ୍ୟାଳୟ କୁ କେନ୍ଦ୍ର କରି ଏହାକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କଲେ ଅଞ୍ଚଳରୁ ଉଚ୍ଚମାଧ୍ୟମିକ ଶିକ୍ଷା ପାଇଁ ଦୂରକୁ ପଢିବାକୁ ଯାଉଥିବା ଛାତ୍ର ଛାତ୍ରୀ ଉପକୃତ ହେବେ ଏବଂ ଶିକ୍ଷାପ୍ରତି ଅଧିକ ମନୋନିବେଶ କରିବେ ଉପରୋକ୍ତ ଉଚ୍ଚ ବିଦ୍ୟାଳୟଟି କେବେ ସୁଧା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ ହୋଇ ପାରିବ ?

----

## ଲିଜ ସର୍ତ୍ତାବଳୀ ଉଲଘଂନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

1572 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ଶିକ୍ଷ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ସରକାରଙ୍କ ତରଫରୁ ବିଭିନ୍ନ ଘରୋଇ ବ୍ୟକ୍ତି, ଫାର୍ମ, ଟ୍ରଷ୍ଟ, ସୋସାଇଟି କିମ୍ବା କମ୍ପାନୀଗୁଡ଼ିକୁ ଲିଜ୍ ଦିଆଯାଇଥିବା ସରକାରୀ ଜମି/କୋଠା ମୂଳତଃ ଯେଉଁ ଉଦ୍ଦେଶ୍ୟ ପାଇଁ ମଞ୍ଜୁର କରାଯାଇଥିଲା ସେହି ଉଦ୍ଦେଶ୍ୟରେ ବ୍ୟବହାର ହେଉଛି କି ନାହିଁ ତାର ଯାଞ୍ଚ ହୋଇଛି କି, ଏବଂ ଶେଷ ଥର ପାଇଁ ଏହା କେବେ ଯାଞ୍ଚ ହୋଇଥିଲା, ସେଥି ମଧ୍ୟରୁ ଲିଜ୍ ସର୍ତ୍ତାବଳୀ ଉଲଂଘନକାରୀଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ?

----

## ହାଇସ୍କୁଲ ନିର୍ମାଣ ହୋଉନଥିବା ଗ୍ରାମପଞ୍ଚାୟତର ତାଲିକା

1573 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- ରାଜ୍ୟରେ ବର୍ତ୍ତମାନ କେତୋଟି ଗ୍ରାମ ପଞ୍ଚାୟତରେ (GP) ହାଇସ୍କୁଲ୍ ନିର୍ମାଣ ହୋଇନାହିଁ ଏହାର ତାଲିକା ପ୍ରଦାନ କରିବେ କି, ଏହି ପରିପ୍ରେକ୍ଷୀରେ ଦିଗପହଣ୍ଡି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁକୁଡ଼ାଖଣ୍ଡି ବ୍ଲକ୍‌ର ଲାଞ୍ଜିଆ ଗ୍ରାମ ପଞ୍ଚାୟତର ବିଦ୍ୟାର୍ଥୀମାନେ ହାଇସ୍କୁଲ୍ ଶିକ୍ଷାରୁ ବଞ୍ଚିତ ତେଣୁ ଉକ୍ତ ପଞ୍ଚାୟତରେ ହାଇସ୍କୁଲ୍ ସ୍ଥାପନ ପାଇଁ ସରକାରଙ୍କ ପକ୍ଷରୁ କିଛି ପଦକ୍ଷେପ ଗ୍ରହଣ କରାଯାଇଛି କି ?

----

## ତୃତୀୟ ପକ୍ଷ ଅଡିଟ

1574 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः- (କ) ରାଜ୍ୟରେ ସରକାରୀ ବିଦ୍ୟାଳୟଗୁଡ଼ିକୁ ଆଧୁନିକ, ଡିଜିଟାଲ ଓ ଛାତ୍ର-ଉପଯୋଗୀ କରିବା ପାଇଁ ବିଭିନ୍ନ ଯୋଜନାରେ ବିପୁଳ ଅର୍ଥ ବ୍ୟୟ ହେଉଥିବା ସତ୍ତ୍ୱେ ଅନେକ ବିଦ୍ୟାଳୟରେ ଶ୍ରେଣୀଗୃହ, ଶୌଚାଳୟ, ପାନୀୟଜଳ, ବିଦ୍ୟୁତ, ଲାବରେଟୋରୀ, ପୁସ୍ତକାଳୟ ଓ ଡିଜିଟାଲ ଉପକରଣ ଭଳି ମୌଳିକ ସୁବିଧାର ଅଭାବ ରହିଥିବା ଦୃଷ୍ଟିରେ, ବର୍ତମାନ ରାଜ୍ୟରେ କେତେ ସରକାରୀ ବିଦ୍ୟାଳୟରେ ଉପରୋକ୍ତ ମୌଳିକ ସୁବିଧା ଅନୁପଲବ୍ଧ କିମ୍ବା ଅପର୍ଯ୍ୟାପ୍ତ ଅଛି, (ଖ) ଗତ ୫ ବର୍ଷରେ ବିଦ୍ୟାଳୟ ଭିତ୍ତିଭୂମି ଉନ୍ନତି ନାମରେ ମୋଟ କେତେ ଅର୍ଥ ବ୍ୟୟ ହୋଇଛି ଏବଂ ଜିଲ୍ଲାୱାରୀ ଏହାର ବିବରଣୀ କ'ଣ, ନିର୍ମାଣ ଓ ଉନ୍ନତି କାର୍ଯ୍ୟର ଗୁଣବତ୍ତା ଯାଞ୍ଚ, ତୃତୀୟପକ୍ଷ ଅଡିଟ୍ ଓ ବ୍ୟବହାରିକ ଉପଯୋଗିତା ନିଶ୍ଚିତ କରିବାକୁ କି ବ୍ୟବସ୍ଥା କରିଛନ୍ତି ?

----

## ଖାଲି ପଦବୀ ପୂରଣ

1575 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ଅନେକ ସ୍ଥାନରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାରୁ ଶିକ୍ଷାଦାନ ବ୍ୟବସ୍ଥା ପ୍ରଭାବିତ ହେଉଥିବା ଏବଂ ଅନ୍ୟପଟେ କେତେକ ବିଦ୍ୟାଳୟରେ ଛାତ୍ର ସଂଖ୍ୟା ତୁଳନାରେ ଶିକ୍ଷକ ଅଧିକ ଥିବା ଦୃଷ୍ଟିରେ– ବର୍ତ୍ତମାନ ରାଜ୍ୟରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ମଞ୍ଜୁରୀପ୍ରାପ୍ତ ପଦ, କାର୍ଯ୍ୟରତ ଶିକ୍ଷକ ଓ ଖାଲି ପଦ କେତେ କେତେ ଅଛି, (ଖ) ଜିଲ୍ଲାୱାରୀ ଓ ବିଷୟୱାରୀ ଶିକ୍ଷକ ଅଭାବ କେତେ ରହିଛି ଏବଂ ଏହି ଖାଲି ପଦଗୁଡ଼ିକ କେବେ ସୁଦ୍ଧା ପୂରଣ କରାଯିବ, ଛାତ୍ର-ଶିକ୍ଷକ ଅନୁପାତରେ ଅସମତୁଳନ ଥିବା ବିଦ୍ୟାଳୟଗୁଡ଼ିକରେ ଯୁକ୍ତିସଙ୍ଗତ ଶିକ୍ଷକ ପୁନଃବିନ୍ୟାସ/ରେସନାଲାଇଜେସନ୍ ପାଇଁ କ'ଣ ଠୋସ ପଦକ୍ଷେପ ରହିଛି ?

----

## ଶିକ୍ଷକ ନିଯୁକ୍ତି

1576 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ)ଃ**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଯେଉଁ ବିଦ୍ୟାଳୟ ଗୁଡିକରେ ବଲବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଛି ସେଠାରେ ପିଲା ସଂଖ୍ୟା ଅନୁପାତରେ ଶିକ୍ଷକ ଦେଲେ ଠିକଭାବରେ ଶିକ୍ଷାଦାନ ହେଉନଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି ଯଦି ଆସିଛି ବାଲ ବାଟିକା ଠାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ୩ ଜଣ ଶିକ୍ଷକ ବଦଳରେ ପ୍ରଧାନଶିକ୍ଷକଙ୍କୁ ଛାଡି ଅତିକମରେ ୫ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦେବାପାଇଁ ପଦକ୍ଷେପ ନେବେ କି ?

----

## ଖଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତି ଭିତ୍ତିକ

1577 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା)ଃ**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ 2 ବର୍ଷ (2024-25 ଓ 2025-26) ମଧ୍ୟରେ ରାଜ୍ୟରେ ବୃହତ ଶିଳ୍ପ ପ୍ରତିଷ୍ଠାର ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିବା ସତ୍ୟ କି ଉତ୍ତର ହଁ ହେଲେ ଏତିମଧ୍ୟରୁ କେତେଗୋଟି ଖଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠାପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି ?

----

## ଷ୍ଟାଡିୟମ ନିର୍ମାଣ ସମ୍ପର୍କରେ

1578 **ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକାଳପଡା)ଃ**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅଣ ତାରକା ପ୍ରଶ୍ନ ସଂ.4784 ତା.20.03.2026 ରିଖର ଉତ୍ତର ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲାର ୨ ଟି ବ୍ଲକରେ ସରକାର ଷ୍ଟାଡିୟମ ନିର୍ମାଣ କରୁଥିବା କାର୍ଯ୍ୟ କେଉଁ ଅବସ୍ଥାରେ ଅଛି ?

----

## ପବିତ୍ର ପ୍ରଧାନ ଜନ୍ମସ୍ଥଳୀକୁ ଐତିହ ଗ୍ରାମ ଘୋଷଣା

1579 **ଶ୍ରୀ ଅଶୋକ ମହାନ୍ତି (ପାଲଲହଡା)ଃ**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସ୍ୱାଧୀନତା ସଂଗ୍ରାମ, ପ୍ରଜା ମଣ୍ଡଳ ଆନ୍ଦୋଳନ ର ପୁରୋଧା, ପବିତ୍ର ମୋହନ ପ୍ରଧାନ ଏବଂ ଜନ୍ମସ୍ଥଳିକୁ, ଐତିହ ଗ୍ରାମ ରୁପେ ଘୋଷଣା କରିବେ କି, ବର୍ତ୍ତମାନ ସୁଧା ରାଜ୍ୟ ସରକାର ଏହା ଉପରେ କଣ ପଦକ୍ଷେପ ନେଇଛନ୍ତି ?

----

## ସ୍ୱତନ୍ତ୍ର ଶିକ୍ଷାଗତ ଓ ଜୀବିକା ସଶକ୍ତିକରଣ କାର୍ଯ୍ୟକ୍ରମ

1580 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଛାତ୍ରବୃତ୍ତି, ଛାତ୍ରାବାସ, ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ କୋଚିଂ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀକରଣ ସହାୟତାକୁ ଅନ୍ତର୍ଭୁକ୍ତ କରି କଟକ ସଦରର ଯୋଗ୍ୟ SC, ST ଏବଂ OBC ହିତାଧୀକାରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଶିକ୍ଷାଗତ ଓ ଜୀବିକା ସଶକ୍ତୀକରଣ କାର୍ଯ୍ୟକ୍ରମ ସରକାର ପ୍ରସ୍ତାବ ଦେଇଛନ୍ତି କି, କଟକ ସଦରର ଛାତ୍ରଛାତ୍ରୀଙ୍କୁ ସେବା ଯୋଗାଉଥିବା ସରକାରୀ ଓ ସାହାଯ୍ୟପ୍ରାପ୍ତ SC/ST/OBC ଛାତ୍ରାବାସଗୁଡ଼ିକୁ ପର୍ଯ୍ୟାପ୍ତ ରହଣି, ସ୍ୱଚ୍ଛତା, ପାନୀୟ ଜଳ, ଡିଜିଟାଲ୍ ଶିକ୍ଷା, ସୁରକ୍ଷା ଏବଂ ଅନ୍ୟାନ୍ୟ ଜରୁରୀ ସୁବିଧା ସହ ସୁଦୃଢ଼ ଓ ଉନ୍ନତ କରିବା ପାଇଁ କଣ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି କି, ଆବଶ୍ୟକତା ଅନୁସାରେ କଟକ ସଦରରେ ନୂତନ ଛାତ୍ରାବାସ ସ୍ଥାପନ ପାଇଁ ପ୍ରସ୍ତାବ ଦେଇଛନ୍ତି କି ?

----

## ଷ୍ଟାଡିୟମ ପାଇଁ ସ୍ଥିରିକୃତ ହୋଇଥିବା ସ୍ଥାନ ସମ୍ପର୍କରେ

1581 **ଶ୍ରୀ ସନାତନ ବିଜୁଳି (ବଡସାହି):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବଡସାହି ନିର୍ବାଚନ ମଣ୍ଡଳୀର ବେତନଟୀ ବ୍ଲକ ଏବଂ ବଡସାହି ବ୍ଲକର ଦୁଇଟି ଷ୍ଟାଡିୟମ କେଉଁ କେଉଁ ସ୍ଥାନରେ ସ୍ଥିରିକୃତ ହୋଇଛି କେବେ ସୁଧା ଷ୍ଟାଡିୟମ କାମ ଆରମ୍ଭ ହେବାର ସୂଚନା ଅଛି କି ଏବଂ କେବେ ଶେଷ ହେବାର ଅଛି ?

----

## ବୌଦ୍ଧ ସଂଗ୍ରହାଳୟ ପରିଚାଳନା ପାଇଁ ବ୍ୟୟ ଅଟକଳ

1582 **ଶ୍ରୀ କହ୍ନାଇଁ ଚରଣ ଡାଙ୍ଗ (କନ୍ଧମାଳ):**

**ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ସରକାରଙ୍କ ନିର୍ଦ୍ଦେଶ କ୍ରମେ ବଉଦଜିଲ୍ଲା ସଦର ମହକୁମାରେ ବୌଦ୍ଧ ସଂଗ୍ରହାଳୟ ପରିଚାଳନା ପାଇଁ ଏକ ବ୍ୟୟ ଅଟକଳ କରାଯାଇ ପରାମର୍ଶ ଫଣ୍ଡ ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ଖବର ସତ୍ୟ କି, (ଖ) ପାଞ୍ଚବର୍ଷ ତଳେ ସ୍ଥାପନ ହୋଇଥିବା ଶତାୟୁ ପୁରୁଣା କୋଠାରେ ଜିଲ୍ଲା ବାସି ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଜିଲ୍ଲାର ଅସ୍ମିତା ରକ୍ଷା କରିବାପାଇଁ ଏହି ହେରିଟେଜ କୋଠାରେ ଅବସ୍ଥିତ ସଂଗ୍ରହାଳୟଟି ବାସ୍ତବ ରୁପ ନେଇଥିଲା କି ?

----

## BEO ଙ୍କ ପଦୋନ୍ନତି

1583 **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ୨୦୧୯ ରୁ ୨୦୨୬ ମସିହା ମଧ୍ୟରେ OPSC ଦ୍ୱାରା ପରୀକ୍ଷା କରିବା ସୁଯୋଗରେ Direct recruit ହୋଇଥିବା BEO ଙ୍କ ମଧ୍ୟରୁ କେତେଥର ଓ କେତେ ଜଣଙ୍କୁ କେଉଁ କେଉଁ Year ରେ Sr. BEO କୁ Promotion ଦିଆଯାଇଛି , (ଖ) ସେହିପରି ୨୦୧୯ ଠାରୁ ୨୦୨୬ ମସିହା ମଧ୍ୟରେ Cadre Rule 4(2)(a) ଅନୁସାରେ BEO ରୁ କେତେ ଜଣଙ୍କୁ Sr. BEO କୁ ପ୍ରମୋସନ ଦିଆଯାଇଛି; ଯଦି ନାହିଁ, କେଉଁ କାରଣରୁ ଦିଆଯାଇ ନାହିଁ ?

----

**G.I.A ପ୍ରଦାନ**

1584 **ଶ୍ରୀ ଇରାସିସ ଆଚାର୍ଯ୍ୟ (ଭଟଲି):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ସରକାର 1994 (G.I.A) ନିୟମାବଳୀ ଅନୁଯାୟୀ ରାଜ୍ୟରେ ବର୍ତ୍ତମାନ ସରକାର ଆସିବା ପରଠାରୁ କେତେ ବିଦ୍ୟାଳୟ G.I.A. ପାଇଛନ୍ତି ଏବଂ ଆଉ କେତେଜଣ ପାଇବା ପାଇଁ ଅଛନ୍ତି ତାହାର ଏକ ବିବରଣୀ ପ୍ରଦାନ କରିବେ କି ନିର୍ବାଚନ ମଣ୍ଡଳୀରେ ଥିବା କେତୋଟି ଅଛି ଏବଂ ସୋହେଲା ବ୍ଲକ୍ ଅନ୍ତର୍ଗତ ପଞ୍ଚାୟତ ହାଇସ୍କୁଲ, କୁଚିପାଲିର ବର୍ତ୍ତମାନର ସ୍ଥିତି କଣ ଅଛି (G.I.A)?

----

**Sanction Amount for Construction of Gandhi Stadium**

1585 **ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) What is the Sanction amount for Construction of Gandhi Stadium at Sonepur town when it will be executed, (b)What is the sanction amount for construction of stadium at Dungripali block head quarter will government give detail about the said project ?

----

**Block grant ପ୍ରଦାନ**

1586 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବଣାଇ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡିଶାରେ ସରକାରୀ ଅନୁଦାନ ବଞ୍ଚିତ ଯୋଗ୍ୟ ହାଇସ୍କୁଲ ମାନଙ୍କୁ ସରକାରୀ ଅନୁଦାନ (Block Grant) ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି କରିଛନ୍ତି କି, ସେହି ବିଦ୍ୟାଳୟମାନଙ୍କର ଏକ ତାଲିକା ପ୍ରଦନ କରିବେ କି, (ଖ) ଏହି କ୍ରମରେ ସରକାର ଏ ସ୍ୱୀକୃତିରେ ପ୍ରତିଷ୍ଠିତ ଓ କାର୍ଯ୍ୟ ନିର୍ବାହ କରୁଥିବା ଯୋଗ୍ୟ ବଞ୍ଚିତ (eligible left out high School) ଗୁଡିକ ସରକାରଙ୍କ ଦୃଷ୍ଟିରେ ଅଛି କି ଯଦି ଥାଏ ତାହାର ଏକ ତାଲିକା ପ୍ରଦାନ କରିବେ କି ?

----

## ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ

1587 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅନ୍ତର୍ଗତ କଣ୍ଟାବାଞ୍ଜିଠାରେ ଦକ୍ଷତା ବିକାଶ କେନ୍ଦ୍ର ( Skill Development Centre ) ସକ୍ରିୟ ଭାବେ ପରିଚାଳିତ ହେଉଛି କି, (ଖ) ଯଦି ହଁ, ବିଗତ ତିନି (୦୩) ବର୍ଷରେ ଉକ୍ତ କେନ୍ଦ୍ରରେ କେତେ ଜଣ ଶିକ୍ଷାର୍ଥ କେଉଁ କେଉଁ ଟ୍ରେଡ୍ (Trade/Couses ) ରେ ତାଲିମ / ଶିକ୍ଷାଲାଭ କରୁଛନ୍ତି, ଉକ୍ତ କେନ୍ଦ୍ରରୁ ତାଲିମ ସମ୍ପୂର୍ଣ୍ଣ କରିଥିବା ଶିକ୍ଷାର୍ଥୀମାନଙ୍କୁ ନିଯୁକ୍ତି (Placement) ଓ ସାବଲମ୍ବୀ କାରିବା ପାଇଁ ସରକାରୀ ସ୍ତରରେ କି କି ସୁବିଧା, ପ୍ଲେସମେଣ୍ଟ ଡ୍ରାଇଭ୍ ( Placement Drive )କିମ୍ବା ଋଣ ସହାୟତା ଯୋଗେଇ ଦିଆଯାଉଛି ?

----

## ଡ୍ରପ ଆଉଟ କମାଇବା ପାଇଁ ପଦକ୍ଷେପ

1588 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ବିଦ୍ୟାଳୟ ଓ ଗଣଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଡ୍ରପଆଉଟ ଧାରା ଗତ ପାଞ୍ଚ ବର୍ଷ ମଧ୍ୟରେ ବଢିଛି ନା କମିଛି, ଅନ୍ୟ ରାଜ୍ୟ ଓ ଓଡିଶା ମଧ୍ୟରେ ଡ୍ରପଆଉଟ ଧାରା ସମ୍ପର୍କରେ ସରକାର ଏକ ତୁଳନାତ୍ମକ ଚିତ୍ର ଦେବେ କି, ଡ୍ରପଆଉଟ କମେଇବା ପାଇଁ କି କି ପଦକ୍ଷପ ଗ୍ରହଣ କରୁଛନ୍ତି ଏବଂ ଏହାର ଫଳଫଳ କଣ ହୋଇ ଅଛି ?

----

## Sign of MOU with Govt. of Odisha

1589 **ଶ୍ରୀମତୀ ପ୍ରମିଳା ମଲିକ (ବିଞ୍ଝାରପୁର):**

**ଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- How many Industrial house had proposed to invest in the State & signed MOU with Govt. of Odisha since July 2024 to till the date, Will the Govt. provide the details of Investment and assurance received sector wide i.e. Agriculture, Pharmaceutical, Hospitality, Medical, Installation of steel plant & other sector ?

----

## PM - SETU ଅଧିନର ଉନ୍ନତିକରଣ

1590 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ଜିଲ୍ଲା, ବିଶେଷକରି କଟକ ସଦର ନିର୍ବାଚନମଣ୍ଡଳୀ ପାଇଁ ବ୍ଲକ ଅନୁଯାୟୀ ଦକ୍ଷତା ବିକାଶ ଯୋଜନା ପ୍ରସ୍ତୁତ କରାଯାଇଛି କି, ଯଦି ହୋଇଥାଏ, ତେବେ କାର୍ଯ୍ୟକାରୀ ହେଉଥିବା ଯୋଜନା, ପ୍ରଶିକ୍ଷଣ କେନ୍ଦ୍ର, ପାଠ୍ୟକ୍ରମ, ପ୍ରଶିକ୍ଷଣାର୍ଥୀ ଓ ନିଯୁକ୍ତି ସୁଯୋଗର ବିବରଣୀ ଦେବେ କି, ଏବଂ PM-SETU ଅଧୀନରେ ଓଡ଼ିଶାରେ ଉନ୍ନତିକରଣ ପାଇଁ ଚୟନ କରାଯାଇଥିବା ITI ଗୁଡ଼ିକର ITI ଅନୁସାରେ ବିବରଣୀ, ଅର୍ଥ ବରାଦ ଓ ବର୍ତ୍ତମାନ ସ୍ଥିତି ସହିତ କଟକର ଖପୁରିଆ ITI ଏହି ଯୋଜନାରେ ସାମିଲ ହୋଇଛି କି ଏବଂ ଆଗାମୀ ପର୍ଯ୍ୟାୟରେ ଏହାକୁ ସାମିଲ କରିବା ପାଇଁ କୌଣସି ପ୍ରସ୍ତାବ ଅଛି କି ?

----